# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୧୯/୨୦୨୫ (୧୪ ପୃଷ୍ଠା) | Bhubaneswar, Tuesday, August 19/2025 | Page 14 | ₹ 7.00 | SAMBALPUR

୫୧ଶ ଭାଗ ୨୬୪ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 264 | ମୂଲ୍ୟ ₹୭/-




## ଈଶ୍ୱରନ ପୂର୍ବାଞ୍ଚଳ ଅଧିନାୟକ

ବେଙ୍ଗଲର ଟପ୍ ଅର୍ଡର ବ୍ୟାଟର ଅଭିମନ୍ୟୁ ଈଶ୍ୱରନଙ୍କୁ ପୂର୍ବାଞ୍ଚଳ ଦଳର ଅଧିନାୟକ ମନୋନୀତ କରାଯାଇଛି।

୧୪

୦୯

## ପୋଲିସ ଭୂମିକାରେ ଅଲି ଫଜଲ୍

ଇନ୍‌ଭେଷ୍ଟିଗେଟିଭ୍ କ୍ରାଇମ ଥ୍ରୀଲର ୱେବ୍ ସିରିଜ୍ 'ରାଖ୍'ରେ ଅଭିନେତା ଅଲି ଫଜଲ୍ ଜଣେ ପୋଲିସ ଅଧିକାରୀଙ୍କ ଭୂମିକାରେ ନଜରକୁ ଆସିବେ।





ମାଲକାନଗିରି ଜିଲାରେ ପ୍ରବଳ ବର୍ଷା ଯୋଗୁ କାଲିମେଲା ବ୍ଲକ୍ ୩୨୬ ନଂ. ଜାତୀୟ ରାଜପଥ ପୋଟେରୁ ନଦୀ ପୋଲ ଉପରେ ପାଣି ପ୍ରବାହିତ ହେଉଛି। ଉଭୟ ପାର୍ଶ୍ୱରେ ଗାଡି ଓ ଲୋକେ ଅଟକି ରହିଛନ୍ତି।

# ନାବାଳିକାଙ୍କୁ ଗଣବଳାତ୍କାର

## ଜଣେ ଗିରଫ, ଧରାପଡ଼ିଲେ ୨ ନାବାଳକ, ୨ଫେରାର

**ଯୁବଗୋଷ୍ଠୀ ମଧ୍ୟରେ ବଢ଼ିଚାଲିଛି ଅପରାଧ ପ୍ରବଣତା। ବିଶେଷ କରି ଅପରାଧରେ କିଶୋରମାନଙ୍କ ସମ୍ପୃକ୍ତି ସମ୍ପ୍ରତି ଏକ ଚିନ୍ତାର କାରଣ ପାଲଟିଛି। ସମ୍ବଲପୁର ଜିଲା ଧୁଗୁମୁରା ଅଞ୍ଚଳରେ ରବିବାର ସନ୍ଧ୍ୟାରେ ଜଣେ ନାବାଳିକାଙ୍କୁ ଗଣବଳାତ୍କାର କରାଯାଇଥିବା ଜଣାପଡ଼ିଛି। ଏଥିରେ ମୋଟ ୫ଜଣଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ହୋଇଥିବାବେଳେ ସେମାନଙ୍କ ମଧ୍ୟରେ ୨ଜଣ ନାବାଳକ ରହିଛନ୍ତି। ପୋଲିସ ମୁଖ୍ୟ ଅଭିଯୁକ୍ତ ଶୀତଲେନପାଲି ଦୁମ୍ଫୁରୀପଡ଼ାର ସୁଶାନ୍ତ ମିର୍ଦ୍ଧା(୨୧)ଙ୍କୁ ଗିରଫ କରିଥିବାବେଳେ ୨ଜଣ ନାବାଳକଙ୍କୁ ଧରିଛି। ଅନ୍ୟ ୨ ଅଭିଯୁକ୍ତ ଫେରାର ହୋଇଯାଇଥିବା ସମ୍ବଲପୁର ଏସ୍‌ପି ମୁକେଶ କୁମାର ଭାମୁ ସୂଚନା ଦେଇଛନ୍ତି।**

ସମ୍ବଲପୁର,୧୮।୮(ପ୍ରମୋଦ ବହିଦାର)

ଧୁଗୁମୁରା ଥାନା ଅନ୍ତର୍ଗତ ଶୀତଲେନପାଲି ଅଞ୍ଚଳରେ ରହୁଥିବା ପୀଡ଼ିତା ନାବାଳିକା ନବମ ଶ୍ରେଣୀରେ ପଢୁଛନ୍ତି। ରବିବାର ସନ୍ଧ୍ୟା ପ୍ରାୟ ସାଢ଼େ ୬ଟାରେ ସେ ପଡ଼ା ନିକଟସ୍ଥ ନାଳକୁ ଶୌଚ ପାଇଁ ଯାଇଥିଲେ। ଏହି ସମୟରେ ସେଠାରେ ଥିବା ମୁଖ୍ୟ ଅଭିଯୁକ୍ତ ମିର୍ଦ୍ଧା ଓ ଅନ୍ୟ ୪ଜଣ ତାଙ୍କୁ ଏକ ନିଛାଟିଆ ସ୍ଥାନକୁ ଟେକି ନେଇଥିଲେ। ଏହାପରେ ସେମାନେ ତାଙ୍କୁ ବଳାତ୍କାର କରି ସେଠାରୁ ଫେରାର ହୋଇଯାଇଥିଲେ। ନାବାଳିକା ଘରକୁ ଫେରି ପରିବାର ଲୋକଙ୍କୁ ସମସ୍ତ ବିଷୟ ଜଣାଇବା ପରେ ରାତିରେ ପୀଡ଼ିତାଙ୍କ ସହିତ ପରିବାର ଲୋକେ ଧୁଗୁମୁରା ଥାନାକୁ ଯାଇ ଏତଲା ଦେଇଥିଲେ। ଏତଲା ଓ ପୀଡ଼ିତାଙ୍କ ବୟାନ ଆଧାରରେ ଥାନାରେ ଭାରତୀୟ ନ୍ୟାୟ ସଂହିତା(ବିଏନ୍‌ଏସ୍) ଦଫା ୭୦(ଗଣବଳାତ୍କାର) ଏବଂ ପୋକ୍‌ସୋ ଆଇନର ଦଫା ୬(ଗୁରୁତର ଭାବେ ଯୌନ ନିର୍ଯାତନା) ରେ ଏକ ମାମଲା(ନଂ. ୧୭୪/୨୫)ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ତୁରନ୍ତ ପୀଡ଼ିତାଙ୍କ ଡାକ୍ତରୀମାଇନା କରାଯାଇଥିଲା। ରେଢ଼ାଖୋଲ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମେହେରଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ପୋଲିସ ବିଳମ୍ବିତ ରାତିରେ ମୁଖ୍ୟ ଅଭିଯୁକ୍ତଙ୍କ ସହ ୩ ଜଣଙ୍କୁ ଧରିଥିଲା। ଫେରାର ୨ ଅଭିଯୁକ୍ତଙ୍କୁ ଗିରଫ କରାଯିବ ଏବଂ ଯଥାଶୀଘ୍ର ଚାର୍ଜଶିଟ୍ ଦାଖଲ ପୂର୍ବକ କୋର୍ଟରେ ଏହି ମାମଲାର ତୁରନ୍ତ ଫଇସଲା ପାଇଁ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ ପ୍ରମାଣ ଉପସ୍ଥାପନ ☞ପୃଷ୍ଠା-୪

# ସେପ୍ଟେମ୍ବରରୁ ଓଡ଼ିଶାରେ ଏସ୍‌ଆଇଆର୍

**ଦୀର୍ଘ ୨୪ବର୍ଷ ପରେ ଓଡ଼ିଶାରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ(ଏସ୍‌ଆଇଆର୍) ଆସନ୍ତା ସେପ୍ଟେମ୍ବରରୁ ଆରମ୍ଭ ହେବାକୁ ଯାଉଛି। ଏହା ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କ ପକ୍ଷରୁ କରାଯାଉଛି। ଏଥିଲାଗି ଘରକୁ ଘର ଯାଞ୍ଚବେଳେ ୧୧ଟି ପ୍ରମାଣପତ୍ର ମଧ୍ୟରୁ ଯେକୌଣସି ଗୋଟିଏ ଦେଖାଇବାକୁ ପଡ଼ିବ। ଆବଶ୍ୟକସ୍ଥଳେ ଏହି ପ୍ରମାଣପତ୍ର ତାଲିକାରେ ଆଉ କିଛି ସଂଯୋଗ ହୋଇପାରେ। କିନ୍ତୁ ଯାଞ୍ଚବେଳେ ଆଧାର କାର୍ଡ, ଭୋଟର ପରିଚୟପତ୍ର ଏବଂ ରାଶନ କାର୍ଡକୁ ଗ୍ରହଣ କରାଯିବ ନାହିଁ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ଆର୍.ଏସ୍. ଗୋପାଳନ ସୂଚନା ଦେଇଛନ୍ତି।**

ଭୁବନେଶ୍ୱର,୧୮।୮ (ରବିନାରାୟଣ ଜେନା)

ମତଦାନ ବ୍ୟବସ୍ଥାକୁ ସ୍ୱଚ୍ଛ କରିବା ନିମନ୍ତେ ନିର୍ଭୁଲ୍ ଭୋଟର ତାଲିକା ଜରୁରୀ। ତେଣୁ ଏସ୍‌ଆଇଆର୍ ମାଧ୍ୟମରେ ନକଲି ଭୋଟର ଏବଂ ମତଦାତାଙ୍କ ଏକାଧିକ ନାଁକୁ ତାଲିକାରୁ ବାଦ୍ ଦିଆଯାଇପାରିବ। ଏହାସହ ନୂଆ ଭୋଟରଙ୍କୁ ସୁବ୍ୟବସ୍ଥିତ ଭାବେ ଯୋଡ଼ାଯାଇପାରିବ। ଏହାକୁ ଦୃଷ୍ଟିରେ ରଖି ଇସିଆଇ ପକ୍ଷରୁ ବିହାରରେ ବିଧାନସଭା ନିର୍ବାଚନ ପୂର୍ବରୁ ଏସ୍‌ଆଇଆର୍ କରାଯାଇଛି। ତେବେ ବିରୋଧୀ କଂଗ୍ରେସ, ଆର୍‌ଜେଡି ସମେତ ଅନେକ ଦଳ ପକ୍ଷରୁ ନିର୍ବାଚନ କମିଶନଙ୍କ ଏଭଳି ହଠାତ୍ ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠାଯିବା ସହ ତ୍ରୁଟିଗୁଡ଼ିକୁ ଦର୍ଶାଯାଉଛି। ନିର୍ବାଚନ କମିଶନଙ୍କ ଉପରେ ଭୋଟ୍ ଚୋରି ଭଳି ସଙ୍ଗିନ ଅଭିଯୋଗ ଆସିଛି। ଏଭଳିସ୍ଥଳେ ବିହାର ପରେ ଅନ୍ୟ ରାଜ୍ୟଗୁଡ଼ିକରେ ମଧ୍ୟ ଏସ୍‌ଆଇଆର୍ ପାଇଁ ପ୍ରଚେଷ୍ଟା କରାଯାଉଛି, ଯାହାକି ଓଡ଼ିଶାରେ ସେପ୍ଟେମ୍ବରରୁ ଆରମ୍ଭ ହେବାକୁ ଯାଉଛି। ତେବେ ୫୦ବର୍ଷ ପୂର୍ବରୁ ଯେଭଳି ଭୋଟଗ୍ରହଣ ନୀତି ଆପଣା ଯାଉଥିଲା, ଏବେ ସେଥିରେ ବହୁ ସଂସ୍କାର ଆସିଛି। ଲୋକଙ୍କ ବିଶ୍ୱାସ ଯେଭଳି ☞ପୃଷ୍ଠା-୪

### ଯାଞ୍ଚ ପାଇଁ ଆବଶ୍ୟକ ପ୍ରମାଣପତ୍ର

- ପେନ୍‌ସନ ପ୍ରମାଣପତ୍ର କିମ୍ବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରଦତ୍ତ ଚାକିରି ସମ୍ପର୍କିତ ପ୍ରମାଣପତ୍ର
- ଜୁଲାଇ ପହିଲା ୧୯୮୭ ସୁଦ୍ଧା କେନ୍ଦ୍ର ସରକାରଙ୍କ ଅଧୀନ ବ୍ୟାଙ୍କ, ପୋଷ୍ଟ ଅଫିସ୍, ଏଲ୍‌ଆଇସି କିମ୍ବା ପିଏସ୍‌ୟୁର କର୍ମଚାରୀ ପରିଚୟପତ୍ର
- ଜନ୍ମ ପ୍ରମାଣପତ୍ର
- ପାସ୍‌ପୋର୍ଟ
- ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନରୁ ମାଟ୍ରିକ୍ କିମ୍ବା ଶିକ୍ଷା ସାର୍ଟିଫିକେଟ୍
- ତହସିଲଦାରଙ୍କ ଦ୍ୱାରା ପ୍ରଦତ୍ତ ସ୍ଥାୟୀ ଆବାସିକ ପ୍ରମାଣପତ୍ର
- ଜଙ୍ଗଲ ଜମି ଅଧିକାର ପ୍ରମାଣପତ୍ର
- ଜାତିଗତ ପ୍ରମାଣପତ୍ର
- ଜାତୀୟ ନାଗରିକତ୍ୱ ପ୍ରମାଣପତ୍ର (ଏନ୍‌ଆର୍‌ସି) (ଓଡ଼ିଶାରେ ହୋଇନାହିଁ)
- ରାଜ୍ୟ ସରକାର କିମ୍ବା ସ୍ଥାନୀୟ ପ୍ରଶାସନ ପକ୍ଷରୁ ପ୍ରସ୍ତୁତ ପରିବାର ପଞ୍ଜୀକରଣ
- ଜମି କିମ୍ବା ଘର ଆବଣ୍ଟନ ପ୍ରମାଣପତ୍ର

## ବାଦ୍ ପଡ଼ିଲେଣି ୧୨ ଦଳ

ଭୁବନେଶ୍ୱର,୧୮।୮ (ରବିନାରାୟଣ ଜେନା)

ରାଜ୍ୟରେ ରାଜନୈତିକ ଦଳ ବୋଲି ନାଁ ରହିଛି। ହେଲେ ବାସ୍ତବକ୍ଷେତ୍ରରେ ରାଜନୀତି ମୈଦାନରେ ଦେଖିବାକୁ ମିଳୁନାହିଁ। ଏହିଭଳି ଭାବେ ରାଜ୍ୟର ୧୨ଟି ରାଜନୈତିକ ଦଳ ଚିହ୍ନଟ ହେଲେଣି। ଆଗାମୀ ଦିନରେ ଏହି ସଂଖ୍ୟା ବଢ଼ିପାରେ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ଆର. ସନ୍ତ ଗୋପାଳନ ସୂଚନା ଦେଇଛନ୍ତି। ସୋମବାର ଅପରାହ୍ନରେ ସିଇଓ କାର୍ଯ୍ୟାଳୟରେ ଗଣମାଧ୍ୟମକୁ ଗୋପାଳନ କହିଛନ୍ତି, ଦେଶରେ ବହୁ ରାଜନୈତିକ ଦଳ ନିର୍ବାଚନ ନିୟମ ଉଲ୍ଲଂଘନ କରୁଥିବା ଜଣାପଡ଼ିଛି। ପିପୁଲ ଆକ୍ଟ-୧୯୫୧ର ଅନୁଚ୍ଛେଦ-୨୯ ଏ ଅନୁଯାୟୀ, ଯେଉଁ ଦଳଗୁଡ଼ିକ ୬ବର୍ଷ ଧରି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରି ନ ଥିବେ ସେମାନଙ୍କୁ ବାଦ୍ ଦିଆଯାଇପାରିବ। ଏହିକ୍ରମରେ ଅଗଷ୍ଟ ୯ରେ ପ୍ରଥମ ପର୍ଯ୍ୟାୟରେ ଦେଶରେ ୩୩୪ଟି ରାଜନୈତିକ ଦଳକୁ ତାଲିକାରୁ ବାଦ୍ ଦିଆଯାଇଛି। ସେଥିମଧ୍ୟରେ ଓଡ଼ିଶାରେ ୫ଟି ରାଜନୈତିକ ଦଳ ରହିଥିଲା। ଏହି ରାଜନୈତିକ ଦଳ ବାଦ୍ ପରେ ଦେଶରେ ରାଜନୈତିକ ଦଳ ସଂଖ୍ୟା ୨୮୫୪ରୁ ୨୫୨୦କୁ ଖସି ଆସିଛି। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଦେଶରେ ୪୭୬ଟି ରାଜନୈତିକ ଦଳ ଚିହ୍ନଟ ହୋଇଛନ୍ତି। ସେମାନଙ୍କୁ ମଧ୍ୟ ତାଲିକାରୁ ବାଦ୍ ଦିଆଯାଇଛି, ଯେଉଁଥିରେ ଓଡ଼ିଶାର ୭ଟି ଦଳ ରହିଛି। ଆଗାମୀ ☞ପୃଷ୍ଠା-୪

# ସିଇସିଙ୍କ ବିରୋଧରେ ମହାଭିଯୋଗ ଆଣିପାରନ୍ତି ବିରୋଧୀ

### ଭୋଟର ତାଲିକା ଠିକ୍ ଥିବା ନେଇ ପ୍ରଥମେ ଇସି ସତ୍ୟପାଠ ଦାଖଲ କରନ୍ତୁ: କଂଗ୍ରେସ

ନୂଆଦିଲ୍ଲୀ,୧୮।୮

ଭୋଟ ଜାଲିଆତି ଅଭିଯୋଗକୁ ନେଇ ନିର୍ବାଚନ କମିଶନ ଏବଂ ବିରୋଧୀ ଇଣ୍ଡିଆ ବ୍ଲକ୍ ମଧ୍ୟରେ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଛି। ମୁଖ୍ୟ ନିର୍ବାଚନ କମିଶନ (ସିଇସି) ଜ୍ଞାନେଶ କୁମାରଙ୍କୁ ବିଦା କରିବା ପାଇଁ ପାର୍ଲାମେଣ୍ଟରେ ପ୍ରସ୍ତାବ ଆଣିବା ନିମନ୍ତେ ବିରୋଧୀ ବିଚାର କରୁଥିବା ଏକ ସୂତ୍ରରୁ ଜଣାପଡ଼ିଛି। ପାର୍ଲାମେଣ୍ଟ ପରିସରରେ ସୋମବାର ସକାଳେ ଇଣ୍ଡିଆ ବ୍ଲକ୍ ନେତାମାନଙ୍କ ବୈଠକରେ ଏନେଇ ଆଲୋଚନା ହୋଇଛି। ସୁପ୍ରିମକୋର୍ଟ ବିଚାରପତିଙ୍କ ଭଳି ମୁଖ୍ୟ ନିର୍ବାଚନ କମିଶନଙ୍କୁ ବହିଷ୍କାର କରିବା ଲାଗି ମହାଭିଯୋଗ ପ୍ରସ୍ତାବ ଆଣିବାକୁ ହୋଇଥାଏ। ତାଙ୍କ ବିରୋଧରେ ଦୁର୍ବ୍ୟବହାର କିମ୍ବା ଅପାରଗତାର ପ୍ରମାଣ ପାଇଁ ପାର୍ଲାମେଣ୍ଟର ଉଭୟ ଗୃହରେ ଦୁଇ-ତୃତୀୟାଂଶ ଭୋଟରେ ପ୍ରସ୍ତାବ ଗୃହୀତ ହେବା ଆବଶ୍ୟକ। ପ୍ରସ୍ତାବ ଗୃହୀତ କରାଇବା ପାଇଁ ବିରୋଧୀଙ୍କ ପାଖରେ ଆବଶ୍ୟକ ସଂଖ୍ୟା ନ ଥିବାରୁ ଏହା କେବଳ ଏକ ଚାପ କୌଶଳ ଭଳି ଜଣାପଡୁଛି। ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଭୋଟ ଚୋରି ଅଭିଯୋଗ ଆଣିଥିବାବେଳେ ଏଭଳି ଶବ୍ଦ ବ୍ୟବହାର କରିବା ସମ୍ବିଧାନ ପ୍ରତି ଅପମାନ ବୋଲି ସିଇସି ରବିବାର କହିଥିଲେ। ରାଜନୈତିକ ଉଦ୍ଦେଶ୍ୟ ପାଇଁ ଭାରତର ଭୋଟରମାନଙ୍କୁ ଟାର୍ଗେଟ କରିବାକୁ ନିର୍ବାଚନ ଆୟୋଗଙ୍କୁ ଏକ ଲଞ୍ଚପ୍ୟାଡ୍ ଭାବେ ବ୍ୟବହାର କରାଯାଉଛି। ଇସି ଭୋଟରମାନଙ୍କ ସହ ରହିଛନ୍ତି ବୋଲି ଜ୍ଞାନେଶ କହିବା ☞ପୃଷ୍ଠା-୪

## ସମ୍ବଲପୁରରେ ଖୋଲିବ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର,୧୮।୮(ସୁନିତ୍ ମିଶ୍ର)

ସମ୍ବଲପୁରଠାରେ ପ୍ରତିଷ୍ଠା ହେବ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଅଧ୍ୟକ୍ଷତାରେ ସୋମବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଏହି ଅବସରରେ ଏନେଇ ଆଲୋଚନା ହୋଇଛି। ଏହାଦ୍ୱାରା କୃଷି ଓ ଆନୁସଙ୍ଗିକ ବିଜ୍ଞାନରେ ସ୍ନାତକ ଓ ସ୍ନାତକୋତ୍ତର ସୃଷ୍ଟି କରିବ। ଉତ୍ପାଦ ବୃଦ୍ଧି ଓ ଲାଭଦାୟକ କୃଷିପ୍ରଣାଳୀ ବିକାଶରେ ସହାୟକ ହେବ। ଏଥିସହିତ କୃଷି ଗବେଷଣାକୁ ଆଗକୁ ବଢ଼ାଇବା ସହିତ ଚାଷୀଙ୍କୁ ସଶକ୍ତ କରିବ ବୋଲି କନକ ବର୍ଦ୍ଧନ କହିଛନ୍ତି।

# କେମ୍ବ୍ରିଜ୍ ଡିକ୍ସନାରିରେ ଯୋଡ଼ିହେଲା ୬ ହଜାର ନୂଆ ଶବ୍ଦ

ଲଣ୍ଡନ,୧୮।୮

କେମ୍ବ୍ରିଜ୍ ଡିକ୍ସନାରି ନିଜର ଅନ୍‌ଲାଇନ ସଂସ୍କରଣରେ ୬ ହଜାର ନୂତନ ଶବ୍ଦକୁ ସ୍ଥାନିତ କରିଛି। ଏଥିମଧ୍ୟରୁ ଅନେକ ହେଉଛି ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ବ୍ୟବହୃତ ହେଉଥିବା ଶବ୍ଦ। ସାଧାରଣତଃ ଜେନ୍ ଜେଡ୍ ଏବଂ ଜେନ୍ ଆଲ୍‌ଫା ଦ୍ୱାରା ଲୋକପ୍ରିୟ ହୋଇଥିବା ଶବ୍ଦ 'delulu', 'skibidi', 'tradwife'କୁ କେମ୍ବ୍ରିଜ୍ ନିଜ ଶବ୍ଦକୋଷରେ ସ୍ଥାନିତ କରିଛି। ଏନେଇ ଡିକ୍ସନାରର ପ୍ରକାଶକ ସୋମବାର ସୂଚନା ଦେଇଛନ୍ତି। କେମ୍ବ୍ରିଜ୍ ୟୁନିଭର୍ସିଟି ପ୍ରେସ୍ ପକ୍ଷରୁ ସୂଚନା ଦିଆଯାଇ କୁହାଯାଇଛି, ସାମ୍ପ୍ରତିକ ସ୍ଥିତିରେ 'tradwife'କୁ ଇନ୍‌ଷ୍ଟାଗ୍ରାମ ଏବଂ ଟିକ୍‌ଟକ୍ ପରି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକରେ ଟ୍ରାଡିସିନାଲୱାଇଭ୍ ବଦଳରେ ବ୍ୟାପକ ଭାବେ ବ୍ୟବହାର



କରାଯାଉଛି। ତେଣୁ ଉକ୍ତ ଶବ୍ଦକୁ ଡିକ୍ସନାରି ନିଜ ଶବ୍ଦକୋଷରେ ସ୍ଥାନିତ କରିଛି। ସେହିପରି 'skibidi' ଶବ୍ଦକୁ ବ୍ୟାପକ ଭାବରେ ବିଭିନ୍ନ ଅନ୍‌ଲାଇନ ମିମ୍ସରେ ବ୍ୟବହାର କରାଯାଉଛି। ଏହି ଶବ୍ଦର କୌଣସି ନିର୍ଦ୍ଦିଷ୍ଟ ଅର୍ଥ ନ ଥିବା ବେଳେ ବିଭିନ୍ନ ସ୍ଥିତିରେ ଭଲ କିମ୍ବା ଖରାପ ଦର୍ଶାଇବା ପାଇଁ ଜେନ୍ ଜେଡ୍ ଏବଂ ଜେନ୍ ଆଲ୍‌ଫାର ୟୁଜର୍ସ ଏହାକୁ ବ୍ୟବହାର କରୁଛନ୍ତି। ସେହିପରି 'delulu' ଡିଲ୍ୟୁଶନାଲ ଶବ୍ଦରୁ ଆସିଛି। ୨୦୨୫ରେ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନୀ ଆଲ୍‌ବାନିଜ୍ ଦେଶର ପାର୍ଲାମେଣ୍ଟରେ ଭାଷଣ ଦେବାବେଳେ 'delulu' ଶବ୍ଦର ବ୍ୟବହାର କରିଥିଲେ। ଏକ ସତ୍ୟ ହୋଇ ନ ଥିବା କଥାରେ ବିଶ୍ୱାସ କରିବାକୁ ନେଇ ସମ୍ପ୍ରତି 'delulu' ଶବ୍ଦର ବହୁଳ ବ୍ୟବହାର କରାଯାଉଛି। ଅନନ୍ୟ ଫ୍ୟାଶନ ଲୁକ୍‌କୁ ବର୍ଣ୍ଣନା କରିବା ପାଇଁ ସମ୍ପ୍ରତି ବ୍ୟବହୃତ ହେଉଥିବା 'lewk', ଇନ୍‌ସ୍ପାରେଶନ ବଦଳରେ ସଂକ୍ଷିପ୍ତ ଭାବେ ବ୍ୟବହୃତ ହେଉଥିବା 'inspo' ଶବ୍ଦକୁ ମଧ୍ୟ କେମ୍ବ୍ରିଜ୍ ଡିକ୍ସନାରିର ଶବ୍ଦକୋଷରେ ଯୋଡ଼ାଯାଇଛି। ସେହିପରି କୌଣସି କାର୍ଯ୍ୟ କରୁ ନ ଥିବା ସମୟରେ କାମ କରିବା ପରି ଦେଖେଇ ହେବା ପାଇଁ ସମ୍ପ୍ରତି ବ୍ୟବହୃତ ହୋଇଥିବା 'mouse jiggler' ଶବ୍ଦକୁ ମଧ୍ୟ ଡିକ୍ସନାରି ଶବ୍ଦକୋଷରେ ଯୋଡ଼ାଯାଇଛି। ବୈବାହିକ ସମ୍ପର୍କ ପରି କର୍ମକ୍ଷେତ୍ରରେ ନିଜ ସହକର୍ମୀଙ୍କ ସହ ନିବିଡ଼ ଏବଂ ବିଶେଷ ସମ୍ପର୍କ ପାଇଁ ସମ୍ପ୍ରତି ବ୍ୟାପକ ଭାବେ ବ୍ୟବହୃତ ହେଉଥିବା 'work spouse' ଶବ୍ଦ ମଧ୍ୟ କେମ୍ବ୍ରିଜ୍‌ର ଶବ୍ଦକୋଷରେ ସ୍ଥାନ ପାଇଛି। ଡିକ୍ସନାରି ପକ୍ଷରୁ କେବଳ ସେହି ଶବ୍ଦଗୁଡ଼ିକୁ ନିଜ ଅନ୍‌ଲାଇନ ସଂସ୍କରଣରେ ଯୋଡ଼ାଯାଇଛି, ଯାହାକୁ ଦୀର୍ଘଦିନ ହେବ ବିଭିନ୍ନ କ୍ଷେତ୍ରରେ ବ୍ୟାପକ ଭାବେ ବ୍ୟବହାର କରାଯାଉଛି। ସମୟ ସହ ଇଣ୍ଟରନେଟ ସଂସ୍କୃତି ଇଂରାଜୀ ଭାଷାରେ ପରିବର୍ତ୍ତନ ଆଣୁଛି। ତେଣୁ ଏହାର ପ୍ରଭାବକୁ ପର୍ଯ୍ୟବେକ୍ଷଣ କରିବା ପରେ ସେଥିମଧ୍ୟରୁ କେତେକ ଶବ୍ଦକୁ ଗ୍ରହଣ କରାଯାଇଥିବା ନେଇ କେମ୍ବ୍ରିଜ୍ ଡିକ୍ସନାରିର ଲେକ୍ସିକାଲ ପ୍ରୋଗ୍ରାମ ମ୍ୟାନେଜର କୋଲିନ୍ ମ୍ୟାକ୍‌ଇଣ୍ଟୋଶ କହିଛନ୍ତି।

**ଆଜିର ସମ୍ପାଦକୀୟ**

## ତ୍ରୁଟି ଘୋଡ଼ାଉଛନ୍ତି


Muthoot Finance

ଭାରତର ସବୁଠାରୁ ବଡ଼ ଗୋଲ୍ଡ୍ ଲୋନ୍ ଏନବିଏଫସି^

2.5 ଲକ୍ଷ+ ଗ୍ରାହକଙ୍କୁ ପ୍ରତିଦିନ ସେବା* | 7,300+ ଶାଖା*



ତୁରନ୍ତ ଗୋଲ୍ଡ୍ ଲୋନ୍ | ଗ୍ରାହକଙ୍କୁ ରେଫର୍ କରନ୍ତୁ ଏବଂ ଜିତନ୍ତୁ ଚମତ୍କାର ପୁରସ୍କାର^^

7-ସ୍ତରୀୟ ସୁରକ୍ଷା

ଆକର୍ଷକ ସୁଧ ହାର

INDIA'S #1 MOST TRUSTED FINANCIAL SERVICES BRAND 2025#

ଅନ୍‌ଲାଇନ୍ ପେମେଣ୍ଟର ସୁବିଧା

ସୁବିଧା ଅନୁଯାୟୀ ପେମେଣ୍ଟ ବିକଳ୍ପ

1800 313 1212

muthootfinance.com

#TRA's Brand Trust Report *ମୁଥୁଟ ଫାଇନାନ୍‌ସ ଏବଂ ଏହାର ସବ୍‌ସିଡିଆରୀ କମ୍ପାନି। ^^ସର୍ତ୍ତାବଳୀ ଲାଗୁ। https://www.muthootfinance.com/terms-and-condition. ^31 ମାର୍ଚ୍ଚ, 2025 ସୁଦ୍ଧା ଏନବିଏଫସି ବର୍ଗରେ ଗୋଲ୍ଡ ଲୋନ୍ ଏୟୁଏମ ଆକାରର ଉପରେ ଆଧାରିତ

Muthoot Family - 800 years of Business Legacy

# ସଫେଇ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ, ଧାରଣା

ଟିଟିଲାଗଡ଼, ୧୮।୮(ଶରତ ମିଶ୍ର)


ଟିଟିଲାଗଡ଼ ପୌର ପରିଷଦରେ କାର୍ଯ୍ୟରତ ସଫେଇ କର୍ମଚାରୀ ଧାରଣା ଦେଇଛନ୍ତି।

ବଲାଙ୍ଗୀର ଜିଲା ଟିଟିଲାଗଡ଼ ପୌର ପରିଷଦରେ କାର୍ଯ୍ୟରତ ସଫେଇ କର୍ମଚାରୀଙ୍କ ଇପିଏଫ୍ ଟଙ୍କା ହଡପ ଅଭିଯୋଗ ଆଲୋଚନାର ବିଷୟ ହୋଇଛି । ପୌର ପରିଷଦର ସଫେଇ କର୍ମଚାରୀ ଭାବରେ ନିଯୁକ୍ତ ହୋଇ ୧୪୦ ଜଣ ସହରକୁ ସଫା କରୁଛନ୍ତି। ହେଲେ ସେମାନଙ୍କୁ ନାମକୁ ମାତ୍ର ମଜୁରି ପ୍ରଦାନ କରାଯାଉଛି । ଏପରିକି ଶ୍ରମିକଙ୍କ କଲ୍ୟାଣ ପାଇଁ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଇପିଏଫ, ଗ୍ରୁପ ସ୍ୱାସ୍ଥ୍ୟ ବୀମା, ଜୀବନ ବୀମା ମଧ ପ୍ରହସନ ହୋଇଛି। ଦୀର୍ଘ ବର୍ଷ ହେବ ସଫେଇ କର୍ମଚାରୀ ଅଭିଯୋଗ କରିଆସୁଛନ୍ତି ଯେ, ସେମାନଙ୍କ ମଜୁରିରୁ ୧୨ ପ୍ରତିଶତ ଇପିଏଫ୍ ପାଇଁ କଟାଯାଉଛି। ହେଲେ ତାହା ସେମାନଙ୍କ ଇପିଏଫ୍ ଆକାଉଣ୍ଟରେ ଜମା କରାଯାଉନାହିଁ। ଯାହାକି ଏକ ଠକାମୀ ସହ ଆଇନ ଅନୁଯାୟୀ ଏକ ଧର୍ତ୍ତବ୍ୟ ଅପରାଧ। ହେଲେ ପୌର ପରିଷଦ ଏହାକୁ ଗଣ୍ୟ ଭାବରେ ଗ୍ରହଣ ସହ ନିରବଦ୍ରଷ୍ଟା ସାଜିବା ଅନେକ ସନ୍ଦେହ ସୃଷ୍ଟି କରିଛି। ଏଭଳିସ୍ଥଳେ ଦୀର୍ଘ ଦିନ ଧରି ସେମାନଙ୍କ ଅଭିଯୋଗ ସମାଧାନ ନ ହେବା ନେଇ ସୋମବାରଠାରୁ ସମସ୍ତ ପୌର କର୍ମଚାରୀ ସଫେଇ କାର୍ଯ୍ୟ ବନ୍ଦ କରିଛନ୍ତି। କର୍ମଚାରୀମାନେ ସକାଳୁ ପ୍ରଥମେ ପୌର କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ପ୍ରଦର୍ଶନ କରିଥିଲେ । ତେବେ ସଫେଇ କର୍ମଚାରୀଙ୍କୁ ପୌର ନିର୍ବାହୀ ଅଧିକାରୀ ଚନ୍ଦନ ଶତପଥୀ କୌଣସି ଶାନ୍ତ୍ୱନା ପ୍ରଦାନ ବଦଳରେ ଗଣମାଧ୍ୟମକୁ କାହିଁକି ଡାକିଲ ବୋଲି କହିଥିଲେ। ନିର୍ବାହୀ ଅଧିକାରୀଙ୍କ ବେପରୁଆ ମନୋଭାବ ନେଇ ସଫେଇ କର୍ମଚାରୀ ଟିଟିଲାଗଡ଼ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପହଞ୍ଚିଥିଲେ। ଦୀର୍ଘ ୮ ଦିନ ହେଲା ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅମଲା କର୍ମଚାରୀ ସେମାନଙ୍କ ବିଭିନ୍ନ ଦାବିନେଇ ଧାରଣାରେ ବସିଥିବାବେଳେ ସେମାନେ ଅପରାହ୍ନରେ ଅନୁପସ୍ଥିତ ଥିବା ବେଳେ ପୌର ସଫେଇ କର୍ମଚାରୀ ସେହି ସ୍ଥାନ ଅକ୍ତିଆର ସହ ସେଠାରେ ଧାରଣା ଦେବା କୌତୁହଳ ସୃଷ୍ଟି କରିଥିଲା । ତେବେ ପୂର୍ବପରି ସୋମବାର ମଧ ଉପଜିଲାପାଳ କିମ୍ବା ଅନ୍ୟ କେହି ଅଧିକାରୀ ଧାରଣାରତ ସଫେଇ କର୍ମଚାରୀଙ୍କ ସହ ଆଲୋଚନା ପାଇଁ ଆସି ନ ଥିଲେ। ଧାରଣା ଆନ୍ଦୋଳନରେ ସଫେଇ କର୍ମଚାରୀ ମିନକି ତାଣ୍ଡି, ଶାରୀ ଛୁରା, ମଞ୍ଜୁ ଭରସାଗର, ଯଶୋବନ୍ତି ନାଏକ, ଶାନ୍ତି ଭରସାଗର, ଶର୍ମିଳା ସୁନା, ସୁଶୀଳା ସୁନା, ପୂର୍ଣ୍ଣବାସୀ ବାଗ, ମମତା ଭରାସାଗର, ମଞ୍ଜୁ ଚାଡା, ସୁବଳୟା ଭରାସାଗର, ବିଳାସ ମଚ୍ଛଖଣ୍ଡ, ଧନେଶ୍ୱରୀ ସୁନା, ପ୍ରେମ ସିହ୍ନା, କବିର ସୁନା, ବିନୋଦ ସୁନା ପ୍ରମୁଖ ସାମିଲ ହୋଇଥିଲେ।

## ରୋତ କଲେଜର ପ୍ରତିଷ୍ଠା ଦିବସ



ରୋତ କଲେଜର ପ୍ରତିଷ୍ଠା ଦିବସରେ ଅତିଥିମାନେ ବାର୍ଷିକ ମୁଖପତ୍ର ଉନ୍ମୋଚନ କରୁଛନ୍ତି।

ଲୋଇସିଂହା,୧୮।୮(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ରୋତ କଲେଜର ୩୪ ତମ୍ ପ୍ରତିଷ୍ଠା ଦିବସ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟର ବାର୍ଷିକ ମୁଖପତ୍ର ଓ କ୍ୟାଲେଣ୍ଡର ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଭଲ ମଣିଷ ହୋଇ ସମାଜ କଲ୍ୟାଣ ପାଇଁ ବ୍ରତୀ ହେବାକୁ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପରାମର୍ଶ ଦେଇଥିଲେ। କଲେଜର ଅଧ୍ୟକ୍ଷ ପ୍ରଦୀପ କୁମାର ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଉପଜିଲାପାଳ ତଥା ପରିଚାଳନା ପରିଷଦର ସଭାପତି ଆଲୋକ ରଞ୍ଜନ ପଟେଲ ମୁଖ୍ୟ ଅତିଥି, ପ୍ରାକ୍ତନ ଅଧ୍ୟକ୍ଷ ଧନଞ୍ଜୟ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ପଟେଲ ତାଙ୍କ ବକ୍ତବ୍ୟରେ କହିଥିଲେ, କଲେଜ ପାଠପଢା ହେଉଛି କ୍ୟାରିୟରର ସର୍ବଶ୍ରେଷ୍ଠ ସମୟ। ଏଣୁ କଲେଜରେ ଶୃଙ୍ଖଳିତ ଭାବେ ପାଠପଢି କ୍ୟାରିୟର ଗଢିବାକୁ ଛାତ୍ରୀଛାତ୍ରଙ୍କୁ ସେ ପରାମର୍ଶ ଦେଇଥିଲେ। ସେହିପରି ମୁଖ୍ୟବକ୍ତା ସାହୁ ଛାତ୍ରୀଛାତ୍ରଙ୍କୁ ଭଲ ମଣିଷ ହେବାକୁ କହିଥିଲେ। ପ୍ରତିଷ୍ଠା ଦିବସ ଉପଲକ୍ଷେ ଛାତ୍ରୀଛାତ୍ରଙ୍କୁ ନେଇ ଅନୁଷ୍ଠିତ ସାହିତ୍ୟିକ ଓ ସାଂସ୍କୃତିକ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ସାଂସ୍କୃତିକ ପରିଷଦର ମୁଖ୍ୟ ଅଧ୍ୟାପକ ଅର୍ଯ୍ୟେନ୍ଦୁ କୁମାର ମେହେର ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ଲିଙ୍ଗରାଜ ମେହେର ସଭା କାର୍ଯ୍ୟକୁ ସଞ୍ଚାଳନ କରିଥିଲେ। ଅଧ୍ୟାପକ ମାନସ କୁମାର ଧନ୍ୟବାଦ ଅର୍ପଣ କରିଥିଲେ।

## ‘ସାମାଜିକ ଜାଗରଣର ପ୍ରତୀକ ଥିଲେ ପାର୍ବତୀ’

ବଲାଙ୍ଗୀର,୧୮।୮(ବୀରେନ୍ଦ୍ର କୁମାର ଝାଙ୍କର)

- ବହ୍ନିକନ୍ୟା ପାର୍ବତୀ ଗିରି ଶ୍ରାଦ୍ଧ ସମାରୋହ
- ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆଙ୍କୁ ମର୍ଯ୍ୟାଦାଜନକ ପାର୍ବତୀ ଗିରି ସେବା ସମ୍ମାନ

ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ପୂଜ୍ୟପୂଜା ସେବା ସଙ୍ଗଠନ ପକ୍ଷରୁ ବହ୍ନିକନ୍ୟା ପାର୍ବତୀ ଗିରିଙ୍କ ୩୧ତମ ଶ୍ରାଦ୍ଧ ସମାରୋହ ଏବଂ ପୂଜ୍ୟପୂଜା ସଙ୍ଗଠନର ୨୦ତମ ପ୍ରତିଷ୍ଠା ଦିବସ ସମାରୋହ ରବିବାର ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ପତିତପାବନ ଏକାଡେମୀ ସଭାଗୃହରେ ସଙ୍ଗଠନ ସଭାପତି କେଶବ ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ପ୍ରେମଚାନ୍ଦ ମହାନ୍ତି ଯୋଗଦାନ କରିଥିଲେ। ମୁଖ୍ୟବକ୍ତା ଡ. ମହାନ୍ତି ତାଙ୍କ ବକ୍ତବ୍ୟରେ ବହ୍ନିକନ୍ୟା ପାର୍ବତୀ ଗିରିଙ୍କ ସଂଘର୍ଷମୟ ଏବଂ ପ୍ରେରଣାଦାୟୀ ଜୀବନୀ ଉପରେ କହିଥିଲେ। ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇ ସେ କିଭଳି ନାରୀ ଚେତନାର ପ୍ରତୀକ ସାଜିଥିଲେ କହିଥିଲେ। ସହସ୍ରାଧିକ ଅନାଥ ଶିଶୁଙ୍କ ସ୍ନେହମୟୀ ଜନନୀ ହୋଇ ସେ କିଭଳି ସାମାଜିକ କ୍ରାନ୍ତି ଆଣିଥିଲେ ବର୍ଣ୍ଣନା କରିଥିଲେ। ସାମାଜିକ ଉତ୍ତରଣ ଏବଂ ଜାଗରଣର ଅନନ୍ୟ ନେତ୍ରୀ ଭାବେ ସେ ଆଜିବି ପ୍ରେରଣାସ୍ରୋତ ପାଲଟିଛନ୍ତି ବୋଲି କହିଥିଲେ। ମୁଖ୍ୟ ଅତିଥି ବିଧାୟକ ବାଗ ତାଙ୍କ ବକ୍ତବ୍ୟରେ ବହ୍ନିକନ୍ୟା ପାର୍ବତୀ ଗିରିଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ କହିଥିଲେ। ଏହି ଅବସରରେ ସାହିତ୍ୟ, ସଂସ୍କୃତି ଓ ନାଟ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆଙ୍କୁ ମର୍ଯ୍ୟାଦାଜନକ ପାର୍ବତୀ ଗିରି ସେବା ସମ୍ମାନ ୨୦୨୫ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଛୁରିଆଙ୍କୁ ଆଦ୍ୟାଶକ୍ତି ନାରୀ ସଙ୍ଗଠନ, ଅଙ୍କୁର ଶିଶୁ ସାହିତ୍ୟ ସଂସଦ ଓ ଶିଶୁ ବିକାଶ କେନ୍ଦ୍ର ପକ୍ଷରୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଡା. କ୍ଷୀରୋଦ୍ର ମିଶ୍ର, ବିଶ୍ୱଜିତ ନନ୍ଦ, ଡା. ରାଧାକାନ୍ତ ବାଗ, ବନମାଳୀ ପାଣିଗ୍ରାହୀ, ଡ. ଭବାନୀ ଶଙ୍କର ପଟେଲ, ମହମ୍ମଦ ଫଜଲୁଦ୍ଦିନ ଖାନ, ଯୋଗେଶ୍ୱର ନାଏକ, ବିଜୟିନୀ ଝାଙ୍କର, ଡ. ନାରାୟଣ ମିଶ୍ର, ଡା. ଅଶୋକ କୁମାର ସାହୁ, ତରୁଣ କୁମାର ପରିଚ୍ଛା, ସଂସ୍କୃତି ପଟ୍ଟନାୟକ, ଜୀବନ ପ୍ରକାଶ ଦାସ, ଆନନ୍ଦ ଚନ୍ଦ୍ର ସାହୁ, ରୁନାଲତା ପଟ୍ଟନାୟକ, କୁମରମଣି ସେଠ, ପୀତବାସ ସାହୁ, ସୁରେନ୍ଦ୍ର ମିଶ୍ର, ସରସ୍ୱତୀ ନନ୍ଦ ଓ ଗଗନ ମହାନ୍ତିଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ସଭା ଆରମ୍ଭରେ କସ୍ତୁରୀ ରଥ ବେଦ ପଠନ, ଡ. ପ୍ରେମଚାନ୍ଦ ମହାନ୍ତି ଓ ଦେବ ପ୍ରସାଦ ମହାନ୍ତି ମାତୃବନ୍ଦନା ଗାନ କରିଥିଲେ। ସମାରୋହରେ ପୂଜ୍ୟପୂଜା ସେବା ସମ୍ମାନ ୨୦୨୫ ଓ ଡ. ଭବାନୀ ଶଙ୍କର ପଟେଲଙ୍କ ପୁସ୍ତକ ‘ବଡମା’ ପାର୍ବତୀ ଗିରି’କୁ ଅତିଥିମାନେ ଉନ୍ମୋଚନ କରିଥିଲେ । ସମ୍ପାଦକ ସୁନାଧର ବନଛୋର ବାର୍ଷିକ ବିବରଣୀ ପାଠ କରିଥିଲେ। ସଙ୍ଗଠନ ପ୍ରତିଷ୍ଠାତା ମଦନ ମୋହନ ରଥ ପୂଜ୍ୟପୂଜା ସେବା ସଙ୍ଗଠନର ୨୦ବର୍ଷର ଉପଲବ୍ଧି ସମ୍ପର୍କରେ ସୂଚନା ଦେଇଥିଲେ। ସଭାକୁ ଉପସଭାପତି ମଧୁ ସାହୁ ପରିଚାଳନା କରିଥିଲେ। ସଭା ଆୟୋଜନରେ ଦୁର୍ଗା ସାହୁ, ମାଳତୀ ଉଦ୍‌ଗାତା, ସୁରଥ ସାହୁ, ବିନ୍ଧିଆ ବେହେରା, ଡା. ଅଶୋକ କୁମାର ସେଠୀ, କପିଳ ପତି, ଗିରିଜା ଶଙ୍କର ରଥ, ଜୟରାମ ମିଶ୍ର, ଛବିଲାଲ ବେହେରା, ସୀତାଂଶୁ ନାୟକ, ଅରୁଣ ଖୁଆସ, ପ୍ରଶାନ୍ତ ଷଡଙ୍ଗୀ, ଧିରେନ୍ଦ୍ର ନାରାୟଣ ସିଂହଦେଓ, ହୃଷୀକେଶ ପୁରୋହିତ, ଶାନ୍ତନୁ ମିଶ୍ର, ଶୁଭେନ୍ଦ୍ର ନେପାକ, ପ୍ରତିମା ମିଶ୍ର, ନିହାରିକା ମିଶ୍ର, ପ୍ରଦୀପ ପଶାୟତ ସହଯୋଗ କରିଥିଲେ। ଶେଷରେ ରନ୍ମୟ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।


ଅତିଥିମାନେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆଙ୍କୁ ପାର୍ବତି ଗିରି ସେବା ସମ୍ମାନ ପ୍ରଦାନ କରୁଛନ୍ତି।

## ଲୋୟର ସୁକ୍‌ତେଲ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ ଅଫିସ ଘେରିଲେ ବିସ୍ଥାପିତ


ଲୋୟର ସୁକ୍‌ତେଲ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ ଅଫିସ ସମ୍ମୁଖରେ ବିସ୍ଥାପିତମାନେ ଧାରଣା ଦେଇଛନ୍ତି।

ବଲାଙ୍ଗୀର,୧୮।୮ (ବୀରେନ୍ଦ୍ର କୁମାର ଝାଙ୍କର)

### ପିଇବା ପାଣି ପାଇଁ ତହଲବିକଳ ବିସ୍ଥାପିତ କଲୋନୀବାସୀ

ଲୋୟର ସୁକ୍‌ତେଲ ଡ୍ୟାମ ପାଇଁ ଭିଟାଭାଟି ଛାଡି ବିସ୍ଥାପିତ ହୋଇଥିବା ଖୁଣ୍ଟାପାଲି ଗ୍ରାମବାସୀଙ୍କୁ ପିଇବା ପାଣି ମିଳୁନାହିଁ। ଏହାର ପ୍ରତିବାଦରେ ସୋମବାର ସଦାଇପାଲି ପୁନର୍ବାସ କଲୋନୀରେ ରହୁଥିବା ବହୁ ମହିଳା ଓ ପୁରୁଷ ମାଠିଆ, ଗରିଆ ଧରି ଲୋୟର ସୁକ୍‌ତେଲ ମୁଖ୍ୟ ନିର୍ମାଣଯନ୍ତ୍ରୀଙ୍କ ଅଫିସ ଘେରାଓ କରିଥିଲେ। ସେମାନେ ଅଫିସ ଗେଟ୍ ସମ୍ମୁଖରେ ଦୀର୍ଘ ସମୟ ଧରି ଧାରଣାରେ ବସି ରହି ପିଇବା ପାଣି ଯୋଗାଇ ଦେବାକୁ ଦାବି କରିଥିଲେ। ଧାରଣାରତ ଲୋକେ କହିଥିଲେ, ବଲାଙ୍ଗୀର ଜିଲାର ଚାଷଜମିକୁ ଜଳସେଚନ ସୁବିଧା ଯୋଗାଇବା ଏବଂ ବଲାଙ୍ଗୀର, ପାଟଣାଗଡ ଭଳି ସହରବାସୀଙ୍କୁ ପିଇବା ପାଣି ଯୋଗାଇବା ଉଦ୍ଦେଶ୍ୟରେ ସେମାନେ ନିଜ ଭିଟାମାଟି ଛାଡି ବିସ୍ଥାପିତ ହୋଇଛନ୍ତି। ମାତ୍ର ବିସ୍ଥାପିତଙ୍କୁ ସରକାର କିଛିବି ସୁବିଧା ଦେଉନାହିଁ। ସାଧାରଣ ପିଇବା ପାଣି ମୁନ୍ଦାଏ ଦେଇପାରୁନାହିଁ। ଦୀର୍ଘମାସ ହେବ ଏଥିନିମନ୍ତେ ବିସ୍ଥାପିତମାନେ ଜିଲା ପ୍ରଶାସନ, ସ୍ଥାନୀୟ ବିଧାୟକ ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗକୁ ଜଣାଉଥିଲେ ମଧ କେହି କିଛି ଶୁଣୁ ନ ଥିଲେ। ଫଳରେ ସେମାନେ ବାଧହୋଇ ସୋମବାର ଧାରଣା ଦେଇଛନ୍ତି। ମହିଳାମାନେ କହିଥିଲେ, ପାଣି ନ ଥିବାରୁ ସେମାନଙ୍କ ଦୈନନ୍ଦିନ କାର୍ଯ୍ୟ ଅଟକି ଯାଉଛି। ସେମାନେ ଖାଦ୍ୟ ପ୍ରସ୍ତୁତିରେ ପ୍ରତିଦିନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପାଣି ଆଣିବା ପାଇଁ ଏଠାକାର ଲୋକଙ୍କୁ ପରିଶ୍ରମ କରିବାକୁ ପଡୁଛି। ଏହାସହିତ ବିସ୍ଥାପିତ କଲୋନୀରେ ଷ୍ଟ୍ରିଟ୍ ଲାଇଟ୍ ସୁବିଧା ନାହିଁ। ସେଠାରେ ଅସାମାଜିକ ଲୋକଙ୍କ ଆଡ୍ଡା ଜମିଛି। କିଛି ଲୋକ ମଦ ବେପାର କରୁଛନ୍ତି। ଫଳରେ ସେଠାରେ ମହିଳା, ଶିଶୁ ଓ ବିସ୍ଥାପିତମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାସହିତ ବିସ୍ଥାପିତଙ୍କୁ ସମ୍ପୂର୍ଣ୍ଣ କ୍ଷତିପୂରଣ ଟଙ୍କା ମିଳିନାହିଁ। ଅନେକ ଲୋକଙ୍କୁ ଘରଡିହ କି ଘର ମିଳିନାହିଁ। ଏଭଳି ପରିସ୍ଥିତିରେ ବିସ୍ଥାପିତ କରିଦେଇ ସରକାର ଚୁପ ବସିଯାଇଛନ୍ତି। ପ୍ରଶାସନିକ ଅଧିକାରୀ ଏବଂ ବିଭାଗୀୟ ଅଧିକାରୀ ମଧ କିଛି କରୁନାହାନ୍ତି ବୋଲି ଅଭିଯୋଗ କରିଥିଲେ। ପାଣି ବ୍ୟବସ୍ଥା ନ ହେଲେ ସେଠାରୁ ହଟିବେ ନାହିଁ ବୋଲି କହିଥିଲେ। ତୁରନ୍ତ ନଦୀ ପାଣି ଯୋଗାଇବାକୁ ଦାବି କରିଥିଲେ। ଲୋୟର ସୁକ୍‌ତେଲ ମୁଖ୍ୟନିର୍ମାଣ ଯନ୍ତ୍ରୀ ସୁରେନ୍ଦ୍ର ଭୋଇ, ଆର୍‌ଡବ୍ଲ୍ୟୁଏସ୍‌ଏସ୍ ସହକାରୀ ଯନ୍ତ୍ରୀ ଗୋପୀବଲ୍ଲଭ ପାଣିଗ୍ରାହୀ, ସଦର ଥାନା ଆଇଆଇସି ରାଜକୁମାର ବିଶ୍ୱାଳ, ଟାଉନଥାନା ଆଇଆଇସି ଅବନୀ କୁମାର ସାହୁଙ୍କ ଉପସ୍ଥିତିରେ ବିସ୍ଥାପିତଙ୍କ ସହ ଆଲୋଚନା ହୋଇଥିଲା। ତୁରନ୍ତ ପାଣି ଯୋଗାଣ କରାଯିବା ସହ ଠୋସ୍ ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକାରୀମାନେ ସେଠାରୁ ଫେରିଥିଲେ।

## ବ୍ରାହ୍ମଣ ସମାଜ ତରଫରୁ ରକ୍ତଦାନ ଶିବିର

କଣ୍ଟାବାଞ୍ଜି,୧୮।୮(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ବ୍ରାହ୍ମଣ ସମାଜ ତରଫରୁ ସୋମବାର ପ୍ରଥମ ଥର ପାଇଁ ରକ୍ତଦାନ ଶିବିର ସ୍ଥାନୀୟ ହରିଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ରକ୍ତଦାନ ଶିବିର ଅବସରରେ ଅନୁଷ୍ଠିତ ସଭାରେ ସ୍ଥାନୀୟ ବିଧାୟକ ଲକ୍ଷ୍ମଣ ବାଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମାଜର ସଭାପତି ଚିନ୍ମୟ କୁମାର ଯୋଷୀଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ସମ୍ପାଦକ ସରୋଜ କୁମାର ପଣ୍ଡା ସମାଜର ସମସ୍ତ ସଦସ୍ୟଙ୍କ ପ୍ରଚେଷ୍ଟାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିବାରୁ ସମସ୍ତ ରକ୍ତଦାତାଙ୍କୁ କୃତଜ୍ଞତା ଜଣାଇଥିଲେ। ସମାଜର ଦୁଇଜଣ ମହିଳା ସ୍ୱର୍ଣ୍ଣିମା ଠାକୁର ଓ ସମୀକ୍ଷା ପାଣିଗ୍ରାହୀ ସ୍ୱଇଚ୍ଛାରେ ରକ୍ତଦାନ କରିଥିବାରୁ ସମାଜ ତରଫରୁ ବିଧାୟକ ବାଗଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ରକ୍ତଦାନ ଶିବିରରେ ମୋଟ ୨୦ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ରକ୍ତଦାନ ଶିବିରକୁ ସ୍ଥାନୀୟ ବିଜୁ ପଟ୍ଟନାୟକ ରେଡକ୍ରସ ରକ୍ତଭଣ୍ଡାରର ଟେକ୍ନିସିଆନ ଗଜପତି ବେହେରା, ଶିବ ସାହୁ, କୁଣାଲ ଦାସ, ଗୁରୁବାରୁ ରଣା ପରିଚାଳନା ଓ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ।


ଶିବିରରେ ଜଣେ ରକ୍ତଦାତା ରକ୍ତଦାନ କରୁଛନ୍ତି।

## ବିଶ୍ୱବିଦ୍ୟାଳୟ ଉନ୍ନୟନ ପାଇଁ କୁଳପତିଙ୍କୁ ଖୁଚୁରା ପଇସା ଦେଲା ଛାତ୍ର ବିଜେଡି

ବଲାଙ୍ଗୀର,୧୮।୮ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ଲାଗି ରହିଥିବା ବିଭିନ୍ନ ସମସ୍ୟାର ସମାଧାନ ନ ହେବାରୁ ସୋମବାର ବିଜୁ ଛାତ୍ର ଜନତା ଦଳ ପକ୍ଷରୁ କୁଳପତିଙ୍କୁ ଖୁଚୁରା ପଇସା ଦେଇ ପ୍ରତିବାଦ କରାଯାଇଥିଲା। ଛାତ୍ର ବିଜେଡି ସଭାପତି ସୁମନ କୁମାର ନନ୍ଦଙ୍କ ନେତୃତ୍ୱରେ କେତେଜଣ କାର୍ଯ୍ୟକର୍ତ୍ତା ଏବଂ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ଖୁଚୁରା ପଇସା ସଂଗ୍ରହ କରି ବିଶ୍ୱବିଦ୍ୟାୟର କୁଳପତିଙ୍କ ଅଫିସକୁ ଆସିଥିଲେ। ସେଠାରେ କୁଳପତି ପ୍ରଫେସର ଉମାବଲ୍ଲଭ ମହାପାତ୍ରଙ୍କୁ ଉକ୍ତ ଖୁଚୁରା ପଇସା ଦେଇଥିଲେ। ଛାତ୍ର ବିଜେଡି ପକ୍ଷରୁ ସଭାପତି ନନ୍ଦ କହିଥିଲେ, ଦୀର୍ଘଦିନ ଧରି ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ପାନୀୟ ଜଳ ସମସ୍ୟା, ଟଏଲେଟ୍ ସମସ୍ୟା, ମୁଖ୍ୟ ରାସ୍ତା ନିର୍ମାଣ ସମସ୍ୟା, ଆଲୋକୀକରଣ ସମସ୍ୟା ଲାଗିରହିଛି। ଏସବୁ ସମସ୍ୟାର ସମାଧାନ ପାଇଁ ବିଜୁ ଛାତ୍ର ଜନତା ଦଳ କୁଳପତି ଓ ରେଜିଷ୍ଟ୍ରାରଙ୍କୁ ବାରମ୍ବାର ଜଣାଇଥିଲେ ବି ଫଣ୍ଡ ନ ଥିବା କଥା କୁହାଯାଉଥିଲା। ଏଣୁ ଏହାର ପ୍ରତିବାଦରେ ସୋମବାର ଛାତ୍ରୀଛାତ୍ର ଖୁଚୁରା ଅର୍ଥ ସଂଗ୍ରହ କରି କୁଳପତିଙ୍କୁ ଦେଇ ଏହାର ସମାଧନ କଥା କହିଛୁଁ ବୋଲି ଜଣାଇଥିଲେ। ବିଜୁ ଛାତ୍ର ଜନତା ଦଳର ରୋଶନ ସାହୁ, ମନୀଷ ସା, ଟିକେଶ୍ୱର ପୋଡ଼, ଆର୍ଯ୍ୟନ ରାଜା ପଟେଲ, ରୋଷନ କୁମାର ଦାସ, ବବୁଲ ବିଭାର, ସୁମିତ ଭୋଇ, ରଞ୍ଜନ ଦନ୍ତା, ସ୍ଥିତିପ୍ରଜ୍ଞା ରଥ, ଇତିଶ୍ରୀ ମାଛକୁଣ୍ଡ, ଭୋଜରଜ ଖଣ୍ଡଗିରି, ସୁନୀଲ ଦନ୍ତା, ଦିଲୋକେଶ, ସାଇହିଲ, ଶ୍ରୀତମ, ଶୁଭମ ଓ ଅନ୍ୟମାନେ ଉପସ୍ଥିତ ଥିଲେ। କୁଳପତି ପ୍ରଫେସର ମହାପାତ୍ର ଛାତ୍ରୀଛାତ୍ରଙ୍କ ଏଭଳି ପ୍ରତିବାଦକୁ ନେଇ ଅସନ୍ତୋଷ ଜାହିର କରିବା ସହ ଆଗକୁ ଛାତ୍ର ନିର୍ବାଚନ ଥିବାରୁ ଏଭଳି କରାଯାଇଥିବା କହିଥିଲେ। ତେବେ ବିଶ୍ୱବିଦ୍ୟାଳୟର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛିବୋଲିସେ ସୂଚନା ଦେଇଥିଲେ।

## ଭାନପୁର ପଞ୍ଚାୟତରେ ଅଭିଯୋଗ ଶୁଣାଣି ଶିବିର

ଖପ୍ରାଖୋଲ, ୧୮।୮(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଭାନପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ସରପଞ୍ଚ ରୀନା ଜାଲଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୧୧୨ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ରାଶନକାର୍ଡରେ ନାମ ଯୋଡିବା ସମ୍ପର୍କିତ ୫୧ଟି, ଆବାସ ଗୃହ ସମ୍ପର୍କିତ ୩, ଭତ୍ତା ସମ୍ପର୍କିତ ୨୭ଟି ଓ ଜମି ସମ୍ପର୍କିତ ୩୧ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ଜଣାଯାଇଛି। ସେହିପରି ସ୍ୱାସ୍ଥ୍ୟ ବିଭାଗ ତରଫରୁ ୫୮ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହି ଅବସରରେ ଜିପିଡିଓ ପରମେଶ୍ୱର ନାଏକ, ଏପିଓ ପ୍ରଶାନ୍ତ କୁମାର ସାହୁ, ବିଏସଏସ ଓ କନିଷ୍କ ବିଭାର, ଯୋଗାଣ ଅଧିକାରୀ ବିକାଶ ବାର୍ଲା ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ଆସ ସ୍କୁଲ ଯିବା ସଚେତନତା କାର୍ଯ୍ୟକ୍ରମ

ଖପ୍ରାଖୋଲ, ୧୮।୮(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଜବାହାର ଲାଲ ଉଚ୍ଚ ବିଦ୍ୟାଳୟରେ ଆସ ସ୍କୁଲ ଯିବା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ପାତ୍ର ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍କୁଲ ପରିଚାଳନା କମିଟି ସଭାପତି ସାଇରାମ ସାହୁ, ସ୍କୁଲ ଶିକ୍ଷକ ଅଜେୟ ଭୋଇ, ଲିଙ୍ଗରାଜ ମେହେର, ବିଜୟ ବେହେରା, ପ୍ରମୁଖ ସ୍କୁଲ ଚାଲ ଅଭିଯାନ ପାଇଁ ସ୍କୁଲ କମିଟି ଗଠନ ଓ କାର୍ଯ୍ୟକାରିତା ଉପରେ ଆଲୋଚନା କରିଥିଲେ । ଶେଷରେ ସ୍କୁଲର ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରାରେ ବାହାରି ପିଲାମାନଙ୍କୁ ସ୍କୁଲ ଯିବା ପାଇଁ ସଚେତନ କରିଥିଲେ। ତା’ ସହିତ ସ୍କୁଲରୁ ଡ୍ରପ୍‌ଆଉଟ ଛାତ୍ରୀଛାତ୍ରମାନଙ୍କୁ ସ୍କୁଲକୁ ପଠାଇବାକୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍କୁଲ ଅଭିଭାବକ ଓ କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ।



ସଚେତନତା କାର୍ଯ୍ୟକ୍ରମରେ ଗ୍ରାମବାସୀ ଓ ଶିକ୍ଷୟିତ୍ରୀ ଶିକ୍ଷକ।

## ଦାବିଦାର ଥିବା ଲୋଇସିଂହା ଉପେକ୍ଷିତ

ଲୋଇସିଂହା,୧୮।୮(ସୁଶାନ୍ତ ବାରିକ)

### ଲୋକଙ୍କ ସରକାରରେ ପ୍ରସ୍ତାବିତ ଲୋଇସିଂହା ଏନ୍‌ଏସିକୁ ଧୋକା

ରାଜ୍ୟ ସରକାର ନୂଆ ୧୨ ବିଜ୍ଞପିତ ଅଞ୍ଚଳ ପରିଷଦ (ଏନଏସି) ପାଇଁ ଶନିବାର ଡ୍ରାଫ୍ଟ ନୋଟିସ ଜାରି କରିଛନ୍ତି। ଏହି ତାଲିକାରେ ବଲାଙ୍ଗୀର ସଂସଦ କ୍ଷେତ୍ର ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ନାଁ ରହିଛି। ହେଲେ ପ୍ରସ୍ତାବିତ ଏନ୍‌ଏସି ମଧ୍ୟରେ ସବୁଠୁ ଆଗରେ ଦାବିଦାର ଥିବା ବଲାଙ୍ଗୀର ଜିଲା ଲୋଇସିଂହାକୁ ଉପେକ୍ଷିତ କରାଯାଇଛି। ଲୋଇସିଂହା ଆସନରୁ ଲଗାତାର ଭାବେ ୨ ଥର ଭାଜପା ବିଧାୟକ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ଲୋକଙ୍କ ସରକାରର ମନ୍ତ୍ରୀମଣ୍ଡଳୀରେ ସେ ଗୁରୁତ୍ୱପୂର୍ଣ୍ଣ ବିଭାଗ ହାତେଇଛନ୍ତି। ବିରୋଧୀ ସମୟରୁ ବିଧାୟକ ଏନଏସି ସପକ୍ଷରେ ଥିବାରୁ ରାଜ୍ୟ ସରକାର ଯେବେ ନୂତନ ଏନଏସି ଘୋଷଣା କରିବେ ସେତେବେଳେ ଲୋଇସିଂହାକୁ ପ୍ରାଥମିକତା ଦେବେ ବୋଲି ଲୋଇସିଂହାବାସୀ ଆଶାବାଦୀ ଥିଲେ। ହେଲେ ଡ୍ରାଫ୍ଟ ନୋଟିସରେ ଲୋଇସିଂହା ନାଁ ନ ଥିବାରୁ ତତ୍କାଳୀନ ବିଜେଡି ସରକାର ପରେ ବର୍ତ୍ତମାନର ସରକାର ମଧ୍ୟ ପ୍ରସ୍ତାବିତ ଲୋଇସିଂହା ଏନଏସିକୁ ଧୋକା ଦେଇଥିବା ନେଇ ସାଧାରଣରେ ମତପ୍ରକାଶ ପାଇଛି। ଅପରପକ୍ଷେ ତତ୍କାଳୀନ ବିଜେଡି ସରକାରଙ୍କୁ ଏନଏସି ପ୍ରସଙ୍ଗରେ ଗାଳି କରୁଥିବା ବର୍ତ୍ତମାନ ଶାସକ ଦଳର କର୍ମୀଙ୍କ ପାଟି ଚୁପ ହୋଇପଡିଛି। ଅନ୍ୟପକ୍ଷେ ବିରୋଧୀ ମଧ୍ୟ କୌଣସି ପ୍ରତିକ୍ରିୟା ପ୍ରକାଶ ନ କରିବା ଘଟଣା ସାଧାରଣରେ ଆଲୋଡନ ସୃଷ୍ଟି କରିଛି। ପ୍ରକାଶ ଯେ , ୧୯୫୭ରେ ଲୋଇସିଂହା ବିଧାନସଭା କ୍ଷେତ୍ର ଗଠନ ହୋଇ ନିର୍ବାଚନ ଅନୁଷ୍ଠିତ ହୋଇଆସୁଛି। ସୁବର୍ଣ୍ଣପୁର ଜିଲା ତରଭା ଏନଏସି ସମୟରୁ ଲୋଇସିଂହାକୁ ଏନଏସି କରିବାକୁ ଯୋଜନା ରଖିଥିଲେ ରାଜ୍ୟ ସରକାର। ପରବର୍ତ୍ତୀ ସମୟରେ ଜିଲାର ତୁଷୁରାକୁ ଏନଏସି ଘୋଷଣା କରିଥିଲେ। ଏହା ପରେ ୨୦୦୯ ମସିହାରୁ ଲୋଇସିଂହା ଓ ବୁର୍ଡା ଅଞ୍ଚଳବାସୀ ଲୋଇସିଂହାକୁ ଏନଏସି ପାଇଁ ଦାବି କରି ଆସୁଛନ୍ତି। ଆଞ୍ଚଳିକ ବିକାଶ ପରିଷଦ ଗଠନ କରାଯାଇ ଏନଏସି ଦାବିରେ ବିକ୍ଷୋଭ ଓ ଅନଶନ କରାଯାଇଛି। ୨୦୨୧ ମସିହା ଫେବୃୟାରୀ ୨୪ରେ ଆଞ୍ଚଳିକ ବିକାଶ ପରିଷଦର ଆହ୍ୱାନ କ୍ରମେ ବିଭିନ୍ନ ସଙ୍ଗଠନ ସାମିଲ ହୋଇ ମାସାଧିକ କାଳ ଯାଏ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ କରାଯାଇଥିଲା। ଏଥିରେ ସେତେବେଳେ ସ୍ଥାନୀୟ ବିଧାୟକ ମୁକେଶ ମହାଲିଙ୍ଗ ସାମିଲ ହୋଇଥିଲେ। ଏହାପରେ ଜିଲା ପ୍ରଶାସନର ଏକ ପ୍ରତିନିଧି ଧାରଣାସ୍ଥଳକୁ ଆସି ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତାବିତ ଏନଏସି ନେଇ ରାଜ୍ୟ ସରକାରଙ୍କୁ ଦିଆଯାଇଥିବା ସମସ୍ତ ଦସ୍ତାବିଜର ଏକ ନକଲ ଆନ୍ଦୋଳନକାରୀଙ୍କୁ ଦେଲା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ୨୦୨୪ ମେ ମାସରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ନିର୍ବାଚନ ପୂର୍ବରୁ ୨୪ ଫେବୃୟାରୀରେ ତତ୍କାଳୀନ ସରକାର ନୂତନ ୩୪ ଏନଏସି ଘୋଷଣା କରିଥିଲେ । ହେଲେ ସେଥିରେ ଲୋଇସିଂହାର ନାମ ନ ଥିଲା । ଏହାକୁନେଇ ଲୋଇସିଂହାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ୨୫ ଫେବୃୟାରୀରେ ଲୋଇସିଂହାକୁ ଏନଏସି ମାନ୍ୟତା ନ ମିଳିବା ପ୍ରତିବାଦରେ ଲୋଇସିଂହା ବନ୍ଦ ଡାକରା ଦିଆଯାଇଥିଲା। ଏଥିରେ ଭାଜପା ବିଧାୟକ ମୁକେଶ ମହାଲିଙ୍ଗ ସାମିଲ ହୋଇ ଆନ୍ଦୋଳନକାରୀଙ୍କ ସହ ବିକ୍ଷୋଭରେ ସାମିଲ ହୋଇଥିଲେ। ଲୋଇସିଂହା ଏନଏସି ଘୋଷଣା ହୋଇଥିଲେ କାଳେ ବିଧାୟକଙ୍କୁ ଶ୍ରେୟ ଚାଲିଯିବା ଭୟରେ ରାଜ୍ୟ ସରକାର ଓ ଜିଲା ପ୍ରଶାସନକୁ ବିଚାରବିମର୍ଷ କରି ଅନ୍ତରାୟ ସାଜିଲେ ବୋଲି ସେତେବେଳେ ଅଭିଯୋଗ କରିଥିଲେ। ବିଧାୟକ ମହାଲିଙ୍ଗ ଏବେ ଶାସକ ଦଳର ମନ୍ତ୍ରୀ ମଣ୍ଡଳରେ ସ୍ଥାନ ପାଇ ସୁଦ୍ଧା ଲୋଇସିଂହାକୁ ଉପେକ୍ଷିତ କରାଯିବା ଘଟଣାକୁ ନେଇ ଲୋକଙ୍କ ସରକାରରେ ପ୍ରସ୍ତାବିତ ଲୋଇସିଂହା ଏନଏସିକୁ ଧୋକା ବୋଲି ଅଞ୍ଚଳରେ ଆଲୋଚନା ଜୋର ଧରିଛି।

# ୭.୭୨କୁଇଣ୍ଟାଲ ଗଞ୍ଜେଇ ଜବତ

- ବୋଲେରୋ ପିକ୍ଅପ ଭ୍ୟାନ୍ ଜବତ
- କନ୍ଧମାଳ ଅଞ୍ଚଳରୁ ଚୋରାଚାଲାଣ ହେଉଥିଲା
- ଫେରାର ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସର ତନାଘନା


ଜବତ ଗଞ୍ଜେଇ ଓ ପିକ୍ଅପ୍ ଭ୍ୟାନ୍।

ସୋନପୁର/ତରଭା,୧୮।୮ (ମୃତ୍ୟୁଞ୍ଜୟ ଶତପଥୀ/ ମାନଭଞ୍ଜନ ମିଶ୍ର)

ବୌଦ୍ଧ ଜିଲ୍ଲା କନ୍ଧମାଳ ଥାନା ଅଞ୍ଚଳରୁ ବିପୁଳପରିମାଣର ଗଞ୍ଜେଇ ଚୋରାଚାଲାଣ ହେଉଥିବା ବେଳେ ସୁବର୍ଣ୍ଣପୁର ଜିଲା ତରଭା ପୋଲିସ ଏହାକୁ ଧରିଛି। ରବିବାର ବିଳମ୍ବିତ ରାତିରେ ତରଭା ଥାନା କମସରା ଡଙ୍ଗରତଳ ନିକଟରୁ ପୋଲିସ ଟିମ୍ ଚଢାଉ କରି ଗଞ୍ଜେଇ ବୋଝେଇ ବୋଲେରୋ ମାକ୍ସ ପିକ୍ଅପ୍ ଭ୍ୟାନ୍ ଜବତ କରିଛି। ଏହି ଘଟଣାରେ ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି। ସେମାନଙ୍କୁ ଧରିବା ପାଇଁ ପୋଲିସ ତନାଘନା ଜାରି ରଖିଥିବା ଏସ୍‌ପି ନାରାୟଣ ନାୟକ ସୋମବାର ସନ୍ଧ୍ୟାରେ ଜିଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଏସ୍‌ପିଙ୍କ କହିବା ଅନୁଯାୟୀ କନ୍ଧମାଳ ପଟୁ ଏକ ପିକ୍ଅପ୍ ଭ୍ୟାନ୍‌ରେ ବିପୁଳ ପରିମାଣର ଗଞ୍ଜେଇ ତରଭା ରାସ୍ତା ଦେଇ ଚାଲାଣ କରା ଯାଉଥିବା ଓ ୩ଟି ଏସକର୍ଟ ଟିମ୍ ଅଗରେ ସହାୟତା କରୁଥିବା ନେଇ ତାଙ୍କୁ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। ତେଣୁ ସେ ଗଞ୍ଜେଇ ଚୋରାଚାଲାଣ ହେଉଥିବା ତରଭା ଓ କମସରା ଅଞ୍ଚଳରେ ପାଟ୍ରୋଲିଂକୁ କଡାକଡି କରିବା ପାଇଁ ତରଭା ଆଇଆଇସିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଦୁଇଟି ପୋଲିସ ଟିମ୍‌ର ପାଟ୍ରୋଲିଂ ଯୋଗୁ ବ୍ୟବସାୟୀମାନେ ସିକ୍ରେଟ୍ ରୁଟ୍ କମସରା ରାସ୍ତାରେ ଗଞ୍ଜେଇ ଚାଲାଣ କରିବା ପାଇଁ ଉଦ୍ୟମ କରିଥିଲେ। ତେବେ ପୋଲିସ ପଇଁତରା ମାରିବା ଯୋଗୁ ଚୋରାଚାଲାଣକାରୀ ମାନେ କମସରା ଡଙ୍ଗରତଳ ନିକଟ ରାସ୍ତା ପାର୍ଶ୍ୱରେ ଗଞ୍ଜେଇ ବୋଝେଇ ପିକ୍ଅପ ଭ୍ୟାନ୍(ନଂ ଓଆର୧୯ଜି-୯୦୧୧)କୁ ଛାଡି ଫେରାର ହୋଇଯାଇଥିଲେ। ଏସଆଇ ମାରୁତ ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ପୋଲିସ ଟିମ୍ ଭ୍ୟାନ୍ ଡାଲା ତନଖି କରିବା ସମୟରେ ୨୪ଟି ବଡ ବ୍ୟାଗ୍‌ରେ ୭୭୩ଟି ଛୋଟ ଗଞ୍ଜେଇ ପ୍ୟାକେଟ୍ ଭର୍ତ୍ତି ହୋଇଥିବା ଦେଖିବାକୁ ପାଇଥିଲେ। ସାକ୍ଷୀ ଓ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରିବା ପରେ ମୋଟ ୭କୁଇଣ୍ଟାଲ ୭୨କିଲୋ ୮୦୦ଗ୍ରାମ ଗଞ୍ଜେଇ ମିଳିଥିଲା। ତରଭା ଥାନାରେ ଏନଡିପିଏସ ଆକ୍ଟରେ ମାମଲା (ନଂ. ୨୩୦/୨୫)ରୁଜୁ ହୋଇଛି। ତରଭା ଥାନା ନର୍ଡା ଅଞ୍ଚଳର ଅଶୋକ ସାହୁ ଏଥିରେ ମୁଖ୍ୟ ଅଭିଯୁକ୍ତ। ସେ ଏକାଧିକ ସହଯୋଗୀଙ୍କ ଦ୍ୱାରା ଏହି ଚୋରାଚାଲାଣ କରୁଥିବା ପୋଲିସକୁ ପ୍ରମାଣ ମିଳିଥିବା ଏସ୍‌ପି କହିଛନ୍ତି। ସେହିପରି ଜବତ ଗଞ୍ଜେଇର ସରକାରୀ ମୂଲ୍ୟ ୭୭ଲକ୍ଷ ୨୦ହଜାର ଟଙ୍କା। କଳା ବଜାରରେ ଏହାର ବେସରକାରୀ ମୂଲ୍ୟ ଦେଢ କୋଟିରୁ ଉର୍ଦ୍ଧ୍ୱ ହେବ ବୋଲି ଏସ୍‌ପି ନାୟକ ପ୍ରକାଶ କରିଛନ୍ତି। ତରଭା ଆଇଆଇସି ଅନିତା କିଡୋ ମାମଲାର ତଦନ୍ତ କରୁଛନ୍ତି।

## ୩ମାସରେ ୩୦କୁଇଣ୍ଟାଲ ଗଞ୍ଜେଇ ଜବତ, ୫୯ ଗିରଫ


ଏସ୍‌ପି ସୂଚନା ଦେଉଛନ୍ତି।

ସୁବର୍ଣ୍ଣପୁର ଜିଲାରେ ଗଞ୍ଜେଇ ଚାଷ ହେଉ ନଥିଲେ ମଧ୍ୟ ଜିଲାର ରାସ୍ତାଗୁଡିକ ଗଞ୍ଜେଇ ଚୋରାଚାଲାଣର କରିଡର ପାଲଟିଛି। ଏହାକୁ ରୋକିବା ପାଇ ଏସ୍‌ପି ନାରାୟଣ ନାୟକ ଗତ ମେ ମାସରୁ ଆରମ୍ଭ କରିଛନ୍ତି ଗଞ୍ଜେଇ ବିରୋଧି ଅଭିଯାନ। ଅଦ୍ୟାବଧି ୩ ମାସରେ ଜିଲା ପୋଲିସକୁ ଏକ୍ଷେତ୍ରରେ ବଡ ସଫଳତା ମିଳିଛି। ଅଦ୍ୟାବଧି ୩୯ଟି ମାମଲା ରୁଜୁ ହୋଇଥିଲା ବେଳେ ୫୯ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତଙ୍କ ନିକଟରୁ ୨ଟି ଟ୍ରକ, ୭ଟି ଚାରି ଚକିଆ ଯାନ, ଗୋଟିଏ ତିନି ଚକିଆ ଯାନ ଓ ୨୮ଟି ଦୁଇ ଚକିଆ ଯାନ ସମେତ ୩୦କୁଇଣ୍ଟାଲ ୨୧କିଲୋ ୫୦୫ଗ୍ରାମ ଗଞ୍ଜେଇ ସମେତ ନଗଦ ୨ଲକ୍ଷ ଟଙ୍କା ଜବତ ହୋଇଛି। ଜବତ ଗଞ୍ଜେଇର ସରକାରୀ ମୂଲ୍ୟ ୩କୋଟିରୁ ଉର୍ଦ୍ଧ୍ୱହେବ ବୋଲି ଜଣାପଡିଛି। ସେହିପରି ଅପରେଶନ ଗରୁଡରେ ସୁବର୍ଣ୍ଣପୁର ଜିଲା ରାଜ୍ୟରେ ଉତ୍ତମ ପ୍ରଦର୍ଶନ କରିଥିବା ଏସ୍‌ପି ସୂଚନା ଦେଇଛନ୍ତି।

## ଛତିଶଗଡ଼କୁ ଗଞ୍ଜେଇ ଚୋରାଚାଲାଣ, ୨ ଗିରଫ


ଗିରଫ ଅଭିଯୁକ୍ତ, ଜବତ ଗଞ୍ଜେଇ ଓ କାର୍।

### ୧.୮୪କୁଇଣ୍ଟାଲ ଗଞ୍ଜେଇ, କାର୍ ଜବତ

ସୋନପୁର,୧୮।୮(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ସୋନପୁର ଅବକାରୀ ଥାନା ପକ୍ଷରୁ ସହରର ବୁଢାରଜା ଛକ ନିକଟରେ ସୋମବାର ଚଢାଉ କରାଯାଇଥିଲା। ଏକ ମହିନ୍ଦ୍ରା ଏକ୍ସୟୁଭି ୭୦୦ କାର(ନଂ ଓଡି୧୫ଜେଡ-୯୦୧୩)କୁ ଅଟକ ରଖି ତନଖି ସମୟରେ ୧କୁଇଣ୍ଟାଲ ୮୪କିଲୋ ଗଞ୍ଜେଇ ମିଳିଥିଲା। ଗଞ୍ଜେଇ ଚୋରାଚାଲାଣରେ ସମ୍ପୃକ୍ତ ବୌଦ୍ଧ ଜିଲା କନ୍ଧମାଳ ଥାନା ରୁଣ୍ଡିମହୁଲ ଗାଁର ଅଭିମନ୍ୟୁ ସାହୁ(୪୨) ଓ ଠେଲୋକବେଡା ଗାଁର ବିଶ୍ୱାମିତ୍ର ବାଗ(୩୮)ଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତଦ୍ୱୟ ବୌଦ୍ଧ ଜିଲାର କନ୍ଧମାଳ ଅଞ୍ଚଳରୁ ବରଗଡ ରାସ୍ତା ଦେଇ ଛତିଶଗଡକୁ ଗଞ୍ଜେଇ ଚାଲାଣ କରୁଥିବା ଅବକାରୀ ବିଭାଗର ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଏ ନେଇ ସୋନପୁର ଅବକାରୀ ଥାନା ପକ୍ଷରୁ ଏକ ମାମଲା(ନଂ. ୮୬/୨୫) ରୁଜୁ ହୋଇଛି। ବିଭାଗ ପକ୍ଷରୁ ଗଞ୍ଜେଇ ଚାଲାଣରେ ବ୍ୟବହୃତ କାର ଓ ଗଞ୍ଜେଇ ଜବତ ହେବା ସହ ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅବକାରୀ ଜିଲା ମୋବାଇଲ୍ ୟୁନିଟ୍ ଇନ୍ସପେକ୍ଟର ହରପ୍ରସାଦ ରଣା, ସୋନପୁର ରେଞ୍ଜ ଇନ୍ସପେକ୍ଟର ପ୍ରକାଶ କୁମାର ସା, ସୋନପୁର ଅବକାରୀ ଥାନା ଓଆଇସି ଶାନ୍ତନୁ ପଟ୍ଟନାୟକ, ଏସଆଇ ବିଶ୍ୱନାଥ ଭୋଇ, ଏଏସଆଇ ସନ୍ତୋଷ କୁମାର ସ୍ୱାଇଁ ଓ ଲୋକନାଥ ବେହେରା ଚଢାଉରେ ସାମିଲ ଥିଲେ।

## ବଧୂ ନିର୍ଯାତନା ଅଭିଯୋଗ, ଥାନାରେ ମାମଲା

ବୀରମହାରାଜପୁର,୧୮।୮ (ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା କେନଝରିଆପାଲି ଗ୍ରାମର ଜଣେ ଯୁବତୀଙ୍କୁ ତାଙ୍କ ଶଶୁଘର ଲୋକେ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ପୀଡିତା ହସିନା ବେଗମ (୨୩)ଙ୍କ ଅଭିଯୋଗ ଆଧାରରେ ବୀରମହାରାଜପୁର ଥାନାରେ ଏକ ମାମଲା(ନଂ. ୧୮୩/୨୫) ରୁଜୁ କରି ତଦନ୍ତ ଚାଲିଥିବା ଏଏସଆଇ ଗଜାନନ ବେହେରା କହିଛନ୍ତି। ୨ବର୍ଷ ତଳେ ଛତିଶଗଡ ବିଲାସପୁରର ଅନହର ହୁସେନଙ୍କୁ ହସିନା ବିବାହ କରିଥିଲେ। ବିବାହର ୩ମାସ ପରେ ଶାଶୁଘର ଲୋକେ ହସିନାଙ୍କୁ ଶାରୀରିକ ଓ ମାନସିକ ଯନ୍ତ୍ରଣା ଦେବା ଆରମ୍ଭ କରିଥିଲେ। ଏହାପରେ ସେ କେନଝରିଆପାଲି ପଳାଇ ଆସିଥିଲେ। ପରେ ଶାଶୁ ଘର ଲୋକେ ଏଠାକୁ ଆସି ଆପୋଷ ବୁଝାମଣା କରି ଲୋକେ ହସିନାଙ୍କୁ ଘରକୁ ନେଇଥିଲେ। ଏହାପରେ ପୁଣି ଥରେ ଆରମ୍ଭ ହୋଇଥିଲା ନିର୍ଯାତନା। ଜୀବନରେ ମାରିଦେବା ଯୋଜନା କରୁଥିବା ବେଳେ ଛୋଟ ପୁଅକୁ ନେଇ ହସିନା କେନଝରିଆପାଲି ପଳାଇ ଆସିଛନ୍ତି।

## ମଦ ବିକ୍ରି ବନ୍ଦ ପାଇଁ ଅଣ୍ଟା ଭିଡ଼ିଲେ ମହିଳା

ବୀରମହାରାଜପୁର,୧୮।୮ (ଯୁଗଳ କିଶୋର ମିଶ୍ର)


ମଦ ବିକ୍ରି ବନ୍ଦ ପାଇଁ ଥାନାର ଦ୍ୱାରସ୍ଥ ହୋଇଥିବା ମହିଳାମାନେ।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନାର ଦ୍ୱାରସ୍ଥ ହୋଇ ଦାବି ପତ୍ର ଦେଇଛନ୍ତି ବାରଝୁଲା ଗ୍ରାମବାସୀ। ବାରଝୁଲା ଗ୍ରାମର ବିଭିନ୍ନ ସ୍ଥାନରେ ବେଆଇନଭାବେ ମଦ ବିକ୍ରି ହେଉଛି। ଗ୍ରାମବାସୀ ବାରଣ କଲେ ମଧ୍ୟ ମଦ ବ୍ୟବସାୟୀ କର୍ଣ୍ଣପାତ କରୁ ନାହାନ୍ତି। ଫଳରେ ଗ୍ରାମର ଯୁବପିଢ଼ି ମଦ ପିଇ ପଥଭ୍ରଷ୍ଟ ହେଉଛନ୍ତି। ଗ୍ରାମରେ ଚୋରି, ଡକାୟତି ଓ ଘରୋଇ କଳହ ଲାଗି ରହୁଛି। ଯୁବକ ମାନେ ମଦ ପିଇ ଅଶ୍ରାବ୍ୟ ଭାଷାରେ ଗାଳଗୁଲଜ କରୁଛନ୍ତି। ଫଳରେ ମହିଳାମାନେ ଘରୁ ବାହାରିବାକୁ ନିଜକୁ ସୁରକ୍ଷିତ ମନୁନାହାନ୍ତି। ଅନନ୍ୟୋପାୟ ହୋଇ ସୋମବାର ମହିଳାମାନେ ଗ୍ରାମରବୀରମହାରାଜପୁର ଥାନାର ଦ୍ୱାରସ୍ଥ ହୋଇ ଗ୍ରାମରେ ମଦ ବିକ୍ରି ବନ୍ଦ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି ।

## ରାଗିଂ ନିରୋଧୀ ସଚେତନତା କାର୍ଯ୍ୟକ୍ରମ

ବୌଦ୍ଧ,୧୮।୮(ଅଜିତ କୁମାର ବାରିକ)



ଛାତ୍ରୀଛାତ୍ରଙ୍କ ଦ୍ୱାରା ସଚେତନତା ରାଲି।

ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ପରିସରରେ ରାଗିଂ ସଚେତନତା କାର୍ଯ୍ୟକ୍ରମ ସୋମବାର ଉଦ୍‌ଯାପିତ ହୋଇଛି। ଗତ ଅଗଷ୍ଟ ୮ ତାରିଖଠାରୁ ଆରମ୍ଭ ହୋଇଥିବା ଏହି ସଚେତନତା ଶିବିରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ତର୍କ, ପୋଷ୍ଟର, ପ୍ଲାକାଡ, ସ୍ଲୋଗାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମର ସଂଯୋଜିକା ଅଧ୍ୟାପିକା ସୁଜାତା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ନିରଞ୍ଜନ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ରାଗିଂ ଭଳି କୁକର୍ମଠାରୁ ଦୂରେଇ ରହିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଭଗବାନ ମହାକୁଡ ଓ ଅଧ୍ୟାପିକା ଗୀତାଞ୍ଜଳି ମହାପାତ୍ର ରାଗିଂ ନେଇ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ପ୍ରବୀର ଦାସ ଯୋଗଦେଇ ରାଗିଂ ଏକ ଦଣ୍ଡନୀୟ ଅପରାଧ ବୋଲି କହିଥିଲେ। ଅଧ୍ୟାପକ ସଦାନନ୍ଦ ମାହାର ଧନ୍ୟବାଦ ପ୍ରଦାନ କରିଥିଲେ। ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଏକ ସଚେତନ ରାଲି ପରିକ୍ରମା କରିଥିଲା।

## ଚିକିତ୍ସା ବ୍ୟବସ୍ଥାରେ ସୁଧାର ଆଣିବା ନେଇ ଆଲୋଚନା

### ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

ତରଭା, ୧୮।୮(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ଏଇଏସ କଲେଜର ଅବସରପ୍ରାପ୍ତ ପୂର୍ବତନ ଅଧକ୍ଷା ସଂଯୁକ୍ତା ବାଇ ଗତ ୧୪ ତାରିଖ ରାତିରେ ଅସୁସ୍ଥ ହୋଇ ପଡିବା ପରେ ତାଙ୍କ ସ୍ୱାମୀ ଅକ୍ଷୟ ବାଘ ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଏହି ସମୟରେ ଏମରର୍ଜେନ୍ସି ଡ୍ୟୁଟିରେ ଥିବା ଡ଼ାକ୍ତର କୌଣସି ପ୍ରାଥମିକ ଚିକିତ୍ସା ନ କରି ବଲାଙ୍ଗୀର ରେଫର କରି ଦେଇଥିଲେ। ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ରୋଗୀଙ୍କୁ ବଲାଙ୍ଗୀର ନିଆଯାଇଥିଲା। ହେଲେ ବଲାଙ୍ଗୀରରେ ସଂଯୁକ୍ତାଙ୍କ ମୃତ୍ୟୁ ଘଟିଥିଲା। ତରଭା ହସ୍ପିଟାଲରେ ପ୍ରାଥମିକ ଚିକିତ୍ସା ମିଳିଥିଲେ ତାଙ୍କ ଜୀବନ ରକ୍ଷା କରାଯାଇ ପାରିଥାନ୍ତା ବୋଲି ସାଧାରଣରେ ଆଲୋଚନା ହୋଇଥିଲା। ଏହି ଘଟଣାର ତରଭା ବ୍ଲକର ସାମ୍ବାଦିକମାନେ ସୋମବାର ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା ସୁଶାନ୍ତ କୁମାର ପଟେଲଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ସୋନପୁର ଡିପିଏମ ରୂପକ ମହାପାତ୍ର, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଅଧିକାରୀ ଡା.ଶ୍ୟାମସୁନ୍ଦର ରଥ, ଆଶା କୋଅର୍ଡ଼ିନେଟର ତରଣୀସେନ ପଧାନ, ପିଏଚ୍ଓ ଅନିତା ଚାନ୍ଦ ଉପସ୍ଥିତ ଥିଲେ। ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟାକୁ ନେଇ ଆଲୋଚନା ହୋଇଥିଲା। ଡାକ୍ତରମାନେ ନିୟମିତ ଆସୁ ନ ଥିବା ଓ ଚିକିତ୍ସା ରେ ଅବହେଳା କରୁଥିବା ଅଭିଯୋଗ ହୋଇଥିଲା। ଏହା ବ୍ୟତୀତ ଡାକ୍ତରଖାନାରେ ଇସିଜି, ଅଲଟ୍ରାସାଉଣ୍ଡ ମେଶିନର ସଦ୍‌ବିନିଯୋଗ କରି ରୋଗୀଙ୍କୁ ଉତ୍ତମ ସେବା ଯୋଗାଇ ଦେବା ପାଇଁ ସାମ୍ବାଦିକମାନେ ଅନୁରୋଧ କରିଥିଲେ। ସମସ୍ତ ଅଭିଯୋଗ ଶୁଣିବା ପରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼ା ପଟେଲ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଅଧିକାରୀ ଡା.ଶ୍ୟାମସୁନ୍ଦର ରଥ ତରଭା ବ୍ଲକ ତଥା ଏନ୍ଏସିରେ ସଚେତନତା ଅଭାବରୁ ଲୋକେ ଫାଇଲେରିଆ ମେଡ଼ିସିନ ଖାଉ ନଥିବା ସୂଚନା ଦେଇଥିଲେ। ଏ ଦିଗରେ ସଚେତନା ସୃଷ୍ଟି ପାଇଁ କମେ କରିବାକୁ ସେ ସାମ୍ବାଦିକମାନଙ୍କ ସହଯୋଗ ଲୋଡିଥିଲେ।

## ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଶିବିର



ମେଘଲା ପଞ୍ଚାୟତ କାର୍ଯ୍ୟାଳୟରେ ଜିଲାପାଳ ଅଭିଯୋଗପତ୍ର ଗ୍ରହଣ କରୁଛନ୍ତି।

ବିନିକା, ୧୮।୮(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ମେଘଲା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଡ. ନୃପରାଜ ସାହୁ, ଏସ୍‌ପି ନାରାୟଣ ନାଏକ ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୧୮୫ ଅଭିଯୋଗର ଶୁଣାଣି କରିଥିଲେ। ତନ୍ମଧ୍ୟରୁ ୧୬୭ଟି ବ୍ୟକ୍ତିଗତ ଓ ୧୮ଟି ସାମୂହିକ ଦରଖାସ୍ତ ଥିଲା। ସମସ୍ତ ଅଭିଯୋଗଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଡ଼ିଓ ମଞ୍ଜୁ ଖମାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ଅତିରିକ୍ତ ଜିଲାପାଳ(ରାଜସ୍ୱ)ରାଜେନ୍ଦ୍ର ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲା ପରିଷଦ ଅଶ୍ୱିନୀ କୁମାର ମେହେର, ଉପ ଜିଲାପାଳ ସୋନପୁର ସୌମ୍ୟରୂପା ରଥଙ୍କ ସମେତ ବିନିକା ତହସିଲଦାର, ବିଭିନ୍ନ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ଯୋଗଦାନ କରିଥିଲେ।

## ଶିବିରରେ ୬୦ ୟୁନିଟ ରକ୍ତ ସଂଗ୍ରହ


ଶିବିରରେ ମୁଖ୍ୟ ଅତିଥି ବିଧାୟକ ଓ ଅନ୍ୟମାନେ।

ବୌଦ୍ଧ,୧୮।୮(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ଦହ୍ୟାସ୍ଥିତ ଜୀବନ ବିକାଶ ଡିଗ୍ରୀ ମହାବିଦ୍ୟାଳୟରେ ଯୁବ ରେଡକ୍ରସ ପକ୍ଷରୁ ସୋମବାର ମହାବିଦ୍ୟାଳୟ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କନ୍ଧମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ଓ ସମ୍ମାନିତ ଅତିଥି ଭାବେ ବୌଦ୍ଧ ଜିଲାପାଳ ବିଭୂତି ଭୂଷଣ ନାୟକ, ଜିଲା ଆରକ୍ଷୀ ଅଧୀକ୍ଷକ ରାହୁଲ ଗୋଏଲ, ପୂର୍ବତନ ରାଜ୍ୟ ବୟନିକା ସଭାପତି ଶେଷ କୁମାର ମେହେର, ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି କିଶୋର ମେହେର, ବିଡିଓ ଯୁଧିଷ୍ଠିର ମେହେର, ମନୁପାଲି ସରପଞ୍ଚ ଭାରତୀ ମଲିକ, ରକ୍ସା ସରପଞ୍ଚ ବିଭୂତି ଭୂଷଣ ଡାଙ୍ଗ ପ୍ରମୁଖ ଯୋଗଦେଇଥିଲେ। ବାଉଁଶୁଣି ମେଡିକାଲର ଡାକ୍ତର ବିମଳ କୁମାର ସାହୁ, ବୌଦ୍ଧ ବ୍ଲକ ବ୍ୟାଙ୍କ କର୍ମଚାରୀ ଦିଲୀପ କୁମାର ଭୋଇ, ପ୍ରମୋଦ କୁମାର ମହାରଣା, ସୁରଜ କୁମାର ଭୁକ୍ତା, ଯଦୁ ଶବର ଯୋଗ ଦେଇ ରକ୍ତ ସଂଗ୍ରହ କରିଥିଲେ। ଶିବିରରେ ୬୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ରକ୍ସା ପାକ୍ସ ସଭାପତି ଶିବଶଙ୍କର କର୍ଣ୍ଣ, ଶାନ୍ତନୁ ଥାଟି, ଶମ୍ଭୁ ମଲିକ, ପୁରୋହିତ ସୁନା, ରବୀନ୍ଦ୍ର ସାହୁ, ରାଜେନ୍ଦ୍ର ମେହେର, ଲକ୍ଷିନ୍ଦ୍ର ଦେହୁରୀ ଓ କଲେଜ ଅଧକ୍ଷ ସୁଶାନ୍ତ କୁମାର ଗୁରୁ, ଅଧ୍ୟାପକ ଗୋପବନ୍ଧୁ ରାଜହଂସ ପ୍ରମୁଖ ସହଯୋଗ କରିଥିଲେ।

## ସରସ୍ୱତୀ ଓ ବୁଦ୍ଧଦେବ ପୁଣି ଏକାଠି ହେଲେ

ସୋନପୁର,୧୮।୮(ମୃତ୍ୟୁଞ୍ଜୟ ଶତପଥୀ)


ଡିଏଲଏସଏ ସଚିବ, ରିଟେନରଙ୍କ ସହିତ ସରସ୍ୱତୀ ଓ ବୁଦ୍ଧଦେବ।

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନା ଅଞ୍ଚଳର ସରସ୍ୱତୀ ମେହେର ଓ ବୁଦ୍ଧଦେବ ଗୁରୁ ମନୋମାଳିନ୍ୟ ଭୁଲି ପୁଣି ଏକାଠି ହୋଇଛନ୍ତି। ସୋମବାର ସେମାନେ ନିଜର ବୈବାହିକ ଜୀବନରେ ସୁଖ ଓ ସମୃଦ୍ଧି ଆଣିବା ପାଇଁ ଶପଥ ନେଇଛନ୍ତି। ସୂଚନା ଅନୁଯାୟୀ ନିର୍ମାଣ ଶ୍ରମିକଭାବେ କାମ କରୁଥିବା ବୁଦ୍ଧଦେବ ୮ ବର୍ଷ ପୂର୍ବରୁ ସରସ୍ୱତୀଙ୍କୁ ବିବାହ କରିଥିଲେ। ଉଭୟଙ୍କର ୭ ବର୍ଷ ଓ ଅଢେଇ ବର୍ଷର ଦୁଇଟି ସନ୍ତାନ ଥିଲେ। ତେବେ ପାରିବାରିକ ମନୋମାଳିନ୍ୟ ଓ ଶାରୀରିକ ଏବଂ ମାନସିକ ନିର୍ଯାତନା ଯୋଗୁ ସରସ୍ୱତୀ ଗତ ଅଗଷ୍ଟ ୧୧ତାରିଖରେ ନିଜ ସ୍ୱାମୀଙ୍କୁ ଛାଡି ସୁବର୍ଣ୍ଣପୁର ଜିଲା ଆଇନ ସେବା ପ୍ରାଧିକରଣ(ଡିଏଲଏସଏ)ର ଦ୍ୱାରସ୍ଥ ହୋଇଥିଲେ। ଜିଲା ଆଇନ ସେବା ପ୍ରାଧିକରଣର ହସ୍ତକ୍ଷେପ ପରେ ସରସ୍ୱତୀ ନିଜ ପିଲାଙ୍କ ସହିତ ସ୍ଥାନୀୟ ସ୍ୱଧାର ଗୃହରେ ରହୁଥିଲେ। ତେବେ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସ୍ତ୍ରୀ ଓ ସ୍ୱାମୀଙ୍କ ମଧ୍ୟରେ ଆପୋଷ ମିଳାମିଶା ପାଇଁ ଉଦ୍ୟମ ହୋଇଥିଲା। ସୋମବାର ପ୍ରାଧିକରଣର ସଚିବ ଦେବାଶିଷ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ତଥା ଫ୍ରଣ୍ଟ ଅଫିସ ରିଟେନର ସନ୍ତୋଷ ମେହେରଙ୍କ ଉଦ୍ୟମ କ୍ରମେ ଉଭୟ ସରସ୍ୱତୀ ଓ ବୁଦ୍ଧଦେବ ପୁଣି ଏକାଠି ରହିବା ପାଇଁ ନିଷ୍ପତ୍ତି ନେଇଥିଲେ।

## ଟାଏକୋଣ୍ଡୋରେ ଜିତିଲେ ସ୍ୱର୍ଣ୍ଣ

## ବିଦେଶରେ ଚମକିଲେ ବିନିକା ଝିଅ ଅନୁଷ୍କା

ବିନିକା, ୧୮।୮(ରାମ ଗୋପାଳ ବାଘ)

ମାଲେସିଆରେ ନିଲାଇ ଇଣ୍ଡୋର ଷ୍ଟାଡିୟମରେ ଆୟୋଜିତ ଅନ୍ତର୍ଜାତୀୟ ଟାଏକୋଣ୍ଡୋ ଚାମ୍ପିୟନଶିପରେ ସଫଳତା ପାଇଛନ୍ତି ସୁବର୍ଣ୍ଣପୁର ଜିଲା ବିନିକାର


ଅନୁଷ୍କା ଦାଶ

ଅନୁଷ୍କା ଦାଶ। ପ୍ରତିଯୋଗିତାର ପ୍ରତ୍ୟେକ ରାଉଣ୍ଡରେ ସଫଳତା ସହ ଫାଇନାଲରେ ଅନୁଷ୍କା ସ୍ୱର୍ଣ୍ଣ ପଦକ ଜିତିଥିବା ତାଙ୍କ କୋଚ ଏହେସାସ ହୋତା ସୂଚନା ଦେଇଛନ୍ତି। ଅନୁଷ୍କାଙ୍କ ଏହି ବିଦେଶ ଗସ୍ତ ପାଇଁ ଏମ୍‌ସିଏଲ ପକ୍ଷରୁ ସହାୟତା ପ୍ରଦାନ କରାଯାଇଥିଲା। ଏହି ସଫଳତା ପରେ ଏମ୍‌ସିଏଲ କର୍ତ୍ତୃପକ୍ଷଙ୍କ ସହ ରାଜ୍ୟ ଟାଏକୋଣ୍ଡୋ ସଂଘ ସମ୍ପାଦକ ମନମୋହନ ଭଞ୍ଜ, ସୁବର୍ଣ୍ଣପୁର ଜିଲା କ୍ରୀଡା ଅଧିକାରୀଚିତ୍ତରଞ୍ଜନମିଶ୍ର, ବିନିକାକ୍ରୀଡାସଂଘ ସମେତ ଅନ୍ୟାନ୍ୟ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ଅନୁଷ୍କାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହେସାସ ଟାଏକୋଣ୍ଡୋ ଏକାଡେମୀ ଭୁବନେଶ୍ୱରରେ ରହି ତାଲିମ ନେଉଥିଲେ। ୧୫ ଅଗଷ୍ଟରୁ ୧୭ ଅଗଷ୍ଟ ପର୍ଯ୍ୟନ୍ତ ଅନୁଷ୍ଠିତ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଭାରତ ସମେତ ଚାଇନା, ତାଇପେଇ, ଇଣ୍ଡୋନେସିଆ, ଥାଇଲାଣ୍ଡ, ଫିଲିପାଇନ୍ସ, ଅଷ୍ଟ୍ରେଲିଆ, ସିଙ୍ଗାପୁର, କୋରିଆ, ହଙ୍ଗକଙ୍ଗ, ନେପାଳ ଆଦି ଦେଶର ଖେଳାଳି ଅଂଶଗ୍ରହଣ କରିଥିଲେ।

## ଦୁରଦୁରା ମହାନଦୀ ଘାଟରେ କୁମ୍ଭୀର

ଅମରପାଲି,୧୮।୮(ପୀତାମ୍ବର ସାହୁ)

### ନଦୀକୁ ନ ଯିବାକୁ ବନ ବିଭାଗ ସତର୍କ କଲା


ଦୁରଦୁରାରେ ବନ ବିଭାଗ ତରଫରୁ ନଦୀକୁ ନ ଯିବା ପାଇଁ ସତର୍କ କରାଯାଉଛି।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ରେଞ୍ଜ ଅନ୍ତର୍ଗତ ପିତାମହୁଲ ପଞ୍ଚାୟତର ଦୁରଦୁରା ଗ୍ରାମ ନିକଟ ମହାନଦୀ ଘାଟରେ କୁମ୍ଭୀର ଦେଖିବାକୁ ମିଳିଛି। ଫଳରେ ନଦୀକୁ ଗାଧୋଇ ଯାଉଥିବା ଲୋକେ ଆତଙ୍କିତ ହୋଇ ପଡିଛନ୍ତି। ସୋମବାର ପୂର୍ବାହ୍ନରେ କେତେଜଣ ମତ୍ସ୍ୟଜୀବୀ ମହାନଦୀକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ଦୁରଦୁରା ଘାଟରେ ଏକ କୁମ୍ଭୀର ଦେଖିବାକୁ ପାଇଥିଲେ। ଭୟରେ ସେମାନେ ନଦୀରୁ ଫେରି ଆସିଥିଲେ। ସେହି ସମୟରୁ ଲୋକେ ଆଉ ନଦୀକୁ ସ୍ନାନ ଶୌଚ ପାଇଁ ଯାଉନାହାନ୍ତି। ଏନେଇ ବୀରମହାରାଜପୁର ଅତିରିକ୍ତ ବନ ସଂରକ୍ଷକ ତଥା ରେଞ୍ଜ ଦାୟିତ୍ୱରେ ଥିବା ରେଞ୍ଜର ଅବିନାଶ ବରିହା ଅନ୍ୟ ବନ କର୍ମଚାରୀଙ୍କ ସହିତ ଘଟଣାସ୍ଥଳକୁ ଯାଇ ସ୍ଥିତି ନିରୀକ୍ଷଣ କରିଥିଲେ। ପରବର୍ତ୍ତୀ ସମୟରେ ଦୁରଦୁରା ବନପାଳ ଲିଙ୍ଗରାଜ ନାଏକଙ୍କ ତତ୍ତ୍ୱାବଧାନରେ ବନ ବିଭାଗର ଏକ ଟିମ୍ ଦୁରଦୁରା ଓ ଟେଢାପଦର ସମେତ ନଦୀଖଣ୍ଡି ଜନ ବସତି ଅଞ୍ଚଳକୁ ଯାଇ ଲୋକଙ୍କୁ ନଦୀକୁ ନ ଯିବାକୁ ସଚେତନ କରିଛନ୍ତି। ବନ ବିଭାଗ ଏହା ଉପରେ ତୀକ୍ଷଣ ନଜର ରଖିଥିବା ସହକାରୀ ବନ ସଂରକ୍ଷକ ବରିହା କହିଛନ୍ତି।

**ବଜ୍ରପାତରେ ୧୫ ଛେଳି ମୃତ**

ସୁନ୍ଦରଗଡ (ଜୟ ନାରାୟଣ ମେଣ୍ଡୁଲି): ସୋମବାର ସନ୍ଧ୍ୟାରେ ସୁନ୍ଦରଗଡ ଜିଲା ସବ୍‌ଡେଗା ବ୍ଲକ ରେବଡାମାଲ ଗ୍ରାମରେ ବଜ୍ରପାତରେ ୧୫ଟି ଛେଳିଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ, ଗ୍ରାମର ଉରସେଲା ତିର୍କୀ ନାମକ ଜଣେ ମହିଳା ଛେଳି ଚାଷ କରିଛନ୍ତି। ଛେଳି ଚରିବା ପାଇଁ ନିକଟ ପଡିଆକୁ ଯାଇଥିଲେ। ଅପରାହ୍ନ ପ୍ରାୟ ୩ଟାରେ ବ୍ରଜପାତରେ ୧୫ ଛେଳିଙ୍କ ମୃତ୍ୟୁ ଘଟିଥିଲା। ୨ ଟି ଛେଳିକୁ ଚିକିତ୍ସା ନିମନ୍ତେ ଜିଲା ପ୍ରାଣୀ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଉରସେଲା ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ପ୍ରଶାସନ ସହଯୋଗ କରିବା ପାଇଁ ଦାବି କରିଛନ୍ତି।

## ସଂକ୍ଷେପରେ

### ନାବାଳିକା ବଳାତ୍କାରୀଙ୍କୁ ୧୦ବର୍ଷ କାରାଦଣ୍ଡ

**ସୁନ୍ଦରଗଡ,୧୮।୮(ଜୟ ନାରାୟଣ ମେଣ୍ଡୁଲି):** ସୁନ୍ଦରଗଡ ଅତିରିକ୍ତ ଜିଲା ଦୌରାଜଜ ତଥା ପକ୍ସୋ କୋର୍ଟର ପ୍ରିଜାଇଡିଂ ଅଫିସର ସୋମବାର ଏକ ନାବାଳିକା ବଳାତ୍କାର ମାମଲାର ଶୁଣାଣି କରି ଅଭିଯୁକ୍ତ ମାଧବ ଲାକଡା (୫୪)ଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ଅଭିଯୁକ୍ତଙ୍କୁ ୩୦ ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ୧ ବର୍ଷ ସଶ୍ରମ କାରାଦଣ୍ଡ ସକାଶେ କୋର୍ଟ ତାଙ୍କ ରାୟରେ ଆଦେଶ କରିଛନ୍ତି। ରାୟ ଶୁଣାଣି ପରେ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ମାମଲାର ରାୟ ବିବରଣୀରୁ ପ୍ରକାଶ ଯେ, ସୁନ୍ଦରଗଡ ଜିଲା କଞ୍ଚିରିକେଲା ଥାନା ଅଞ୍ଚଳର ପିଡିତା ନାବାଳିକା ଜଣକ ଗତ୧୭/୧୧/୨୦୨୦ ରିଖ ଅପରାହ୍ନ ପ୍ରାୟ ୪ଟାରେ ଗୋରୁ ଚରାଇ ଘରକୁ ଫେରୁଥିଲେ। ଏହି ସମୟରେ ଅଭିଯୁକ୍ତ ଜଣକ ତାଙ୍କୁ ବଳପୂର୍ବକ ଟାଣି ନେଇ ପାଖରେ ଥିବା ଏକ ଭଙ୍ଗା ଅଙ୍ଗନୱାଡି ଘରଭିତରେ ବଳତ୍କାର କରିଥିଲେ। ପିଡିତା ଜଣକ ପାଟିତୁଣ୍ଡ କରିବାରୁ ଏ ବିଷୟରେ କାହାକୁ କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇ ଫେରାର ହୋଇଯାଇଥିଲେ। ପରେ ପିଡିତା ଜଣକ ଘରେ ଆସି ତାଙ୍କ ମା'ଙ୍କୁ ଜଣାଇଥିଲେ। ଏହାପରେ ପିଡିତାଙ୍କ ବାପା ଏ ସମ୍ପର୍କରେ ୧୯ତାରିଖରେ କିଞ୍ଚିରିକେଲା ଥାନାରେ ରିପୋର୍ଟ କରିଥିଲେ। ରିପୋର୍ଟ ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ଡାକ୍ତରୀ ମାଇନା କରି ତାଙ୍କ ବିରୋଧରେ ବଳତ୍କାର ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିଲା। କୋର୍ଟ ପିଡିତାଙ୍କୁ ୭ଲକ୍ଷ ଟଙ୍କା ସରକାରଙ୍କ ତରଫରୁ ଅନୁକମ୍ପା ସହାୟତା ରାଶି ପ୍ରଦାନ ନିମନ୍ତେ ଜିଲା ଆଇନ ସେବା ପ୍ରାଧୀକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ତରଫରୁ ପୋକସୋ କୋର୍ଟରେ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଦେବାଶିଷ ମିଶ୍ର ଏହି ମାମଲାର ପରିଚାଳନା କରୁଥିଲେ।

### ଉପଖଣ୍ଡସ୍ତରୀୟ ଶିକ୍ଷକ ସମ୍ମିଳନୀ

**ବଣାଇଁ,୧୮।୮(ପ୍ରଦୀପ ତ୍ରିପାଠୀ):** ଗୁରୁଣ୍ଡିଆ ସିଡିପିଓ ସଭାଗୃହଠାରେ ଗୁରୁଣ୍ଡିଆ ପ୍ରାଥମିକ ଶିକ୍ଷକ ସଂଘ ଆନୁକୂଲ୍ୟରେ ଉପଖଣ୍ଡ ସ୍ତରୀୟ ଶିକ୍ଷକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଯୋଗଦେଇଥିଲେ। ମୁଖ୍ୟବକ୍ତାଭାବେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ଓଡ଼ିଶାର ସଭାପତି ବ୍ରହ୍ମାନନ୍ଦ ମହାରଣା, ସମ୍ମାନିତ ଅତିଥି କୋଷାଧ୍ୟକ୍ଷ ଗୋପାଳ ସେନ, ଗୁରୁଣ୍ଡିଆ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ନରେନ୍ଦ୍ର ସୁନ୍ୟାନି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତ୍ରିଲୋଚନ ସାହୁ, ଶିକ୍ଷକ ନେତା ଧରଣୀଧର ମଲ୍ଲିକ, ମନୋଜ କୁମାର ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ବରିଷ୍ଠ ଶିକ୍ଷକ ଜୟପ୍ରକାଶ ଚୌଧୁରୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମନୋଜ ପାତ୍ର ବିବରଣୀ ପଠନ କରିଥିଲେ। ଉପସ୍ଥିତ ଅତିଥିମାନେ ଜାତୀୟ ଶିକ୍ଷାନୀତିରେ ପ୍ରାଥମିକ ଶିକ୍ଷା ଓ ଶିକ୍ଷକଙ୍କ ସ୍ଥିତି ଉପରେ ବିସ୍ତୃତ ଆଲୋଚନା କରିଥିଲେ। କୋଇଡ଼ା, ଲହୁଣିପଡ଼ା, ବଣାଇଁ ଓ ଗୁରୁଣ୍ଡିଆ ବ୍ଲକରୁ ଶତାଧିକ ଶିକ୍ଷକ ଉପସ୍ଥିତ ଥିଲେ। ଏହି ଅବସରରେ ବିଧାୟକ ଘୋଷଣା କରିଥିଲେ, ଗୁରୁଣ୍ଡିଆରେ ଏକ ଶିକ୍ଷକ ଭବନ ନିର୍ମାଣ ନିମନ୍ତେ ପ୍ରଥମ ପର୍ଯ୍ୟାୟରେ ୬ ଲକ୍ଷ ଅନୁଦାନ ମଞ୍ଜୁର ହୋଇଛି। ଆହୁରି ଅନୁଦାନ ପାଇଁ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ଶିକ୍ଷକ ସଂଘ ତରଫରୁ ବିଭିନ୍ନ ସମସ୍ୟା ଏବଂ ନ୍ୟାଯ୍ୟ ଦାବି ପୂରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଧାୟକଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ସନ୍ତୋଷ ନାଗ ଧନ୍ୟବାଦ ଅର୍ପଣ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ସଭ୍ୟାରାଣୀ ପଟେଲ, କଲ୍ୟାଣୀ ପଟେଲ, ବନ୍ଦନା ଦାସ ଅତିଥିଙ୍କୁ ସମ୍ମାନିତ କରିଥିଲେ ।

# ଖଣି ସମ୍ମୁଖରେ ଖଣ୍ଡଯୁଦ୍ଧ



ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଲୋକଙ୍କ ସହ ଆଲୋଚନା କରୁଛନ୍ତି।

**ଟେନ୍‌ସା,୧୮।୮(ସମୀର କୁମାର ପାଢ଼ୀ)**

- ସିଆଇଟିୟୁର ବିକ୍ଷୋଭ ପ୍ରଦର୍ଶନ ବେଳେ ସ୍ଥାନୀୟ ଲୋକଙ୍କ ବିରୋଧ
- ଠେଲାପେଲା ଧସ୍ତାଧସ୍ତି, ଥାନାରେ ଅଭିଯୋଗ

ସୁନ୍ଦରଗଡ଼ ଜିଲା କୋଇଡା ଖଣି ମଣ୍ଡଳ ଅଧୀନସ୍ଥ କୋଇଡା ଲୌହଖଣି ପୂର୍ବରୁ ଏସେଲ ମାଇନିଂ ଆଣ୍ଡ ଇଣ୍ଡଷ୍ଟ୍ରିଜ୍ ଅଧୀନରେ ପରିଚାଳିତ ହେଉଥିଲା। ଲିଜ୍ ଅବଧି ଶେଷ ହେବା ପରେ ନୂତନ ଖଣି ନିଲାମ ପ୍ରକ୍ରିୟାରେ ଉକ୍ତ ଲୌହଖଣିକୁ ଜିଭିପିଆର୍ ଇଞ୍ଜିନିୟରିଂ ଲିମିଟେଡ୍ ନାମକ କମ୍ପାନୀ ନେଇଥିଲା ଏବଂ ଅଗଷ୍ଟ ୭ ତାରିଖରେ ଖଣି ପୂଜନ ସହ କାର୍ଯ୍ୟ ଆରମ୍ଭ କରିଥିଲା। ନୂତନ କମ୍ପାନୀ ଖଣି ଖୋଲିବା ସମୟରେ ସେଠାରେ ପୂର୍ବରୁ କାର୍ଯ୍ୟରତ ଶ୍ରମିକମାନେ ନିଯୁକ୍ତି ଦାବି କରିଆସୁଥିଲେ। ତେବେ ସ୍ଥାନୀୟ ଲୋକଙ୍କୁ ଯଥାଶୀଘ୍ର ନିଯୁକ୍ତି ପ୍ରଦାନ ନେଇ ସୋମବାର ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ନେତୃତ୍ୱରେ ସିପିଆଇଏମ୍ ଜିଲା ସମ୍ପାଦକ ପ୍ରମୋଦ ସାମଲ, ରାଜ୍ୟ କମିଟି ସମ୍ପାଦକ ପ୍ରଭାତ ପଣ୍ଡା, କୋଇଡା ଜିଲା ପରିଷଦ ସଦସ୍ୟା ସୁଶୀଳା ମୁଣ୍ଡା, ବିଭିନ୍ନ ଗ୍ରାମପଞ୍ଚାୟତର ସରପଞ୍ଚଙ୍କ ସମେତ ହଜାର ହଜାର ସିଆଇଟିୟୁ କର୍ମୀ କୋଇଡା ପଞ୍ଚାୟତ ବାଲିଜୁଡିଠାରୁ ଜିଭିପିଆର୍ ଖଣି ଗେଟ ପର୍ଯ୍ୟନ୍ତ ଶୋଭାଯାତ୍ରା କରିଥିଲେ। ଶୋଭାଯାତ୍ରା ପହଞ୍ଚିବା ପୂର୍ବରୁ ସେଠାରେ ସ୍ଥାନୀୟ କାଦୋଡିହା, ବାଲିଜୁଡି, ନୂଆଗାଁ ଗ୍ରାମର ମହିଳା ପୁରୁଷ ମଧ୍ୟ ନିଯୁକ୍ତି ଦାବି କରି ଏକାଠି ଛିଡା ହୋଇଥିଲେ। ଶୋଭାଯାତ୍ରା ପହଞ୍ଚିବା ପରେ ଉଭୟ ଗୋଷ୍ଠୀ ମଧ୍ୟରେ କଥା କଟାକଟି ସହ ଠେଲାପେଲା ହୋଇଥିଲା। ବଣାଇଁ ଉପଖଣ୍ଡ ପୋଲିସ ଅଧିକାରୀ ରାମଚନ୍ଦ୍ର ବିଶ୍ୱାଳ ଓ କୋଇଡା ସମେତ ଅନ୍ୟ ଥାନାଧିକାରୀ, ସୁରକ୍ଷା ବାହିନୀ ଉଭୟ ଗୋଷ୍ଠୀଙ୍କୁ ବୁଝାଇବା ପାଇଁ ଚେଷ୍ଟା କରିଥିଲେ। ଦିନ ତମାମ ଖଣ୍ଡଯୁଦ୍ଧ ପରେ ସ୍ଥାନୀୟ କାଦୋଡିହା, ବାଲିଜୁଡି, ନୂଆଗାଁ ଗ୍ରାମର ମହିଳା ପୁରୁଷମାନେ ଥାନାର ଦ୍ୱାରସ୍ଥ ହୋଇ ବଣାଇଁ ବିଧାୟକ ମୁଣ୍ଡା ଓ ତାଙ୍କ କର୍ମୀଙ୍କ ବିରୋଧରେ ଏତଲା ଦେଇଥିଲେ। ଅନ୍ୟପଟେ ବିଧାୟକ ମୁଣ୍ଡାଙ୍କ ସମେତ କର୍ମୀମାନେ ଖଣି ଗେଟ୍ ସମ୍ମୁଖରେ ପ୍ରତିବାଦ ସହ ଗଣଧାରଣା ଜାରି ରଖିଛନ୍ତି। ବର୍ତ୍ତମାନ ଖଣି ଖୋଲିଲେ ଆଉ ସ୍ଥାନୀୟ ନିଯୁକ୍ତି ଦିଆଯାଉନାହିଁ। ସେଥିପାଇଁ ଯେତେଦିନ ପର୍ଯ୍ୟନ୍ତ ନିଯୁକ୍ତି ଦାବି ପୂରଣ ନ ହୋଇଛି ସେତେଦିନ ପର୍ଯ୍ୟନ୍ତ ଗଣଧାରଣା ଜାରି ରହିବ ବୋଲି ବିଧାୟକ ମୁଣ୍ଡା କହିଛନ୍ତି।

# ୫ ଅଭିଯୋଗର ତତ୍‌କ୍ଷଣାତ୍ ସମାଧାନ

**୧୩୫ ଅଭିଯୋଗ ଶୁଣାଣି କଲେ ଜିଲାପାଳ**

**ବଡ଼ଗାଁ,୧୮।୮(ଅଶୋକ ଷଡଙ୍ଗୀ)**


ଜିଲାପାଳ ଅଭିଯୋଗ ଶୁଣାଣି କରୁଛନ୍ତି।

ବଡ଼ଗାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଡ. ଶୁଭଙ୍କର ମହାପାତ୍ର ଯୋଗଦେଇ ୧୩୫ ଅଭିଯୋଗର ଶୁଣାଣି କରିବା ସହିତ ସମାଧାନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୧୩୫ ଅଭିଯୋଗ ମଧ୍ୟରୁ ୮୭ଟି ବ୍ୟକ୍ତିଗତ, ୪୮ ଟି ସାମୂହିକ ଅଭିଯୋଗ ହୋଇଥିବା ବେଳେ ୫ ଟି ଅଭିଯୋଗର ତତକ୍ଷଣାତ ସମାଧାନ ହୋଇଛି। ଜଣଙ୍କୁ ରେଡକ୍ରସ ଓ ୭ ଜଣଙ୍କୁ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ସହାୟତା ଯୋଗାଇ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସହ ଏସପି ପ୍ରତ୍ୟୁଷ ଦିବାକର, ଉପ ଜିଲାପାଳ ତେଜସ୍ୱନୀ ବେହେରା, ଜିଲା କାର୍ଯ୍ୟନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡ.ସୁରେଶ ଚନ୍ଦ୍ର ମାହାନ୍ତି, ଅତିରିକ୍ତ ଜିଲାପାଳ ଅଶ୍ୱିନୀ କୁମାର ପଣ୍ଡା, ତହସିଲଦାର ଝରଣା ପ୍ରଧାନ, ବଡ଼ଗାଁ ବ୍ଲକ ଅଧ୍ୟକ୍ଷା ଦୁଲାରୀ ସରେଙ୍ଗ ଅଂଶ ଗ୍ରହଣ କରିଥିଲେ। ବଡ଼ଗାଁ ଗ୍ରାମ ପଞ୍ଚାୟତରେ ଲଗାଣ ବର୍ଷା ପ୍ରଭାବରେ ୨୫ରୁ ୩୦ ମାଟି ଘର ଭାଙ୍ଗିଥିବା ବେଳେ ସେମାନଙ୍କୁ ପଲିଥିନ ପ୍ରଦାନ କରି ପ୍ରଶାସନ ଚୁପ ରହିଥିବା ବିଷୟରେ ପୂର୍ବତନ ନାଏବ ସରପଞ୍ଚ କେଶବ କର୍ସେଲଙ୍କ ନେତୃତ୍ୱରେ କ୍ଷତିଗ୍ରସ୍ତମାନେ ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଏ ବିଷୟରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଜିଲାପାଳ ତହସିଲଦାର ଝରଣା ପ୍ରଧାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ଉପାନ୍ତ ଗ୍ରାମ ବାମଡେରା ଓ ବନଶିକାର ଅଞ୍ଚଳରେ ମୋବାଇଲ ନେଟୱର୍କ ନ ଥିବା ସମ୍ପର୍କରେ ଜିଲାପାଳଙ୍କୁ ଅଭିଯୋଗ ହୋଇଛି। ଉପାନ୍ତ ଅଞ୍ଚଳରେ କୁଆପଥର ମାଡରେ କ୍ଷତିଗ୍ରସ୍ତ ଗ୍ରାମବାସୀ ମାନଙ୍କୁ ପଲିଥିନ ପରେ କୌଣସି ସହାୟତା ମିଳିପାରି ନ ଥିବା ଅଭିଯୋଗ ହୋଇଛି। ଶଙ୍କରାପୋଷ ଗ୍ରାମକୁ ପଞ୍ଚାୟତ ମାନ୍ୟତା, ସ୍କୁଲର ଜମି ବିବାଦର ସମାଧାନ, ଗୋ ଚାଲାଣ ବିରୋଧରେ କାର୍ଯ୍ୟାନୁଷ୍ଠାନ, ୟୁରିଆ ସାରର କୃତ୍ରିମ ଅଭାବ, ୨୦୨୪ ଫସଲ ବୀମା ମିଳି ନ ଥିବା, କଣ୍ଟିଆମୁରା ଅଙ୍ଗନୱାଡି କେନ୍ଦ୍ର ଅଧାପନ୍ତରିଆ ଓ ଏ ଭି ସ୍କୁଲରେ ଆବଶ୍ୟକ ଗୃହ ନ ଥିବା ଯୋଗୁ ଛାତ୍ରୀଛାତ୍ର ମାନେ ଅସୁବିଧାର ସମ୍ମୁଖିନ ହେଉଥିବା ଅଭିଯୋଗ ହୋଇଛି। ଏହାସହିତ ବହୁ ବ୍ୟକ୍ତଗତ ସମସ୍ୟା ସମ୍ପର୍କରେ ଅଭିଯୋଗ ହୋଇଛି। ଏଥିସହ ବଡ଼ଗାଁ ବ୍ଲକର ବିଭିନ୍ନ କାର୍ଯ୍ୟକ୍ରମରେ ଜିଲାପାଳ ଯୋଗଦେଇଥିଲେ।

### କୋଇଡ଼ା ଟ୍ରକ୍, ଟିପ୍ପର ମାଲିକ ସଂଘ କାର୍ଯ୍ୟାଳୟ ଶୁଭାରମ୍ଭ

**ଟେନ୍‌ସା,୧୮।୮(ସମୀର କୁମାର ପାଢ଼ୀ):** ସୁନ୍ଦରଗଡ ଜିଲା କୋଇଡା ଟ୍ରକ ଏବଂ ଟିପ୍ପର ମାଲିକ ସଂଘ ପକ୍ଷରୁ ସୋମବାର ସ୍ଥାନୀୟ ତେହେରାଇ ଛକ ନିକଟରେ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଏଥିସହ ଦୁର୍ଗମ ଅଞ୍ଚଳବାସୀଙ୍କ ପାଇଁ କୋଇଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସହାୟତାରେ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ସହ ଔଷଧ ବଣ୍ଟନ କରାଯାଇଥିଲା। ପରେ ସଂଘ ପକ୍ଷରୁ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଂଘ ସଭାପତି ରଞ୍ଜନ କୁମାର ବାରିକ, ଉପସଭାପତି କାଜଲ ବେହେରା, ସମ୍ପାଦକ ପ୍ରଫୁଲ୍ଲ ବାରିକ, ଯୁଗ୍ମ ସମ୍ପାଦକ ପାଣ୍ଡୁ ମୁଣ୍ଡା, କୋଷାଧ୍ୟକ୍ଷ ବିଜୟ ଦେହୁରୀ, ସଦସ୍ୟ ଜଗନ୍ନାଥ ବାରିକ, ପୂର୍ଣ୍ଣଚନ୍ଦ୍ର ବାରିକ, ବଲ୍ଲଭ ମହାକୁଡ, ଜିତୁ ପଲେଇ, ଦିଲିପ ପାତ୍ର, ଆନନ୍ଦ ବାରିକ, ପରମେଶ୍ୱର ବାରିକ, କୁମୁଦ ବାରିକ, ଗଗନ ବେହେରା, ପ୍ରମୋଦ ପଲେଇ, ଅମିତ ବାରିକ, ଚକ୍ର ବାରିକ, ବିପିନ ମହାକୁଡ଼, ଠୁଲୁ ବାରିକ, ଚୌଧୁରୀ ବେହେରା ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମକୁ ସମ୍ପାଦନା କରିବା ସହ ଟ୍ରକ ଟିପ୍ପର ମାଲିକଙ୍କ ସ୍ୱାର୍ଥ ରକ୍ଷା ଦିଗରେ ଆମ୍ଭେ କାର୍ଯ୍ୟରତ ରହିବା ସହ ବିଭିନ୍ନ ସମାଜସେବାମୂଳକ କାର୍ଯ୍ୟ ଜାରି ରଖିବୁ ବୋଲି ସଂଘ ପଦାଧିକାରୀ ପ୍ରକାଶ କରିଥିଲେ।

# ଜିଲା ଶିକ୍ଷା ଅଧିକାରୀ ପଦ ପୂରଣ କର

**ଉପବାଚସ୍ପତିଙ୍କୁ ଦାବିପତ୍ର**

**ସବ୍‌ଡେଗା,୧୮।୮(ଜୟ ନାରାୟଣ ମେଣ୍ଡୁଲି)**


ଉପବାଚସ୍ପତିଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ସୁନ୍ଦରଗଡ ଜିଲା ଶିକ୍ଷକ ସଂଘ ତରଫରୁ ଏକ ପ୍ରତିନିଧି ମଣ୍ଡଳୀ ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ଓ ଦାବି ଗୁଡିକ ବିଷୟରେ ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇଙ୍କ ସହ ସ୍ଥାନୀୟ ସାର୍କିଟ ହାଉସରେ ସାକ୍ଷାତ କରି ଆଲୋଚନା କରିଛନ୍ତି। ଏଥିସହିତ ଏକ ଦାବିପତ୍ର ମଧ୍ୟ ପ୍ରଦାନ କରିଛନ୍ତି। ଉକ୍ତ ପତ୍ରରେ ଉଲ୍ଲେଖ କରାଯାଇଛି, ଶିକ୍ଷା ସହାୟକ ସମୟର ୬ ବର୍ଷକୁ ଗଣନା କରାଯାଇ ୬ ଟି ନ୍ୟାଶନାଲ ଇନକ୍ରିମେଣ୍ଟ ପ୍ରଦାନ, କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ, ଶିକ୍ଷକଙ୍କୁ ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ, ପୁରୁଣା ପେନସନ ପ୍ରଦାନ, ସ୍କିମାଟିକ ନିଯୁକ୍ତି ଉଚ୍ଛେଦ କରି ସ୍ଥାୟୀ ନିଯୁକ୍ତି ପ୍ରଦାନ। ସୁନ୍ଦରଗଡ଼ ଜିଲା ଶିକ୍ଷା ଅଧିକାରୀ ପଦ ଖାଲି ଥିବାରୁ ଯଥାଶୀଘ୍ର ପଦକ୍ଷେପ ନେବା ପାଇଁ ମଧ୍ୟ ଅନୁରୋଧ କରାଯାଇଥିଲା। ଜିଲା ଶିକ୍ଷକ ସଂଘ ସଭାପତି ହୋତେଶ୍ୱର ଶେଖର ଦେଓଙ୍କ ନେତୃତ୍ୱରେ ଜିଲା କର୍ମକର୍ତ୍ତା ଦିଗାମ୍ବର ପଟେଲ, ଅଲେଖ ନାଗ, ଅର୍ଜୁନ ରୋହିଦାସ ପ୍ରମୁଖ ଏହି ପ୍ରତିନିଧି ମଣ୍ଡଳୀରେ ସାମିଲ ହୋଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ରାଜ୍ୟସ୍ତରୀୟ ୨ଦିନିଆ କବାଡ଼ି ପ୍ରତିଯୋଗିତା ଉଦ୍‌ଘାଟିତ

**ଲହୁଣୀପଡ଼ା,୧୮।୮(ଦାଶରଥି ପଣ୍ଡା)**


ଅତିଥିଙ୍କ ସହ ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳି।

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ରାଜାମୁଣ୍ଡା ପଞ୍ଚାୟତ ଶରଧାପୁରସ୍ଥିତ ଲହୁଣୀପଡ଼ା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟଠାରେ ୫ମ ରାଜ୍ୟ ସ୍ତରୀୟ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ସମୂହ ୨ଦିନିଆ କବାଡ଼ି ପ୍ରତିଯୋଗିତା ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବଣେଇ ଉପଜିଲାପାଳ ଅକ୍ଷୟ ପିଲ୍ଲେ ଯୋଗଦେଇଥିଲେ। ବିଦ୍ୟାଳୟର ଅଧକ୍ଷ ଶୀତଲ ପ୍ରସାଦ ଅଧ୍ୟକ୍ଷତା କରିଥିଲେ। ନିର୍ମଳ କୁମାର ସାହୁ ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଚନ୍ଦ୍ରା ପଲ, ଆଶା ବର୍ମା, କରାବି ଦାସ ମଞ୍ଚ ପରିଚାଳନା କରିଥିଲେ। ପ୍ରାରମ୍ଭରେ ଅତିଥିଙ୍କୁ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ମୁଖ୍ୟ ଫାଟକରୁ ବାଦ୍ୟନୃତ୍ୟର ତାଳେ ତାଳେ ମଞ୍ଚ ନିକଟକୁ ପାଛୋଟି ଆଣିଥିଲେ। ଅତିଥିଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଦେଇ ନୃତ୍ୟ ଏବଂ ସଙ୍ଗୀତର ତାଳେ ତାଳେ ସ୍ୱାଗତ କରାଯାଇଥିଲା। ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଥିଲା। ଅତିଥି କ୍ରୀଡ଼ା ପତାକାକୁ ଉତ୍ତୋଳନ କରିବା ସହିତ ମସାଲ ପ୍ରଜ୍ୱଳନ କରିଥିଲେ। ୧୨ଟି ଜିଲାର ୧୯ଟି ବିଦ୍ୟାଳୟ ମଧ୍ୟରୁ ୧୪ଟି ବାଳିକା ଦଳ ଓ ୧୬ଟି ବାଳକ ଦଳ ଅଂଶ ଗ୍ରହଣ କରିଥିଲେ। ଉଦ୍‌ଘାଟନୀ ଖେଳରେ ବାଳକ ବର୍ଗର ଲହୁଣୀପଡ଼ା ଓ ତିଲେଇବଣୀ ମଧ୍ୟରେ କବାଡ଼ି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବାଳିକା ବର୍ଗରେ ବିକ୍ରମପୁର ଓ ଲାଇଙ୍ଗ ମଧ୍ୟରେ କବାଡ଼ି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଖେଳ ଶିକ୍ଷକ ବିଶ୍ୱଜିତ ମହାପାତ୍ର ଓ କୌଶିକ ସରକାରଙ୍କ ତତ୍ତ୍ୱାବଧାନରେ ଖେଳ ଶିକ୍ଷକମାନେ ଖେଳ ପରିଚାଳନା କରିଥିବାବେଳେ ସବିତା ବେହେରା, ଜ୍ୟୋତି ରଞ୍ଜନ ଦାଶ, ଦେବସ୍ମିତା ଦାସ, ଅବିନାଶ ମାହାନ୍ତ, ଦିଗ୍‌ବିଜୟ ମାହାନ୍ତ, କିରଣ କୁମାର ସାହୁ, ଦେବାଶିଷ ମାଝୀ, ହୃଷୀକେଶ ପୃଷ୍ଟି, ଭାଗ୍ୟଧର ସାମଲ, ମଞ୍ଜୁଲତା ଓରାମ, ସୁନିତା ଜେନା, ପବନ କୁମାର, ଭାଗ୍ୟଶ୍ରୀ ପାତ୍ରଙ୍କ ସମେତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଝିଙ୍ଗିଆ ଓରାମଙ୍କ ଶ୍ରଦ୍ଧାଞ୍ଜଳି ସଭା


ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଅତିଥିମାନେ।

**ଲହୁଣୀପଡ଼ା,୧୮।୮(ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ କଲେଇପୋଷ ପଞ୍ଚାୟତ କେନ୍ଦୁଡ଼ିହି ସ୍ଥିତ ସମରା ଓରାମ ଏଜୁକେଶନ ଟ୍ରଷ୍ଟ ପକ୍ଷରୁ ସୋମବାର କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କ ସ୍ତ୍ରୀ ସ୍ୱର୍ଗତ ଝିଙ୍ଗିଆ ଓରାମଙ୍କ ପ୍ରଥମ ବାର୍ଷିକ ଶ୍ରଦ୍ଧାଞ୍ଜଳି ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଣେଇ ରାଜା ସାହେବ ବୀର କେଶରୀ ଇନ୍ଦ୍ର ଦେଓ ଦେବ ଓ ଜନ ସାଧାରଣ ଉପସ୍ଥିତ ରହି ଅମର ଆତ୍ମା ସଦ୍‌ଗତି କାମନା କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଭାଜପାର ବରିଷ୍ଠ ନେତା ରାହାସ ବିହାରୀ ପ୍ରଧାନ, ମନୋଜ ପ୍ରଧାନ, ମହେଶ ଶାହା, ଜୟନ୍ତୀ ମାହାନ୍ତ, ସରପଞ୍ଚ ଉଗ୍ରସେନ କିସାନ, କଲେଇ ପୋଷ ସରପଞ୍ଚ ଶାନ୍ତି ଓରାମ ପ୍ରମୁଖ ସ୍ୱର୍ଗତ ଝିଙ୍ଗିଆ ଓରାମଙ୍କ ସ୍ମୃତି ଚାରଣ କରିଥିଲେ। ଟ୍ରଷ୍ଟ ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜନରେ ବିଜୟିନୀ କିସପଟ୍ଟା, ପୂର୍ଣ୍ଣଚନ୍ଦ୍ର ଓରାମ, ଅଭିରାମ ମହାକୁଳ, ଭୁବନେଶର ବେହେରା, ଗୋବିନ୍ଦ ଚନ୍ଦ୍ର ସାହୁ, ହେମନ୍ତ କୁମାର ସାହୁ, ପ୍ରଦୀପ କୁମାର ସ୍ୱାଇଁ, ଉପେନ୍ଦ୍ର ବେହେରା, ନମିତା ମାହାନ୍ତ, ମିଥିଳା ପାତ୍ର, ମାଦି ଓରାମ, ହେମ୍ୱ ଓରାମ, ଅବିନାଶ ବ୍ରହ୍ମ ପ୍ରମୁଖ ଦଳୀୟ କର୍ମୀ ଓ କାର୍ଯ୍ୟକାର୍ତ୍ତାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ରାସାୟନିକ ସାର ବଦଳରେ ଜୈବିକ ସାର ବ୍ୟବହାର କର



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ କେନ୍ଦ୍ର କର୍ମକର୍ତ୍ତା।

**ବଡ଼ଗାଁ,୧୮।୮(ଅଶୋକ ଷଡ଼ଙ୍ଗୀ)**

**ଗ୍ରାମ ଉତ୍ଥାନ ସାଧନ କେନ୍ଦ୍ରରେ ଚାରା ବଣ୍ଟନ କାର୍ଯ୍ୟକ୍ରମ**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଜରଙ୍ଗଲୋଇ ଗ୍ରାମସ୍ଥିତ ଗ୍ରାମ ଉତ୍ଥାନ ସାଧନ କେନ୍ଦ୍ରରେ ରବିବାର ଚାରା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସରସ୍ୱତୀ ଓ ଭାରତ ମାତାଙ୍କ ଫଟୋଚିତ୍ରରେ ଦୀପ ପ୍ରଜ୍ୱଳନ କରିବାପରେ ପୁଷ୍ଟିସାର ଉଦ୍ୟାନ ତାଲିମ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ସେଠାରେ ଜିଆର୍‌ସି ମୁଖ୍ୟ କୃତାର୍ଥ ପ୍ରଧାନ ଅତିଥି ପରିଚୟ କରାଇ ବିଷୟବସ୍ତୁ ଉପସ୍ଥାପନ କରିଥିଲେ। ଅବସରପ୍ରାପ୍ତ କୃଷି ବିଶେଷଜ୍ଞ ଉଦିତ ନାୟକ ଚାଷୀଙ୍କୁ କଲମ କରାଯାଇଥିବା ଗଛର ଗୁରୁତ୍ୱ, ଜୈବିକ କୃଷିର ଲାଭ ଏବଂ ଘାସ ନିୟନ୍ତ୍ରଣ ଆଦି ଅନେକ କୌଶଳ ବିଷୟରେ ବୁଝାଇଥିଲେ। ଗ୍ରାମ ଉତ୍ଥାନ ଯୋଜନାର କେନ୍ଦ୍ରୀୟ ସହ ଯୋଜନା ମୁଖ୍ୟ ଅର୍ଜୁନ ଶର୍ମା କହିଥିଲେ, ଭାରତର ପ୍ରତ୍ୟେକ ଚାଷୀଙ୍କ ବାଡ଼ିରେ ଗୋଟିଏ ଫଳ ଚାରା ଲଗାଇବା ପାଇଁ ଲକ୍ଷ୍ୟ ରଖାଯାଇଛି। ଚାରା ରୋପଣ ଯୋଗୁ କୀଟ ପତଙ୍ଗ, ପକ୍ଷୀ ଓ ପ୍ରାଣୀଙ୍କୁ ଖାଦ୍ୟ ଏବଂ ଆଶ୍ରୟ ମିଳିଥାଏ ବୋଲି ସହ ଯୋଜନା ମୁଖ୍ୟ ଶର୍ମା କହିଥିଲେ। କାର୍ଯ୍ୟକ୍ରମରେ ଅତିଥିଭାବେ ଯୋଗଦେଇଥିବା ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ରାସାୟନିକ ସାର ବଦଳରେ ଜୈବିକ ସାର ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ସେ କହିଥିଲେ ଗୋବର, ଗୋ ମୂତ୍ର, ପନିପରିବା ଚୋପା ଆଦିରୁ କମ୍ପୋଷ୍ଟ ତିଆରି କରି ଓ ଘରର ବର୍ଜ୍ୟଜଳ ବ୍ୟବହାର କରି ଏକ ପୁଷ୍ଟିକର ଉଦ୍ୟାନ ପ୍ରସ୍ତୁତ କରାଯାଇପାରିବ। ଜିଆର୍‌ସି ସଭାପତି ସୁଶୀଲ ଅଗ୍ରୱାଲ ସ୍ଥାନୀୟ ଅଞ୍ଚଳରେ ହେଉଥିବା ଫଳକୁ ପ୍ରାଥମିକତା ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ, ବାହାରୁ ଆମଦାନୀ ହେଉଥିବା ଫଳ ଅପେକ୍ଷା ନିଜ ଅଞ୍ଚଳରେ ଚାଷ ହେଉଥିବା ଫଳ ଖାଇବା ଅଧିକ ସ୍ୱାସ୍ଥ୍ୟକର। ଏହି ଅବସରରେ ଚାଷୀଙ୍କୁ ଆମ୍ବ, ଲେମ୍ବୁ, ସପେଟା, ଲିଚୁ ଆଦି ଚାରା ବଣ୍ଟନ କରାଯାଇଥିଲା। ଜିଆର୍‌ସି ଉପାଧ୍ୟକ୍ଷ ଦିନେଶ ବଜାଜ, ସଚିବ ବିକାଶ କୁମାର ରାୟ, ରାଜ୍ୟ ସଂଯୋଜକ ରଞ୍ଜିତ କୁମାର, ରଞ୍ଜନ ପଟେଲ, ମିତ୍ରଭାନୁ ପୃଷେଟ, ଚାଷୀ ପ୍ରଶିକ୍ଷକ ଲକ୍ଷ୍ମୀନାରାୟଣ, କାର୍ଯ୍ୟାଳୟ ମୁଖ୍ୟ ସରୋଜ ପୃଷେଟଙ୍କ ସହିତ କେନ୍ଦ୍ରର ସମସ୍ତ କର୍ମୀ ଏବଂ ୬୯ ଜଣ ଚାଷୀ ଉପସ୍ଥିତ ଥିଲେ।

## ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ ଜବତ, ଜଣେ ଗିରଫ


ଜବତ ହୋଇଥିବା ଗୋରୁ ବୋଝେଇ ପିକଅପ୍ ଭ୍ୟାନ।

**କୁତ୍ରା,୧୮।୮(ଦେବାଶିଷ ସାହୁ)**

ଗୋ ଚାଲାଣକାରୀ ପୁଣି ସକ୍ରିୟ ହୋଇଥିବା ବେଳେ କୁତ୍ରା ପୋଲିସ ବଡ଼ ସଫଳତା ହାସଲ କରିଛି। ସୋମବାର ସକାଳୁ ଏକ ପିକଅପ ନଂ. ଜେଏଚ ୦୫ ଡିଏକ୍ସ ୭୮୩୮ ଯୋଗେ କୁତ୍ରା ବ୍ଲକ ଅନ୍ତର୍ଗତ ଖଡକୁରବାହାଲ ଗ୍ରାମରୁ ୬ ଟି ଗୋରୁଙ୍କୁ ମାଫିଆମାନେ କେନ୍ଦୁଝର ଜିଲାର ଚମ୍ପୁଆକୁ ନେଉଥିଲେ। ପୋଲିସ ଖବର ପାଇ ତାଙ୍କୁ ରାଜ୍ୟ ରାଜପଥ ଦେଇ ଗୋଡ଼ାଇ ଗୋଡାଇ ଝାରବେଡା ଛକ ନିକଟରେ ଧରିବାରେ ସଫଳ ହୋଇଥିଲା। ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ଆଉ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଛି । ଗିରଫ ଅଭିଯୁକ୍ତ ହେଲେ ଝାଡ଼ଖଣ୍ଡର ୱେଷ୍ଟ ସିଂହଭୂମ ଗ୍ରାମର ରାହୁଲ ଦେବ ପ୍ରଧାନ (୩୫)। ପୋଲିସ ୬ଟି ଗୋରୁଙ୍କୁ ଉଦ୍ଧାର କରିଛି। ଧରାପଡ଼ିଥିବା ଗୋରୁଙ୍କୁ ରାଉରକେଲା ଆମ୍ୱାଗାନ ସ୍ଥିତ ଶ୍ରୀ ବାଲାଜି ଗୋ ସେବା ଟ୍ରଷ୍ଟକୁ ପଠାଇଦିଆଯାଇଛି। ଏହି ଘଟଣାରେ କୁତ୍ରା ପୋଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଛି ।

# ସମ୍ବଲପୁରକୁ ମିଳିବ ୫୦ ନୂତନ ଇ-ବସ୍

ସମ୍ବଲପୁର, ୧୮।୮ (ଭବାନୀ ଶଙ୍କର ଭୋଇ)



ନୂତନ ବସ୍ ଡିପୋ ଏବଂ ଇବସ ଚାର୍ଜିଂ ଷ୍ଟେଶନ ପାଇଁ ଜିଲାପାଳ ଏବଂ ଅନ୍ୟ ଅଧିକାରୀମାନେ ସ୍ଥାନ ପରିଦର୍ଶନ କରୁଛନ୍ତି।

- କାଇଁଶିର ଅଞ୍ଚଳରେ ବସ୍ ଡିପୋ ଏବଂ ଚାର୍ଜିଂ ଷ୍ଟେଶନ ପାଇଁ କ୍ଷେତ୍ର ପରିଦର୍ଶନ
- ଅପହଞ୍ଚ ଏବଂ ପର୍ଯ୍ୟଟନସ୍ଥଳୀକୁ ସଂଯୋଗ ହେବ ଇ-ବସ୍ ସେବା

ସମ୍ବଲପୁର ସହରକୁ ଆଖପାଖ ସହର ସହ ସଂଯୋଗ କରୁଥିବା ସିଟିବସ୍ ସେବା କୃଟ (ରାଜଧାନୀ କ୍ଷେତ୍ର ନଗର ପରିବହନ ସଂସ୍ଥା-ସିଆରୟୁଟି) ଅଧୀନକୁ ଆସିଛି। ଏହାପରେ ଆମବସ୍ ସେବାରେ ଉନ୍ନତି ଆସିବ ବୋଲି ଆଶା କରାଯାଉଛି। ୨୦୧୪ ମସିହାରେ ପଶ୍ଚିମ ଓଡ଼ିଶା ନଗର ପରିବହନ କମ୍ପାନୀ ଜରିଆରେ ୪୪ଟି ବସ୍ ସମ୍ବଲପୁରରେ ଚଳାଚଳ କରୁଥିଲା। ତେବେ ଗତ ୧୧ବର୍ଷ ମଧ୍ୟରେ ଅନେକ ବସ୍ ଅକାମୀ ହୋଇଯାଇଥିଲା। ଏହାର ପରିଚାଳନା କରୁଥିବା ପଶ୍ଚିମ ଓଡ଼ିଶା ନଗର ପରିବହନ କମ୍ପାନୀ (ଡବ୍ଲ୍ୟୁଓୟୁଟିଏସଏଲ)ର ଚୁକ୍ତି ଅବଧି ଶେଷ ହେବା ପରେ ଆଉ ନବୀକରଣ କରା ନ ଯାଇ ଏହାର ପରିଚାଳନା ଦାୟିତ୍ୱ ରାଜଧାନୀ କ୍ଷେତ୍ର ନଗର ପରିବହନ ସଂସ୍ଥାକୁ ପ୍ରଦାନ କରାଯାଇଛି । ଅନ୍ୟ ପକ୍ଷରେ ଆମ ବସ ଚଳାଚଳ ପରେ ସମ୍ବଲପୁର ମହାନଗର ଅଞ୍ଚଳରେ ଯାତ୍ରୀ ପରିବହନ ବ୍ୟବସ୍ଥାରେ ଉନ୍ନତି ଆସିଛି। ତେବେ ଏହି ସେବା ସହରର ଧନୁପାଲି, ମାନେଶ୍ୱର, ସିନ୍ଦୁରପଙ୍କ ଆଦି ରୁଟ୍ ଆଜି ପର୍ଯ୍ୟନ୍ତ ଅପହଞ୍ଚ ହୋଇ ରହିଛି।

ଯାତାୟାତ ବ୍ୟବସ୍ଥାକୁ ଆହୁରି ସୁଦୃଢ କରିବା ପାଇଁ ଆମ ବସ୍ ସେବାରେ ଖୁବଶୀଘ୍ର ୫୦ଟି ନୂତନ ଇ-ବସ ସାମିଲ ହେବ ବୋଲି ସୂଚନା ମିଳିଛି। ମାତ୍ର ସମ୍ବଲପୁରର ସଂକୀର୍ଣ୍ଣ ରାସ୍ତା ସାଙ୍ଗକୁ ବସ୍‌ଷ୍ଟପର ଅଭାବ ଯୋଗୁ ଯାତ୍ରୀମାନେ ଆମ ବସ୍ ସେବାର ପ୍ରକୃତ ଲାଭ ପାଇବାରୁ ବଞ୍ଚିତ ରହିଛନ୍ତି। ତେବେ ଏଥିରେ ଆହୁରି ୫୦ଟି ବସ ମିଶିବା ପରେ ସେଠାରେ ସ୍ଥାନାଭାବ ଦେଖାଦେବ। ତେଣୁ ନୂତନ ସ୍ଥାନରେ ବସ୍ ଡିପୋ ପାଇଁ ପ୍ରଶାସନ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ସୋମବାର ଜିଲାପାଳ, ଆରକ୍ଷୀ ଅଧୀକ୍ଷକ, କ୍ଷେତ୍ରୀୟ ପରିବହନ ଅଧିକାରୀଙ୍କ ସହିତ ଅଇଁଠାପାଲି ବସ ଟର୍ମିନାଲରେ ଥିବା ଚାର୍ଜିଂଷ୍ଟେଶନ ବୁଲି ଦେଖିଥିଲେ। ଏହାସହ କାଇଁଶିର ରୋଡରେ ଦୁଇଟି ସ୍ଥାନରେ ନୂତନ ବସ୍ ଡିପୋ ସହ ଇ-ବସ୍‌ଗୁଡିକ ପାଇଁ ଚାର୍ଜିଂ ଷ୍ଟେଶନ ନିର୍ମାଣ କରିବାକୁ ସ୍ଥାନ ପରିଦର୍ଶନ କରିଛନ୍ତି। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ଯୋଗିପାଲି ଏବଂ କାଇଁଶିରର ଅନ୍ୱେଷା ହଷ୍ଟେଲ ସାମନାରେ ଥିବା ସରକାରୀ ଜମି ପରିଦର୍ଶନ କରି ସ୍ଥାନର ସମୀକ୍ଷା କରାଯାଇଛି। ତେବେ ଏନେଇ କୌଣସି ବୃତାନ୍ତ ନିଷ୍ପତ୍ତି ନିଆଯାଇ ନ ଥିବା କ୍ଷେତ୍ରୀୟ ପରିବହନ ଅଧିକାରୀ ରାମଦାସ ଟୁଡୁ କହିଛନ୍ତି। ତେବେ ଚଳିତ ମାସ ଶେଷ ସୁଦ୍ଧା ୫୦ଟି ନୂତନ ଇ-ବସ ସମ୍ବଲପୁରକୁ ଆସିବାର କାର୍ଯ୍ୟକ୍ରମ ରହିଥିବା ସେ ସୂଚନା ଦେଇଛନ୍ତି। ଏହା ସହ ମହାନଗରର କେତେକ ନୂତନ ରୁଟରେ ଆମ ବସ୍ ସେବା ଆରମ୍ଭ କରିବା ନେଇ ମଧ୍ୟ ସେ କହିଛନ୍ତି। ଏହାସହ ସମ୍ବଲପୁର ମହାନଗରର ଆଖପାଖରେ ରହିଥିବା ପର୍ଯ୍ୟଟନସ୍ଥଳୀ ଗୁଡିକୁ ମଧ୍ୟ ଆମ ବସ ସେବା ସହ ସଂଯୋଗ କରାଯିବା ନେଇ ପ୍ରଶାସନ ପକ୍ଷରୁ ବିଚାର କରାଯାଉଥିବା ସେ କହିଛନ୍ତି। ଜନ ସାଧାରଣଙ୍କ ଆବଶ୍ୟକତା ଅନୁସାରେ ଆମ ବସ ସେବାର ରୁଟ୍ ସ୍ଥିର କରାଯିବ ବୋଲି ଟୁଡୁ ସୂଚନା ଦେଇଛନ୍ତି ।

## ବୃକ୍ଷ ସୁରକ୍ଷାରେ ବ୍ରତୀ ଛାତ୍ରୀଛାତ୍ର ପୁରସ୍କୃତ



ଦେଓଗାଁ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ପରିବେଶ ସଚେତନତା ସଭାରେ ପୁରସ୍କୃତ ଛାତ୍ରୀଛାତ୍ର।

**ଦେଓଗାଁ ଉଚ୍ଚ ବିଦ୍ୟାଳୟରେ ପରିବେଶ ସଚେତନତା ସଭା**

ସମ୍ବଲପୁର, ୧୮।୮ (ବି.ଶଙ୍କର)

ପରିବେଶ ସଚେତନତା ସଭା ସୋମବାର ସମ୍ବଲପୁର ଜିଲାର ଦେଓଗାଁ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସୁଶ୍ରୀ ସାଗରିକା ହୋତା ଏଥିରେ ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ସମାଜ ସଭାପତି ଅରବିନ୍ଦ ମହାପାତ୍ର, ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ହରି ନାରାୟଣ ପଣ୍ଡା ଯୋଗଦାନ କରିଥିଲେ। ସାଂପ୍ରତିକ ପରିବେଶର ଅସନ୍ତୁଳନ, ସୁସ୍ଥ ଜୀବନ ପାଇଁ ସୁସ୍ଥ ପରିବେଶର ଆବଶ୍ୟକତା, ପରିବେଶ ସୁରକ୍ଷା ପାଇଁ ବୃକ୍ଷର ଭୂମିକା, ପଲିଥିନ ବ୍ୟବହାର ଦ୍ୱାରା ହେଉଥିବା ପରିବେଶର କ୍ଷତି ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ପାଦକ ପ୍ରଦୀପ କୁମାର ପଣ୍ଡା ପରିବେଶ ସଚେତନତା କବିତା ପାଠ ଏବଂ ତାପସ କୁମାର ଦାସ ଗୀତ ଗାନ କରି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଗତବର୍ଷ ବରିଷ୍ଠ ନାଗରିକ ସମାଜ ଦ୍ୱାରା ଚାରା ରୋପଣ କରାଯାଇଥିଲା। ଉତ୍ତମ ରକ୍ଷଣାବେକ୍ଷଣ ପାଇଁ ବିଦ୍ୟାଳୟର ୩ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ ଚଳିତ ବର୍ଷର ବଞ୍ଚିବା ପାଇଁ ଗଛଟିଏ କାର୍ଯ୍ୟକ୍ରମର ଅଂଶ ସ୍ୱରୂପ ଉପସ୍ଥିତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଏବଂ ବରିଷ୍ଠ ନାଗରିକ ସମାଜର କର୍ମକର୍ତ୍ତାଙ୍କ ଦ୍ୱାରା ଚାରାରୋପଣ କରାଯାଇଥିଲା। ଏଥିସହିତ ଛାତ୍ରୀଛାତ୍ରଙ୍କୁ ସେହି ଚାରାଗୁଡିକର ଯତ୍ନ ନେବା ପାଇଁ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ସଂସ୍କୃତ ଶିକ୍ଷକ ଚିତ୍ତରଞ୍ଜନ ପୂଜାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଫାଇଲେରିଆ ନିରାକରଣ ସଚେତନତା କାର୍ଯ୍ୟକ୍ରମ

ସମ୍ବଲପୁର, ୧୮।୮ (ବି.ଶଙ୍କର)

ସମ୍ବଲପୁର ସହରସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ (ଏନ୍‌ଏସସିବି) ସରକାରୀ ମହାବିଦ୍ୟାଳୟ ପରିସରରେ ସୋମବାର ଫାଇଲେରିଆ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସ୍‌ଏସ୍ ଓ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରର ମିଳିତ ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ଶ୍ୟାମ ଭୋଇ ନେତୃତ୍ୱ ନେଇଥିଲେ। ଫାଇଲେରିଆ ରୋଗ ଯେ କେତେ ମାତ୍ରାରେ ମାରାତ୍ମକ ଏବଂ ଏହାର ନିରାକରଣ ସଚେତନତା ଓ ପ୍ରାକ ସାବଧାନତା ଦ୍ୱାରା କରାଯାଇ ପାରିବ ବୋଲି ଅଧ୍ୟକ୍ଷ ଡ. ଭୋଇ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରିଥିଲେ । ଏଥି ସହିତ ପ୍ରାକ ଆଣ୍ଟି ଫାଇଲେରିଆ ଔଷଧ ସେବନ ପାଇଁ ପ୍ରୋତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ କର୍ମଚାରୀ ଓ ଉପସ୍ଥିତ ଛାତ୍ରୀଛାତ୍ର ଔଷଧ ସେବନ କରିଥିଲେ। ଏନ୍‌ଏସ୍‌ଏସ୍ ଅଧିକାରୀ ଅଧ୍ୟାପକ ସୁରେଶ ଏକ୍କା, ଅଧ୍ୟାପିକା ମୋଣ୍ଡା ପୂର୍ତ୍ତି କାର୍ଯ୍ୟକ୍ରମଟିକୁ ପରିଚାଳନା କରି ଥିଲା ବେଳେ ଏନଏସଏସ ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ ।

## ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ତଡ଼



ଦାବିପତ୍ର ଦେବାକୁ ଆସିଥିବା ବିଶ୍ୱ ହିନ୍ଦୁ ପରିଷଦ କର୍ମକର୍ତ୍ତା।

**ଉପଜିଲାପାଳଙ୍କୁ ଦାବିପତ୍ର**

କୁଚିଣ୍ଡା, ୧୮।୮ (ବିରଞ୍ଚି ଦର୍ଜୀ)

ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଛି। ରାଜମିସ୍ତ୍ରୀ ଓ ଫେରିବାଲା ନାମରେ ଏହି ଅନୁପ୍ରବେଶକାରୀମାନେ ବିଭିନ୍ନ ସମୟରେ ଅପରାଧିକ କାର୍ଯ୍ୟକଳାପରେ ଜଡିତ ରହୁଛନ୍ତି। ଚୋରି ଡକାୟତି ସହ ବଳାତ୍କାର ଭଳି ସଙ୍ଗୀନ ମାମଲାରେ ଜଡିତ୍ ରହୁଥିବାର ନଜିର ରହିଥିବା ବେଳେ ଉପଖଣ୍ଡରେ ଏକ ଅଶାନ୍ତ ବାତାବରଣ ସୃଷ୍ଟି ହେଉଛି। ପ୍ରଶାସନିକ ପଦକ୍ଷେପ ଅଭାବରୁ ଅନେକ ବାଂଲାଦେଶୀ କୁଚିଣ୍ଡା ସହର ସମେତ ବିଭିନ୍ନ ସ୍ଥାନରେ ଘରଦାର କରି ରହିବା ଆରମ୍ଭ କଲେଣି। ଏହାକୁ ନେଇ ଉଚିତ କାର୍ଯ୍ୟାନୁଷ୍ଠାନ ପାଇଁ ସୋମବାର ବିଶ୍ୱ ହିନ୍ଦୁ ପରିଷଦ, ହିନ୍ଦୁ ସୁରକ୍ଷା ମଞ୍ଚ ପକ୍ଷରୁ କୁଚିଣ୍ଡା ଉପଜିଲାପାଳ ସରବନନ ସ. ଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ହିନ୍ଦୁ ସୁରକ୍ଷା ମଞ୍ଚ ସଭାପତି ପ୍ରଭାତ ଶର୍ମାଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ବିଶ୍ୱ ହିନ୍ଦୁ ପରିଷଦ ସଂଯୋଜକ ଡା.କୁମାର ବିକ୍ରମ, ମାନବାଧିକାର ରକ୍ଷକ ସାଧାରଣ ସମ୍ପାଦକ ରାମଚରଣ ରାୟ, ଦେବସେନା ଯୁବ ପ୍ରକୋଷ୍ଠ ଓଡ଼ିଶା ମହାସଚିବ ଭିକୁ ନାଏକ, ବିଶ୍ୱ ହିନ୍ଦୁ ପରିଷଦ ପ୍ରଚାରକ ଅବନି ବେହେରା, ରାମନାରାୟଣ ନାଏକ, ସ୍ୱାମୀ ଶିବାନନ୍ଦ ସରସ୍ୱତୀ, ମହେଶ ରାୟ, ଭୀମରାଓ ପ୍ରସାଦ ପ୍ରମୁଖ ସାମିଲ ହୋଇଥିଲେ। ଉପଜିଲାପାଳ ସ.ଏହାର ତଦନ୍ତ କରି ପଦକ୍ଷେପ ନେବେ ବୋଲି କହିଛନ୍ତି।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

**ଜଣଙ୍କୁ କାବୁ କଲେ ଲୋକେ, ୩ ଖସିଗଲେ**



ଗିରଫ ଚନ୍ଦନ ମଗର

ଜମନକିରା, ୧୮।୮ (ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ଥାନା ଗୌଡପାଲି ଫାଣ୍ଡି ଅନ୍ତର୍ଗତ ଥପାପଡ଼ାର ସୁମିତ ବଛା(୩୫)ଙ୍କୁ ସୋମବାର ସକାଳ ସାଢ଼େ ୯ଟାରେ ନିଜ ଦୋକାନରେ ମରଣାନ୍ତକ ଆକ୍ରମଣ ହୋଇଛି। ଦୁଇଟି ବାଇକରେ ଜମନକିରା ଥାନା ଟିକିଲିପଡ଼ା ଗାଁର ରାଜୁ ମହାନନ୍ଦ, ସମ୍ବଲପୁର ପୁଟିବନ୍ଧର ଅମୂଲ୍ୟ ମହାରଣା, ମୁଢେନପାଲିର ଅଜିତ ଗର୍ଡିଆ ଏବଂ ଚନ୍ଦନ ମଗର ଗାଳିଗୁଲଜ କରିବା ସହ ଛୁରୀରେ ଆକ୍ରମଣ କରିଥିଲେ। ଏଥିରେ ସୁମିତ ଗୁରୁତର ହୋଇଥିଲେ। ପାଖରେ ଛିଡ଼ା ହୋଇଥିବା ସୁମିତଙ୍କ ବାପା ପ୍ରତିରୋଧ କରିବା ବେଳେ ସେ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ଏହି ସମୟରେ ପାଟିତୁଣ୍ଡ ହେବାରୁ ଗାଁଲୋକ ଆସିଯିବାରୁ ଆକ୍ରମଣକାରୀ ଖସି ଯିବାକୁ ଉଦ୍ୟମ କରିଥିଲେ। ୩ ଜଣ କୌଣସିମତେ ଖସି ପଳାଇଥିବାବେଳେ କିନ୍ତୁ ଚନ୍ଦନ ମଗରଙ୍କୁ ଲୋକେ କାବୁ କରି ପୋଲିସକୁ ଖବର ଦେଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଚନ୍ଦନଙ୍କୁ ଗିରଫ କରିଥିଲା। ସେଠାରୁ ଦୁଇଟି ବାଇକ ଓ ଗୋଟିଏ ଛୁରି ଜବତ ହୋଇଥିଲା। ଏନେଇ ଜମନକିରା ଥାନାରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି। ପୋଲିସ ସୂଚନା ଅନୁଯାଇ ୩ ଦିନ ତଳେ ସୁମିତଙ୍କର ଏକ ବାଇକ ଚୋରି ହୋଇଥିଲା। ଏନେଇ ସେ ଜମନକିରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ସନ୍ଦେହ କରି କେତେକ ସ୍ଥାନରେ ଚଢ଼ାଉ ଓ ଯାଞ୍ଚ କରିଥିଲା। ଏହି ରାଗରେ ଏହି ଆକ୍ରମଣ ହୋଇଥିଲା। ସୁମିତ ଡାକ୍ତରଖାନାରେ ଚିକିତ୍ସିତ ହେବା ପରେ ଥାନାରେ ଅଭିଯୋଗ କରିଥିଲେ।

## ରେଙ୍ଗାଲି ବ୍ଲକରେ ଜନ ଅଭିଯୋଗ ଶୁଣାଣି



ଶୁଣାଣିରେ ଅଧିକାରୀଙ୍କ ସହ ଟ୍ରାଇ ସାଇକେଲ ପାଇଥିବା ଉପଭୋକ୍ତା।

ସମ୍ବଲପୁର, ୧୮।୮ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ରେଙ୍ଗାଲି ବ୍ଲକ କାର୍ଯ୍ୟାଳୟରେ ସୋମବାର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏବଂ ଏସ୍‌ପି ମୁକେଶ ଭାମୁଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଅଭିଯୋଗ ଶୁଣାଣି ଠାରେ ମୋଟ ୪୬ଟି ଆବେଦନ ଗ୍ରହଣ କରାଯାଇଥିଲା। ଏଥିମଧ୍ୟରୁ ୩୮ଟି ଆବେଦନ ବ୍ୟକ୍ତିଗତ ସମ୍ବନ୍ଧୀୟ ଥିବାବେଳେ ୮ଟି ଅଭିଯୋଗ ଗ୍ରାମୀଣ ସମସ୍ୟା ସହିତ ଜଡିତ ଥିଲା। ଅଭିଯୋଗଗୁଡ଼ିକ ମଧ୍ୟରୁ ୬ଟି ଅଭିଯୋଗକୁ ଜିଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକ ଅଭିଯୋଗ ଶୁଣାଣି ଠାରେ ସମାଧାନ କରିଥିଲେ। ଏହି ଅବସରରେ ଚାରିଜଣଙ୍କୁ ତିନିଚକିଆ ସାଇକେଲ ପ୍ରଦାନ କରାଯାଇଥିଲା। ରେଙ୍ଗାଲି ବିଡିଓ ପ୍ରିତମ ତନ୍ତୀ, ଜିଲା ପରିଷଦ ଉନ୍ନୟନ ଅଧିକାରୀ ପ୍ରସନ୍ନ କୁମାର ପାତ୍ର ମିଳିତ ଜନଅଭିଯୋଗ ଶୁଣାଣିରେ ଉପସ୍ଥିତ ଥିଲେ।

## ଜାତୀୟ ପତାକା ନିଜ କର୍ତ୍ତବ୍ୟକୁ ମନେ ପକାଏ

ସମ୍ବଲପୁର, ୧୮।୮ (ଭବାନୀ ଶଙ୍କର ଭୋଇ)



ସଂଗ୍ରାମୀଙ୍କ ଦାୟାଦଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଓଡ଼ିଶା ରାଜ୍ୟ ମୁକ୍ତବିଶ୍ୱବିଦ୍ୟାଳୟ (ଓଏସ୍‌ଓୟୁ) ବଡସିଂହାରୀ ସ୍ଥିତ ମୁଖ୍ୟାଳୟରେ ସ୍ୱାଧୀନତା ଦିବସ ପାଳନ କରିଛି। କୁଳପତି ପ୍ରଫେସର ଶ୍ୟାମ ସୁନ୍ଦର ପଟ୍ଟନାୟକ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଜାତୀୟ ପତାକା ଦେଶବାସୀଙ୍କୁ ସେମାନଙ୍କ କର୍ତ୍ତବ୍ୟ କରିବାକୁ ମନେ ପକାଇଦେଇଥାଏ ବୋଲି କହିଥିଲେ। ଦେଶର ସ୍ୱାଧୀନତା ସଂଗ୍ରାମରେ ବଳିଦାନ ଦେଇଥିବା ସମ୍ବଲପୁର ଅଞ୍ଚଳର ୫ଜଣ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଘନଶ୍ୟାମ ପାଣିଗ୍ରାହୀ, ଲକ୍ଷ୍ମୀନାରାୟଣ ମିଶ୍ର, ଦୟାନନ୍ଦ ଶତପଥୀ, ଚାମରୁ ପାରଡିଆ ଏବଂ ହୃଷୀକେଶ ନାଏକଙ୍କ ପରିବାରକୁ କୁଳପତି ପଟ୍ଟନାୟକ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁକ୍ତ ବିଶ୍ୱବିଦ୍ୟାଳୟର କୁଳ ସଚିବ ଡକ୍ଟର ଚିତ୍ତରଞ୍ଜନ ସାହୁ, ଅର୍ଥ ନିୟନ୍ତ୍ରକ ନଳିନୀ ରଞ୍ଜନ ଷଡଙ୍ଗୀ, ଅଧ୍ୟାପକ, କର୍ମଚାରୀ ଏବଂ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ଦେଶର ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନ ଯୋଗୁ ଜାତିର ପ୍ରଗତି ସମ୍ଭବ ହୋଇପାରିଛି। ସେଥିପାଇଁ ସେମାନଙ୍କ ପ୍ରତିବଦ୍ଧତାକୁ ମନେରଖିବାକୁ କୁଳପତି କହିଥିଲେ।

## ବିପର୍ଯ୍ୟୟ ପରିଚାଳନା ଗୋଷ୍ଠୀ ସଚେତନତା କାର୍ଯ୍ୟକ୍ରମ




ଏନ୍‌ଡିଆର୍‌ଏଫ୍ ପକ୍ଷରୁ ବିପର୍ଯ୍ୟୟ ପରିଚାଳନା ସଚେତନତା କରାଯାଉଛି।

ସମ୍ବଲପୁର, ୧୮।୮ (ପ୍ରମୋଦ ବହିଦାର)

ସମ୍ବଲପୁରର ଚନ୍ଦ୍ର ଶେଖର ବେହେରା ଜିଲାସ୍କୁଲ୍‌ରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଓ ମୁକାବିଲା ନେଇ ଏକ ଗୋଷ୍ଠୀ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜାତୀୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ(ଏନ୍‌ଡିଆର୍‌ଏଫ୍) ପକ୍ଷରୁ ଏଫ୍‌ଏଏମ୍‌ଇଏକ୍ସ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରାକୃତିକ ବିପର୍ଯ୍ୟୟ କ'ଣ ଓ ଏହାର ମୁକାବିଲା କିଭଳି କରିବାକୁ ହୁଏ ସେ ସମ୍ପର୍କରେ ଅବଗତ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଲୋକିତା ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କଟକ ମୁଣ୍ଡଳିସ୍ଥିତ ଏନ୍‌ଡିଆର୍‌ଏଫ୍‌ର ତୃତୀୟ ବାଟାଲିୟନ ଇନ୍ସପେକ୍ଟର ଅଭିଜିତ ସାହୁ ଓ ସବ୍‌ଇନ୍ସପେକ୍ଟର ଅଭିଷେକ ଶର୍ମା ଯୋଗଦେଇଥିଲେ। ଏହି ଅବସରରେ ଇନ୍ସପେକ୍ଟର ସାହୁ ଏନ୍‌ଡିଆର୍‌ଏଫ୍‌ର ସ୍ଥାପନା, ଗଠନ ତଥା କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ। ଏ

## ରୋଟାରୀ କ୍ଲବର ପ୍ରତିଷ୍ଠା ଉତ୍ସବ

ସମ୍ବଲପୁର, ୧୮।୮ (ପ୍ରମୋଦ ବହିଦାର)

ରୋଟାରୀ କ୍ଲବ ସମ୍ବଲପୁର ସିଟିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି।




ପ୍ରତିଷ୍ଠା ଉତ୍ସବରେ ଉପସ୍ଥିତ ଅତିଥିଙ୍କ ଗହଣରେ ରୋଟାରୀ କ୍ଲବ କର୍ମକର୍ତ୍ତା।

ସ୍ଥାନୀୟ ହୋଟେଲ ରୟାଲ ରିଟ୍ରିଟ୍‌ରେ ରବିବାର ରାତିରେ ଅନୁଷ୍ଠିତ ୧୦ମ ପ୍ରତିଷ୍ଠା ଉତ୍ସବରେ ମୁଖ୍ୟଅତିଥିଭାବେ ଓଡ଼ିଶାର ପୂର୍ବତନ ଆର୍‌ଏସ୍‌ଏସ୍ ପ୍ରମୁଖ ବିପିନ ବିହାରୀ ନନ୍ଦ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ରୋଟାରୀ କ୍ଲବର ଜିଲା ଗଭର୍ନର ଅମିତ ଜୟସ୍ୱାଲ ଓ ଫର୍ଷ୍ଟ ଲେଡି ପଲ୍ଲବୀ ଜୟସ୍ୱାଲ, ଅରୁଣ ଡିବ୍ରେୱାଲ, ଶମ୍ଭୁ ଜଗତରାମକା, ଡ. ପ୍ରମୋଦ ରଥଙ୍କ ସମେତ ଜଗଦଲପୁର ଜିଲା ପରିଚାଳନା ଟିମ୍‌ର ନବୀନ ଭାବସାର ସୁମନ ଭାବସାର, ସମ୍ବଲପୁର ରୋଟାରୀ କ୍ଲବ ପଶ୍ଚିମ ସଭାପତି ସୁରେଶ ମୁନ୍ଦ୍ରା ଓ ଦଳ, ରୋଟାରୀ କ୍ଲବ କେନ୍ଦ୍ରୀୟ ପ୍ରଦୀପ ଲାଠ, ରଞ୍ଜିତ ସିଂହ ହୁରା, ରୋଟାରୀ କ୍ଲବ ନଗର ସଂଯୋଜକ ରାଜକିଶୋର ଦାସ, ରୋଟାରୀ କ୍ଲବ ଝାରସୁଗୁଡ଼ା ସିଟି ଅଶୋକ କେଡିଆ ଓ ତାଙ୍କ ଦଳ ଯୋଗଦେଇଥିଲେ। ଏହି ଅବସରରେ ରୋଟାରୀ କ୍ଲବର ପୂର୍ବତନ ସଭାପତି ହେମନ୍ତ ପାଣିଗ୍ରାହୀଙ୍କୁ ତାଙ୍କର ସମର୍ପିତ ନେତୃତ୍ୱ ଓ ସେବା ପାଇଁ କୃତଜ୍ଞତା ଜ୍ଞାପନ କରାଯାଇଥିଲା।

## ରାଜସ୍ୱ ଅମଲା ସଂଘ ଆନ୍ଦୋଳନ, କାର୍ଯ୍ୟ ବ୍ୟାହତ

କୁଚିଣ୍ଡା, ୧୮।୮ (ବିରଞ୍ଚି ଦର୍ଜୀ)



ଧାରଣାରତ ରାଜସ୍ୱ ଅମଲା ସଂଘ କର୍ମକର୍ତ୍ତାଙ୍କ ସହ ଅନ୍ୟମାନେ।

ସମ୍ବଲପୁର ଜିଲା କୁଚିଣ୍ଡା ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୧୦ଦଫା ଦାବି ନେଇ ରାଜସ୍ୱ ଅମଲା ସଂଘର ଧାରଣା ସୋମବାର ଅଷ୍ଟମ ଦିନରେ ପହଞ୍ଚିଛି। ଅମଲାଙ୍କ ଆନ୍ଦୋଳନ ଯୋଗୁ ସରକାରୀ କାର୍ଯ୍ୟ ସମ୍ପୂର୍ଣ୍ଣ ବ୍ୟାହତ ହୋଇଯାଇଛି। ଉପଖଣ୍ଡର କୁଚିଣ୍ଡା, ଜମନକିରା ଓ ବାମରା ତହସିଲ ମାନଙ୍କରେ ବିଭିନ୍ନ ସାର୍ଟିଫିକେଟ, ଜମିଜମା ଚିହ୍ନଟ ସହ ଅନ୍ୟାନ୍ୟ ରାଜସ୍ୱ କାର୍ଯ୍ୟ ହୋଇପାରୁ ନଥିବାରୁ ଆବେଦନକାରୀ ନାହିଁନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ନିଯୁକ୍ତି ପାଇଁ ଆବଶ୍ୟକ ସାର୍ଟିଫିକେଟ ନମିଳିବା କାରଣରୁ ବହୁ ଆଶାୟୀ ଯୁବତୀ ଯୁବକଙ୍କ ଚାକିରି ଆଶା ମଉଳିବାରେ ଲାଗିଛି। ବ୍ଲକ ମାନଙ୍କରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମାପନ ହୋଇଥିଲେ ବି ଅମଲା ଆନ୍ଦୋଳନ ଯୋଗୁ ବିଲ ପେମେଣ୍ଟ ହୋଇପାରୁ ନାହିଁ। ଏତଦ୍ ବ୍ୟତୀତ ଅନ୍ୟାନ୍ୟ ଅଫିସ ମାନଙ୍କରେ ମଧ୍ୟ କାର୍ଯ୍ୟ ପରିଚାଳନାରେ ଅସୁବିଧା ଦେଖିବାକୁ ମିଳିଛି। ସରକାର ଶୀଘ୍ର ଏଦିଗରେ ପଦକ୍ଷେପ ନେଇ ଆନ୍ଦୋଳନକୁ ପ୍ରଶମିତ ନକଲେ ଗୁରୁତର ସଙ୍କଟ ସୃଷ୍ଟି ହେବାର ସମ୍ଭାବନାକୁ ଏଡାଇ ଦେଇ ହେବନାହିଁ। ସୋମବାର ଆନ୍ଦୋଳନରେ ରାଜସ୍ୱ ଅମଲା ସଂଘ ଉପଦେଷ୍ଟା ତରୁଣ ପ୍ରସାଦ ବିଶ୍ୱାଳ, ସଭାପତି ନିହାର ରଞ୍ଜନ କୁମୁରା, ସମ୍ପାଦକ ଅଜୟ ସାହୁ, ରାଜ୍ୟ ଉପସଭାପତି ସୁଜିତ ବୁଡା, ନମ୍ରତା ନାଏକ, ୱିଲିୟମ ବାଘ, ଜିତେନ୍ଦ୍ର ହଂସ, ପ୍ରେମୀ ଧନୱାର, ସରୋଜ କିଷାନ, ସଞ୍ଜିବ ରଣା, ଶଶାଙ୍କ ଶେଖର ମିଶ୍ରଙ୍କ ସମେତ ପ୍ରମୁଖ ନେତୃମଣ୍ଡଳୀ ଧାରଣାରେ ବସିଥିଲେ।




# ମୁଖ୍ୟମନ୍ତ୍ରୀଙ୍କ ବାୟୁ ସ୍ୱାସ୍ଥ୍ୟସେବା ଆରମ୍ଭ

### ୧୨ ଡାକ୍ତର ୨୧ ପର୍ଯ୍ୟନ୍ତ ମାଲକାନଗିରିରେ ଯୋଗାଇବେ ସେବା

ମାଲକାନଗିରି, ୧୮।୮ (ଦୁର୍ଯ୍ୟୋଧନ ପାତ୍ର)

ପୂର୍ବ ସରକାର ମାଲକାନଗିରି ଜିଲାରେ ମୁଖ୍ୟମନ୍ତ୍ରୀଙ୍କ ବାୟୁ ସ୍ୱାସ୍ଥ୍ୟସେବା ଆରମ୍ଭ କରିଥିଲେ। କିନ୍ତୁ ଗତ କିଛି ମାସ ଧରି ଏହି ସେବା ବନ୍ଦ ଥିବା ବେଳେ ପୁନର୍ବାର ଏହା ସୋମବାର ଆରମ୍ଭ ହୋଇଛି। ମାଲକାନଗିରି ଜିଲାରେ ଏକ ୬ ଜଣିଆ ବିଶେଷଜ୍ଞ ଡାକ୍ତରୀ ଦଳ ପହଞ୍ଚି ବାୟୁ ସ୍ୱାସ୍ଥ୍ୟସେବା ଆରମ୍ଭ କରିଛନ୍ତି। ୪ ଦିନ ଧରି ହେବାକୁ ଥିବା ଏହି ବାୟୁ ସ୍ୱାସ୍ଥ୍ୟ ସେବାରେ ପ୍ରଥମ ଦିନରେ ଭୁବନେଶ୍ୱରରୁ ଆସିଥିବା ସହକାରୀ ପ୍ରଫେସର ସର୍ଜରି ଜ୍ୟୋତିର୍ମୟ ନାୟକ, କାର୍ଡିଓଲୋଜି ଆବାନ୍ସ ତାଉଙ୍କ, ନେଫ୍ରୋଲୋଜି ଧୀରଜ କୁମାର ଲେଙ୍କା, ନ୍ୟୁରୋଲୋଜି ସଂଘମିତ୍ର ସାହୁ, ଏଣ୍ଡୋକ୍ରାଇନୋଲୋଜି ସୀତାକାନ୍ତ ପଣ୍ଡା, ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ରାକେଶ ମହାନ୍ତି ଆସି ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଛନ୍ତି। ତେବେ ଜିଲାରେ ଲଘୁଚାପଜନିତ ବର୍ଷା ଲାଗି ରହିଥିବାରୁ ରୋଗୀଙ୍କ ସଂଖ୍ୟା କମ୍ ଥିବା ଜଣାପଡିଛି।

ମଙ୍ଗଳବାର କାର୍ଡିଓଲୋଜି ଡାକ୍ତର ରଞ୍ଜନ କୁମାର ମହାନ୍ତି, ନେଫ୍ରୋଲୋଜି ଅରୁଣା ଆଚାର୍ଯ୍ୟ, ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି କୈବଲ୍ୟ ରଞ୍ଜନ ଦାସ, ନ୍ୟୁରୋଲୋଜି ଔଜଲ୍ୟ କୁମାର ଜେନା, ଏଣ୍ଡୋକ୍ରାଇନୋଲୋଜି ବିଜୟ କୁମାର ସାହୁ ଓ ଆନେସ୍ଥେସିଆ ବିଶେଷଜ୍ଞ ରାଜ କୁମାର ମହାପାତ୍ର ଆସିବା କାର୍ଯ୍ୟକ୍ରମ ରହିଛି। ଏହି ୧୨ ଜଣ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ରହି ବହିର୍ବିଭାଗ ଓ ଗୁରୁତର ରୋଗୀଙ୍କ ଅସ୍ତ୍ରୋପଚାର କରିବାର କାର୍ଯ୍ୟକ୍ରମ ରହିଛି।

ପ୍ରକାଶ ଯେ, ୨୦୨୧ରେ ତତ୍କାଳୀନ ସରକାର ମୁଖ୍ୟମନ୍ତ୍ରୀଙ୍କ ବାୟୁ ସ୍ୱାସ୍ଥ୍ୟସେବା ଯୋଜନା ଆରମ୍ଭ କରଥିଲେ। ଏହା ୨୦୨୩ ଶେଷ ଆଡକୁ ବନ୍ଦ ହୋଇ ଯାଇଥିବା ବେଳେ ବିଗତ ଦିନ ମାନଙ୍କରେ ବିଶେଷଜ୍ଞମାନେ ବିମାନ ଯୋଗେ ଆସି ମାଲକାନଗିରି ଜିଲାର ୫୪୧ ବିଭିନ୍ନ ରୋଗରେ ଆକ୍ରାନ୍ତ ଥିବା ଗୁରୁତର ରୋଗୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଥିଲେ। ବର୍ତ୍ତମାନ ସରକାରଙ୍କୁ ଜିଲାବାସୀ ବାରମ୍ବାର ବାୟୁ ସ୍ୱାସ୍ଥ୍ୟସେବା ଯୋଗାଇବା ଲାଗି ଦାବିକରି ଆସୁଥିବା ବେଳେ ରାଜ୍ୟ ସରକାରଙ୍କ ତରଫରୁ ଏହି ସେବା ପୁନର୍ବାର ଆରମ୍ଭ ହୋଇଛି।



ଚିକିତ୍ସା ସେବା ଲାଗି ହୋଇଥିବା କ୍ୟାମ୍ପରେ ଡାକ୍ତରଙ୍କୁ ସ୍ୱାଗତ କରାଯାଉଛି।

# ନୂଆଦିଲ୍ଲୀ ଗସ୍ତରେ ମନମୋହନ

### ଏପର୍ଯ୍ୟନ୍ତ ଗଠନ ହୋଇନି ନୂଆ କମିଟି, ବୋର୍ଡ ଓ ନିଗମରେ ନିଯୁକ୍ତି ପାଇଁ ନେତାଙ୍କ ଅପେକ୍ଷା

ଭୁବନେଶ୍ୱର, ୧୮।୮ (ସୁନିତ୍ ମିଶ୍ର)

ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ସୋମବାର ନୂଆଦିଲ୍ଲୀ ଗସ୍ତରେ ଯାଇଛନ୍ତି। ଏହି ଅବସରରେ ସେ ଦିଲ୍ଲୀରେ ପହଞ୍ଚିବା ପରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କୁ ଭେଟିଛନ୍ତି। ଏନେଇ ସେ ତାଙ୍କ ଏକ୍ସ ଆକାଉଣ୍ଟରେ ସୂଚନା ଦେଇଛନ୍ତି। ସେଥିରେ ସେ ଉଲ୍ଲେଖ କରିଛନ୍ତି, ରାଜ୍ୟର ବିକାଶ, ସାଙ୍ଗଠନିକ ଦୃଢ଼ୀକରଣ ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଛି। ତେବେ ନିକଟରେ ଦିଲ୍ଲୀ ଗସ୍ତରେ ଯାଇ ମନମୋହନ ଫେରିଥିଲେ। ଫେରିବା ପରେ ବିମାନବନ୍ଦରଠାରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଥିଲେ, ମନ୍ତ୍ରିମଣ୍ଡଳ ବିଷୟରେ ଚର୍ଚ୍ଚା ହୋଇନାହିଁ। ୨୦ ତାରିଖ ଭିତରେ ନିଗମ ଓ ବୋର୍ଡର ପଦବୀ ପୂରଣ ହେବା ସହିତ ସାଙ୍ଗଠନିକ ପୁନର୍ଗଠନ ହେବ ବୋଲି କହିଥିଲେ। ଏହାପରେ ଓଡ଼ିଶା ଗସ୍ତରେ ଦଳର କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ ଆସି ୨ ଦିନ ରହିଥିଲେ। ଏହି ସମୟରେ ସେ ଦଳ ଭିତରେ ଏକ ବୈଠକ କରି ବିଭିନ୍ନ ପଦପଦବୀ ବଣ୍ଟନ ନେଇ ରହିଥିବା ସମସ୍ୟା ସମ୍ପର୍କରେ ଆଲୋଚନା କରିଥିବା ଚର୍ଚ୍ଚା ହୋଇଥିଲା। ବର୍ତ୍ତମାନ ପୁଣି ମନମୋହନ ଦିଲ୍ଲୀ ଗସ୍ତରେ ଯିବାପରେ ଏହିସବୁ ନିଯୁକ୍ତି ପ୍ରକ୍ରିୟା ଦଳ ପକ୍ଷରୁ ତୁରନ୍ତ ଶେଷ ହୋଇପାରେ ବୋଲି ଶୁଣିବାକୁ ମିଳୁଛି। ଅନ୍ୟପଟେ ଆସନ୍ତା ମାସ ୯ରେ ଉପରାଷ୍ଟ୍ରପତି ପଦ ଲାଗି ନିର୍ବାଚନ ହେବାର ଅଛି। ତେଣୁ ଏହା ପୂର୍ବରୁ ଓଡ଼ିଶାର ସମସ୍ତ ଭାଜପା ଏମ୍‌ପିଙ୍କ ସହ ମନମୋହନ ବୈଠକ କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଅନ୍ୟପଟେ ମଙ୍ଗଳବାର ଉପରାଷ୍ଟ୍ରପତି ନିର୍ବାଚନକୁ ନେଇ ଏନ୍‌ଡିଏ ବୈଠକ ଅନୁଷ୍ଠିତ ହେବ।

# ଆଜି ଦେଶର ନିର୍ବାଚନ କମିଶନଙ୍କୁ ଭେଟିବ ବିଜେଡି ପ୍ରତିନିଧିମଣ୍ଡଳୀ

ଭୁବନେଶ୍ୱର, ୧୮।୮ (ସୁନିତ୍ ମିଶ୍ର)

ଗତ ସାଧାରଣ ନିର୍ବାଚନ-୨୦୨୪ରେ ଭୋଟ୍ ଗଣତିରେ ଏପଟସେପଟ ଥିବା ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଥିଲା। ଏହାସହ ନିର୍ବାଚନ ଫଳାଫଳ ବାହାରିବା ପରେ ଦଳ ପକ୍ଷରୁ ୧୭ସି ଫର୍ମ ଦେବା ଲାଗି ବିଜେଡି ପକ୍ଷରୁ ଆବେଦନ କରାଯାଇଥିଲା। ହେଲେ ଏପର୍ଯ୍ୟନ୍ତ ନିର୍ବାଚନ କମିଶନଙ୍କ ପକ୍ଷରୁ ୧୭ସି ଫର୍ମ ପ୍ରଦାନ କରାଯାଇନାହିଁ, ଯେଉଁଥିଲାଗି ଦେଶର ନିର୍ବାଚନ କମିଶନଙ୍କୁ ଭେଟିବା ଲାଗି ବିଜେଡି ପକ୍ଷରୁ ସମୟ ଲୋଡ଼ାଯାଇଥିଲା। ନିର୍ବାଚନ କମିଶନ ମଙ୍ଗଳବାର ଭେଟିବା ଲାଗି ବିଜେଡି ପ୍ରତିନିଧିମଣ୍ଡଳୀକୁ ସମୟ ଦେଇଥିବା ଜଣାପଡ଼ିଛି। ରାଜ୍ୟରୁ ୫ ଜଣ ବିଜେଡି ନେତା ତଥା ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର, ସଞ୍ଜୟ କୁମାର ଦାସବର୍ମା, ଅମର ପଟ୍ଟନାୟକ, ପ୍ରମିଳା ମଲ୍ଲିକ ପ୍ରମୁଖ ସୋମବାର ଦିଲ୍ଲୀ ଗସ୍ତ କରିଛନ୍ତି। ସେଠାରେ ସେମାନେ ନିର୍ବାଚନ କମିଶନଙ୍କୁ ଭେଟିବା ସହ ୧୭ସି ଫର୍ମ ଦେବା ଲାଗି ଆବେଦନ କରିବେ ବୋଲି ଜଣାପଡ଼ିଛି।

# ନୀହାରଙ୍କ ସମେତ ଅନ୍ୟ ଅଭିଯୁକ୍ତଙ୍କ ଜାମିନ ଶୁଣାଣି ଘୁଞ୍ଚିଲା

### ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ମାମଲା

କଟକ, ୧୮।୮ (କାର୍ତ୍ତିକ ସାହୁ)

ଓଡ଼ିଶା ଟିଚର୍ସ ଏଲିଜିବିଲିଟି ଟେଷ୍ଟ (ଓଟିଇଟି) ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ଗିରଫ ହୋଇ ଜେଲରେ ଥିବା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ର ପୂର୍ବତନ ଉପସଭାପତି ନୀହାର ରଞ୍ଜନ ମହାନ୍ତିଙ୍କ ଜାମିନ ଆବେଦନ ଶୁଣାଣିକୁ ଘୁଞ୍ଚାଇ ଦିଆଯାଇଛି। କଟକ ଅତିରିକ୍ତ ଜିଲା ଜଜ୍‌ଙ୍କ କୋର୍ଟରେ ମାମଲାର ଶୁଣାଣି ସୋମବାର ହେବାକୁ ଥିବା ବେଳେ ତାହା ସ୍ଥଗିତ ହୋଇ ଅଗଷ୍ଟ ୨୨ ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ଅନୁରୂପ ଭାବେ ଅନ୍ୟ ଅଭିଯୁକ୍ତମାନଙ୍କ ଜାମିନ ଆବେଦନ ମଧ୍ୟ ଘୁଞ୍ଚାଇ ଦିଆଯାଇଛି। ମାମଲାର ତଦନ୍ତ କରୁଥିବା ଓଡ଼ିଶା କ୍ରାଇମବ୍ରାଞ୍ଚ ଉପସଭାପତି ମହାନ୍ତି ଓ ଅନ୍ୟ ୬ ଜଣଙ୍କୁ ଗିରଫ କରିଥିଲା। ପରେ କ୍ରାଇମବ୍ରାଞ୍ଚ ୨ ଅଭିଯୁକ୍ତ ବୋର୍ଡର ଡାଟା ଏଣ୍ଟ୍ରି ଅପରେଟର ଜିତନ ମହାରଣା ଓ ରାଜ୍ୟ ପୂର୍ବତନ କ୍ୟାଡର ଶିକ୍ଷକ ସଂଘର କାର୍ଯ୍ୟକାରୀ ସଭାପତି ବିଜୟ କୁମାର ମିଶ୍ରଙ୍କୁ ରିମାଣ୍ଡରେ ଆଣି ପଚରାଉଚରା ସହ ଅଧିକ ତଥ୍ୟ ସଂଗ୍ରହ କରିଛି।

# ଶୋକାକୁଳ ପରିବେଶରେ ଯବାନ ମନୋଜଙ୍କ ଶେଷକୃତ୍ୟ

ପରଜଙ୍ଗ, ୧୮।୮ (ନିଗମାନନ୍ଦ ଦଳବେହେରା)

ଜମ୍ମୁ-କଶ୍ମୀର କିସ୍ତୱାରରେ ଗତ ୧୪ ତାରିଖରେ ବାଦଲ ଫଟା ବର୍ଷା ସହ ଭୂ-ସ୍ଖଳନ ଯୋଗୁ ପ୍ରାଣ ହରାଇଥିବା ସିଆଇଏସ୍ଏଫ୍ ଯବାନ ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ମାଣିକମରା ଗାଁର ମନୋଜ ବିଶ୍ୱାଳଙ୍କ ଶେଷକୃତ୍ୟ ସୋମବାର ପୈତୃକ ଗାଁରେ ସମ୍ପନ୍ନ ହୋଇଛି। ତାଙ୍କ ପାର୍ଥିବ ଶରୀର ମାଣିକମରା ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପରିବାର ଲୋକ, ଆତ୍ମୀୟ ସ୍ୱଜନ, ଗ୍ରାମବାସୀ ସହ ଉପସ୍ଥିତ ଲୋକମାନଙ୍କ ଆଖି ଲୁହରେ ଭରିଯାଇଥିଲା। ବୀର ଯବାନ ମନୋଜ ବିଶ୍ୱାଳ ଅମର ରହେ ସ୍ଲୋଗାନ ଭିତରେ ତାଙ୍କ ପାର୍ଥିବ ଶରୀର ପଞ୍ଚଭୂତରେ ବିଲୀନ ହୋଇଯାଇଥିଲା।

ଗାଁର ବୀରପୁଅ ମନୋଜଙ୍କୁ ବିଦାୟ ଦେବା ପାଇଁ ଗାଁ ମଶାଣିକୁ ପ୍ରସ୍ତୁତ କରାଯାଇଥିବା ବେଳେ ଗ୍ରାମବାସୀ ବିରାଟ ଶୋଭାଯାତ୍ରାରେ ମୃତ ଶରୀରକୁ ଗ୍ରାମ ପରିକ୍ରମା କରି ଶ୍ମଶାନକୁ ନେଇଥିଲେ। ସେଠାରେ ସିଆଇଏସ୍ଏଫ୍ ତରଫରୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ଯବାନ ମନୋଜଙ୍କ ବଡ଼ଝିଅ ମୁଖାଗ୍ନି ଦେଇଥିଲେ। ପରଜଙ୍ଗର ପୂର୍ବତନ ବିଧାୟକ ଡ. ନୃସିଂହ ଚରଣ ସାହୁ, ଢେଙ୍କାନାଳର ପୂର୍ବତନ ଏମ୍‌ପି ମହେଶ ସାହୁ, ବିଡିଓ ସୌଭାଗ୍ୟ ବେହେରା, ଅତିରିକ୍ତ ତହସିଲଦାର ମନୋରଞ୍ଜନ ସାହୁ, ପରଜଙ୍ଗ ଥାନା ଏସ୍ଆଇ ଦେବଗ୍ରାହୀ ମହାନ୍ତି, ଏଏସ୍ଆଇ ଜଳନ୍ଧର ବାରିକ, ଦଦରାଘାଟି ଫାଣ୍ଡି ଅଧିକାରୀ ବିକାଶ ଚନ୍ଦ୍ର ବେହେରାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତେବେ ପ୍ରଶାସନ ପକ୍ଷରୁ ଆବଶ୍ୟକ ସମ୍ମାନ ପ୍ରଦର୍ଶନ କରାଯାଇ ନ ଥିବା ପୂର୍ବତନ ଏମ୍‌ପି ମହେଶ ସାହୁ ଅଭିଯୋଗ କରିବା ସହ ଏହାକୁ କଡ଼ା ନିନ୍ଦା କରିଥିଲେ। ଗ୍ରାମବାସୀ ମଧ୍ୟ ଅସନ୍ତୋଷ ପ୍ରକାଶ କରି ବିଡିଓଙ୍କ ନିକଟରେ କ୍ଷୋଭ ପ୍ରକଟ କରିଥିଲେ। ସୂଚନାଯୋଗ୍ୟ, ଯବାନ ମନୋଜ ପ୍ରାୟ ୩୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସିଆଇଏସ୍ଏଫ୍‌ରେ କାର୍ଯ୍ୟ କରି ଆସୁଥିଲେ। ତାଙ୍କର ୨ଟି ଝିଅ ଓ ସ୍ତ୍ରୀ ରହିଛନ୍ତି। ତାଙ୍କ ଭାଇ ମଧ୍ୟ ସିଆଇଏସ୍ଏଫ୍‌ରେ କାର୍ଯ୍ୟରତ ଅଛନ୍ତି।



ଯବାନ ମନୋଜ ବିଶ୍ୱାଳଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ୨ ଝିଅ।




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ବିଶ୍ୱଫଟୋଗ୍ରାଫି ଦିବସ ଓ ରାଜ୍ୟସ୍ତରୀୟ ଫଟୋ ପ୍ରଦର୍ଶନୀ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଶ୍ୱଫଟୋଗ୍ରାଫି ଦିବସ ଉପଲକ୍ଷେ ଆଲୋଚନାଚକ୍ର ଓ ପ୍ରଦର୍ଶନୀ ଉତ୍ସବ, ସ୍ଥାନ: ସଂସ୍କୃତି ବିହାର, ସମୟ: ଅପରାହ୍ନ ୩ ଟା।
- ଆଧ୍ୟାତ୍ମିକ କବିତା ପୁସ୍ତକ ପ୍ରୀତିମଗ୍ନା ଲୋକାର୍ପିତ, ସ୍ଥାନ: ବୁଦ୍ଧମନ୍ଦିର ସଭାଗୃହ, ସମୟ: ଅପରାହ୍ନ ୪ଟା।
- ୟୁରୋ କିଡ୍‌ନୀ କେୟାର ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଗଜପତି ନଗର, ପ୍ଲଟ୍ ନମ୍ବର ୭୭୯୮, ସୈନିକ ସ୍କୁଲ୍ ସାମ୍ନା, ସମୟ: ଅପରାହ୍ନ ୪ଟା।
- ସାରସ୍ୱତ ସମାଜ ପକ୍ଷରୁ ରାଜ୍ୟସ୍ତରୀୟ ଚତୁର୍ଦ୍ଦଶ ବାର୍ଷିକୋତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୪ଟା ୩୦।
- ଓଡ଼ିଶା ଉର୍ଦ୍ଦୁ ଏକାଡ଼େମୀ ପକ୍ଷରୁ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ସଂସ୍କୃତି ଭବନ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ସୂଚନା ଅଧିକାର ଆଇନ ସଂଘ ବାଲିଆପାଳ ଶାଖା ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ପୂର୍ତ୍ତବିଭାଗ ଡାକବଙ୍ଗଳା ପରିସର, ବାଲିଆପାଳ, ସମୟ: ସକାଳ ୯ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ: ଏଡିଏମ୍ ସ୍କୋୟାର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଗଣଧାରଣା, ସ୍ଥାନ: ଜିଲାପାଳଙ୍କ ଦପ୍ତର ସମ୍ମୁଖ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ

- ରାଜ୍ୟପାଳଙ୍କ ସହ ଜିଲାସ୍ତରୀୟ ଅଧିକାରୀଙ୍କ ଆଲୋଚନା, ସ୍ଥାନ: ସର୍କିଟ ହାଉସ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାଜ୍ୟପାଳଙ୍କ ଗ୍ରାମାଞ୍ଚଳ ପାର୍କ ପରିଦର୍ଶନ ଓ ଏସ୍‌ଏଚ୍‌ଜି ମହିଳାଙ୍କ ସହ ଆଲୋଚନା, ସ୍ଥାନ: ବଡ଼ବର୍ଚ୍ଚିକୟାଁ, ବନ୍ତ, ସମୟ: ପୂର୍ବାହ୍ନ ୧୧ ଟା ୦୫।
- ସ୍ୱଚ୍ଛସାଥୀଙ୍କ ସହ ରାଜ୍ୟପାଳଙ୍କ ଆଲୋଚନା, ସ୍ଥାନ: ହରିପୁର, ଭଦ୍ରକ, ସମୟ: ଅପରାହ୍ନ ୩ଟା ୩୦।
- ରାଜ୍ୟପାଳଙ୍କ କୃଷି ବିଜ୍ଞାନ କେନ୍ଦ୍ର ପରିଦର୍ଶନ, ସ୍ଥାନ: ରାଣୀତାଲ କୃଷି ବିଜ୍ଞାନ କେନ୍ଦ୍ର, ଭଦ୍ରକ, ସମୟ: ଅପରାହ୍ନ ୫ଟା ୦୫।

## କେନ୍ଦୁଝର

- ସଂଗ୍ରାମ କେଶରୀ ଜେନାଙ୍କ ସ୍ମୃତି ସାଂସଦ ୪ର୍ଥ ବାର୍ଷିକ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ

- ହ୍ୟାଣ୍ଡଲୁମ୍ ଫେବ୍ ପ୍ରଦର୍ଶନୀ ମେଳା, ସ୍ଥାନ: ଛଉ ପଡ଼ିଆ ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର

- ବିଶ୍ୱ ଫଟୋଗ୍ରାଫି ଦିବସ, ସ୍ଥାନ: ଗ୍ରୀନ କୋର୍ଟିୟାର୍ଡ, ହରିଡାଖଣ୍ଡି ଛକ, ସମୟ: ପୂର୍ବାହ୍ନ ୧୧ଟା।

## କନ୍ଧମାଳ

- ଖରିଫ ଫସଲ ସର୍ଭେ ଉପରେ ବୈଠକ, ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ, ସମୟ: ପୂର୍ବହ୍ନ ୧୦ଟା।
- ମୁଖ୍ୟମନ୍ତ୍ରୀ ମକା ମିଶନ ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରଧାନ ମନ୍ତ୍ରୀ ଫସଲ ବୀମା ଯୋଜନା, ସ୍ଥାନ: ସଦ୍ ଭାବନା ସଭାଗୃହ, ସମୟ: ୧୧.୩୦।
- ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଉପରେ ବୈଠକ, ସ୍ଥାନ: ସଦ୍ ଭାବନା ସଭାଗୃହ, ସମୟ: ଅପରାହ୍ନ ୪ଟା।

## ଅନୁଗୋଳ

- ଆସ ସ୍କୁଲ ଯିବା ସଚେତନତା ଶୋଭାଯାତ୍ରା, ସ୍ଥାନ : ଆଠମଲ୍ଲିକ ପିଏମ୍‌ଶ୍ରୀ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ସମୟ : ଅପରାହ୍ନ ୩ଟା।
- ଆଇନଗତ ସଫେଇ ସୁରକ୍ଷିତ ସଫେଇ କାର୍ଯ୍ୟକ୍ରମ, ସ୍ଥାନ : ଆଠମଲ୍ଲିକ ୱାର୍ଡ ନଂ. ୨, ସମୟ : ଅପରାହ୍ନ ୪ଟା।

## ଜଗତ୍‌ସିଂହପୁର

- ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସଂକ୍ରାନ୍ତୀୟ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଜାତୀୟ ସ୍ୱାସ୍ଥ୍ୟ ମିଶନ ଅନ୍ତର୍ଗତ ଜାତୀୟ ଗୁଣାବତ୍ତା ନିଶ୍ଚିତତା ମାନଦଣ୍ଡ ଓ ସାଧାରଣ ନିର୍ମାଣ ସଂକ୍ରାନ୍ତୀୟ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ସମୟ: ମଧ୍ୟାହ୍ନ ୧୨ଟା ୩୦।

## କେନ୍ଦ୍ରାପଡ଼ା

- ନନ୍ଦୋତ୍ସବ, ସ୍ଥାନ: ଆୟେବା ଓ କଂସାର, କେନ୍ଦ୍ରାପଡ଼ା, ସମୟ: ସକାଳ ୯ଟା।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ବନ୍ଧକଟା, ଗରଦପୁର, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ଶ୍ରୀମଦ୍ ଭାଗବତ ସପ୍ତାଙ୍ଗ ମହାଯଜ୍ଞ ପାରାୟଣର ନଗର କୀର୍ତ୍ତନ, କଳସ ବିସର୍ଜନ, ସ୍ଥାନ: ଦଶପଲ୍ଲା ବ୍ଲକ ସାତପାଟଣାର ପଣଷପାଟଣା, ସମୟ: ସକାଳ ୮ଟା।
- କାଳୀୟ ଦଳନ ଏକାଦଶୀ ଓ ଲବଣି ଖିଆ ଉତ୍ସବ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ ସମୟ: ପୂର୍ବାହ୍ନ ୧୧ଟା।
- ଫଟୋଗ୍ରାଫି ଦିବସ ପାଳନ, ସ୍ଥାନ: ଶରଣକୁଳ ଝାଡେଶ୍ୱରୀ ପୀଠ, ସମୟ: ଅପରାହ୍ନ ୧ଟା।

## ରାୟଗଡ଼ା

- ଜାତୀୟ ସ୍ତରୀୟ ଭଲିବଲ, ଟେବୁଲ ଟେନିସ ପ୍ରତିଯୋଗିତା ଉଦ୍‌ଯାପନୀ ଦିବସ, ସ୍ଥାନ: ଏକଲବ୍ୟ ବିଦ୍ୟାଳୟ, ବିକ୍ରମପୁର, ଗୁଣପୁର, ସମୟ: ସନ୍ଧ୍ୟା ୬ଟା ୩୦।

## ନବରଙ୍ଗପୁର

- ହର୍ଷ ଟ୍ରଷ୍ଟ ଅନୁଷ୍ଠାନ ପକ୍ଷରୁ ମାଣ୍ଡିଆ ପ୍ରଣାଳୀ ଘନତା ନେଇ ତାଲିମ୍, ସ୍ଥାନ: ଝରିଗାଁ ବ୍ଲକ ଚାରକୁଟିଆ ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ବିଭିନ୍ନ ସ୍ୱତନ୍ତ୍ର ବିଦ୍ୟାଳୟର ଶିକ୍ଷକ ପଦବୀ ପାଇଁ ସାକ୍ଷାତକାର, ସ୍ଥାନ: ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ରାଜସ୍ୱ ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରୋଗୀ କଲ୍ୟାଣ ସମିତି ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୪ଟା।
- ଖରିଫ ଚାଷ ନେଇ ସମୀକ୍ଷା ବୈଠକ, ସ୍ଥାନ : ଜିଲାପାଳଙ୍କ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୫ଟା।

## ମାଲକାନଗିରି

- ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ବଳିଦାନ ସ୍ମୃତି ସମାରୋହ, ସ୍ଥାନ:ୟୁନିଅନ ବ୍ୟାଙ୍କ ନିକଟ ଯୋଗ ଗୃହ,ସମୟ: ଅପରାହ୍ନ ୪ଟା ୩୦।

## ସମ୍ବଲପୁର

- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ ସକାଳ ୬ଟା।
- ସମ୍ବଲପୁର ଜିଲା କ୍ରିକେଟ ସଂଘ ଆୟୋଜିତ ଜୁନିୟର ବାଳକ କ୍ରିକେଟ ଟୁର୍ନାମେଣ୍ଟରେ ଫୋରସି ବନାମ ସ୍ପୋର୍ଟିଂ ୟୁନିୟନ ମ୍ୟାଚ, ସ୍ଥାନ: ହାୱା ମଇଦାନ, ସମୟ: ସକାଳ ୯ଟା।
- ଜିଲାପାଳଙ୍କ ସହ ଜିଲା କୃଷକ ସୁରକ୍ଷା ସଙ୍ଗଠନର ଆଲୋଚନା, ସ୍ଥାନ : ଜିଲାପାଳ ଅଫିସ, ସମୟ : ପୂର୍ବାହ୍ନ ୧୦ଟା।
- ଜିଲା ସାମ୍ବାଦିକ ସଂଘ ଆୟୋଜନରେ ବିଶ୍ୱ ଫଟୋଗ୍ରାଫି ଦିବସ ଓ ଫଟୋ ପ୍ରଦର୍ଶନୀର ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା।

## ବଲାଙ୍ଗୀର

- ରାଜସ୍ୱ ଅମଲା ସଂଘର ଧାରଣା ଜାରି, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ରାଉରକେଲା

- ମନସାଦେବୀ ପୂଜା ଶୁଭାରମ୍ଭ ଓ ସାନ୍ଧ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୧୬ ଲୁଆକେରା ବସ୍ତି, ସମୟ: ସକାଳ ୭ଟା।
- ଅଭିଭାବକ ବୈଠକ, ସ୍ଥାନ: ଝିରପାଣି ଥାନା ପଛପାର୍ଶ୍ୱ, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସ ବୁଥ୍‌ସ୍ତରୀୟ ବୈଠକ, ସ୍ଥାନ: ଉଦିତନଗର, ସମୟ: ପୂର୍ବାହ୍ନ ୧୦ଟା।
- ବ୍ୟାସଦେବ ବିଦ୍ୟାମନ୍ଦିରରେ ବୃକ୍ଷରୋପଣ, ସ୍ଥାନ: ବେଦବ୍ୟାସ, ସମୟ: ପୂର୍ବାହ୍ନ ୧୧ଟା।
- ଗୋପବନ୍ଧୁ ସାହିତ୍ୟ ପାଠାଗାରରେ ସାହିତ୍ୟ ସଭା, ସ୍ଥାନ: ଗୋପବନ୍ଧୁ ପାଠାଗାର, ଛେଣ୍ଡ, ସମୟ: ସନ୍ଧ୍ୟା ୭ଟା ୩୦।

## ସୁନ୍ଦରଗଡ଼

- ସୁନ୍ଦରଗଡ ଖ୍ରୀଷ୍ଟିୟାନ କାଉନସିଲ ପକ୍ଷରୁ ରାଲି, ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ନାରୀ କଲ୍ୟାଣ କେନ୍ଦ୍ର ପଡିଆ, ସମୟ ପୂର୍ବାହ୍ନ : ୧୦ଟା।

## ବରଗଡ଼

- ମୃତ୍ତିକା ସରଂକ୍ଷଣ ଉପରେ ଆଲୋଚନା ଚକ୍ର, ସ୍ଥାନ:ଚକୁଳି ପଞ୍ଚାୟତ କୃଷକ ସଂଘ ସଭା କକ୍ଷ, ସରଣ୍ଡା,ସମୟ: ପୂର୍ବାହ୍ନ ୧୧ଟା।

## କଳାହାଣ୍ଡି

- ଅମଲା ସଂଘର କାର୍ଯ୍ୟବନ୍ଦ ପ୍ରତିବାଦ ସଭା, ସ୍ଥାନ: ଭବାନୀପାଟଣା ଅମଲା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ଅଭିଯୋଗ ପ୍ରତିବିଧାନ ମଞ୍ଚ, ସ୍ଥାନ: ଭବାନୀପାଟଣା ସବ୍‌ଡିଭିଜନ ଅଫିସ-୨, ସମୟ: ପୂର୍ବାହ୍ନ ୧୦ଟା।

## ସୁବର୍ଣ୍ଣପୁର

- ଯୁବ ରେଡକ୍ରସର ଜିଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ, ସ୍ଥାନ: ସୋନପୁର କଲେଜ ହଲ, ସମୟ: ପୂର୍ବାହ୍ନ ୧୧ଟା।
- ସୁବର୍ଣ୍ଣପୁରର ମା' ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତି, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତି, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।

## ନୂଆପଡ଼ା

- ଜିଲା ରାଜସ୍ୱ ଅମଲା ସଂଘ ଧାରଣା ୯ମ ଦିବସ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଥାନା ଘେରାଉ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଧରମବନ୍ଧା, ସମୟ: ପୂର୍ବାହ୍ନ ୧୦ଟା।
- ପୁରୁଷ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀଙ୍କ ଆନ୍ଦୋଳନ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ନୂଆପଡା, ସମୟ: ସକାଳ ୮ଟା।
- ୧୭ତମ ଇଣ୍ଡିପେଣ୍ଡେଣ୍ଟ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ, ସ୍ଥାନ: କୋମନା ବ୍ଲକ ତରବୋଡ ରାଜୀବ ଗାନ୍ଧୀ ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।
- ପିଏମ୍-ଜନମନ ଯୋଜନାର ଗୃହ ପ୍ରବେଶ ଉତ୍ସବ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଭରୁଆମୁଣ୍ଡା ପଞ୍ଚାୟତ ଭରୁଆମୁଣ୍ଡା ଗାଁ, ସମୟ: ପୂର୍ବାହ୍ନ ୧୦ଟା।

## ଝାରସୁଗୁଡ଼ା

- ପଞ୍ଚ ଉପଚାର ପୂଜା ଓ ଚାଳିଶା ପଠନ, ସ୍ଥାନ: ସାହାପଡ଼ା ହନୁମାନ ମନ୍ଦିର, ସମୟ: ସକାଳ ୮ଟା।
- ଏକ ଦିବସୀୟ କ୍ରିକେଟ୍ ମ୍ୟାଚ, ସ୍ଥାନ: ଗୌରଡ଼ିହି, ସମୟ:ସକାଳ ୯ଟା।
- ଖୋ ଖୋ ପ୍ରତିଯୋଗିତା, ସ୍ଥାନ: କିର୍ମିରାସ୍ଥିତ ଏକଲବ୍ୟ ମଡେଲ ସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କର୍ମଭାବରୁ ଷଷ୍ଠସ୍ଥ ଚନ୍ଦ୍ର ଯୋଗୁ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ବନ୍ଧୁ ସାହାଯ୍ୟ ସହଯୋଗର ଦୃଢ଼ ପ୍ରତିଶ୍ରୁତି ଦେବେ, କିନ୍ତୁ କିଛିବି କରିବେ ନାହିଁ। ନିଜର ଲୋକମାନଙ୍କୁ ବୃଥା ସନ୍ଦେହକରି ନିଜେ ହିଁ କ୍ଷତିରେ ପଡ଼ିବେ। କ୍ରୀଡ଼ା, ଚଳଚ୍ଚିତ୍ର, ପ୍ରକାଶନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂରହେବା ସୂଚନା ରହିଛି।

**ବୃଷ** ଶାରୀରିକ ଦୁର୍ବଳତା ହେତୁ କାମ କରିବାକୁ ଆଗ୍ରହ ପ୍ରକାଶ କରିବେ ନାହିଁ। କେତୁଯୁକ୍ତ ରବିଙ୍କ ଯୋଗୁ ପାରସ୍ପରିକ ବୁଝାମଣାର ଅଭାବ ପରିଲକ୍ଷିତ ହୋଇପାରେ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେବେ। ସଭାସମିତିରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିପାରନ୍ତି।

**ମିଥୁନ** ବନ୍ଧୁଙ୍କ ପରାମର୍ଶକୁ ଗ୍ରହଣକଲେ କେତେକାଂଶରେ ଉପକୃତ ହେବେ। ପାପଗ୍ରହଯୁକ୍ତ ତୃତୀୟାଧିପ ଯୋଗୁ ପ୍ରିୟଜନଙ୍କ ସହଯୋଗ ଅଭାବରୁ କାର୍ଯ୍ୟ ସ୍ଥଗିତ ରହିଯାଇପାରେ। ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିବାକୁ ମନ ବଳାଇପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରାରେ ଲକ୍ଷ୍ୟପୂରଣ ହେବାରେ କୌଣସି ପ୍ରତିବନ୍ଧକ ରହିବ ନାହିଁ।

**କର୍କଟ** ଆଲୋଚନା ପରିସରରେ ଦୀର୍ଘଦିନରୁ ଭାଙ୍ଗିପଡ଼ିଥିବା କୌଣସି ସମ୍ପର୍କ ପୁନଃ ପ୍ରତିଷ୍ଠିତ ହେବ। ଭାବପ୍ରବଣ ବଶତଃ ଓଲଟା କଥା କହି ପରିବାରରେ ସମାଲୋଚିତ ହୋଇପାରନ୍ତି। ଚନ୍ଦ୍ର ଓ ଶୁକ୍ର ଦ୍ୱାଦଶସ୍ଥ ଯୋଗୁ ସଂସାର ଯାତ୍ରା କ୍ଷେତ୍ରରେ ବ୍ୟତିକ୍ରମ ଲାଗି ରହିବ। ବନ୍ଧୁଙ୍କ ସହଯୋଗ ହେତୁ ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିପାରନ୍ତି।

**ସିଂହ** ଲାଭଭାବରେ ଶୁଭଗ୍ରହ ରହିଥିବାରୁ ଆଶାପୂରଣ ଦିଗରେ ବନ୍ଧୁଙ୍କ ସହ ପରାମର୍ଶ ହିତକର ହେବ। ପରିସ୍ଥିତିରେ ପଡ଼ି ଗୁଡ଼ିଏ ଟଙ୍କା ଖର୍ଚ୍ଚକରି ଦୁଃଖପ୍ରକାଶ କରିପାରନ୍ତି। ଈର୍ଷାପରାୟଣ ବ୍ୟକ୍ତିମାନଙ୍କ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ। ସାମାଜିକ ସ୍ତରରେ ପ୍ରତିଯୋଗିତା କିମ୍ବା ବିବାଦୀୟ ଘଟଣାରେ ବିଜୟୀ ହେବେ।

**କନ୍ୟା** ତୃତୀୟ ଅଷ୍ଟମାଧିପ ମଙ୍ଗଳଙ୍କ କୁପ୍ରଭାବରେ କୃତକାର୍ଯ୍ୟ ହେବା କଷ୍ଟକର ହୋଇପାରେ । ସାଂସ୍କୃତିକ କାର୍ଯ୍ୟକ୍ରମ ଅବସରରେ ସାହିତ୍ୟ, ସାମ୍ବାଦିକତା, ଗବେଷଣା, ଏଜେନ୍ସିପ୍ରରୁ ଖୁସି ରହିବେ। ଅଚାନକ ଭାବରେ ବନ୍ଧୁଙ୍କ ନିକଟରୁ ଶୁଭ ଖବର ଶୁଣି ଖୁସି ହେବେ। ପରିସ୍ଥିତିରେ ପଡ଼ି ଖର୍ଚ୍ଚାନ୍ତ ହେବା ସହ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବ।

**ତୁଳା** ଭାଗ୍ୟ ସ୍ଥାନରେ ଗୁରୁଶୁକ୍ର ଥିବାରୁ କର୍ମକ୍ଷେତ୍ର ଓ ପରିବାରର ସମସ୍ୟା ସମାଧାନର ମାର୍ଗ ଉନ୍ମୁକ୍ତ ହେବ। ବନ୍ଧୁଙ୍କ ଆଦର ଅଭ୍ୟର୍ଥନା ସହ ପ୍ରାଚୁର୍ଯ୍ୟ ମଧ୍ୟରେ ସମୟ ଅତିବାହିତ କରିବେ। ବାଣିଜ୍ୟ ଓ ପରିବହନରେ ଉନ୍ନତମାନର ଫଳ ପାଇପାରନ୍ତି। ପ୍ରିୟଜନଙ୍କ ପରାମର୍ଶରେ ଧର୍ମକାର୍ଯ୍ୟରେ ନିଜକୁ ନିୟୋଜିତ କରିବା ସମ୍ଭାବନା ରହିଛି।

**ବିଛା** କେତୁଙ୍କ ସହ ରବିଙ୍କ ଦୃଷ୍ଟି ପ୍ରଭାବରେ ପାରିବାରିକ କ୍ଷେତ୍ରରେ ଭୁଲ୍ ବୁଝାମଣାଜନିତ ଅପ୍ରୀତିକର ପରିସ୍ଥିତି ସୃଷ୍ଟିହେବ । ଖର୍ଚ୍ଚ ପରିମାଣ ବୃଦ୍ଧି ପାଇବାରୁ ମାନସିକ ଗ୍ଲାନି ଅନୁଭବ କରିପାରନ୍ତି। ଦୂରଯାତ୍ରାରେ ଲକ୍ଷ୍ୟପୂରଣ ହେବ ଓ ଅଭିଳଷିତ ଜିନିଷ ପାଇବେ। ଦୀର୍ଘଦିନରୁ ଚିନ୍ତା କରିଥିବା କାର୍ଯ୍ୟ ସମ୍ପନ୍ନକରି ଖୁସି ମନାଇ ପାରନ୍ତି।

**ଧନୁ** ଆଜି ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ। ସରକାରୀ ଅନୁକମ୍ପା ଲାଭକରି କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କମିପାରେ। ଶନିଙ୍କ ସ୍ଥିତିଜନିତ ପାରିବାରିକ କ୍ଷେତ୍ରରେ ଠିକ୍ ଭୁଲ୍‌ର ବିଚାର ନ କରି କାମକଲେ ପ୍ରତାରିତ ହେବେ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ ଏବଂ ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ।

**ମକର** ତୃତୀୟାଧିପଙ୍କ ଦୃଷ୍ଟି ହେତୁ ଆତ୍ମୀୟସ୍ୱଜନଙ୍କ ସାହାଯ୍ୟ ଫଳରେ କାମ କରିବାର ସ୍ପୃହା ଜାଗ୍ରତ ହେବ। ପରିବାରରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। ଯାତ୍ରା ସମୟରେ ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହୋଇପାରେ। ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ ଭଲ କାମକରି ମଧ୍ୟ ନିନ୍ଦା ଶୁଣିପାରନ୍ତି।

**କୁମ୍ଭ** ନୀଚାଭିମୁଖୀ ଶନିଙ୍କ ପ୍ରଭାବରୁ ସ୍ୱାସ୍ଥ୍ୟ ପରୀକ୍ଷା କରିବାର ଆବଶ୍ୟକତାକୁ ନେଇ ଡାକ୍ତରଙ୍କ ପରାମର୍ଶ ପାଇଁ ଦୌଡ଼ିବାକୁ ପଡ଼ିପାରେ। ଶିଳ୍ପ, ବ୍ୟବସାୟ ଓ ପରିବହନରେ ସମସ୍ୟାର ଆଶଙ୍କା ରହିଛି। ବିବାଦୀୟ ସ୍ଥିତିରେ ବିଲୟ ଘଟି ଭ୍ରାତୃ ସମ୍ପର୍କରେ ଉନ୍ନତି ଘଟିବାରୁ ଖୁସି ରହିବେ। ପ୍ରିୟ କଥା କହି ବୁଦ୍ଧିଜୀବୀଙ୍କ ପ୍ରିୟଭାଜନ ହୋଇପାରନ୍ତି।

**ମୀନ** ଯେତେ ଭଲ କାମ କରନ୍ତୁନା କାହିଁକି ପରିବାରରେ ସମାଲୋଚିତ ହେବେ। ରବି ଓ ରାହୁଙ୍କ ପ୍ରଭାବରୁ ରାଜନୀତିରେ ଲକ୍ଷ୍ୟ ହାସଲ କରିବେ ଓ ସାମାଜିକ ପ୍ରତିଷ୍ଠା ବଢ଼ିବ। ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବ, କିନ୍ତୁ ଋଣ ପରିଶୋଧ ପାଇଁ ବ୍ୟାକୁଳତା ପ୍ରକାଶ କରିପାରନ୍ତି। ସନ୍ତାନଙ୍କ ନିମ୍ନମାନର ଶିକ୍ଷା ଓ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହେବେ।

ଆଜି ଅଗଷ୍ଟ ୧୯ ତାରିଖ, ବିଶ୍ୱ ଫଟୋଗ୍ରାଫି ଦିବସ, ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ କାଳୀୟଦଳନ ବେଶ, ଧେନୁକାସୁର ବଧ ପ୍ରସ୍ତାବ, ଭାଦ୍ରବ କୃଷ୍ଣପକ୍ଷର ଅଜା/କାଳୀୟଦଳନ ଏକାଦଶୀ ମଙ୍ଗଳବାର। ରାଶିନକ୍ଷତ୍ର-ଆରଦ୍ରା/ମିଥୁନ, ଏକାଦଶୀରେ ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୮।୪୦ ଗତେ, ଘ.୧୦।୩୪ ମଧ୍ୟେ, ଘ.୦୧।୦୫ ଗତେ, ଘ.୦୧।୨୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୫୯ ଗତେ, ଘ.୦୪।୩୪ ମଧ୍ୟେ ରାହୁକାଳ।

# ଆଇସିୟୁରୁ କ୍ୟାବିନ୍‌କୁ ସିଫ୍ଟ ହେଲେ ନବୀନ

## ଯେଉଁମାନେ ଦେଖାହେବାକୁ ଚାହୁଁଛନ୍ତି ନବୀନ ନିବାସ ଆସନ୍ତୁ ବୋଲି କହିଲେ ନବୀନ

ଭୁବନେଶ୍ୱର,୧୮।୮(ସୁନିତ୍ ମିଶ୍ର)

ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଡିହାଇଡ୍ରେସନ୍ ସମସ୍ୟା ଯୋଗୁ ରବିବାର ସ୍ଥାନୀୟ ଏକ ଘରୋଇ ହସ୍ପିଟାଲ ସମ୍ ଅଲ୍‌ଟିମେଟ୍‌ରେ ଆଡ୍‌ମିଟ୍ ହୋଇଛନ୍ତି। ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିଥିବା ଜଣାପଡ଼ିଛି। ଜଣେ ବରିଷ୍ଠ ବିଜେଡି ନେତାଙ୍କ ସୂତ୍ରରୁ ଜଣାପଡ଼ିଛି ଯେ, ନବୀନ ବର୍ତ୍ତମାନ ଆଇସିୟୁରୁ କ୍ୟାବିନ୍‌କୁ ସିଫ୍ଟ ହୋଇଛନ୍ତି। ହସ୍ପିଟାଲରୁ ନବୀନ ଏକ ଭିଡିଓ ଜାରି କରି କହିଛନ୍ତି, ଡାକ୍ତରମାନଙ୍କ ଚିକିତ୍ସା ଏବଂ ସେବା ଯୋଗୁ ସେ ଏବେ ଭଲ ଅଛନ୍ତି। ଯେଉଁମାନେ ତାଙ୍କୁ ଦେଖିବାକୁ ଚାହୁଁଛନ୍ତି ସେମାନେ ନବୀନ ନିବାସ ଆସିପାରିବେ ବୋଲି ସେ କହିଛନ୍ତି। ଏଭଳି ସ୍ୱାସ୍ଥ୍ୟାବସ୍ଥା ଭିତରେ ଭିଡିଓ ବାର୍ତ୍ତା ଜାରି କରିବା ଲାଗି କାହିଁକି ତାଙ୍କୁ ଆବଶ୍ୟକ ପଡ଼ିଲା ବୋଲି ଅନେକ ନେତା ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପଟେ ବରିଷ୍ଠ ବିଜେଡି ନେତା ଦେବୀ ପ୍ରସାଦ ମିଶ୍ର କହିଛନ୍ତି ନବୀନବାବୁ ସୁସ୍ଥ ଅଛନ୍ତି, ସେ ସକାଳ ଜଳଖିଆ କରିଛନ୍ତି। କିଛିଦିନ ଭିତରେ ସେ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଯିବେ ବୋଲି ଦେବୀ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯେବେ ପୂରିଥାଏ ଡୋଲି,**
**ସୁସାର ବଚନ ବୋଲି ।**

ଡୋଲିର ଅର୍ଥ ପେଟ। ପେଟ ପୂରିଥିଲେ ପାଟିରୁ ମଧୁର କଥା ବାହାରେ। ପେଟ ଶାନ୍ତି ତ ମନ ଶାନ୍ତି। ପରନ୍ତୁ ପେଟ ପୂରି ନ ଥିଲେ, ଭୋକରେ ପେଟ ଜଳୁଥିଲେ ମୁଣ୍ଡକୁ ପିତ୍ତ ଚଢ଼ିଯାଇଥାଏ। ମନରେ ଅହେତୁକ କ୍ରୋଧ ଭାବନା ଆସିଯାଇଥାଏ। ପାଟିରୁ ଯାହା ଇଚ୍ଛା ତାହା ବାହାରିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ରତନି, ପାଟ ପତନି,**
**ବରଗଛ ମୂଳେ ଘର;**
**ବାପ ଜାଣି ନାହିଁ, ମା' ଜାଣି ନାହିଁ,**
**ନେଇଗଲା ବୁଢ଼ା ବର।**

ପ୍ରେମ ଅନ୍ଧ। ବେଳେବେଳେ ପ୍ରେମରେ ପଡ଼ିଲେ ମଣିଷ ନିଜ ହିତାହିତ ଜ୍ଞାନ ହରାଇ ବସିବା ସହ ରଙ୍ଗିନ ସ୍ୱପ୍ନରେ ଭାସି ଯାଇ ଆଗତ ଭବିଷ୍ୟତ କଥା ପାସୋରି ଦେଇଥାଏ। ମାତାପିତାଙ୍କ ଅଗୋଚରରେ ଯୁବତୀ ଝିଅଟି ପର ପୁରୁଷ ସହ ଗୋପନରେ ଘରୁ ପଳାଇଯାଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ନିଯୁକ୍ତ ହେବେ ୧୮୪୦ ଡାକ୍ତର: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୮।୮(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ସୋମବାର ଲୋକସେବା ଭବନଠାରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟମନ୍ତ୍ରୀ ରାଜ୍ୟର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରି ରାଜ୍ୟରେ ଖାଲିପଡ଼ିଥିବା ବିଭିନ୍ନ ଡାକ୍ତର ଓ ପ୍ରଫେସର ପଦବୀ ପୂରଣ ଉପରେ ଗୁରୁତ୍ୱାରୋପ କରିଛନ୍ତି।

ବୈଠକର ଆଲୋଚନାରୁ ଜଣାପଡ଼ିଛି, ଖୁବ୍‌ଶୀଘ୍ର ରାଜ୍ୟରେ ୧୮୪୦ ଡାକ୍ତର ତଥା ମେଡିକାଲ ଅଫିସର ନିଯୁକ୍ତି ପାଇବେ। ୫ ହଜାରରୁ ଊର୍ଦ୍ଧ୍ୱ ପାରାମେଡିକାଲ ଷ୍ଟାଫ୍ ମଧ୍ୟ ନିଯୁକ୍ତ ହେବେ। ରାଜ୍ୟର ସମସ୍ତ ସ୍ଥାନରେ ଉପଯୁକ୍ତ ସଂଖ୍ୟାରେ ମେଡିକାଲ ଅଫିସର ନିଯୁକ୍ତିନିମନ୍ତେ ସୁବ୍ୟବସ୍ଥାକରଣ ପ୍ରକ୍ରିୟା କରାଯିବା ସହିତ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳଗୁଡ଼ିକରେ ଅଧିକରୁ ଅଧିକ ଡାକ୍ତର ନିଯୁକ୍ତି ପ୍ରଦାନ କରିବା ପାଇଁ ଏହି ବୈଠକରେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ମେଡିକାଲ କଲେଜରେ ଖାଲିପଡ଼ିଥିବା ଆସିଷ୍ଟାଣ୍ଟ ପ୍ରଫେସର, ଆସୋସିଏଟ୍ ପ୍ରଫେସର ଏବଂ ପ୍ରଫେସର ପଦବୀ ଖୁବ୍‌ଶୀଘ୍ର ପୂରଣ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ବିଭିନ୍ନ ମେଡିକାଲ କଲେଜରେ ପିଜି ସିଟ୍ ସଂଖ୍ୟା ବୃଦ୍ଧି, ମେଡିକାଲ କଲେଜ ଭିତ୍ତିଭୂମିର ବିକାଶ, ସ୍ୱାସ୍ଥ୍ୟସେବା ଛଡ଼ା ଅନ୍ୟାନ୍ୟ ଆବଶ୍ୟକ ପଦବୀ ପୂରଣ ଓ ଟେକ୍ନିକାଲ ଷ୍ଟାଫ୍‌ଙ୍କ ନିଯୁକ୍ତି ସମ୍ବନ୍ଧରେ ମୁଖ୍ୟମନ୍ତ୍ରୀ ଉକ୍ତ ବୈଠକରେ ଆଲୋଚନା କରି ଏଥିନିମନ୍ତେ ବିଭାଗୀୟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତ୍ୟେକ ଦୁର୍ଘଟଣାପ୍ରବଣ ଅଞ୍ଚଳରେ ଇଣ୍ଟିଗ୍ରେଟେଡ୍ ଟ୍ରମା କେୟାର ସେଣ୍ଟର ସ୍ଥାପନ ପାଇଁ ଗୁରୁତ୍ୱ ଦେବା, ଯେଉଁ ସ୍ଥାନକୁ ଡାକ୍ତରମାନେ ଯିବା ପାଇଁ ଅରାଜି ହେଉଛନ୍ତି ସେହି ସ୍ଥାନଗୁଡ଼ିକରେ ଡାକ୍ତରଙ୍କ ପ୍ରୋତ୍ସାହନ ରାଶି ବୃଦ୍ଧି କରିବା ଏବଂ ଆୟୁଷ ଡାକ୍ତରଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା ହୋଇଛି। ଡାକ୍ତରଙ୍କ ସମସ୍ୟା, ନିଯୁକ୍ତି, ବେତନ, ମେଡିକାଲ ଶିକ୍ଷାରେ ସିଟ୍ ବୃଦ୍ଧି ଭଳି ବିଭିନ୍ନ ବିଷୟ ଉପରେ ଆଲୋଚନା କରି ଉପଯୁକ୍ତ ପଦକ୍ଷେପ ନେବା ପାଇଁ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏହି ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୀବ ମିଶ୍ର, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ସ୍ୱାସ୍ଥ୍ୟ ବିଭାଗ କମିଶନର ତଥା ସଚିବ ଅଶ୍ୱଥି ଏସ୍, ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ବୃନ୍ଦା ଡି, ଓଡ଼ିଶା ଷ୍ଟେଟ୍ ମେଡିକାଲ କର୍ପୋରେଶନ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶିକା ପୋମା ଟୁଡୁ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

ପ୍ରଥମ ପୃଷ୍ଠାରୁ...

## ସେପ୍ଟେମ୍ବରରୁ ଓଡ଼ିଶାରେ...

ନ କମିବ, ତାକୁ କମିଶନ ଗୁରୁତ୍ୱ ଦେଉଛନ୍ତି ବୋଲି ସିଇଓ ଗୋପାଳନ କହିଛନ୍ତି। ସୋମବାର ଭୁବନେଶ୍ୱରସ୍ଥିତ ସିଇଓଙ୍କ କାର୍ଯ୍ୟାଳୟରେ ଏସ୍‌ଆଇଆର୍ ଓ ନିର୍ବାଚନ ପ୍ରକ୍ରିୟା ସୁଦୃଢ଼ୀକରଣ ନେଇ ସିଇଓ ଗୋପାଳନ କହିଛନ୍ତି, ଶେଷଥର ପାଇଁ ୨୦୦୨ରେ ଭୋଟର ତାଲିକା ସଂଶୋଧନ କରାଯାଇଥିଲା। ଓଡ଼ିଶାର ୭ହଜାର ଏପିକ୍ ନମ୍ବର ଥିବା ଭୋଟର କାର୍ଡ ପରିବର୍ତ୍ତନ କରି ନୂଆ ଭୋଟର କାର୍ଡ ପ୍ରଦାନ କରାଯାଇଛି। ଏଥିରୁ କେବଳ ୫ହଜାର ଏପିକ୍ ନମ୍ବର ବାଙ୍ଗାରେ ରହିଥିଲା, ଯେଉଁମାନଙ୍କର ନାଁ ଗୁଜରାଟ ଭୋଟର ତାଲିକାରେ ରହିଛି ବୋଲି ଜଣାପଡ଼ିବା ପରେ ସେଗୁଡ଼ିକୁ ବାଦ୍ ଦିଆଯାଇଛି। ବାକି ୨ହଜାର ଏପିକ୍ ନମ୍ବର କର୍ଣ୍ଣାଟକ, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ସହିତ ମିଶୁଥିଲା। ଏହି ଏପିକ୍ ନମ୍ବର କେବଳ ଭୋଟ ପରିଚୟ ପତ୍ର ପାଇଁ ଦିଆଯାଇଥିଲା। ଏହି ଏପିକ୍ ନମ୍ବରରେ କେହି ଭୋଟ ଦେଇପାରିବେ ନାହିଁ। ବର୍ତ୍ତମାନ ସ୍ୱତନ୍ତ୍ର ଏପିକ୍ ନମ୍ବର ନିର୍ବାଚନ କମିଶନଙ୍କ ପକ୍ଷରୁ ପ୍ରଦାନ କରାଯିବ।

ଗୋପାଳନ କହିଛନ୍ତି, ବିରୋଧୀ ଦଳ ପକ୍ଷରୁ ଭୋଟ୍ ଚୋରି ନେଇ ଅଣାଯାଇଥିବା ବିଭିନ୍ନ ଅଭିଯୋଗ ଭିତ୍ତିହୀନ ବୋଲି ପ୍ରମାଣିତ ହୋଇଛି। ରାଜ୍ୟରେ ବିଜେଡି ଏବଂ ଅନ୍ୟ ଦଳ ପକ୍ଷରୁ ଆସିଥିବା ଅଭିଯୋଗର ସମ୍ପୂର୍ଣ୍ଣ ଉତ୍ତର ରଖାଯାଇଛି। ଏହାବାଦ୍ ବିଜେଡି ପକ୍ଷରୁ ଯେଉଁ ଅଭିଯୋଗ ରହିଛି, ତାହା ଇସିଆଇ ନିୟମ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟସୀମାଠାରୁ ବାହାରେ ରହିଛି। ଯଦି କୌଣସି ଦଳ ଚାହିଁବେ ତେବେ ହାଇକୋର୍ଟ କିମ୍ବା ସୁପ୍ରିମକୋର୍ଟଙ୍କଠାରୁ ନିର୍ଦ୍ଦେଶ ଆଣିଲେ ତାହାକୁ ଆୟୋଗ ଗୁରୁତ୍ୱର ସହ ଅନୁଧ୍ୟାନ କରିବ। ସେ ଆହୁରି କହିଛନ୍ତି, ଜଣେ ଭୋଟର ବିଧାନସଭାରେ ଭୋଟ ଦେଇ ଲୋକ ସଭାରେ ଦେଇ ନ ପାରନ୍ତି। ନଚେତ୍ କେଉଁଠି ନ ଦେଇ ଚାଲି ଯାଇପାରନ୍ତି। ସେଭଳି କ୍ଷେତ୍ରରେ ଭୋଟ୍‌ର ଅସାମଞ୍ଜସ୍ୟ କିମ୍ବା ପାର୍ଥକ୍ୟ ରହିବ; ଯେଉଁଥିପାଇଁ ଲୋକ ସଭା ଏବଂ ବିଧାନସଭା ଭୋଟିଂରେ ତାରତମ୍ୟ ଦେଖିବାକୁ ମିଳିଛି। ଭୋଟ ଗ୍ରହଣ ସରିବା ପରେ ବିଳମ୍ବିତ ରାତିରେ ଦିଆଯାଉଥିବା ଭୋଟ ହାର ଏବଂ ଭୋଟ ଗ୍ରହଣ ପରଦିନ ଦିଆଯାଉଥିବା ଭୋଟ ହାରରେ ଥିବା ତଫାତ୍‌କୁ ନେଇ ନିର୍ବାଚନ ଅଧିକାରୀ କହିଛନ୍ତି, ଏକ ସମୟରେ ସବୁ ବୁଥ୍‌ରୁ ମତଦାନ ସଂଖ୍ୟା ଆସି ନ ଥାଏ। ତେଣୁ ହାରରେ ପାର୍ଥକ୍ୟ ରହିବା ସ୍ୱାଭାବିକ ପ୍ରକ୍ରିୟା। ପୂର୍ବରୁ ଏସବୁ ଫୋନ ମାଧ୍ୟମରେ ରିଟର୍ଣ୍ଣିଂ ଅଧିକାରୀଙ୍କଠାରୁ ତଥ୍ୟ ସଂଗ୍ରହ କରାଯାଇ ଅବଗତ କରାଯାଇଥାଏ। ଭୋଟ ଗ୍ରହଣ ପରଦିନ ଯେଉଁ ଭୋଟ ହାର ପ୍ରଦାନ କରାଯାଏ ତାହା ଠିକ୍ ଭୋଟ ହାର। ତେବେ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଏବେ ଇସିଆଇ-ନେଟ୍ ପୋର୍ଟାଲ କାର୍ଯ୍ୟକ୍ଷମ ହୋଇଛି, ଯାହା ମାଧ୍ୟମରେ ଏକାଥରକେ ସବୁ ବୁଥର ତଥ୍ୟ ଏକସଙ୍ଗରେ ଜାଣିହେବ। ଏହି ଅବସରରେ ସିଇଓ ଗୋପାଳନ 'ଫର୍ମ ୧୭-ସି'କୁ ନେଇ କହିଛନ୍ତି, ଭୋଟ ଗ୍ରହଣ ସରିବା ପରେ ରାଜନୈତିକ ଦଳଗୁଡ଼ିକର ପ୍ରତିନିଧିମାନଙ୍କୁ ଦିଆଯାଇଥାଏ। ଯେଉଁ ରାଜନୈତିକ ଦଳ ଏନେଇ ଅଭିଯୋଗ ଆଣୁଛନ୍ତି, ସେମାନେ ପ୍ରଥମେ ତାଙ୍କ ଏଜେଣ୍ଟଙ୍କୁ ଏକଥା ପଚାରନ୍ତୁ। ସେମାନେ ନିର୍ବାଚନ ପ୍ରକ୍ରିୟା ଶେଷ ପର୍ଯ୍ୟନ୍ତ ଥିଲେ କି ନାହିଁ ? ତାହା ହେଲେ ସେମାନେ ବୁଝିପାରିବେ, ତାଙ୍କ ପ୍ରତିନିଧି ବାସ୍ତବରେ ସତ କହୁଛନ୍ତି କି ନାହିଁ।

## ବାଦ୍ ପଡ଼ିଲେଣି...

ଦିନରେ ଏହି ସଂଖ୍ୟା ବଢ଼ିପାରେ ବୋଲି ସେ କହିଛନ୍ତି। ସେ କହିଛନ୍ତି, ରାଜ୍ୟରେ ଆସନ୍ତା ସେପ୍ଟେମ୍ବରରୁ ହେବାକୁ ଥିବା ସ୍ୱତନ୍ତ୍ର ସଂଘନ ସଂଶୋଧନ(ଏସ୍‌ଆଇଆର୍) ପ୍ରକ୍ରିୟା ଲାଗି କେବଳ ବ୍ଲକସ୍ତରରେ ୪୫ହଜାର ଅଧିକାରୀ ସାମିଲ ହେବେ। ଏହାବାଦ୍ ଜିଲା ଓ ରାଜ୍ୟସ୍ତରରେ ଅଧିକାରୀ ରହିଛନ୍ତି।

ତେବେ ଦେଶରେ ନିର୍ବାଚନ ସଂସ୍କାର ଆଣିବାପାଇଁ ଭାରତର ନିର୍ବାଚନ ଆୟୋଗଙ୍କ ପକ୍ଷରୁ ୧୦୦ ଦିନରେ ୨୧ଟି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ଆଗାମୀ ଦିନରେ ଭୋଟର ବ୍ୟବସ୍ଥାକୁ କିଭଳି ଅଧିକ ଶୃଙ୍ଖଳିତ ଓ ସ୍ୱଚ୍ଛ କରାଯାଇ ପାରିବ ସେନେଇ ଉଦ୍ୟମ କରାଯାଉଛି। ଏହି ବୈଠକରେ ସିଇଓ କାର୍ଯ୍ୟାଳୟର ବହୁବରିଷ୍ଠ ଅଧିକାରୀ, ବୈଦ୍ୟୁତିକ ଓ ଛାପା ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ।

## ନାବାଳିକାଙ୍କୁ ଗଣବଳାତ୍କାର...

କରିବାକୁ ପୋଲିସ ପ୍ରୟାସ କରିବ ବୋଲି କହିଛନ୍ତି ଏସ୍‌ପି ଭାମୁ। ସୋମବାର ଗିରଫ ମୁଖ୍ୟ ଅଭିଯୁକ୍ତ ମିର୍ଦ୍ଧାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅପରପକ୍ଷରେ ଧରାପଡିଥିବା ୨ ନାବାଳକଙ୍କୁ ଜୁଭେନାଇଲ୍ କୋର୍ଟରେ ହାଜର କରାଯାଇଥିବା ଏସ୍‌ପି ଭାମୁ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

## ସିଇସିଙ୍କ ବିରୋଧରେ...

ସହ ଅଭିଯୋଗ ସମ୍ପର୍କରେ ସତ୍ୟପାଠ ଦାଖଲ କରିବାକୁ ରାହୁଲଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯଦି ସତ୍ୟପାଠ ଜରିଆରେ ୭ ଦିନ ମଧ୍ୟରେ ଘୋଷଣାନାମା ଦାଖଲ କରା ନ ଯାଏ, ତେବେ ଅଭିଯୋଗକୁ ଭିତ୍ତିହୀନ ଓ ଅବୈଧ ଧରାଯିବ ବୋଲି ସିଇସି କହିଥିଲେ। ଏହା ଉପରେ ପ୍ରତିକ୍ରିୟା ରଖି କଂଗ୍ରେସ କହିଛି, ଭୋଟର ତାଲିକା ସମ୍ପୂର୍ଣ୍ଣ ସ୍ୱଚ୍ଛ ବୋଲି ସିଇସି ପ୍ରଥମେ ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ କରନ୍ତୁ। ତା'ପରେ ତାଲିକାରେ ଅନିୟମିତତା ରହିଥିବା ନେଇ ଆମେ ସତ୍ୟପାଠ ଦେବୁ ବୋଲି କଂଗ୍ରେସ ବିହାରର ଗୟାଠାରେ ଭୋଟର ଅଧିକାର ଯାତ୍ରା ଅବସରରେ କଂଗ୍ରେସ ନେତା କହ୍ନେୟା କୁମାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ରବିବାର କଂଗ୍ରେସ ଭୋଟର ଅଧିକାର ଯାତ୍ରା ଆରମ୍ଭ କରିବା ଦିନ ସିଇସି ଖବରଦାତା ସମ୍ମିଳନୀ କରିଥିଲେ। ଅନୁରାଗ ଠାକୁର, ସମ୍ବିତ୍ ପାତ୍ର ଓ ଅନ୍ୟମାନେ ଭାଜପାର ମୁଖପାତ୍ର ଭାବେ ଦଳ ପକ୍ଷରୁ ମନ୍ତବ୍ୟ ଦେଉଥିବା ଆମେ ଜାଣିଥିଲୁ। କିନ୍ତୁ ସିଇସି ଶେଷରେ ସେହି ଭୂମିକା ନେଉଥିବା ଆମେ ଦେଖିଲୁ ବୋଲି କଂଗ୍ରେସର ଗଣମାଧ୍ୟମ ଓ ପ୍ରଚାର ବିଭାଗ ମୁଖ୍ୟ ପବନ ଖେରା କହିଛନ୍ତି। ସିଇସି ଭାଜପା ମୁଖପାତ୍ର ଭଳି କାର୍ଯ୍ୟ କରୁଥିବା ସୋମବାର ବିରୋଧୀ ଅଭିଯୋଗ କରିଛନ୍ତି। ବିହାରରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଏବଂ ଭୋଟର ତାଲିକା ଅନିୟମିତତା ସମ୍ପର୍କିତ ପ୍ରଶ୍ନ ଉପରେ ନିର୍ବାଚନ କମିଶନ ଉତ୍ତର ଦେବାରେ ବିଫଳ ହୋଇଛନ୍ତି। କଂଗ୍ରେସ, ଟିଏମ୍‌ସି, ସମାଜବାଦୀ ପାର୍ଟି, ଡିଏମ୍‌କେ ଏବଂ ଆର୍‌ଜେଡି ସମେତ ୮ ପ୍ରମୁଖ ବିରୋଧୀ ଦଳର ପ୍ରତିନିଧିଙ୍କ ବୈଠକ ପରେ ଏକ ମିଳିତ ଖବରଦାତା ସମ୍ମିଳନୀରେ ସେମାନେ ସିଇସିଙ୍କ ଉପରେ ବର୍ଷିଛନ୍ତି। ବିରୋଧୀଙ୍କ ପ୍ରଶ୍ନର ଉତ୍ତର ନ ଦେଇ ସିଇସି ସେମାନଙ୍କୁ ସମାଲୋଚନା କରୁଥିବା ଅଭିଯୋଗ ହୋଇଛି।

# ଓଡ଼ିଆରେ ଇଗ୍ନୁ ଡିଇସିଇ ପାଠ୍ୟକ୍ରମ



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ଅନ୍ୟମାନେ ଡିଇସିଇ ପାଠ୍ୟକ୍ରମର ୨ ଓଡ଼ିଆ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୧୮।୮(ସୁଚିସ୍ମିତା ସାହୁ)

## ପ୍ରକାଶିତ ୨ ପୁସ୍ତକ ଉନ୍ମୋଚନ କଲେ ଉପମୁଖ୍ୟମନ୍ତ୍ରୀ

ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ(ଇଗ୍ନୁ)ରେ ପ୍ରାରମ୍ଭିକ ଶିଶୁଯତ୍ନ ଏବଂ ଶିକ୍ଷାରେ ଡିପ୍ଲୋମା ପାଠ୍ୟକ୍ରମ(ଡିଇସିଇ) ଇଂଲିଶ, ହିନ୍ଦୀ ଓ ତାମିଲ ଭାଷାରେ ଦିଆଯାଉଥିବା ବେଳେ ଏବେ ଓଡ଼ିଆ ଭାଷାରେ ପ୍ରଦାନ କରାଯିବ। ଏଥିପାଇଁ ପାଠ୍ୟକ୍ରମର ପୁସ୍ତକଗୁଡ଼ିକୁ ଓଡ଼ିଆ ଭାଷାରେ ଅନୁବାଦ କରାଯାଇଛି। ସୋମବାର ଲୋକସେବା ଭବନଠାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଦୁଇ ପୁସ୍ତକ 'ବିକାଶ ଏବଂ ପ୍ରାରମ୍ଭିକ ଶିଶୁ ଜୀବନରେ ଶିଖିବା' ଓ 'ଶିଶୁ ସ୍ୱାସ୍ଥ୍ୟ ଏବଂ ପୁଷ୍ଟିସାର'କୁ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଲେ, ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ବାଲ୍ ବାଟିକା ଏବଂ ଅଙ୍ଗନୱାଡିରେ କାର୍ଯ୍ୟ କରୁଥିବା କର୍ମୀ ଓ ପ୍ରଶିକ୍ଷକମାନେ ନିଜକୁ ଉକ୍ତ ପାଠ୍ୟକ୍ରମରେ ପଞ୍ଜୀକୃତ କରି ଉପକୃତ ହୋଇପାରିବେ। ଓଡ଼ିଆ ଭାଷାରେ ପାଠ୍ୟକ୍ରମ ପ୍ରଚଳନ ଦ୍ୱାରା ସମସ୍ତେ ଅତି ସହଜ ଓ ସରଳ ପଦ୍ଧତିରେ ପଢ଼ିପାରିବେ। ଉକ୍ତ ପାଠ୍ୟକ୍ରମଟି ଶିଶୁ ଶିକ୍ଷା ଓ ପୋଷଣ ଦିଗରେ ରୁଚି ରଖୁଥିବା ସମସ୍ତ ବ୍ୟକ୍ତିବିଶେଷଙ୍କୁ ସହାୟକ ହେବ ବୋଲି ସେ କହିଛନ୍ତି।

ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ କହିଲେ, ପ୍ରାରମ୍ଭିକ ଶିକ୍ଷା ବ୍ୟବସ୍ଥା ସୁଦୃଢ଼ ହେଲେ ଆମର ସମ୍ପୂର୍ଣ୍ଣ ଶିକ୍ଷା ବ୍ୟବସ୍ଥା ସୁଦୃଢ଼ ହୋଇପାରିବ। ଏହି ଓଡ଼ିଆ ପାଠ୍ୟକ୍ରମ ଦ୍ୱାରା ସମସ୍ତ କର୍ମୀ ଓ ପ୍ରଶିକ୍ଷକମାନେ ସରଳ, ସୁଗମ ଓ ପ୍ରୟୋଗାତ୍ମକ ଶିକ୍ଷା ପଦ୍ଧତି ମାଧ୍ୟମରେ ଶିଶୁଙ୍କୁ ଶିକ୍ଷା ପ୍ରଦାନ କରିପାରିବେ। ଜାତୀୟ ଶିକ୍ଷା ନୀତି-୨୦୨୦ରେ ପ୍ରାରମ୍ଭିକ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା, ପ୍ରାରମ୍ଭିକ ଶିକ୍ଷାଠାରୁ ନେଇ ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ଶିକ୍ଷାଦାନ ପଦ୍ଧତିକୁ ମାତୃଭାଷାରେ ପ୍ରଚଳନ କରିବା ପାଇଁ ପ୍ରୋତ୍ସାହିତ କରାଯାଇଛି। ମାତୃଭାଷାରେ ଶିକ୍ଷା ଲାଭ ଦ୍ୱାରା ଛାତ୍ରୀଛାତ୍ରଙ୍କ ସୃଜନଶୀଳତାର ବିକାଶ ହୋଇପାରିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶକ ମୋନିଷା ବାନାର୍ଜୀ, ଇଗ୍ନୁ କୁଳପତି ପ୍ରଫେସର ଉମା କାଞ୍ଜିଲାଲ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଇଗ୍ନୁର ବିଭିନ୍ନ ପାଠ୍ୟକ୍ରମକୁ ଓଡ଼ିଆରେ ପ୍ରଚଳନ କରିବା ପାଇଁ ଗତ ଜୁନ ୯ରେ ଉଚ୍ଚଶିକ୍ଷା ବିଭାଗ ଓ ବିଶ୍ୱବିଦ୍ୟାଳୟ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା। ତେବେ ଓଡ଼ିଆରେ ପ୍ରଥମଥର ପାଇଁ ପ୍ରଚଳନ ହୋଇଥିବା ପ୍ରାରମ୍ଭିକ ଶିଶୁଯତ୍ନ ଏବଂ ଶିକ୍ଷାରେ ଡିପ୍ଲୋମା ପାଠ୍ୟକ୍ରମ ହେଉଛି ୧ ବର୍ଷିଆ କୋର୍ସ। ବିଦ୍ୟାର୍ଥୀମାନେ ଯୁକ୍ତ୨ ପରେ ଏହି ପାଠ୍ୟକ୍ରମରେ ନାମ ଲେଖାଇପାରିବେ। ଏଥିରେ ମୁଖ୍ୟତଃ ଶିଶୁଙ୍କ ପ୍ରାରମ୍ଭିକ ଶିକ୍ଷା, ଶିଶୁ ସ୍ୱାସ୍ଥ୍ୟ ଓ ପୋଷଣ ଆଦି ଉପରେ ଶିକ୍ଷା ପ୍ରଦାନ କରାଯିବ। ପାଠ୍ୟ ପୁସ୍ତକ ସହ ଶିକ୍ଷାର୍ଥୀଙ୍କୁ ଅଡିଓ କ୍ୟାସେଟ୍ ଏବଂ ଭିଡିଓ ଟ୍ୟୁଟୋରିଆଲ ପ୍ରଦାନ କରାଯିବ। ଉଭୟ ଥିଓରି ଓ ପ୍ରାକ୍ଟିକାଲ ବିଷୟବସ୍ତୁକୁ ଉକ୍ତ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଛି।

# ବର୍ଷା ପାଇଁ ୩ ଜିଲାକୁ ରେଡ୍ ୱାର୍ନିଂ

ଭୁବନେଶ୍ୱର,୧୮।୮ (ଅନୁରାଧା ମହାରଣା)

ଉତ୍ତର ଆନ୍ଧ୍ରପ୍ରଦେଶ ଏବଂ ଦକ୍ଷିଣ ଓଡ଼ିଶା ଉପକୂଳସ୍ଥ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ସୋମବାର ଅବପାତର ରୂପ ନେଇଛି। ଏହା ପ୍ରଭାବରେ ରାଜ୍ୟରେ ସାରାଦିନ ବର୍ଷା ଲାଗିରହିଛି। କୋରାପୁଟରେ ସର୍ବାଧିକ ୬୪.୦ ମିମି ବର୍ଷା ରେକର୍ଡ ହୋଇଥିବାବେଳେ ପାରଳାଖେମୁଣ୍ଡିରେ ୪୯.୬ ମିମି, ନବରଙ୍ଗପୁରରେ ୩୩.୨ ମିମି, ଢେଙ୍କାନାଳରେ ୨୬.୪ ମିମି, ମାଲକାନଗିରିରେ ୨୧.୨ ମିମି, ଭବାନୀପାଟଣାରେ ୧୦.୨ ମିମି ଏବଂ ତାଳଚେରରେ ୧୦.୦ମିମି ବର୍ଷା ରେକର୍ଡ ହୋଇଛି। ମଙ୍ଗଳବାର ମଧ୍ୟାହ୍ନରେ ଅବପାତ ଦକ୍ଷିଣ ଓଡ଼ିଶା ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି। ତେଣୁ ରାଜ୍ୟର କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଜିଲାରେ ଅତ୍ୟନ୍ତ ପ୍ରବଳ ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏଥିପାଇଁ ଏହି ୩ ଜିଲାକୁ ରେଡ୍ ୱାର୍ନିଂ ଜାରି କରାଯାଇଛି। ସେହିଭଳି କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା ଓ ଗଜପତି ଜିଲାରେ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ନିଂ ଏବଂ ପ୍ରବଳ ବର୍ଷା ନେଇ ଗଞ୍ଜାମ, ନୟାଗଡ଼, ବୌଦ୍ଧ, ବଲାଙ୍ଗୀର, ନୂଆପଡ଼ା, ପୁରୀ, ଖୋର୍ଦ୍ଧା ଓ କଟକ ଆଦି ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ବଜ୍ରପାତ ପାଇଁ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ ଓ ସୋନପୁରକୁ ୟେଲୋ ୱାର୍ନିଂ ରହିଛି।

# ଆଜି ରଥଯାତ୍ରା ପରବର୍ତ୍ତୀ ସମୀକ୍ଷା ବୈଠକ

ପୁରୀ,୧୮।୮ (ଅଜିତ୍ କୁମାର ମହାନ୍ତି)

## ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ହେବ

ରଥଯାତ୍ରା ପରବର୍ତ୍ତୀ ସମୀକ୍ଷା ବୈଠକ ମଙ୍ଗଳବାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ। ବୈଠକରେ ପୋଲିସ ଡିଜି, ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲାପାଳ, ଏସ୍‌ପି ଏବଂ ବିଭିନ୍ନ ସେବାୟତ ନିଯୋଗର ପ୍ରତିନିଧିମାନେ ଯୋଗଦେବେ। ଚଳିତବର୍ଷ ରଥଯାତ୍ରାରେ ହୋଇଥିବା ତ୍ରୁଟିବିଚ୍ୟୁତି ଓ ବିଭ୍ରାଟ ସମ୍ପର୍କରେ ଉକ୍ତ ବୈଠକରେ ସମୀକ୍ଷା କରାଯିବ। ଆଗାମୀ ରଥଯାତ୍ରାରେ ଯେଭଳି ଏହାର ପୁନରାବୃତ୍ତି ନ ଘଟେ, ସେନେଇ ବୈଠକରେ ଆଲୋଚନା କରାଯିବ। ସେହିପରି ଆଗାମୀ ଦିନରେ ରଥଯାତ୍ରାକୁ ଶୃଙ୍ଖଳିତ କରାଯିବା ନେଇ ନକ୍ସା ପ୍ରସ୍ତୁତ ହେବ। ବିଭିନ୍ନ ମତାମତ ଆଧାରରେ ଏକ ସ୍ୱତନ୍ତ୍ର ମାର୍ଗଦର୍ଶିକା ପ୍ରସ୍ତୁତ କରାଯିବ।

ସମୀକ୍ଷା ବୈଠକ ସମ୍ପର୍କରେ ଏସପି ପିନାକ ମିଶ୍ର ସୂଚନା ଦେଇ କହିଛନ୍ତି, ମଙ୍ଗଳବାର ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ବୈଠକରେ ରଥଯାତ୍ରା ସମ୍ପର୍କିତ ସମସ୍ତ ନୀତି, ପର୍ବପର୍ବାଣି, ଯାନିଯାତ୍ରାକୁ ଯେପରି ଶୃଙ୍ଖଳିତ କରାଯାଇପାରିବ ସେ ସଂକ୍ରାନ୍ତରେ ଆଲୋଚନା କରାଯିବ। ଦୈନନ୍ଦିନ ଭକ୍ତମାନେ ଯେପରି ମହାପ୍ରଭୁଙ୍କୁ ଶୃଙ୍ଖଳିତ ଭାବେ ଦର୍ଶନ କରିପାରିବେ ସେ ନେଇ ମଧ୍ୟ ବୈଠକରେ ଆଲୋଚନା କରାଯିବ ବୋଲି ସେ କହିଛନ୍ତି। ଆଗାମୀ ଏକସପ୍ତାହ ମଧ୍ୟରେ ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ କରାଯିବ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପୂର୍ବରୁ ସୂଚନା ଦେଇଥିଲେ। ତେଣୁ ପରିଚାଳନା କମିଟି ଗଠନ ସମ୍ପର୍କରେ ବୈଠକରେ ଆଲୋଚନା ହୋଇପାରେ ବୋଲି ଆଶା କରାଯାଉଛି।

# ୪ ସପ୍ତାହ ମଧ୍ୟରେ ଶାରୀରିକ ପରୀକ୍ଷା କର: ହାଇକୋର୍ଟ

କଟକ,୧୮।୮(କାର୍ତ୍ତିକ ସାହୁ)

## ଏସ୍‌ସିଏଫ୍, ଫରେଷ୍ଟ ରେଞ୍ଜରର ନିଯୁକ୍ତି ମାମଲାର ରାୟ ପ୍ରକାଶ

ଓଡ଼ିଶା ପବ୍ଲିକ ସର୍ଭିସ କମିଶନ (ଓପିଏସ୍‌ସି) ଦ୍ୱାରା ଶାରୀରିକ ମାନଦଣ୍ଡରେ ବେଆଇନ ଭାବେ ଉଚ୍ଚ ରକ୍ତଚାପ ଦର୍ଶାଇ ୯ଜଣଙ୍କୁ ଅଯୋଗ୍ୟ ଘୋଷଣା ନେଇ ହାଇକୋର୍ଟରେ ରୁଜୁ ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ହାଇକୋର୍ଟର ବିଚାରପତି ଆଦିତ୍ୟ କୁମାର ମହାପାତ୍ର ମାମଲାର ରାୟ ପ୍ରକାଶ କରି ଆବେଦନକାରୀଙ୍କୁ ସୁଯୋଗ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ପରୀକ୍ଷାର୍ଥୀ ଶାରୀରିକ ପରୀକ୍ଷାରୁ ବଞ୍ଚିତ ହୋଇପାରିବେ ନାହିଁ। ତେଣୁ ଅଯୋଗ୍ୟ ଘୋଷିତ ହୋଇଥିବା ୯ ଆବେଦନକାରୀଙ୍କ ଶାରୀରିକ ପରୀକ୍ଷା ଆସନ୍ତା ୪ ସପ୍ତାହ ମଧ୍ୟରେ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେବା ସହ ମାମଲାର ଅନ୍ତ ଘଟାଇଛନ୍ତି।

ମାମଲାର ବିବରଣୀ ଅନୁସାରେ, ଓପିଏସ୍‌ସି ପକ୍ଷରୁ ଓଡ଼ିଶା ବନ ସେବାର ସହାୟକ ବନ ସଂରକ୍ଷକ (ଏସ୍‌ସିଏଫ) (ଗ୍ରୁପ୍-ଏ) ଏବଂ ଫରେଷ୍ଟର ରେଞ୍ଜର (ଗ୍ରୁପ୍-ବି) ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା। ଏହି ପଦ ପାଇଁ ଅନୁଷ୍ଠିତ ଲିଖିତ ପରୀକ୍ଷାରେ ସଫଳ ହୋଇଥିବା ୫୩୩ଜଣ ପ୍ରାର୍ଥୀଙ୍କୁ ଶାରୀରିକ ପରୀକ୍ଷା ପାଇଁ ୨୦୨୫ ଜୁଲାଇ ୧୫ରେ ଡକାଯାଇଥିଲା। ସେମାନଙ୍କ ମଧ୍ୟରୁ ୯ଜଣଙ୍କୁ ଉଚ୍ଚରକ୍ତଚାପ ଥିବା ଦର୍ଶାଇ ଅଯୋଗ୍ୟ ଘୋଷଣା କରାଯାଇଥିଲା। ଏହି ରକ୍ତଚାପ ରେକର୍ଡିଂ ଏକ ଡିଜିଟାଲ ଉପକରଣ ଆଧାରରେ କରାଯାଇଥିଲା। ସାଧାରଣ ମରକ୍ୟୁରି ମିଟରରେ ରକ୍ତଚାପ ମାପ କରିବା ବଦଳରେ ଡିଜିଟାଲ ମିଟରରେ ମାପ କରାଯାଇଥିଲା। ଓପିଏସିର ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ଯୋଗୁ ଆବେଦନକାରୀମାନେ ଶାରୀରିକ ସହନଶୀଳତା ପରୀକ୍ଷାରୁ ବଞ୍ଚିତ ହୋଇଥିବା ହାଇକୋର୍ଟରେ ଅଭିଯୋଗ କରିଥିଲେ। ତେଣୁ ସେମାନଙ୍କୁ ଶାରୀରିକ ସହନଶୀଳତା ପରୀକ୍ଷା ପାଇଁ ତୁରନ୍ତ ଅନୁମତି ଦେବା ଏବଂ ଉପଯୁକ୍ତ ରକ୍ତଚାପ ମାପ ଉପକରଣ ଦ୍ୱାରା ପୁନଃରକ୍ତଚାପ ପରୀକ୍ଷା କରାଇବା ପାଇଁ ଦେବାଶିଷ ଦାସ ଓ ଅନ୍ୟ ୮ଜଣଙ୍କ ପକ୍ଷରୁ ହାଇକୋର୍ଟଙ୍କୁ ପ୍ରାର୍ଥନା କରାଯାଇଥିଲା। ଏଥିରେ ଭୁବନେଶ୍ୱର ମୁଖ୍ୟ ବନ ସଂରକ୍ଷକ, ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ, ଓପିଏସ୍‌ସି ଅଧ୍ୟକ୍ଷଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ଜୁଲାଇ ୨୪ରେ ମାମଲାର ଶୁଣାଣି ଶେଷ ହୋଇଥିବା ବେଳେ ରାୟ ସଂରକ୍ଷିତ ଥିଲା। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ରାଜୀବ ରଥ ମାମଲା ପରିଚାଳନା କରୁଥିଲେ।

# ସୂଚନା ଅଧିକାରୀଙ୍କୁ ୨୫ହଜାର ଜରିମାନା

ଭୁବନେଶ୍ୱର,୧୮।୮ (ରବିନାରାୟଣ ଜେନା)

## ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟର ତଦନ୍ତ ନିର୍ଦ୍ଦେଶ

ସୂଚନା ପ୍ରଦାନରେ ପ୍ରତିବନ୍ଧକ ପାଇଁ ରାଜ୍ୟ ସୂଚନା ଆୟୁକ୍ତ ସୁଶାନ୍ତ ମହାନ୍ତି ସୋମବାର ପୁରୀ ଜିଲା ଗୋପ ବ୍ଲକ ତାରାକୋଟରେ ପଞ୍ଚାୟତର ପୂର୍ବତନ ସୂଚନା ଅଧିକାରୀ ଦେବରଞ୍ଜନ ନାୟକଙ୍କୁ ୨୫ହଜାର ଟଙ୍କା ଜରିମାନା କରିଛନ୍ତି। ଏହାସହିତ ସମ୍ପୃକ୍ତ ମାମଲା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ର ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଯଦି ଜରିମାନା ଅର୍ଥ ଏକ ମାସ ମଧ୍ୟରେ ଦାଖଲ ନ ହେବ, ତେବେ ନାୟକଙ୍କ ଦରମାରୁ କାଟିବା ପାଇଁ ସୂଚନା ଆୟୁକ୍ତ ନିର୍ଦ୍ଦେଶ ଦେଇଛନ୍ତି।

ବିବରଣୀରୁ ପ୍ରକାଶ ଯେ, ତାରାକୋଟରେ ଗ୍ରାମପଞ୍ଚାୟତ କାହ୍ନପୁର ନିବାସୀ ବିଷ୍ଣୁଚରଣ ବେହେରା ୨୦୨୨ ଜୁନ୍ ୨୭ରେ ଗୋପ ବିଡିଓଙ୍କ କାର୍ଯ୍ୟାଳୟରୁ 'ଏମ୍‌ଜିଏନ୍‌ଆର୍‌ଇଜିଏସ୍' କାର୍ଯ୍ୟ ସମ୍ପର୍କିତ କେତେକ ତଥ୍ୟ ଜାଣିବାକୁ ଚାହିଁଥିଲେ। ହେଲେ ତତ୍କାଳୀନ ସୂଚନା ଅଧିକାରୀ ଦେବରଞ୍ଜନ ସମ୍ପୃକ୍ତ ଫାଇଲ ଦେଇ ନ ଥିଲେ। ଏନେଇ ବର୍ତ୍ତମାନର ସୂଚନା ଅଧିକାରୀ ଚଳିତମାସ ୧୩ରେ ଶୁଣାଣି ବେଳେ ଆୟୋଗଙ୍କୁ ଅବଗତ କରିଥିଲେ। ଏନେଇ ଆୟୋଗଙ୍କ ପକ୍ଷରୁ ସ୍ପଷ୍ଟ ନିର୍ଦ୍ଦେଶ ସତ୍ତ୍ୱେ ସୂଚନା ଅଧିକାରୀ ଫାଇଲ ଦେଉ ନ ଥିବାରୁ ସୋମବାର ଆୟୁକ୍ତ ମହାନ୍ତି ସମ୍ପୃକ୍ତ ସୂଚନା ଅଧିକାରୀ ଦେବରଞ୍ଜନଙ୍କୁ ୨୫ହଜାର ଟଙ୍କା ଜରିମାନା କରିଛନ୍ତି। ଏହାସହିତ 'ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଉକ୍ତ ବର୍ଷରେ ହୋଇଥିବା କାର୍ଯ୍ୟର ଟିକିନିଖି ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।









# ତ୍ରୁଟି ଘୋଡ଼ାଉଛନ୍ତି

ଭାରତର ନିର୍ବାଚନ କମିଶନ (ଇସି) ଏକ ସାମ୍ବିଧାନିକ ସଂସ୍ଥା। ୧୯୫୧ ସାଧାରଣ ନିର୍ବାଚନ ବେଳୁ ନିର୍ବାଚନଗୁଡ଼ିକୁ ପରିଚାଳନା କରିଆସୁଥିବା ଏହି ସଂସ୍ଥାର ଗୁରୁତ୍ୱ ଟି.ଏନ୍. ଶେଷାନ ମୁଖ୍ୟ ନିର୍ବାଚନ କମିଶନର ହେବା ପରେ ବଢ଼ିଥିଲା। ତାଙ୍କ କାର୍ଯ୍ୟକାଳ ସମୟରେ ୧୯୯୩ରେ ଭାରତୀୟଙ୍କୁ ସଚିତ୍ର ଭୋଟର ପରିଚୟପତ୍ର ଦିଆଯିବା ପରେ ଆଶା କରାଯାଇଥିଲା ଯେ ନିର୍ବାଚନ ପ୍ରକ୍ରିୟାରେ ଜାଲିଆତି ହ୍ରାସ କରାଯାଇପାରିବ। କିନ୍ତୁ ଆଜିଯାଏ ନିର୍ବାଚନ ପରିଚାଳନାକୁ ନେଇ ଅସରନ୍ତି ପ୍ରଶ୍ନ ଉତ୍ଥାପନ ହୋଇଚାଲିଛି। ଏବେ ସମଗ୍ର ଦେଶରେ ଯେଉଁ ବିଷୟଟି ବିତର୍କର ଶୀର୍ଷରେ ରହିଛି ତାହା ସେହି ଇସିଙ୍କ ଭୂମିକାକୁ ଇଙ୍ଗିତ କରୁଛି। ୭ ଅଗଷ୍ଟରେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏକ ଖବରଦାତା ସମ୍ମିଳନୀରେ କର୍ନାଟକର ମହାଦେବପୁରା ବିଧାନସଭା ନିର୍ବାଚନମଣ୍ଡଳୀରେ ଭୋଟର ତାଲିକାରେ ବ୍ୟାପକ ହେରଫେର ହୋଇଥିବା ନେଇ ଅଭିଯୋଗ କରିଥିଲେ। ପୂର୍ବରୁ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଭୋଟ ଜାଲିଆତି ଓ ଆସନ୍ତା ନଭେମ୍ବରରେ ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ଇସିଙ୍କ ଦ୍ୱାରା କରାଯାଇଥିବା ସ୍ପେଶାଲ ଇଣ୍ଟେନସିଭ୍ ରିଭିଜନ ବା ସ୍ୱତନ୍ତ୍ର ସଘନ ସଂଶୋଧନ(ଏସ୍ଆଇଆର୍)କୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସମେତ ଅଣ–ଭାଜପା ଦଳଗୁଡ଼ିକର ପ୍ରମୁଖ ନେତାମାନେ ଇସି ଓ ଭାଜପାକୁ ବିଭିନ୍ନ ପ୍ରଶ୍ନମାନ ପଚାରି ଚାଲିଛନ୍ତି। ବିରୋଧୀଙ୍କ ଅଭିଯୋଗ ହେଉଛି ଯେ, ଭାଜପାକୁ ସୁହାଇଲା ଭଳି ଇସି କାର୍ଯ୍ୟ କରୁଛି। ଏହା ପଛରେ କାରଣ ହେଉଛି ଯେ ମୁଖ୍ୟ ନିର୍ବାଚନ କମିଶନର ଓ ୨ ନିର୍ବାଚନ କମିଶନର ମୋଟ ୩ ଜଣ ଅବସରପ୍ରାପ୍ତ ସରକାରୀ ଅଫିସର, ଯେଉଁମାନେ ଏକ ସାମ୍ବିଧାନିକ ପଦବୀ ପାଇଯାଇ ଶାସକ ଦଳ ପାଖରେ କୃତକୃତ୍ୟ ହେଉଛନ୍ତି। ଏହି ଦୋଷାରୋପ ବିଶ୍ୱାସଯୋଗ୍ୟ ମଧ୍ୟ ହେଉଛି। କାରଣ ମୁଖ୍ୟ ନିର୍ବାଚନ କମିଶନର ଓ ୨ କମିଶନର ଯେଉଁଭଳି ଭାବରେ ଗଣମାଧ୍ୟମରେ ମତ ପ୍ରକାଶ କରୁଛନ୍ତି, ସେଥିରୁ ସେମାନଙ୍କର ଏକତରଫା ଚିନ୍ତାଧାରା ସ୍ପଷ୍ଟ ବୁଝାପଡୁଛି। ଆଶା କରାଯାଇଥାଏ ଯେ ଏଭଳି ପଦବୀ ପାଉଥିବା ବ୍ୟକ୍ତି କେବଳ ସମ୍ବିଧାନକୁ ନିଜର କୃତଜ୍ଞତା ଜ୍ଞାପନ କରିବା କଥା, କିନ୍ତୁ ଆଜିର ଭାରତରେ ତାହା ସମ୍ଭବପର ନୁହେଁ।

ଭୋଟ ଜାଲିଆତି ପ୍ରସଙ୍ଗ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ଓ ନିର୍ଦ୍ଦେଶ ପର୍ଯ୍ୟନ୍ତ ଯାଇଛି। ଏବର ଘଟଣାକ୍ରମକୁ ଦେଖିଲେ ୧୭ ଅଗଷ୍ଟରେ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାର ଏକ ଖବରଦାତା ସମ୍ମିଳନୀରେ ଲୋକ ସଭା ବିରୋଧୀ ଦଳ ନେତା ଆଣିଥିବା 'ଭୋଟ ଚୋରି' ଅଭିଯୋଗ ସପକ୍ଷରେ ୭ ଦିନ ମଧ୍ୟରେ ସେ ସତ୍ୟପାଠ ସମ୍ବଳିତ ଘୋଷଣାନାମା ଦାଖଲ କରନ୍ତୁ ବୋଲି କହିଛନ୍ତି। ଜ୍ଞାନେଶ କହିଛନ୍ତି, ଯଦି କୌଣସି ବ୍ୟକ୍ତି ଏକ ନିର୍ବାଚନମଣ୍ଡଳୀର ଭୋଟର ନ ଥାଇ ସମ୍ପୃକ୍ତ ଆସନ ଉପରେ ଅଭିଯୋଗ ଦାଖଲ କରନ୍ତି, ତେବେ ସେ କେବଳ ଜଣେ ସାକ୍ଷୀ ହିସାବରେ ଏପରି କରିପାରିବେ। ସେଥିପାଇଁ ତାଙ୍କୁ ସତ୍ୟପାଠ ଦାଖଲ କରିବାକୁ ପଡ଼ିବ। ଯଦି ସତ୍ୟପାଠ ଜରିଆରେ ୭ ଦିନ ମଧ୍ୟରେ ଘୋଷଣାନାମା ଦାଖଲ କରା ନ ଯାଏ, ତେବେ ଅଭିଯୋଗକୁ ଭିତ୍ତିହୀନ ବୋଲି ଧରାଯିବ। ଏପରି ଅଭିଯୋଗ ଆଣୁଥିବା ବ୍ୟକ୍ତିମାନେ ଦେଶକୁ କ୍ଷମା ମାଗିବା ଉଚିତ ବୋଲି ସିଇସି କହିଛନ୍ତି। ଏହି ଅବସରରେ ସେ କହିଛନ୍ତି, ସୂର୍ଯ୍ୟ ପୂର୍ବ ଦିଗରେ ଉଦୟ ହୁଅନ୍ତି, ଏ କଥାକୁ ଅସ୍ୱୀକାର କରିଦେଲେ ସୂର୍ଯ୍ୟୋଦୟର ଦିଗ ପରିବର୍ତ୍ତନ ହୋଇ ନ ଥାଏ। ତେବେ ଭୋଟ ଜାଲିଆତି ଅଭିଯୋଗକୁ ନେଇ ଜ୍ଞାନେଶଙ୍କ ମନ୍ତବ୍ୟକୁ ବିରୋଧୀ ଇଣ୍ଡିଆ ବ୍ଲକ୍ ସମାଲୋଚନା କରିଛି। ତାଙ୍କୁ ବିଦା କରିବା ପାଇଁ ପାର୍ଲାମେଣ୍ଟରେ ମହାଭିଯୋଗ ପ୍ରସ୍ତାବ ଆଣିବା ନିମନ୍ତେ ବିରୋଧୀ ବିଚାର କରୁଥିବା ବିଷୟ ଚର୍ଚ୍ଚାର ବିଷୟ ପାଲଟିଲାଣି।

ସିଇସି ଯେଉଁଭଳି ଢଙ୍ଗରେ ନିର୍ବାଚନ କମିଶନକୁ ପ୍ରଦର୍ଶନ କରିଛନ୍ତି, ଲାଗୁଛି ଯେମିତି ଭୋଟିଂ ପ୍ରକ୍ରିୟାରେ କେବେ କେଉଁଠାରେ ଗଡ଼ବଡ଼ ହୋଇ ନାହିଁ। ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ତରବରିଆ ଭାବେ ଇସି ଏସ୍ଆଇଆର୍ କରିବାର ସମୟକୁ ନେଇ ବିରୋଧୀ ପ୍ରଶ୍ନ ଉଠାଇବା ସ୍ୱାଭାବିକ। ତେଣୁ ଇସି ନିଜର ସ୍ୱଚ୍ଛତା ଦର୍ଶାଇବାକୁ ଯାଇ ଅଭିଯୋଗ ହେଉଥିବା ସ୍ଥାନଗୁଡ଼ିକ ଉପରେ ସ୍ୱତନ୍ତ୍ର ଧ୍ୟାନ କେନ୍ଦ୍ରିତ କରିବା କଥା। ହେଲେ ଅଭିଯୋଗକାରୀଙ୍କ ମୁହଁ ବନ୍ଦ କରିଦେବାକୁ ଯାଇ ସତ୍ୟପାଠ କରିବା ଲାଗି କହୁଛନ୍ତି। ଜଣେ ବ୍ୟକ୍ତି ନିର୍ବାଚନମଣ୍ଡଳୀର ଭୋଟର ହୋଇ ନ ଥିଲେ ମଧ୍ୟ ଦେଶର ଯେଉଁଠାରେ ପାରିବେ ନିର୍ବାଚନ ଲଢ଼ିପାରୁଛନ୍ତି। ସେହି କ୍ରମରେ ଦେଖିଲେ ଅନ୍ୟ ନିର୍ବାଚନମଣ୍ଡଳୀରେ ହୋଇଥିବା ନିର୍ବାଚନ ସଂକ୍ରାନ୍ତରେ ଜଣେ ଯଦି କିଛି ଅସଙ୍ଗତି ଥିବା ଅନୁଭବ କରନ୍ତି, ସେହି ବିଷୟରେ ସ୍ୱର ଉଠାଇବାରେ କେଉଁଠାରେ ଅସ୍ୱାଭାବିକତା ରହିଲା ବୋଲି କୁହାଯାଇପାରେ। ପ୍ରତିକଥାରେ ସତ୍ୟପାଠ ଭଳି ଆଇନଗତ ଦିଗକୁ ଛନ୍ଦି ଦେଇ ଇସି ନିଜ ଦାୟିତ୍ୱରୁ ଦୂରେଇଯିବା ଅନେକଙ୍କ ମନରେ ଭିନ୍ନ ଆଶଙ୍କା ସୃଷ୍ଟି କରିବା ସ୍ୱାଭାବିକ। ସିଧାସଳଖ ସମ୍ପୃକ୍ତି ନ ଥିଲେ ମଧ୍ୟ ଏକ ଦୃଷ୍ଟାନ୍ତକୁ ଏଠାରେ ଉପସ୍ଥାପନ କରାଯାଇପାରେ। ନିଆଁ ଲାଗିଲା ବେଳେ ଯେଉଁ ବ୍ୟକ୍ତି ଦମକଳକୁ ଖବର ଦେବ ସିଏ ନିଜେ ସେହି ବସ୍ତିର ବାସିନ୍ଦା ବୋଲି ପ୍ରଥମେ ଦମକଳ କର୍ତ୍ତୃପକ୍ଷଙ୍କ ସାମ୍ନାରେ ନିଜର ବାସସ୍ଥାନ ପ୍ରମାଣ ଦେବା ନିହାତି ଆବଶ୍ୟକ ବୋଲି କହିବା ଭଳି ଜ୍ଞାନେଶ କୁମାରଙ୍କ ଯୁକ୍ତି ଶୁଣାଯାଉଛି। ଅବାସ୍ତବ କଥା କହିବା ମାତ୍ରକେ ଜଣାପଡୁଛି ଯେ, ସେଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ସତ୍ୟତା ରହିଛି, ଯାହାକୁ ଘୋଡ଼ାଇବା ପାଇଁ ଅଯୁକ୍ତିକର ବିଷୟର ଆଶ୍ରା ନିଆଯାଉଛି। ଜ୍ଞାନେଶଙ୍କ କଥାକୁ ଆହୁରି ତର୍ଜମା କଲେ ଅନ୍ୟ ଏକ ଦିଗ ଦେଖାଯାଇପାରେ। ଯିଏ ଯେଉଁ ନିର୍ବାଚନମଣ୍ଡଳୀର ହୋଇ ନ ଥିଲେ ଯେଭଳି ପ୍ରଶ୍ନ ପଚାରିବାକୁ ଅଛୁଆଁ ଭାବେ ଦର୍ଶାଯାଉଛି, ତେବେ ନିର୍ବାଚନ ପର୍ଯ୍ୟବେକ୍ଷକମାନେ ସମ୍ପୃକ୍ତ ଅଞ୍ଚଳର ହୋଇ ନ ଥିଲେ ମଧ୍ୟ ସେମାନଙ୍କୁ ପରିଚାଳନା ଦାୟିତ୍ୱ ସଅଁପି ଦେବା କେତେ ଯୁକ୍ତିଯୁକ୍ତ ତାହାକୁ ମଧ୍ୟ ଗଭୀର ଭାବେ ଅନୁଶୀଳନ କରାଯିବା ଦରକାର। କୁହାଯାଇପାରେ ସେମାନେ ସରକାରୀ ଅଧିକାରୀ ହୋଇଥିବାରୁ ନିଜ କାର୍ଯ୍ୟ ତୁଲାଇଥାଆନ୍ତି। ମୋଟାମୋଟି ଦେଖିଲେ ସେମାନେ ତ ଜଣେ ଜଣେ ବ୍ୟକ୍ତି ଓ କୌଣସି ନା କୌଣସି ରାଜନୈତିକ ଦଳ ପ୍ରତି ଶ୍ରଦ୍ଧା ରଖିଥାଆନ୍ତି। ଏଠାରେ ଇସିଙ୍କ ନିର୍ଦ୍ଦେଶକୁ ସମାଲୋଚନା କରାଯାଉ ନାହିଁ, ବରଂ ପ୍ରସ୍ତାବ ଦିଆଯାଇପାରେ ଯେ, ଗୋଟେ ସଂସ୍ଥା ବା ବ୍ୟବସ୍ଥାରେ ସ୍ୱଚ୍ଛତା ବଜାୟ ରଖିବାକୁ ହେଲେ ଅଭିଯୋଗଗୁଡ଼ିକୁ ସକାରାତ୍ମକ ଦୃଷ୍ଟିରେ ଦେଖାଯିବା ଦରକାର। ଏବଂ ଅଭିଯୋଗକାରୀଙ୍କଠାରୁ ପ୍ରମାଣ ମାଗିବାର କ୍ଷମତା ଇସିଙ୍କ ପାଖରେ ରହିବା କଥା ନୁହେଁ। ଯଦି ମଗାଯାଉଛି, ତେବେ ତାହାର ସ୍ପଷ୍ଟ ଅର୍ଥ ହେଲା ସମସ୍ୟାର ସମାଧାନ ପରିବର୍ତ୍ତେ ତ୍ରୁଟିପୂର୍ଣ୍ଣ କାର୍ଯ୍ୟକୁ ଜାଣିଶୁଣି ଘୋଡ଼ାଇବାର ଉଦ୍ୟମ ହେଉଛି।

## ସୁ–ଡୋ–କୁ

sudoku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | | 1 | | | 6 | | | |
| | 7 | | 2 | 8 | | | 1 | |
| | | | | | | | 3 | |
| | | 3 | | | | | | 1 |
| | | | 5 | | | 4 | | 8 |
| 2 | | 7 | | | | | | |
| 4 | | | | | | | 8 | 9 |
| | 3 | | | | | | 4 | |
| 6 | | 5 | | | | 7 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 6 | 4 | 9 | 1 | 7 | 5 | 3 | 8 |
| 7 | 1 | 3 | 6 | 8 | 5 | 4 | 9 | 2 |
| 5 | 8 | 9 | 4 | 3 | 2 | 7 | 6 | 1 |
| 1 | 3 | 5 | 8 | 2 | 6 | 9 | 4 | 7 |
| 9 | 2 | 6 | 7 | 5 | 4 | 1 | 8 | 3 |
| 8 | 4 | 7 | 1 | 9 | 3 | 2 | 5 | 6 |
| 3 | 5 | 8 | 2 | 4 | 1 | 6 | 7 | 9 |
| 6 | 9 | 1 | 5 | 7 | 8 | 3 | 2 | 4 |
| 4 | 7 | 2 | 3 | 6 | 9 | 8 | 1 | 5 |

ଗତକାଲିର ଉତ୍ତର

# ଟ୍ରମ୍ପଙ୍କ ଶ୍ୱେନଦୃଷ୍ଟି ଅନ୍ତରାଳେ



ହରେକୃଷ୍ଣ ପଣ୍ଡା

ବିଶ୍ୱ ରାଜନୈତିକ ଆକାଶରେ ଏବେ ଯେଉଁ ଝଡ଼ ସୃଷ୍ଟି ହୋଇଛି ତା'ର ଅନ୍ତରାଳେ ବହୁ ଅକୁହା କାରଣ ରହିଛି। ଆମେରିକା ତା'ର ପୂର୍ବ ରାଜନୈତିକ ଓ ଅର୍ଥନୈତିକ ସ୍ଥିତି ହରାଇ ବସିଲାଣି। ଏବେ ଟ୍ରମ୍ପ ଆମେରିକୀୟମାନଙ୍କ କିପରି ଆସ୍ଥାଭାଜନ ହୋଇ ପାରିବେ ସେଥିପାଇଁ ଔଷଧ ବିକଳରେ ତାଟିଆ କାମୁଡୁଛନ୍ତି। ରୁଷିଆରୁ ତୈଳ ଆମଦାନୀ ଜାରି ରଖିବା ଉପରେ ଭାରତୀୟ ସାମଗ୍ରୀରେ ଅଯଥା ଶୁଳ୍କ ବୃଦ୍ଧି କରିବା, ଭାରତୀୟ ଅର୍ଥନୀତିକୁ ମୃତ ଅର୍ଥନୀତି ଘୋଷଣା କରି ଅନ୍ତର୍ଜାତୀୟ ସ୍ତରରେ ଭାରତୀୟ ଅର୍ଥନୀତିକୁ ଆକ୍ରମଣ କରିବା ଆଦି କାର୍ଯ୍ୟକ୍ରମ ଟ୍ରମ୍ପ ଗ୍ରହଣ କରିଛନ୍ତି। ଆମେରିକା ଜାଣି ପାରୁନାହିଁ ଯେ ତା'ର ଦୋମୁହାଁ ନୀତିକୁ ଏସିଆ ମହାଦେଶର ଅଧିକାଂଶ ରାଷ୍ଟ୍ର ଘୃଣା କରନ୍ତି। ଦୁଇମାସ ପୂର୍ବରୁ ଭାରତ ଆମେରିକା ମଧ୍ୟରେ ପ୍ରତିରକ୍ଷା ସହଭାଗିତା ବୃଦ୍ଧି ପାଇଁ ଏକ ରୋଡ୍ ମ୍ୟାପ ତିଆରି ହୋଇଥିଲା। ଭାରତ ଓ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ରକ୍ଷା ପାଇଁ ଦୁଇଦେଶ ମଧ୍ୟ ବିଚାର ଆଲୋଚନା କରିଛନ୍ତି। ଏହା ବ୍ୟତୀତ ଲଢୁଆ ବିମାନ ଇଞ୍ଜିନ, ସ୍ଥଳସେନାର ଲଢୁଆ ଯାନ, କମାଣ ଓ ଗୁଳିଗୋଳା ଦୁଇଦେଶ ମିଳିତ ଭାବେ ଉତ୍ପାଦନ କରିବା ନେଇ ଗତ ମାସରେ ୱାଶିଂଟନଠାରେ ଆମେରିକା–ଭାରତ ଡିଫେନ୍ସ ପଲିସି ଗ୍ରୁପ୍ ବୈଠକରେ ଆଲୋଚନା ହୋଇଥିଲା। ସେ କଥାକୁ ଭୁଲି ଟ୍ରମ୍ପ ପୁଣି ଭାରତକୁ ନାଲିଆଖି ଦେଖାଇବା ମୂଳର କାରଣ କ'ଣ ହୋଇପାରେ?

ଭାରତ ପ୍ରତି ସତରେ ହେଉ କିମ୍ବା ଛଳନାତ୍ମକ ଭାବେ ହେଉ ଆମେରିକା ମିତ୍ରତାର ହାତ ବଢ଼ାଇ ପୁଣି ହାତ ଫେରାଇନେବା ବରାବର ଦେଖାଯାଉଛି। ୨୦୧୬ରେ ଭାରତକୁ ଆମେରିକା ତାହାର ପ୍ରତିରକ୍ଷା ସହଯୋଗୀ ଭାବେ ଘୋଷଣା କରିଥିଲା। କାହିଁ ସେ ଘୋଷଣାର ମୂଲ୍ୟବୋଧ? ହୁଏତ ତାହା ବାଣିଜ୍ୟ କ୍ଷେତ୍ରରେ ପ୍ରତିଫଳିତ ହୋଇଥାଆନ୍ତା। ଗୋଟିଏ ସହଯୋଗୀ ରାଷ୍ଟ୍ରକୁ ତା'ର ପ୍ରତିରକ୍ଷା ସହିତ ଅର୍ଥନୀତିକୁ ଦୃଷ୍ଟିଦେବା ପ୍ରଥମ କର୍ତ୍ତବ୍ୟ। କିନ୍ତୁ ସେଭଳି କର୍ତ୍ତବ୍ୟକୁ ଭୁଲିଯିବା ଯେଉଁ ରାଷ୍ଟ୍ରର ନୀତି ସେଭଳି ରାଷ୍ଟ୍ରକୁ କେବେ ଭାରତ ବିଶ୍ୱାସ କରେ ନାହିଁ। ୨୦୦୮ରେ ଭାରତ ଆମେରିକା ମଧ୍ୟରେ ପ୍ରତିରକ୍ଷା ବାଣିଜ୍ୟ ଅତି ନଗଣ୍ୟ ଥିବା ବେଳେ ୨୦୨୦ରେ ଏହା ୨୦ ବିଲିୟନ ଡଲାରକୁ ବୃଦ୍ଧି ପାଇଥିଲା। ଦେଖିବାକୁ ଗଲେ ଉଭୟଙ୍କ ମଧ୍ୟରେ ସମ୍ପର୍କ ଠିକ୍ ଥିଲା। ଏହା ବ୍ୟତୀତ ଚାଇନାର ଶକ୍ତି ବୃଦ୍ଧି ଏବଂ ଭାରତ ସହ ସୀମା ବିବାଦ ବଢୁଥିବାରୁ ଗତ ୫ ବର୍ଷ ମଧ୍ୟରେ ଭାରତ ଆମେରିକା ସମ୍ପର୍କ ବୃଦ୍ଧି ପାଇଛି। କ୍ୱାଡ୍ ସୁରକ୍ଷା ଗ୍ରୁପର



ଅଂଶବିଶେଷ ରୂପେ ଭାରତ ଓ ଆମେରିକା କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରତିରକ୍ଷା ଚୁକ୍ତି କରିବା ସହ ସହଯୋଗର ହାତ ବଢ଼ାଇ ଆସିଛନ୍ତି। ଭାରତ ସହ ଆମେରିକା, ଜାପାନ ଓ ଅଷ୍ଟ୍ରେଲିଆ ରହିଛି। ଆମେରିକା ସହ ଭାରତର ସମ୍ପର୍କ ବୃଦ୍ଧି ଓ ଅନ୍ୟପକ୍ଷେ ରୁଷିଆ ସହିତ ଭାରତ ନିବିଡ଼ ସମ୍ପର୍କ ଉଭୟ ରାଷ୍ଟ୍ରକୁ ଯେ ଜଣା ନ ଥିଲା ତା' ନୁହେଁ। ଆମେରିକା ଭଲଭାବେ ଜାଣିଥିଲା ଭାରତ ରୁଷିଆଠାରୁ ବିଭିନ୍ନ ପ୍ରକାର ଅସ୍ତ୍ରଶସ୍ତ୍ର କାରବାର କରୁଛି। ଏହା ଜାଣି ମଧ୍ୟ ଆମେରିକା ଏପରି କ୍ରୋଧାନ୍ୱିତ ହେଉ ନ ଥିଲା। ରୁଷିଆ ଆଉ ୟୁକ୍ରେନ୍ ମଧ୍ୟରେ ଦୀର୍ଘ ଦିନ ଧରି ଯୁଦ୍ଧ ଲାଗି ରହିଥିଲା ବେଳେ ଆମେରିକା କେବେହେଲେ ଭାରତର ଭୂମିକାକୁ ନେଇ ସନ୍ଦେହ ପ୍ରକଟ କରି ନ ଥିଲା। କିନ୍ତୁ ଏବେ ୟୁକ୍ରେନ୍ ଭାରତର ଭୂମିକା ସମ୍ପର୍କରେ ଅଭିଯୋଗ କରି କହିଛି ଯେ ରୁଷିଆ ଡ୍ରୋନ୍‌ରେ ଭାରତୀୟ ଯନ୍ତ୍ରାଂଶ ମିଳିଛି। ତାହା ସମ୍ପୂର୍ଣ୍ଣ ରୂପେ ପ୍ରମାଣିତ ହୋଇ ନାହିଁ। ଏ କଥାକୁ ନେଇ ଆମେରିକା ଭାରତ ଉପରେ କ୍ରୁଧ ହେବା ଆଦୌ ଉଚିତ ନୁହେଁ। ଆମେରିକା ଯୁଦ୍ଧ ବିମାନ ଓ ଅସ୍ତ୍ରଶସ୍ତ୍ର ଯୋଗାଇ ଚାଲିଥିବା ବେଳେ ରୁଷିଆ ବାରମ୍ବାର ପ୍ରତିବାଦ କରିବା ପରେ ବି ଆମେରିକା କୌଣସି ପ୍ରତିକ୍ରିୟା ନ ଦେବା କ'ଣ ଆମେରିକାର ଠିକ୍ ନିଷ୍ପତ୍ତି ବୋଲି କୁହାଯିବ କି? ଉଭୟ ଦେଶ ମଧ୍ୟରେ ଶାନ୍ତି ଓ ସ୍ଥିରତା ଆଣିବା ପାଇଁ ଭାରତ କହିଥିବା ବେଳେ ଆମେରିକା କାହିଁକି ଉତ୍ତେଜନା ସୃଷ୍ଟି କରିଚାଲିଛି? ତାହା ହିଁ ଅନ୍ତର୍ଜାତୀୟ ସ୍ତରରେ ବଡ ପ୍ରଶ୍ନବାଚୀ। ଏହାକୁ ଏଡ଼ାଇବାକୁ ଯାଇ ଆମେରିକା ଭାରତ ସମେତ ୭୭ଟି ଦେଶକୁ ଯେଉଁ ବାଣିଜ୍ୟିକ ଧମକ ଦେଇଛି। ସେଥିରେ କୌଣସି ପ୍ରାସଙ୍ଗିକତା ନ ଥିଲା ବେଳେ କେବଳ ଟ୍ରମ୍ପଙ୍କ ଅସୂୟା ମନୋଭାବକୁ ପ୍ରମାଣିତ କରୁଛି। ରୁଷିଆରୁ ଭାରତ ପ୍ରଚୁର ପରମାଣରେ ତୈଳ ଆମଦାନୀ କରୁଥିବା ଏବଂ ତାହାକୁ ବିଭିନ୍ନ ଦେଶକୁ ବିକ୍ରି କରୁଥିବା ଅଭିଯୋଗ କରୁଛି ଆମେରିକା। ଏଥି ପାଇଁ ସେ ଟାରିଫ୍ ଲଗାଇଥିବା କୁହାଯାଉଛି। ଏହି ଶୁଳ୍କ ବୃଦ୍ଧି ଯେ ସମଗ୍ର ଏସିଆ ମହାଦେଶକୁ ପ୍ରଭାବିତ କରିବ ଏପରିକି ବିଶ୍ୱକୁ ମଧ୍ୟ ପ୍ରଭାବିତ କରିବା କଥା ଟ୍ରମ୍ପଙ୍କୁ ଭଲଭାବେ ଜଣା।

ଚାଇନାର ଅଭିବୃଦ୍ଧିକୁ ରୋକିବାକୁ ଯାଇ ଭାରତ ସହ ହାତ ମିଳାଇଥିବା ଆମେରିକା ଏବେ ରଙ୍ଗ ବଦଳାଇ ଦେଇ ଭାରତକୁ ପ୍ରତିପକ୍ଷ କରିବା ତାଙ୍କର ବୋକାମି। ଆମେରିକା ପାଇଁ ତାହା ଅସଲ କଥା ନୁହେଁ। ଅସଲ କଥା ହେଉଛି ଆମେରିକା ତା'ର ନିଜ ଦେଶରୁ ରାଜନୈତିକ ଆସ୍ଥା ହରାଇବାକୁ ବସିଛି। ଆମେରିକୀୟ ନାଗରିକ ଟ୍ରମ୍ପଙ୍କ ପ୍ରତି ସନ୍ତୁଷ୍ଟ ନାହାନ୍ତି। ବୁଦ୍ଧି ବିଚାରି କାର୍ଯ୍ୟ ନ କରିବାର ପରିଣତି ଏବେ ଆମେରିକାକୁ ଭୋଗ କରିବାକୁ ପଡୁଛି। ମୋଟ ଉପରେ କହିବାକୁ ଗଲେ ଭାରତ ପ୍ରତିରକ୍ଷା ଏବଂ ବାଣିଜ୍ୟିକ କ୍ଷେତ୍ରରେ ଯଥେଷ୍ଟ ଆଗକୁ ଯାଇଛି। ପାକିସ୍ତାନ ଉପରେ ଭାରତର ସିନ୍ଦୂର ଅପରେଶନ ପରେ ଭାରତର ଶକ୍ତିକୁ ଦେଖି ଆମେରିକା ଈର୍ଷାନ୍ୱିତ ହୋଇଥିବା ସହଜରେ ଅନୁମେୟ। ଏହା ପରେ ଭାରତ ବ୍ରିକ୍ସ ରାଷ୍ଟ୍ରଗୋଷ୍ଠୀ ସହିତ ମିଶି ଯେଉଁ ଅର୍ଥନୈତିକ ବ୍ୟବସ୍ଥା ଗ୍ରହଣ କରିବାକୁ ଯାଉଛି ତାହା ହେଲା ମୂଳକାରଣ। ଏସୀୟ ସଂଗଠନ, ବ୍ରିକ୍ସ ଓ ସାର୍କ ସଂଗଠନ ସମ୍ପ୍ରତି ପାଶ୍ଚାତ୍ୟ ଅର୍ଥନୀତିକୁ ମୁକାବିଲା କରିବାକୁ ବସିଥିବା ବେଳେ ଏହାର ମୂଳ ସୂତ୍ରଧର ହେଉଛି ଭାରତ। ସେଥିପାଇଁ ଆମେରିକା ଖୁବ୍ କ୍ରୋଧିତ ହୋଇଛି। ଏ କଥା ମଧ୍ୟ ପ୍ରକାଶ୍ୟରେ କହିସାରିଛି। ଅଟଳ ବିହାରୀ ବାଜପେୟୀ ପ୍ରଧାନମନ୍ତ୍ରୀ ଥିବା ବେଳେ ସେ ଡଲାର ବଦଳରେ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବା ପାଇଁ ସାର୍କ ସମ୍ମିଳନୀରେ ପ୍ରସ୍ତାବ ଆଗତ କରିଥିଲେ। ଯାହର ଆବଶ୍ୟକତା ଏବେ ଅନୁଭୂତ ହୁଏ। ଏହା ବ୍ୟତୀତ ଏସୀୟ ଓ ଗରିବ ରାଷ୍ଟ୍ରଙ୍କ ପାଇଁ ଅନ୍ୟ ବିକଳ୍ପ ରାସ୍ତା ନାହିଁ। ଏହି ପ୍ରସ୍ତାବରେ ଯଦି ଚାଇନା ସମ୍ମତ ହୋଇଯାଏ ତେବେ ଆମେରିକାର ଡଲାରର ମୂଲ୍ୟ ବହୁତ ତଳକୁ ପଳାଇବା ସହିତ ଅର୍ଥନୀତିରେ ଘୋର ବିପର୍ଯ୍ୟୟ ସୃଷ୍ଟି ହେବ। ସମଗ୍ର ବିଶ୍ୱରେ ତୈଳ ବାଣିଜ୍ୟ ଯେପରି ଗୁରୁତ୍ୱ ବହନ କରିଛି, ସେହିପରି ଆଗକୁ ସମଗ୍ର ବିଶ୍ୱ ପାଇଁ ଖାଦ୍ୟଦ୍ରବ୍ୟର ଗୁରୁତ୍ୱ ବୃଦ୍ଧି ପାଇବା କଳନା କରାଯାଉଛି। ଏ କ୍ଷେତ୍ରରେ ଭାରତ ନିଶ୍ଚିତ ଗୁରୁତ୍ୱ ବହନ କରିବ। ଆମେରିକା ଭଳି ରାଷ୍ଟ୍ର ଯେଉଁ ରାଷ୍ଟ୍ର କେବଳ ସାମରିକ ସରଞ୍ଜାମକୁ ନେଇ ମୁଣ୍ଡ ଟେକିଛନ୍ତି ସେମାନେ ବିକାଶଶୀଳ ରାଷ୍ଟ୍ରଙ୍କ ଉପରେ ନିର୍ଭରଶୀଳ ହୋଇପଡ଼ିବେ। ଏଥିପାଇଁ ଟ୍ରମ୍ପଙ୍କ ଚାଲ୍ କେବଳ ତାଙ୍କ ଦେଶର ନାଗରିକଙ୍କୁ ସନ୍ତୁଷ୍ଟ କରିବା ପାଇଁ ଉଦ୍ଦିଷ୍ଟ। ଏହି ନୀତି ବେଶିଦିନ ନୁହେଁ। ଟ୍ରମ୍ପ ଜାଣିଶୁଣି ଭାରତ ପ୍ରତି ପ୍ରତିକ୍ରିୟାଶୀଳ ହୋଇ ଯାହା କରୁଛନ୍ତି ତାହା ପାଣିଫୋଟକାଭଳି ମିଳାଇଯିବା ସୁନିଶ୍ଚିତ। କିନ୍ତୁ ସେ ନିଜ ଗୋଡ଼କୁ ନିଜେ କୁରାଢ଼ିରେ ହାଣୁଛନ୍ତି ବୋଲି କେତେଜଣ ରାଷ୍ଟ୍ରନୀତିଜ୍ଞ ତାଙ୍କୁ ଚେତେଇ ଦେଇସାରିଲେଣି। ଭାରତଠାରୁ ଚାଇନା ଅଧିକ ପରିମାଣର ତୈଳ ରୁଷିଆରୁ ଆମଦାନୀ କରୁଥିବା ବେଳେ ପାଶ୍ଚାତ୍ୟ ରାଷ୍ଟ୍ର ତାକୁ କିଛି କହିପାରୁ ନାହାନ୍ତି। ଅଥଚ ଭାରତ ପ୍ରତି ଓ ଗରିବ ରାଷ୍ଟ୍ର ପ୍ରତି ଏପରି ପଦକ୍ଷେପ କାହିଁକି? ଭାରତର ଅର୍ଥନୀତି ସାମୟିକ ଭାବେ ପ୍ରଭାବିତ ହୋଇ ପାରେ। କିନ୍ତୁ ତାହା ଅଟକି ଯିବ ନାହିଁ। ଏହା ଟ୍ରମ୍ପ ଜାଣି ରଖିବା ଉଚିତ।

**ସୟେଦପୁର, ଯାଜପୁର**
**ମୋ:୯୪୩୭୩୧୫୬୨୩**

# ଜୀବନ ଓ ଜଗନ୍ନାଥ



ଡ. ଭାରତ ଭୂଷଣ ରଥ

ଜୀବନ ଜିଇବା ପାଇଁ ସୃଷ୍ଟିରେ ଅନେକ ଶିକ୍ଷଣୀୟ ତତ୍ତ୍ୱ ରହିଛି। ପ୍ରତ୍ୟକ୍ଷ ଏବଂ ପରୋକ୍ଷ ରୂପରେ ସମାଜ ଆମକୁ ଅନେକ କିଛି ଶିଖାଇଥାଏ। ସେଥିପାଇଁ ବିଶ୍ୱର ପ୍ରତିଟି ସୃଷ୍ଟି ସ୍ୱତନ୍ତ୍ର ଉଦ୍ଦେଶ୍ୟମୂଳକ। ଯେମିତି ଭଗବାନ୍ ଶ୍ରୀଜଗନ୍ନାଥଙ୍କର ଆବିର୍ଭାବ ଏବଂ ଦୈନନ୍ଦିନ ରୀତିନୀତି ମାନବୀୟ ଜୀବନର ଏକ ପ୍ରମୁଖ ମାର୍ଗଦର୍ଶକ। ଶ୍ରୀଜଗନ୍ନାଥ ମାନବୀୟ ଲୀଳା କରିବା ପାଇଁ ଶ୍ରୀମନ୍ଦିରରେ ବିରାଜମାନ କରିଛନ୍ତି। ତେଣୁ ଶାସ୍ତ୍ରରେ କୁହାଯାଇଛି – ଶ୍ରୀଶୋ ମାନୁଷ ଲୀଳୟା। ମାନବୀୟ ଲୀଳା କହିଲେ ମନୁଷ୍ୟମାନଙ୍କର ଦୈନନ୍ଦିନ ବ୍ୟବହାର ଭଳି ଶ୍ରୀଜଗନ୍ନାଥଙ୍କର ଦୈନନ୍ଦିନ ରୀତିନୀତିକୁ ବୁଝାଏ। ବର୍ତ୍ତମାନର ବିଜ୍ଞାନ ଏବଂ ମେଡିକାଲ ସାଇନ୍ସର କିଛି ତତ୍ତ୍ୱ କେମିତି ଶ୍ରୀଜଗନ୍ନାଥଙ୍କ ଦୈନନ୍ଦିନ ରୀତିନୀତିରେ ସହସ୍ର ସହସ୍ର ବର୍ଷ ଧରି ପ୍ରଚଳିତ ଅଛି ତାହା ଆଶ୍ଚର୍ଯ୍ୟ ଲାଗେ। ମହାପ୍ରଭୁ ସର୍ବଦା ବ୍ରାହ୍ମ ମୁହୂର୍ତ୍ତରେ ଅର୍ଥାତ୍ ସୂର୍ଯ୍ୟୋଦୟ ସମୟରେ ନିଦ୍ରା ତ୍ୟାଗ କରନ୍ତି। ଏହାପରେ ମଙ୍ଗଳ ଆଳତି,ଅବକାଶ,ତଡ଼ପଲାଗି ଏବଂ ଗୋପାଳ ବଲ୍ଲଭ ହୁଏ। ସୂର୍ଯ୍ୟପୂଜା ଶ୍ରୀମନ୍ଦିରର ଏକ ଦୈନନ୍ଦିନ ନୀତି। ଏହି ସମସ୍ତ ପ୍ରାତଃକାଳୀନ ନୀତି ଆମର ଶରୀର ବିଜ୍ଞାନ ସହ ଜଡ଼ିତ, ଯେଉଁ ପ୍ରଣାଳୀକୁ ଡାକ୍ତରମାନେ ଉପଦେଶ ଦିଅନ୍ତି। ରାତିରେ ଶୀଘ୍ର ନିଦ୍ରା ଯାଇ ସକାଳେ ଶୀଘ୍ର ଶଯ୍ୟା ତ୍ୟାଗ କରିବା ପାଇଁ ଡାକ୍ତର ଉପଦେଶ ଦିଅନ୍ତି। ଶ୍ରୀମନ୍ଦିରର ପରମ୍ପରାରେ ରାତ୍ରି ଦଶଟା ଭିତରେ ପହଡ଼ ପଡ଼ି ମହାପ୍ରଭୁ ନିଦ୍ରା ଯାଆନ୍ତି। ଯଦ୍ୟପି ଭକ୍ତଙ୍କ ଭିଡ଼କୁ ଦେଖି ନୀତିକାନ୍ତିରେ ବେଳେବେଳେ ସମୟ ଅନୁପାଳନ କରାଯାଇପାରୁନାହିଁ କିନ୍ତୁ ଶ୍ରୀମନ୍ଦିରର ନିୟମ ସର୍ବଦା ମାନବର ଜୀବନଶୈଳୀକୁ ଶୃଙ୍ଖଳିତ କରିବାର ଉପଦେଶ ଦିଏ। ପ୍ରାତଃ ଅବକାଶ ସମୟରେ ମୁତୁରୀ ଦାନ୍ତକାଠିରେ ଦାନ୍ତ ଘଷନ୍ତି ମହାପ୍ରଭୁ। ଦାନ୍ତକାଠି ଦାନ୍ତକୁ ଯେତିକି ଶକ୍ତ ରଖେ ବୃକ୍ଷ ରସର ପ୍ରଭାବ ଦାନ୍ତକୁ ସେତିକି ସୁସ୍ଥ ରଖେ। ତା'ପରେ ଶ୍ରୀବିଗ୍ରହଙ୍କର ଦର୍ପଣ ସ୍ନାନ ହୁଏ। ଏହା ମାନବକୁ ପ୍ରାତଃ ସ୍ନାନ ପାଇଁ ଉପଦେଶ ଦିଏ। ସୂର୍ଯ୍ୟପୂଜାରୁ ଆମେ ସୂର୍ଯ୍ୟ ନମସ୍କାର, ଯୋଗ ଏବଂ ଧ୍ୟାନ ଇତ୍ୟାଦିର ଉପଦେଶ ପାଉ। ଡାକ୍ତରୀ ବିଦ୍ୟା କୁହେ, ସୂର୍ଯ୍ୟଙ୍କଠାରୁ ମାନବ ଅତ୍ୟନ୍ତ ଉପାଦେୟ ଭିଟାମିନ୍ ପାଇଥାଏ ଯାହା ଶରୀରକୁ ସୁସ୍ଥ ରଖେ। ତେଣୁ ପ୍ରତିଦିନ ସୂର୍ଯ୍ୟୋଦୟ ରଶ୍ମି ଶରୀରରେ ପଡ଼ିବାପାଇଁ ଉପଦେଶ ରହିଛି।

ମହାପ୍ରଭୁଙ୍କୁ ସକାଳୁ ସକାଳୁ ଗୋପାଳ ବଲ୍ଲଭ ପ୍ରସାଦ ଭୋଗ ହୁଏ। ସେଥିରେ ସୁଜିର୍ନିର୍ମିତ ପ୍ରସାଦ, ଫଳ, ଖଇକୋରା ଇତ୍ୟାଦି ପ୍ରସାଦ ଲାଗେ। ଏହାକୁ ମାନବୀୟ ଭାଷାରେ ଜଳଖିଆ କହୁ। ପ୍ରତିଦିନ ଜଳଖିଆ ଦୀର୍ଘ ସମୟର ବ୍ୟବଧାନରେ ଖିଆଯାଉଥିବାରୁ ଖୁବ୍ ଗୁରୁତ୍ୱ ବହନକରେ। ଡାକ୍ତରମାନେ କୁହନ୍ତି, ଏକା ସାଙ୍ଗରେ ଭୋଜନ ନ କରି ଅଳ୍ପ ଅଳ୍ପ କରି ଦିନରେ ବାରମ୍ବାର ଭୋଜନ କରାଯିବ ଏବଂ ବିବିଧ ପୁଷ୍ଟିକର ଖାଦ୍ୟ ଗ୍ରହଣ କରାଯିବ। ଶ୍ରୀଜଗନ୍ନାଥଙ୍କର ବଲ୍ଲଭ, ସକାଳ ଧୂପ, ମଧ୍ୟାହ୍ନ ଧୂପ, ଭଣ୍ଡ, ସନ୍ଧ୍ୟା ଧୂପ, ବଡ଼ ସିଂହାର ଇତ୍ୟାଦି କ୍ରମରେ ଦିନରେ ଅନେକ ଥର ଭୋଜନ ବ୍ୟବସ୍ଥା ଏହାକୁ ହିଁ ସୂଚାଇଥାଏ। ସନ୍ଧ୍ୟା ଧୂପ ପରେ ରାତ୍ରିରେ ବଡ଼ସିଂହାରରେ ମହାପ୍ରଭୁ ଅଳ୍ପ ପ୍ରସାଦ ଗ୍ରହଣ କରନ୍ତି। ରାତ୍ରିଭୋଜନ ସ୍ୱଳ୍ପ ହେବା ଉଚିତ୍। ଏହାଦ୍ୱାରା ହଜମ ପ୍ରକ୍ରିୟା ଉପରେ ଚାପ ପଡ଼ିବନାହିଁ ଏବଂ ଶରୀରର ସମସ୍ତ ଅଙ୍ଗପ୍ରତ୍ୟଙ୍ଗ ବିଶ୍ରାମ ନେବାରେ ସମସ୍ୟା ହେବନାହିଁ। ତେଲ, ମସଲା, ରାଗ, ମିଠା, ଲୁଣ ଇତ୍ୟାଦି ବର୍ତ୍ତମାନ ମାନବ ପାଇଁ ବିଷ ତୁଲ୍ୟ। ଶାରୀରିକ ସୁସ୍ଥତା ଏବଂ ମାନସିକ ସୁସ୍ଥତା ପାଇଁ ମେଡିକାଲ ସାଇନ୍ସ ଏ ସବୁର ନିୟନ୍ତ୍ରିତ ବ୍ୟବହାର ପାଇଁ ଉପଦେଶ ଦିଏ; ଯାହା ଶ୍ରୀଜଗନ୍ନାଥ ମନ୍ଦିରରେ ସର୍ବଦା ଅନୁପାଳନୀୟ। ଶ୍ରୀମନ୍ଦିର ପ୍ରସାଦ ନିର୍ମାଣରେ ଲଙ୍କା, ତେଲ, କ୍ଷତିକାରକ ମସଲା, ଚିନି, ଆଳୁ ଇତ୍ୟାଦି ବ୍ୟବହାର ହୁଏନାହିଁ। ଲୁଣ ସ୍ଥାନରେ ପୂର୍ବରୁ ସୈନ୍ଧବ ଲବଣ ବ୍ୟବହୃତ ଥିଲା। କ୍ଷୀର, ଗୁଡ଼, ଘିଅ, ଦହି, ଗୋଲମରିଚ, ଜିରା, ସୋରିଷ, ନବାତ, ଲହୁଣି, ଅଦା ଇତ୍ୟାଦି ସ୍ୱାସ୍ଥ୍ୟକର ଦ୍ରବ୍ୟରେ ଶ୍ରୀମନ୍ଦିର ରୋଷଶାଳ ତଥା ରୀତିନୀତି ପରିଚାଳିତ।



ଶ୍ରୀମନ୍ଦିର ରୋଷେଇରେ କୂପଜଳ ଏବଂ ମାଟିପାତ୍ର ହିଁ ବ୍ୟବହାର ହୁଏ। ପିତ୍ତଳ, ରୌପ୍ୟ ତଥା ପ୍ରସ୍ତର ପ୍ରଭୃତି ବ୍ୟବହାର ବ୍ୟତୀତ ପ୍ଲାଷ୍ଟିକ୍ ଇତ୍ୟାଦିର ବ୍ୟବହାର ଶ୍ରୀମନ୍ଦିରରେ ହୁଏ ନାହିଁ। ଏହା ବ୍ୟଞ୍ଜନକୁ ଶୁଦ୍ଧ ରଖେ ଏବଂ ଶରୀରରେ ବିବିଧ ରୋଗର ପ୍ରବେଶ କରାଏ ନାହିଁ। ମୋଟାମୋଟି ଭାବରେ ସାତ୍ତ୍ୱିକ ଏବଂ ପୌଷ୍ଟିକ ଆହାର ହିଁ ମାନବର ବୁଦ୍ଧି ତଥା ଶରୀରକୁ ସୁସ୍ଥ ରଖେ– ଏହି ବାର୍ତ୍ତା ଦିଏ ଶ୍ରୀମନ୍ଦିର। ଶ୍ରୀଜଗନ୍ନାଥଙ୍କ ଶ୍ରୀଅଙ୍ଗରେ ଅଣସର ସମୟରେ ଫୁଲୁରୀ ତେଲ ସାଙ୍ଗରେ ରାଶି ତେଲ, କେତକୀ, ବେଣାଚେର ଇତ୍ୟାଦି ଘର୍ଷଣ ହୁଏ। ଏତଦ୍ ବ୍ୟତୀତ ଦଶମୂଳ ଔଷଧରେ ବିବିଧ ବୃକ୍ଷଲତାର ମୋଦକ ପ୍ରସ୍ତୁତ ହୁଏ, ଯାହା ପ୍ରାକୃତିକ ଚିକିତ୍ସା ପଦ୍ଧତିକୁ ସମ୍ମାନ ଦିଏ। ଅଧରପଣାରେ ବ୍ୟବହୃତ ନବାତ, କଦଳୀ, କର୍ପୂର, ଛେନା, ଗୋଲମରିଚ ଇତ୍ୟାଦିର ମିଶ୍ରଣ ଶରୀରର ବାତ ଏବଂ ପିତ୍ତ ଦୋଷକୁ ନିୟନ୍ତ୍ରଣକରେ ବୋଲି ଶାସ୍ତ୍ର ମତ ଦିଅନ୍ତି। ଆଜିକାଲି ବିବିଧ ଅପମିଶ୍ରିତ କସ୍‌ମେଟିକ୍ ଦ୍ରବ୍ୟ କ୍ୟାନ୍ସର ଏବଂ ଚର୍ମରୋଗର କାରଣ ବୋଲି ଅନୁସନ୍ଧାନରୁ ଜଣାପଡ଼େ। ତେଣୁ କସ୍‌ମେଟିକ୍ ବ୍ୟବହାର ଉପରେ ମାନବ ସତର୍କ ରହିବା ପାଇଁ ଡାକ୍ତରୀ ବିଦ୍ୟା ଉପଦେଶ ଦିଏ। ଶ୍ରୀଜଗନ୍ନାଥଙ୍କର ଶୃଙ୍ଗାରରେ ଚନ୍ଦନ, ଗୋରଚନା, କସ୍ତୁରୀ, ଝୁଣା, ହଳଦୀ, ଶଙ୍ଖ ଗୁଣ୍ଡ, ହରିତାଳ, ହିଙ୍ଗୁଳ, କର୍ପୂର, ବିବିଧ ପୁଷ୍ପ, ଲତା, ପତ୍ର ଇତ୍ୟାଦି ବ୍ୟବହୃତ ହୁଏ। ବନକଲାଗି ସେବାରେ ମହାପ୍ରଭୁଙ୍କର ଶ୍ରୀମୁଖ ଶୃଙ୍ଗାର ସମୟରେ ବିବିଧ ପ୍ରାକୃତିକ ଦ୍ରବ୍ୟ ବ୍ୟବହାର ହୁଏ। ଶ୍ରୀଜଗନ୍ନାଥ ଯେବେ ରଥଯାତ୍ରାରେ ଯାଆନ୍ତି ସେତେବେଳେ କେବଳ ଖେଚୁଡ଼ି ପ୍ରସାଦ ପାଇଥାଆନ୍ତି। ଯାତ୍ରା ସମୟରେ ସ୍ୱଳ୍ପ ଏବଂ ପୁଷ୍ଟିକର ଖାଦ୍ୟ ଗ୍ରହଣକଲେ ଉଦରଜନିତ ସମସ୍ୟା ନ ରହି ଯାତ୍ରା ସୁଖପ୍ରଦ ରୁହେ। ଖେଚୁଡ଼ି ଶୀଘ୍ର ପ୍ରସ୍ତୁତି ହୋଇପାରେ ଏବଂ ପୁଷ୍ଟିକର ଯାହା ଯାତ୍ରା ସମୟରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ମହାପ୍ରଭୁ ବିବିଧ ରତ୍ନର ମାଳିକ ହୋଇ ମଧ୍ୟ ସେ ଦାରୁ ଦେବତା ଏବଂ କାଠ ନିର୍ମିତ ରଥରେ ଉପବେଶନ କରନ୍ତି। ମହାପ୍ରଭୁ ଉପଦେଶ ଦେଇଛନ୍ତି 'ବୃକ୍ଷ ହିଁ ଜୀବନ'। ଯେଉଁ ବୃକ୍ଷକୁ ଆଧାରକରି ସ୍ୱୟଂ ମହାପ୍ରଭୁ ଶରୀର ଧାରଣ କରନ୍ତି ସେହି ବୃକ୍ଷର ସୁରକ୍ଷା ଆବଶ୍ୟକ। ଆଜି ସମଗ୍ର ବିଶ୍ୱ ବୃକ୍ଷ ସୁରକ୍ଷା ପାଇଁ ଚିନ୍ତିତ। ଶ୍ରୀଜଗନ୍ନାଥ ଜଣେ ମାତ୍ର ଦେବତା ଯିଏ ନବକଳେବର ସମୟରେ ଜନ୍ମମୃତ୍ୟୁର ରହସ୍ୟକୁ ନିଜ ରୀତିନୀତିରେ ପ୍ରତିଫଳିତ କରନ୍ତି। ଏହା ହିଁ ଜୀବନ ଦର୍ଶନ। ଆମେ ଓଡ଼ିଆ ନିଶ୍ଚୟ ଧନ୍ୟ ଯେ ମହାପ୍ରଭୁ ଓଡ଼ିଶା ମାଟିରେ ଆବିର୍ଭୂତ ହୋଇଛନ୍ତି।

**ଉପନିର୍ଦ୍ଦେଶକ,ଦୂରଶିକ୍ଷା ନିର୍ଦ୍ଦେଶାଳୟ**
**ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ**
**ତିରୁପତି, ଆନ୍ଧ୍ରପ୍ରଦେଶ**
**ମୋ:୮୮୯୭୪୨୬୨୪୩**

## ଏଇ ଭାରତରେ

ସମାଜରେ କୌଣସି କ୍ଷେତ୍ରରେ ପରିବର୍ତ୍ତନ କେବଳ ବଡ଼ ସଙ୍ଗଠନ କିମ୍ବା ବୃହତ୍ କମ୍ପାନୀଗୁଡ଼ିକ ଦ୍ୱାରା ହୋଇ ନ ଥାଏ, ବରଂ ବ୍ୟକ୍ତିଗତ ଉଦ୍ୟମରେ ଏହା ସମ୍ଭବ ହୋଇପାରେ। ଏହାର ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ସିକିମ୍‌ରେ। ସେଠାରେ ଏକ ସ୍କୁଲର ଭବିଷ୍ୟତ ବଦଳାଇ ଦେଇଛନ୍ତି ଅଶ୍ୱିନୀ ଥାପା। ୩୦ ଦିନ ମଧ୍ୟରେ ସେ ରିଲ୍ ପ୍ରସ୍ତୁତକରି ବିଭିନ୍ନ ଉତ୍ସରୁ ୧୦ ଲକ୍ଷରୁ ଅଧିକ ଟଙ୍କା ଦାନ ଆକାରରେ ଯୋଗାଡ଼ କରିଛନ୍ତି ସ୍କୁଲ ପାଇଁ। ବିଶେଷକରି ପିଲାମାନଙ୍କ ଅଭାବକୁ ନେଇ ସେ ପ୍ରସ୍ତୁତ କରିଥିବା ଭିଡିଓଗୁଡ଼ିକ ଅନ୍ୟମାନଙ୍କ ହୃଦୟକୁ ଛୁଇଁପାରିଥିଲା। ପାଇଥିବା ଟଙ୍କାରେ ସେ ସିକିମ୍‌ର ସର୍ଦ୍ଦୋଙ୍ଗ ଗାଁର ଗ୍ରେସ୍ ଏକାଡେମୀ ନାମକ ସ୍କୁଲର ଅନେକ ବିକାଶ କରିଛନ୍ତି। ଏହି ସ୍କୁଲକୁ ପର୍ବତାରୋହୀଙ୍କୁ ଗାଇଡ୍ କରୁଥିବା ଲପକା ଧଭା ଶେର୍‌ପା ପ୍ରତିଷ୍ଠା କରିଥିଲେ। ସେ ସ୍କୁଲ ପାଇଁ ତାଙ୍କ କ୍ୟାରିୟରକୁ ଛାଡ଼ିଦେଇଥିଲେ। ବିଶେଷକରି କୃଷକ, ଦିନ ମଜୁରିଆ ଓ ସିଙ୍ଗଲ ମଦରଙ୍କ ପିଲାଙ୍କୁ ପଢ଼ାଇବା ସକାଶେ ଶେର୍‌ପା ଏହି ସ୍କୁଲ ଆରମ୍ଭ କରିଥିଲେ। ଏପରିକି ସେ ତାଙ୍କ ଘରକୁ ହଷ୍ଟେଲ କରିଦେଇଥିଲେ। ଏବେ ଏହି ସ୍କୁଲରେ ଅଶ୍ୱିନୀ ଲାଇବ୍ରେରି, କମ୍ପ୍ୟୁଟର ଲାବ୍, ବିଶୁଦ୍ଧ ପିଇବା ପାଣି, ଆଲୋକ ବ୍ୟବସ୍ଥା କରିପାରିଛନ୍ତି। ବିଶେଷକରି ପିଲାମାନଙ୍କ ଅଭାବକୁ ନେଇ ସେ ପ୍ରସ୍ତୁତ କରିଥିବା ଭିଡିଓଗୁଡ଼ିକ ଅନ୍ୟମାନଙ୍କ ହୃଦୟକୁ ଛୁଇଁପାରିଥିଲା।

## ୫୦ ବର୍ଷ ତଳର ଧରିତ୍ରୀ

**୧୯ ଅଗଷ୍ଟ ୧୯୭୬**

- ଦେଶର ୬୦ ହଜାର ରେଳ କର୍ମଚାରୀଙ୍କ ଦରମା ବୃଦ୍ଧି କରିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି।
- ନାଗାଲାଣ୍ଡରେ ରାଷ୍ଟ୍ରପତି ଶାସନର ମିଆଦ ଆଉ ୬ ମାସ ବଢ଼ାଇବା ସଂକ୍ରାନ୍ତ ପ୍ରସ୍ତାବ ରାଜ୍ୟ ସଭାରେ ଅନୁମୋଦିତ।

## ଚିରନ୍ତନୀ

ମରଣ ଅମା ଯେବେ ଆସେ ଘୋଟି ଚଉଦିଗ
ଶ୍ରାବଣ ନିଶା ସମ
ପ୍ରାଣେ ମମ ସଜନି ଗୋ !
ବିକଟ ଆଖି ତା'ର ରଖେ ମୋର ବାତୟନେ
ଆସଇ ଧୀରେ ଧୀରେ
ସଜନି ରେ ! ମୋ ଆଗଣେ ।

–(ମରଣ ପାଳି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଦୁର୍ନୀତି ସାଥୀ ବାବୁଆଣୀ

ମହାଶୟ,

ଗଣମାଧ୍ୟମରୁ ଦୁର୍ନୀତିଗ୍ରସ୍ତ ବାବୁଙ୍କ କଳା ସମ୍ପତ୍ତି ସମ୍ପର୍କରେ ଜାଣୁଛୁ। ବସ୍ତା ବସ୍ତା ନୋଟ୍ ଆଉ ମାଳ ମାଳ ପ୍ଲଟ୍ ଏସବୁ କିପରି ସେମାନେ ଉପାର୍ଜନ କରୁଛନ୍ତି ତାହା ଆଖି ତରାଟିବା ଭଳି ଖବର। ମଝିରେ ଜଣେ ବାବୁଙ୍କ ବାବୁଆଣୀ ଗଣମାଧ୍ୟମକୁ ଭିଜିଲାନ୍ସ ବିରୋଧରେ କହୁଥିବାର ଖବର ଦେଖିଥିଲୁ। ତେବେ ଗିରଫ ହେଉଥିବା ଦୁର୍ନୀତିଗ୍ରସ୍ତ ଅଧିକାରୀମାନେ ଠୁଳ କରିଥିବା ସମ୍ପତ୍ତିର ଏକ ବଡ଼ ଅଂଶ ନିଜ ସ୍ତ୍ରୀଙ୍କ ନାମରେ କରିଥିବା ପ୍ରମାଣ ମିଳୁଛି। ତେଣୁ ବାବୁମାନଙ୍କୁ ଦୁର୍ନୀତି କରିବାରେ ସେମାନଙ୍କ ସ୍ତ୍ରୀମାନେ ପ୍ରୋତ୍ସାହିତ କରୁଥିବା କୁହାଯାଉଛି। ଗତ ଦେଢ଼ ବର୍ଷ ମଧ୍ୟରେ ଲାଞ୍ଚ ଓ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ୫୦ ଅଧିକାରୀଙ୍କ ସହ ସେମାନଙ୍କ ସ୍ତ୍ରୀଙ୍କ ନାମରେ ମଧ୍ୟ ମାମଲା ରୁଜୁ ହୋଇଛି। ମାତ୍ର ବାବୁମାନେ ଗିରଫ ହୋଇ ଜେଲ ଯାଉଛନ୍ତି ସିନା ଆଜିଯାଏ ବାବୁଙ୍କ ଦୁର୍ନୀତି ସାଥୀ ବାବୁଆଣୀଙ୍କ ମଧ୍ୟରୁ ଜଣକୁ ବି ଭିଜିଲାନ୍ସ ଗିରଫ କରିପାରିନାହିଁ ।

**–ଶ୍ୟାମସୁନ୍ଦର ସାମଲ, ବିଡ଼ାନାସୀ ବନ୍ଧଛକ, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ୩୧୬ କଲେଜରେ ହେଲାନି ଆତ୍ମରକ୍ଷା କୌଶଳ ତାଲିମ

## ଅର୍ଥ ଫେରାଇବାକୁ ନିର୍ଦ୍ଦେଶ ଦେଲା ଉଚ୍ଚଶିକ୍ଷା ବିଭାଗ

ଯାଜପୁର, ୧୮।୮ (ହର୍ଷବର୍ଦ୍ଧନ ବେହେରା)

ଶିକ୍ଷାନୁଷ୍ଠାନରେ ଛାତ୍ରୀମାନଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଘଟଣା ଅନେକ ସମୟରେ ଦେଖିବାକୁ ମିଳୁଛି। ଏହାର ପ୍ରତିକାର ପାଇଁ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ତାଲିମ ଦିଆଯିବା ନିମନ୍ତେ ରାଜ୍ୟ ଯୁବନୀତି-୨୦୧୩ରେ ବ୍ୟବସ୍ଥା ରହିଛି। ଉଚ୍ଚଶିକ୍ଷା ବିଭାଗ ଅଧୀନରେ କାର୍ଯ୍ୟକାରୀ ହେଉଥିବା ଏହି ଯୋଜନା କିନ୍ତୁ ପ୍ରହସନ ପାଲଟିଛି। ବିଭାଗ ପକ୍ଷରୁ ଏହି ତାଲିମ ଦେବା ପାଇଁ ୨୦୨୪-୨୫ ବର୍ଷରେ ୩୧୬ କଲେଜକୁ ଦିଆଯାଇଥିବା ପ୍ରାୟ ୧ କୋଟି ଟଙ୍କା ଖର୍ଚ୍ଚ ନ ହେବା ଘଟଣାରୁ ଏହା ସ୍ପଷ୍ଟ ହୋଇଛି। ଏଥିପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଡେପୁଟି ସେକ୍ରେଟାରି ରମେଶ ଚନ୍ଦ୍ର ବେହେରା ସମ୍ପୃକ୍ତ କଲେଜ ପ୍ରିନ୍ସିପାଲମାନଙ୍କୁ ଖର୍ଚ୍ଚ ହୋଇ ନ ଥିବା ଅର୍ଥ ଫେରେଇଦେବାକୁ ୧୪।୮।୨୦୨୫ରେ ନିର୍ଦ୍ଦେଶ ଜାରି କରିଛନ୍ତି।

ରାଜ୍ୟର ଅନେକ କଲେଜରେ ଏହି ମହତ୍ ଯୋଜନାକୁ ଗାଇଡ୍‌ଲାଇନ୍ ଅନୁଯାୟୀ କାର୍ଯ୍ୟକାରୀ କରାଯାଉ ନ ଥିବା ଅନୁସନ୍ଧାନରୁ ଜଣାପଡ଼ିଛି। ଫଳରେ ଛାତ୍ରୀଙ୍କ ଆତ୍ମରକ୍ଷା କୌଶଳ ପରାହତ ହେଉଛି। ଏହି ଅନିୟମିତତାକୁ ଉଚ୍ଚଶିକ୍ଷା ବିଭାଗ ହୃଦୟଙ୍ଗମ କରି ୨୦୧୯-୨୦ ବର୍ଷରେ ଏକ ରଣନୀତି ପ୍ରସ୍ତୁତ କରିଥିଲା। ଯେଉଁ କଲେଜ ଏହି ନିର୍ଦ୍ଦେଶ ଅନୁପାଳନ କରିବ ନାହିଁ, ସେହି କଲେଜ ଉପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସମସ୍ତ ନୋଡାଲ କଲେଜ, ସରକାରୀ ଓ ବେସରକାରୀ ଡିଗ୍ରୀ କଲେଜ, ଅନୁଦାନପ୍ରାପ୍ତ କଲେଜ ଓ ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷଙ୍କୁ ଚେତାବନୀ ଦିଆଯାଇଥିଲା। ତଥାପି ଉକ୍ତ ଚେତାବନୀକୁ କଲେଜ କର୍ତ୍ତୃପକ୍ଷ ଫୁ କରି ଉଡ଼ାଇ ଦେଇଛନ୍ତି।

୨୦୨୪-୨୫ ଆର୍ଥିକ ବର୍ଷରେ ଆତ୍ମରକ୍ଷା କୌଶଳ ତାଲିମ ପାଇଁ ରାଜ୍ୟର କଟକ ଶୈଳବାଳା ମହିଳା ସ୍ୱୟଂଶାସିତ କଲେଜକୁ ସର୍ବାଧିକ ୭୭,୩୦୦ ଟଙ୍କା ଏବଂ ଦ୍ୱିତୀୟରେ ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ କଲେଜକୁ ୭୪,୪୦୦ ଟଙ୍କା ପ୍ରଦାନ କରାଯାଇଛି। ଯାଜପୁର ଜିଲାର ୧୯ଟି କଲେଜ ମଧ୍ୟରୁ ରାମବାଗ ଆଞ୍ଚଳିକ କଲେଜକୁ ୩୦,୭୦୦ ଟଙ୍କା, ଚଣ୍ଡିଖୋଲ ବାବା ଭୈରବାନନ୍ଦ ସ୍ୱୟଂଶାସିତ କଲେଜକୁ ୨୯,୪୦୦ ଟଙ୍କା, ଚିତାଲୋ ଡିଗ୍ରୀ କଲେଜକୁ ୨୮,୨୦୦ ଟଙ୍କା ଦିଆଯାଇଛି। କିନ୍ତୁ କୌଣସି କଲେଜ କର୍ତ୍ତୃପକ୍ଷ ୧୫।୪।୨୦୨୫ ସୁଦ୍ଧା ବିନିଯୋଗ ପ୍ରମାଣପତ୍ର(ୟୁସି) ଦାଖଲ କରିନାହାନ୍ତି। ଫଳରେ ଆତ୍ମରକ୍ଷା କୌଶଳ କାର୍ଯ୍ୟକ୍ରମ କୌଣସି କଲେଜରେ ହୋଇ ନ ଥିବା ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶ ପତ୍ରରେ ଦର୍ଶାଯାଇଛି।

ଆତ୍ମରକ୍ଷା କୌଶଳ ତଥା ମାର୍ଶଲ ଆର୍ଟ ଶିକ୍ଷା ନାରୀଙ୍କୁ ଶକ୍ତିଶାଳୀ କରିପାରିବ। ରାଜ୍ୟର ଅନେକ ଯୁବତୀ ମାର୍ଶଲ ଆର୍ଟ ଶିକ୍ଷା ଗ୍ରହଣ କରି ଦେଶ ଓ ବିଦେଶରେ ପ୍ରସିଦ୍ଧି ଲାଭ କରିଛନ୍ତି। ଏ ଦିଗରେ ବିଭିନ୍ନ ଆସୋସିଏଶନ କାର୍ଯ୍ୟ କରୁଛନ୍ତି। ମାର୍ଶଲ ଆର୍ଟ ବ୍ୟତୀତ ଛାତ୍ରୀମାନେ ବୌଦ୍ଧିକ, ଯୋଗାସନ, ଧ୍ୟାନ, ସଂଯମ, ସମାଜସେବା, ସ୍ୱାସ୍ଥ୍ୟରକ୍ଷା, ସୌଜନ୍ୟ ଓ ଶୃଙ୍ଖଳାଗତ ଜ୍ଞାନ ଆହରଣ କରି ବିଭିନ୍ନ ପଦପଦବୀରେ ଅଧିଷ୍ଠିତ ହୋଇ ପାରିଛନ୍ତି। ତେଣୁ ଏହି ଶିକ୍ଷା ପ୍ରତି ଅଧିକାଂଶ ଅଭିଭାବକ ଓ ଛାତ୍ରୀମାନେ ଆକୃଷ୍ଟ ହୋଇଛନ୍ତି। ଏହିକ୍ରମରେ ଛାତ୍ରୀମାନଙ୍କୁ ଶାରୀରିକ ଓ ମାନସିକ ସ୍ତରରେ ସୁଦୃଢ଼ କରିବା ପାଇଁ ସରକାର ଯୋଜନା କରିଥିଲେ ହେଁ କଲେଜ ଓ ସ୍କୁଲ କର୍ତ୍ତୃପକ୍ଷ ସେତେଟା ଆଗ୍ରହ ପ୍ରକାଶ କରିନାହାନ୍ତି। ଫଳରେ ଶିକ୍ଷାନୁଷ୍ଠାନରେ ଛାତ୍ରୀମାନେ ଶାରୀରିକ ଓ ମାନସିକ ଭାବେ ନିର୍ଯାତନା ଭୋଗୁଥିବା ଅନେକ ଦୃଷ୍ଟାନ୍ତ ରହିଛି। ତେଣୁ ଏହି କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ କରିବା ନିମନ୍ତେ ସ୍କୁଲ ଓ କଲେଜସ୍ତରରେ ଆତ୍ମରକ୍ଷା କୌଶଳକୁ ବାଧ୍ୟତାମୂଳକ କରାଯିବା ଆବଶ୍ୟକ ବୋଲି ମତପ୍ରକାଶ ପାଉଛି।

# ମହାବଳ ବାଘ ଆତଙ୍କ, ଲୋକେ ଭୟଭୀତ

ଝାରସୁଗୁଡ଼ା, ୧୮।୮ (ଆଶିଷ ରଞ୍ଜନ ଦାଶ)




ବନବିଭାଗ ଅଧିକାରୀ ବାଘ ପାଦଚିହ୍ନ ପରୀକ୍ଷା କରୁଛନ୍ତି।

ଝାରସୁଗୁଡ଼ା ଜିଲା ବାଗଡିହି ରେଞ୍ଜ ଅଧୀନ ଭୁକୁଲାପଡ଼ା, ଗଞ୍ଜୁଡିହି, କର୍ଲାଖମନ ଓ ଜାମମାଲ ଅଞ୍ଚଳରେ ସୋମବାର ସକାଳେ ମହାବଳ ବାଘର ପାଦଚିହ୍ନ ଦେଖିବାକୁ ମିଳିଛି। ଏହାକୁ ନେଇ ଲୋକମାନେ ଭୟଭୀତ ହୋଇପଡିଛନ୍ତି। ଖବରପାଇ ବାଗଡିହି ଓ ପଡୋଶୀ ବାମରା ରେଞ୍ଜର ବନବିଭାଗ ଅଧିକାରୀ ପହଞ୍ଚି ପାଦଚିହ୍ନ ପରୀକ୍ଷା କରିବା ସହ ବାଘକୁ ଖୋଜାଖୋଜି କରିଛନ୍ତି। ରିପୋର୍ଟ ଲେଖାଯିବା ସୁଦ୍ଧା ବାଘକୁ ଠାବ କରାଯାଇପାରି ନାହିଁ। ଏନେଇ ଝାରସୁଗୁଡ଼ା ବନଖଣ୍ଡ ଅଧିକାରୀ ଅଶୋକ ମନୁଭଇ କହିଛନ୍ତି, ମିଳିଥିବା ପାଦଚିହ୍ନରୁ ମହାବଳ ବାଘ ବୋଲି ଜଣାପଡ଼ିଛି। ରବିବାର ସୁନ୍ଦରଗଡ଼ ଅଞ୍ଚଳରୁ ମିଳିଥିବା ବାଘର ପାଦଚିହ୍ନ ସହ ସୋମବାର ଝାରସୁଗୁଡ଼ା ଅଞ୍ଚଳରେ ଦେଖିବାକୁ ମିଳିଥିବା ପାଦଚିହ୍ନ ସମାନ। ଝାରସୁଗୁଡ଼ା ଜିଲାରେ ପ୍ରଥମଥର ମହାବଳ ବାଘ ପ୍ରବେଶ କରିଛି। ବନ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ୨୦ଟି ଟ୍ରାପ୍ କ୍ୟାମେରା ଲଗାଯାଇ ବାଘର ଗତିବିଧି ଉପରେ ନଜର ରଖାଯାଇଛି। ଝାରସୁଗୁଡ଼ା ବନଖଣ୍ଡ ଓ ବାମରା ରେଞ୍ଜର ଅଧିକାରୀଙ୍କ ସମେତ କର୍ମଚାରୀ ପାଟ୍ରୋଲିଂ କରୁଛନ୍ତି। ସକାଳେ ଓ ସନ୍ଧ୍ୟାରେ ଏକୁଟିଆ ଘରୁ ବାହାରକୁ ନ ବାହାରିବା ପାଇଁ ମନୁଭଇ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।

ସୂଚନାଯୋଗ୍ୟ, ସୁନ୍ଦରଗଡ଼ ଜିଲା ଲାଞ୍ଜିବାହାଲ ଜଙ୍ଗଲରେ ଉକ୍ତ ବାଘ ରବିବାର ଏକ ବାଛୁରୀକୁ ଶିକାର କରିଥିଲା। ଏହି ବାଘ ଛତିଶଗଡ଼ ଅଞ୍ଚଳରୁ ଆସିଥିବା ସନ୍ଦେହ କରାଯାଉଛି।

# ପୁଣି ୬ ଆକ୍ରାନ୍ତ, ସ୍ଥିତି ଅନୁଧ୍ୟାନ କଲା ଡାକ୍ତରୀ ଟିମ୍

ଆନନ୍ଦପୁର, ୧୮।୮ (ସୁଶାନ୍ତ କୁମାର ସାହୁ)



ଡାକ୍ତରୀ ଟିମ୍ ଓ ପ୍ରଶାସନିକ ଅଧିକାରୀମାନେ ଗାଁରେ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

## କୃଷ୍ଣପୁରରେ ଝାଡ଼ାବାନ୍ତି ବ୍ୟାପିବା ଘଟଣା

### ଗାଁରେ ୨୪ ଘଣ୍ଟିଆ ଆମ୍ବୁଲାନ୍ସ ସେବା

କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ଗଡ଼ବାନ୍ଧଗୋଡ଼ା ପଞ୍ଚାୟତ କୃଷ୍ଣପୁର ଗାଁରେ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ଗତ ୨ ଦିନରେ ଗାଁରୁ ୨୫ ଜଣ ଝାଡ଼ାବାନ୍ତି ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିବା ବେଳେ ସୋମବାର ଆଉ ୬ ଜଣ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କୁ ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପ୍ରଶାସନ ପକ୍ଷରୁ ଗାଁରେ ଡାକ୍ତରୀ ଟିମ୍ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିବା ବେଳେ ୨୪ ଘଣ୍ଟିଆ ଆମ୍ବୁଲାନ୍ସ ସେବା ଯୋଗାଇ ଦିଆଯାଇଛି।

ପ୍ରକାଶ ଯେ, ଗାଁରେ ଗତ ଦୁଇ ଦିନ ଧରି ଝାଡ଼ାବାନ୍ତିରେ ୨୫ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହୋଇ ସାଇଁକୁଳ ଏବଂ ଆନନ୍ଦପୁର ଉପଖଣ୍ଡ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ସୋମବାର ପୁଣି ଗାଁର ପ୍ରେମାନନ୍ଦ ନାୟକ, ସୁକାନ୍ତି ନାୟକ, ରୁବିନା ନାୟକ, ସଂଯୁକ୍ତା ମାଝୀ, ଝୁନ ମାଝୀ, ବିନୋଦ ବିହାରୀ ମାଝୀ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ସାଇଁକୁଳ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଘଟଣା ସମ୍ପର୍କରେ ଖବର ପାଇ ବିଜେଡି ନେତା ଦେବାଶିଷ ପାତ୍ର, ଭାଜପା ବିଧାୟକ ପ୍ରାର୍ଥୀ ଡ. ଶମ୍ଭୁନାଥ ରାଉତ, ସାଇଁକୁଳ ଗୋଷ୍ଠୀ ଚିକିତ୍ସାକେନ୍ଦ୍ରର ଚିକିତ୍ସାଧିକାରୀ ଡା. ରାଜେନ୍ଦ୍ର ମୁର୍ମୁ, ଜିଲା ସ୍ୱାସ୍ଥ୍ୟ ବିଭାଗର ରାପିଡ ଟିମ୍ ପୀଡ଼ିତଙ୍କ ଘରକୁ ଘର ବୁଲି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଗାଁରେ ଡାଇରିଆ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ରୋଗୀଙ୍କୁ ତୁରନ୍ତ ଡାକ୍ତରଖାନାରେ ପହଞ୍ଚାଇବାକୁ ଗାଁରେ ସୋମବାରଠାରୁ ୨୪ ଘଣ୍ଟିଆ ଆମ୍ବୁଲାନ୍ସ ସେବା ଉପଲବ୍ଧ କରାଇବାକୁ ଡାକ୍ତରୀ ଟିମ୍ ସୁପାରିସ କରିଥିଲା। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଟିମ୍ ପାନୀୟ ଜଳ ପରୀକ୍ଷଣ ନିମନ୍ତେ ନମୁନା ସଂଗ୍ରହ କରିଥିଲା। ଏଥିସହିତ ପାନୀୟ ଜଳ ଉତ୍ସଗୁଡ଼ିକୁ ସଫା କରିବାର ବନ୍ଦୋବସ୍ତ କରିଛି। ତେବେ ଗାଁ ଲୋକେ ପାଣି ଫୁଟାଇ ପିଇବା ସହିତ ଆବଶ୍ୟକସ୍ଥଳେ ହାଲୋଜେନ ବଟିକା ପକାଇ ପାଣି ପିଇବାକୁ ଡାକ୍ତରୀ ଟିମ୍ ପରାମର୍ଶ ଦେଇଥିଲା। ଏଥିସହ ଖୋଲା ସ୍ଥାନରେ ମଳତ୍ୟାଗ ନ କରିବାକୁ ବାରଣ କରାଯାଇଛି। ଗାଁର ଡ୍ରେନେଜ୍ ବ୍ୟବସ୍ଥା ସଫାସୁତୁରା ନ ଥିବାରୁ ପ୍ରତ୍ୟେକ ଡ୍ରେନ୍‌କୁ ସଫା କରାଯାଇ ବ୍ଲିଚିଂ ପକାଇବାକୁ ସ୍ୱେଚ୍ଛାସେବୀ ଏବଂ ଆଶାକର୍ମୀଙ୍କୁ ନିୟୋଜିତ କରାଯାଇଛି। ଗାଁରେ ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାରୁ ଏକପ୍ରକାର ଭୟର ବାତାବରଣ ଖେଳିଯାଇଛି।

# ଆଇଇଡି ବିସ୍ଫୋରଣ: ଜଣେ ଯବାନ ଶହୀଦ, ୩ ଗୁରୁତର

ମାଲକାନଗିରି, ୧୮।୮ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ବିଜାପୁର ଜିଲାରେ ଆଇଇଡି ବିସ୍ଫୋରଣ ଘଟି ଜଣେ ଯବାନ ଶହୀଦ ହୋଇଥିବା ବେଳେ ୩ ଜଣ ଗୁରୁତର ହୋଇଛନ୍ତି। ଶହୀଦ ଯବାନ ଜଣକ ହେଲେ ଦିନେଶ ନାଗ। ରବିବାର ବିଜାପୁର ଡିଆର୍‌ଜି ଯବାନ କୋମ୍ବିଂ ଲାଗି ବିଜାପୁର ନ୍ୟାଶନାଲ ପାର୍କ ଅଞ୍ଚଳକୁ ଯାଇଥିଲେ। ସୋମବାର ସକାଳେ ଯବାନମାନେ ଉକ୍ତ ଅଞ୍ଚଳରେ କୋମ୍ବିଂ କରୁଥିବା ବେଳେ ଯବାନଙ୍କୁ ଟାର୍ଗେଟ କରି ମାଓବାଦୀଙ୍କ ଦ୍ୱାରା ଖଞ୍ଜାଯାଇଥିବା ଆଇଇଡି ବିସ୍ଫୋରଣ ହୋଇଥିଲା। ଫଳରେ ଘଟଣାସ୍ଥଳରେ ଜଣେ ଯବାନ ଶହୀଦ ହୋଇଥିବା ବେଳେ ଅନ୍ୟ ୩ ଗୁରୁତର ହୋଇଛନ୍ତି। ଆହତମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ବିଜାପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ବର୍ତ୍ତମାନ ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ଥିବା ପୋଲିସ ସୂତ୍ରରୁ ପ୍ରକାଶ।

# ପୁଣି ଭୁଶୁଡ଼ିଲା ବିମାନବନ୍ଦର ପାଚେରି

ମାଲକାନଗିରି, ୧୮।୮ (ଦୁର୍ଯ୍ୟୋଧନ ପାତ୍ର)



ଭୁଶୁଡି ପଡିଥିବା ପାଚେରି।

ମାଲକାନଗିରି ସଦର ମହକୁମାଠାରୁ ୫ କି.ମି.ଦୂରରେ ନିର୍ମାଣ ହୋଇଥିବା ବିମାନବନ୍ଦର ପାଚେରି ସୋମବାର ଭୁଶୁଡ଼ି ପଡ଼ିଛି। ରବିବାର ରାତିରୁ ମାଲକାନଗିରି ଜିଲାରେ ପ୍ରବଳ ବର୍ଷା ହୋଇଥିଲା। ଏହାର ପ୍ରଭାବରେ ବିମାନବନ୍ଦରର ପ୍ରାୟ ୩୦ ଫୁଟ ପାଚେରି ଭାଙ୍ଗିଯାଇଥିବା ଦେଖିବାକୁ ମିଳିଛି। ବିମାନବନ୍ଦର ଉଦ୍‌ଘାଟନର ଦେଢ ବର୍ଷ ହୋଇଥିବା ବେଳେ ଏହା ମଧ୍ୟରେ ଏହାକୁ ମିଶାଇ ୩ ଥର ପାଚେରି ଭାଙ୍ଗିବା ଦେଖିବାକୁ ମିଳିଛି। ପ୍ରଥମ ଥର ପାଚେରି ଭାଙ୍ଗିବା ସମୟରେ ବହୁ ଲୋକ ଆହତ ହୋଇଥିଲେ। ପରେ ପରେ ଦ୍ୱିତୀୟ ଥର ମଧ୍ୟ ପାଚେରି ଭାଙ୍ଗିଥିଲା। ଏହାକୁ ନେଇ ଜିଲାର ବିଭିନ୍ନ ରାଜନୈତିକ ଦଳ ବିମାନବନ୍ଦର କାର୍ଯ୍ୟ ନିମ୍ନମାନର ହୋଇଥିବା ଏବଂ ଏହା ଉଦ୍‌ଘାଟନ ହେବା ସମୟରେ ନିର୍ବାଚନ ଥିବାରୁ ତରବରିଆ ଭାବେ ଏହାକୁ ତିଆରି କରାଯାଇଥିବା ଅଭିଯୋଗ କରିଥିଲେ। ଗତ ବର୍ଷ ଜାନୁଆରୀରେ ବିମାନବନ୍ଦରର ଉଦ୍‌ଘାଟନ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ସେବା ଯୋଗାଇ ଦିଆଯାଇନାହିଁ। ଏଥିସହ ବିମାନ ବନ୍ଦରର ସମସ୍ତ କାର୍ଯ୍ୟ ମଧ୍ୟ ଅଧାପନ୍ତରିଆ ହୋଇପଡିଛି। ଫଳରେ ବିମାନ ସେବା ଆରମ୍ଭ ହେବାରେ ବିଳମ୍ବ ହେଉଛି।

# ୭ ବଗି ଛାଡ଼ି ପଳାଇଲା ମାଲଗାଡ଼ି ଇଞ୍ଜିନ

ସିମୁଳିଆ, ୧୮।୮ (ସନ୍ତୋଷ ନାୟକ)



ଲେଭଲ କ୍ରସିଂ ନିକଟରେ ଅଟକି ରହିଥିବା ଟ୍ରେନ।

ଦକ୍ଷିଣ ପୂର୍ବ ରେଳପଥ ଖଡ଼ଗପୁର ଡିଭିଜନ ଅଧୀନ ମାର୍କୋଣା ଷ୍ଟେଶନର ଲେଭଲକ୍ରସିଂ ନିକଟରେ ସୋମବାର ଅପରାହ୍ନରେ ଡାଉନ ଲାଇନରେ ଯାଉଥିବା ଏକ କୋଇଲା ବୋଝେଇ ଟ୍ରେନ ଇଞ୍ଜିନ ବଗିରୁ ଅଲଗା ହୋଇ ସୋର ଅଭିମୁଖେ ଚାଲିଯାଇଥିଲା। ପରେ ଟ୍ରେନ ପଛକୁ ଫେରି ୭ଟି ବଗିଗୁଡ଼ିକୁ ଯୋଡ଼ି ଆଗକୁ ଯାଇଥିଲା।

ଟ୍ରେନଟି ଲେଭଲକ୍ରସିଂ ଅତିକ୍ରମ କରିବା ବେଳେ ହଠାତ୍ ପଛପଟୁ ୭ଟି ବଗି ଛିଡି ଅଲଗା ହୋଇଯାଇଥିଲା। ପରେ ଇଞ୍ଜିନ ସହିତ ସଂଯୋଗ ଥିବା ଅନ୍ୟ ବଗିଗୁଡିକ କିଛି ବାଟ ଆଗକୁ ଚାଲିଯାଇଥିଲା। ବଗି ଛିଡ଼ିଥିବା ସମ୍ପର୍କରେ ଜାଣିବା ପରେ ଲେଭଲକ୍ରସିଂ ସିଗନାଲ ଅଫିସର, ଲୋକୋ ପାଇଲଟ ଏବଂ ଷ୍ଟେସନ ମାଷ୍ଟର ଉଭୟ ପରସ୍ପର ଯୋଗାଯୋଗ କରିଥିଲେ। ତୁରନ୍ତ ରେଲୱେ ପୋଲିସ ମୁତୟନ କରାଯାଇ ଲେଭଲକ୍ରସିଂକୁ ବନ୍ଦ ରଖାଯାଇଥିଲା। ଲୋକୋ ପାଇଲଟ ଇଞ୍ଜିନକୁ ପଛକୁ ଆଣି ଛିଡିଯାଇଥିବା ବଗି ନିକଟକୁ ନେଇଥିଲେ ଏବଂ ଯାନ୍ତ୍ରିକ ଟିମ୍ ଉଭୟକୁ ସଂଯୋଗ କରିବା ପରେ ଟ୍ରେନଟି ସମସ୍ତ ବଗି ନେଇ ଆଗକୁ ଗଡିଥିବା ସୂଚନା ମିଳିଛି। ଏଥିପାଇଁ ଲେଭଲକ୍ରସିଂ ନିକଟରେ ପ୍ରାୟ ୩୦ ମିନିଟ୍‌ରୁ ଅଧିକ ସମୟ ଧରି ଉଭୟ ପାର୍ଶ୍ୱ ଫାଟକକୁ ବନ୍ଦ ରଖାଯାଇଥିଲା। ଉଭୟ ପାର୍ଶ୍ୱରେ ଗମନାଗମନ ବନ୍ଦ ରହିଥିଲା। ସେହିପରି ବିଭିନ୍ନ ଟ୍ରେନ ମଧ୍ୟ ବିଳମ୍ବରେ ଚାଲିଥିଲା।

# ସ୍ମୃତିରଞ୍ଜନଙ୍କୁ ଦଳରୁ ନିଲମ୍ବନ କଲା ଭାଜପା

ଭୁବନେଶ୍ୱର, ୧୮।୮ (ସୁନିତ୍ ମିଶ୍ର)

ଭୁବନେଶ୍ୱର ସାଙ୍ଗଠନିକ ଜିଲା ଅନ୍ତର୍ଗତ ଶ୍ରୀକୃଷ୍ଣ ମଣ୍ଡଳ ସଭାପତି ସ୍ମୃତିରଞ୍ଜନ ଦାସଙ୍କୁ ଭାଜପାରୁ ନିଲମ୍ବନ କରାଯାଇଛି। ସେ ବେଆଇନ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିବା ଅଭିଯୋଗ ଯୋଗୁ ଦଳର ଭାବମୂର୍ତ୍ତି କ୍ଷୁଣ୍ଣ ହୋଇଛି। ଏଥିଲାଗି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ନିର୍ଦ୍ଦେଶକ୍ରମେ ସ୍ମୃତିରଞ୍ଜନଙ୍କୁ ଦଳରୁ ନିଲମ୍ବନ କରାଯାଇଥିବା ସୂଚନା ଦିଆଯାଇଛି। ଏନେଇ ଶୃଙ୍ଖଳା କମିଟି ରାଜ୍ୟ ଆବାହକ ସୁଦର୍ଶନ ନାୟକ ସୋମବାର ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦେଇଛନ୍ତି।

# ବ୍ରଜରାଜନଗର ଷ୍ଟେଶନରୁ ୨୦ ଇମ୍ପୋର୍ଟେଡ୍ ପର୍ସିଆନ ବିଲେଇ ଜବତ

ବ୍ରଜରାଜନଗର, ୧୮।୮ (ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ରେଳଷ୍ଟେଶନରୁ ରବିବାର ବିଳମ୍ବିତ ରାତିରେ ୨୦ଟି ଇମ୍ପୋର୍ଟେଡ୍ ପର୍ସିଆନ ବିଲେଇକୁ ଆର୍‌ପିଏଫ୍ ଜବତ କରିଛି। ସୂଚନା ଅନୁଯାୟୀ, ମୁମ୍ବାଇର ଆମିନ ସୟଦ୍, ସ୍ତ୍ରୀ ଓ ୪ ମାସର ଶିଶୁପୁତ୍ର ସହିତ ଏହି ବିଲେଇକୁ ନେଇ ମୁମ୍ବାଇ-ସାଲିମାର୍ ଟ୍ରେନ୍‌ରେ ମୁମ୍ବାଇରୁ କୋଲକାତାର ସାନ୍ତ୍ରାଗାଛି ଅଭିମୁଖେ ଯାଉଥିଲେ। ଟ୍ରେନ୍‌ଟି ବ୍ରଜରାଜନଗର ଷ୍ଟେଶନରେ ରାତି ପ୍ରାୟ ସାଢ଼େ ୨ଟାରେ ପହଞ୍ଚିବା ପରେ ଆର୍‌ପିଏଫ୍ ପକ୍ଷରୁ ଯାଞ୍ଚ କରାଯାଇଥିଲା। ଏହି ସମୟରେ ଦମ୍ପତିଙ୍କ ପାଖରେ ୨୦ଟି ବିଲେଇ ଥିବା ଜଣାପଡିଥିଲା। ପରେ ଦମ୍ପତିଙ୍କୁ ଅଟକ ରଖାଯିବା ସହ ଉକ୍ତ ବିଲେଇ ଜବତ କରାଯାଇଛି। ସାନ୍ତ୍ରାଗାଛିର ଏକ ଫାର୍ମରେ ଏହି ବିଲେଇକୁ ବିକ୍ରି ଉଦ୍ଦେଶ୍ୟରେ ନିଆଯାଉଥିବା ଅନୁମାନ କରାଯାଉଛି। ତେବେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଏନେଇ ସହ ତଦନ୍ତ ଜାରି ରହିଛି।

# ମୋ ପ୍ରିୟ ଫଟୋ

## ବିଶ୍ୱ ଫଟୋଗ୍ରାଫି ଦିବସ ଆଜି



ପ୍ରତିବର୍ଷ ଅଗଷ୍ଟ ୧୯ରେ ପାଳନ ହୋଇଆସୁଛି ବିଶ୍ୱ ଫଟୋଗ୍ରାଫି ଦିବସ। ଏହା ଫଟୋଗ୍ରାଫିର କଳା, ବିଜ୍ଞାନ ଏବଂ ଇତିହାସକୁ ପ୍ରଶଂସା କରିବା ପାଇଁ ଉତ୍ସର୍ଗୀକୃତର ଏକ ଦିନ। ୧୮୩୭ ମସିହାରେ ବିକଶିତ ଏକ ଫଟୋଗ୍ରାଫିକ୍ ପ୍ରକ୍ରିୟା, ଡାଗୁରେଓଟାଇପର ଉଦ୍ଭାବନକୁ ସ୍ମରଣକରିବା ଲାଗି ୧୯୯୧ ମସିହାରେ ଏହି ଦିବସକୁ ପ୍ରଥମେ ସ୍ୱୀକୃତି ଦିଆଯାଇଥିଲା। ତେବେ ଚଳିତ ବର୍ଷ ଉକ୍ତ ଦିବସର ବିଷୟବସ୍ତୁ ରହିଛି 'ମୋ ପ୍ରିୟ ଫଟୋ'। ଏହି ବିଷୟବସ୍ତୁ ଲୋକମାନଙ୍କୁ ସେମାନଙ୍କ ଦ୍ୱାରା ଉଠାଯାଇଥିବା ଏକ ଫଟୋଗ୍ରାଫି ଶେୟାର କରିବା ସହ ଏହା ପଛରେ ଥିବା କାହାଣୀକୁ ମଧ୍ୟ ଶେୟାର କରିବାକୁ ଉତ୍ସାହିତ କରେ, ଯାହା ଫଟୋଗ୍ରାଫର ଏବଂ ସେମାନଙ୍କ କାମ ମଧ୍ୟରେ ବ୍ୟକ୍ତିଗତ ସମ୍ପର୍କକୁ ପ୍ରୋତ୍ସାହିତ କରିଥାଏ। ତେବେ ଏହା ବିଭିନ୍ନ କାରଣର ଏକ ଉତ୍ସବ ଯାହା ଲୋକମାନେ ଫଟୋଗ୍ରାଫି ପ୍ରତି ଆକର୍ଷିତ ହୁଅନ୍ତି, ଜୀବନକୁ ଡକ୍ୟୁମେଣ୍ଟେଶନ କରିବା, ସୌନ୍ଦର୍ଯ୍ୟକୁ କଏଦ କରିବା କିମ୍ବା ଏକ ମୁହୂର୍ତ୍ତକୁ ସଂରକ୍ଷଣ କରିବା ପାଇଁ ଉଦ୍ଦିଷ୍ଟ।



# ପୋଲିସ-ଗ୍ରାମବାସୀ ଧସ୍ତାଧସ୍ତି

ବଲାଙ୍ଗୀର,୧୮।୮
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ଥାନା ଅନ୍ତର୍ଗତ ବିରିପାଲି ଗାଁରେ ପୋଲିସ-ଗ୍ରାମବାସୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଛି। ଗାଁରେ ଥିବା ଏକ ପ୍ରେମୀଯୁଗଳଙ୍କୁ ଉଦ୍ଧାର କରିବାକୁ ଯାଇଥିବାବେଳେ ପୋଲିସ ଓ ଗ୍ରାମବାସୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ଘଟଣାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଘଟଣାଟି ଲୋକଲୋଚନକୁ ଆସିଛି।

ମିଳିଥିବା ସୂଚନା ଅନୁଯାୟୀ, ବିରିପାଲି ଗାଁର ଜଣେ ବ୍ୟକ୍ତି କିଛିଦିନ ତଳେ ବଙ୍ଗୋମୁଣ୍ଡା ଥାନାକୁ ଆସି ତାଙ୍କ କିଶୋରୀ ଝିଅ କୁଆଡ଼େ ନିଖୋଜ ହୋଇଯାଇଥିବା ଅଭିଯୋଗ କରିଥିଲେ। ଏନେଇ ଥାନାରେ ଏକ ନିଖୋଜ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଗତ କିଛିଦିନ ତଳେ ଝିଅଟି ସେହି ଗାଁର ଜଣେ ବ୍ୟକ୍ତିଙ୍କ ଘରେ ଥିବା ଜଣାପଡ଼ିବା ପରେ ପରିବାର ଲୋକେ ଏନେଇ ପୋଲିସକୁ ଜଣାଇଥିଲେ। ପୋଲିସ ତଦନ୍ତରୁ ଜାଣିବାକୁ ପାଇଥିଲା ଯେ, ସେହି ଗାଁର ଜଣେ ଯୁବକଙ୍କ ସହ ସେହି ଝିଅର ପ୍ରେମସମ୍ପର୍କ ରହିଥିଲା। ଉଭୟ ପୁଅ-ଝିଅ ବିବାହ ପାଇଁ ଉଦ୍ୟମ କରିଥିଲେ। ତେବେ ଉଭୟ ପୁଅ-ଝିଅ ଭିନ୍ନ ଜାତିର ହୋଇଥିବାରୁ ପରିବାର ଲୋକେ ବିବାହ ପାଇଁ ରାଜି ହେବେନାହିଁ ଭାବି ଦୁଇଜଣ ଗାଁରୁ କୁଆଡେ ଚାଲିଯାଇଥିଲେ। ଝିଅର ବାପା ବଙ୍ଗୋମୁଣ୍ଡା ଥାନାରେ ଝିଅ ନିଖୋଜ ହୋଇଯାଇଥିବା ନେଇ ରିପୋର୍ଟ କରିବା ଭିତରେ ପୁଅ-ଝିଅ ଗାଁକୁ ଫେରି ପୁଅ ଘରେ ରହିଥିଲେ। ଝିଅ ଘର ଲୋକେ ଗାଁର ନିର୍ଦ୍ଦିଷ୍ଟ ପୁଅ ଘରେ ତାଙ୍କ ଝିଅ ଥିବା ଜାଣିବା ପରେ ପୋଲିସକୁ ଖବର ଦେଇଥିଲେ। ଝିଅକୁ ସେଠାରୁ ଉଦ୍ଧାର କରିବା ପାଇଁ ପୋଲିସକୁ ଅନୁରୋଧ କରିଥିଲେ। ଏହାପରେ ବଙ୍ଗୋମୁଣ୍ଡା ପୋଲିସ ଟିମ୍ ଗତ ୧୫ ତାରିଖ ବିରିପାଲିରେ ପହଞ୍ଚି ଉଭୟ ପ୍ରେମୀଯୁଗଳଙ୍କୁ ସେଠାରୁ ଉଦ୍ଧାର କରି ଥାନାକୁ ଆଣୁଥିଲା। ଏହି ସମୟରେ ଗାଁର କେତେଜଣ ଉତ୍ତ୍ୟକ୍ତ ଲୋକ ଉଭୟ ପ୍ରେମୀଯୁଗଳଙ୍କୁ ଆକ୍ରମଣ ପାଇଁ ଉଦ୍ୟମ କରିଥିଲେ। ସେମାନଙ୍କ ଉପରକୁ କାଦୁଅ, ଠେଲାମାଡ କରିବା ସହ ମାଡ ମାରିବା ଉଦ୍ୟମ କରିଥିଲେ। ଏହି ସମୟରେ ପୋଲିସ ଓ ଗାଁର କେତେକ ଆକ୍ରମଣକାରୀଙ୍କ ମଧ୍ୟରେ ଧସ୍ତାଧସ୍ତି ଓ ଠେଲାପେଲା ପରିସ୍ଥିତି ସୃଷ୍ଟି ହୋଇଥିଲା। ପୋଲିସକୁ ବି କିଛି ଲୋକ ଆକ୍ରମଣ ଉଦ୍ୟମ କରିଥିବା ଭାଇରାଲ ଭିଡିଓରୁ ଦେଖିବାକୁ ମିଳିଛି। ତେବେ ପୋଲିସ ପ୍ରେମୀଯୁଗଳଙ୍କୁ ସେଠାରୁ ସୁରକ୍ଷିତ ଉଦ୍ଧାର କରି ବଙ୍ଗୋମୁଣ୍ଡା ଥାନାକୁ ଆଣିଥିଲା। ଏହି ଘଟଣାର ଭିଡିଓ


ପ୍ରେମୀଯୁଗଳଙ୍କୁ ଉଦ୍ଧାର ବେଳେ ଆକ୍ରମଣକାରୀଙ୍କ ସହ ପୋଲିସର ଠେଲାପେଲା।

### ପ୍ରେମୀଯୁଗଳଙ୍କୁ ଉଦ୍ଧାର ବେଳର ଘଟଣା

### ଭିଡିଓ ଭାଇରାଲ ପରେ ଜଣାପଡ଼ିଲା

ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଘଟଣାଟି ଲୋକଲୋଚନକୁ ଆସିଛି। ଉଭୟ ପୁଅ-ଝିଅ ପରସ୍ପରକୁ ଭଲ ପାଇ ବିବାହ କରିବାକୁ ଚାହୁଁଥିଲେ ମଧ୍ୟ ଭିନ୍ନ ଜାତିର ହୋଇଥିବାରୁ ସେମାନଙ୍କ ପରିବାର ଲୋକେ ରାଜି ହୋଇ ନ ଥିଲେ। ଏଣୁ ଉଭୟ ପ୍ରେମିକ-ପ୍ରେମିକା ଗାଁରୁ ପ୍ରଥମେ ଫେରାର ହୋଇଯାଇଥିଲେ ଏବଂ ପରେ ପୁଣି ଗାଁକୁ ଫେରି ପୁଅ ଘରେ ରହୁଥିଲେ। ଏନେଇ ଏସ୍‌ପି ଅଭିଲାଷ ଜି.ଙ୍କୁ ପଚାରିବାରୁ ଝିଅଙ୍କ ବାପାଙ୍କ ରିପୋର୍ଟ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଗାଁର ଏକ ନିର୍ଦ୍ଦିଷ୍ଟ ଘରେ ଉଭୟ ଝିଅ ଓ ପୁଅ ଥିବା ଜାଣିବା ପରେ ପୋଲିସ ସେମାନଙ୍କୁ ଉଦ୍ଧାର ପାଇଁ ଯାଇଥିବାବେଳେ କିଛି ଲୋକ ସେମାନଙ୍କୁ ଆକ୍ରମଣ ଉଦ୍ୟମ କରିଥିଲେ। ଯେଉଁମାନେ ଆକ୍ରମଣ ଉଦ୍ୟମ କରିଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି କହିଛନ୍ତି।

## ଭିସୁଟ୍‌ରେ ବି.ଟେକ୍ ଓରିଏଣ୍ଟେଶନ କାର୍ଯ୍ୟକ୍ରମ


ଓରିଏଣ୍ଟେଶନ କାର୍ଯ୍ୟକ୍ରମର ସମାପନ ଉତ୍ସବରେ ଅତିଥିବୃନ୍ଦ।

ସମ୍ବଲପୁର,୧୮।୮(ପ୍ରମୋଦ ବହିଦାର)

ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ୍)ରେ ବିଟେକ୍-୨୫ର ଓରିଏଣ୍ଟେଶନ୍(ଆଭିମୁଖୀକରଣ) କାର୍ଯ୍ୟକ୍ରମ ସୋମବାର ସମାପ୍ତ ହୋଇଛି। ଭିସୁଟ୍ ପ୍ରେକ୍ଷାଳୟରେ ଅନୁଷ୍ଠିତ ସମାପନ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଭିସୁଟ୍‌ର ସମୃଦ୍ଧ ଐତିହ୍ୟ ଓ ପାରମ୍ପରା ଆଧାରିତ ଏକ ଭିଡିଓ ପ୍ରଦର୍ଶିତ ହୋଇଥିଲା। ମୁଖ୍ୟଅତିଥିଭାବେ ଯୋଗଦେଇ ଭିସୁଟ୍ କୁଳପତି ପ୍ରଫେସର ଦୀପକ କୁମାର ସାହୁ ନିଜ ବକ୍ତବ୍ୟରେ ନବାଗତ ଛାତ୍ରୀଛାତ୍ରଙ୍କୁ ଶିକ୍ଷାରୋହଣ ପୂର୍ବମ ଆଗାମୀ ଯାତ୍ରାର ସଫଳତା ପାଇଁ ପ୍ରୋତ୍ସାହିତ କରିଥିଲେ। ସେ କହିଥିଲେ, କେବଳ ଏକ ଶିକ୍ଷାସଂସ୍ଥାନ ଭାବେ ନୁହେଁ, ବରଂ ଭିସୁଟ୍ ଉତ୍କର୍ଷର ଉତ୍ତରାଧିକାରୀ। ୧୯୫୬ ମସିହାରେ ୟୁନିଭରସିଟି କଲେଜ ଅଫ ଇଞ୍ଜିନିୟରିଂ(ୟୁସିଇ)ଭାବେ ଆତ୍ମପ୍ରକାଶ କରି ବର୍ତ୍ତମାନ ଭିସୁଟ୍ ଏକ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇ କେବଳ ଓଡ଼ିଶା ନୁହେଁ, ବରଂ ସମଗ୍ର ଦେଶକୁ ଅସଂଖ୍ୟ ପ୍ରତିଭାଶୀଳ ଇଞ୍ଜିନିୟର ସୃଷ୍ଟି କରିଛି ବୋଲି କହିଥିଲେ। କୁଳସଚିବ ପ୍ରଦୀପ ଡାଙ୍ଗ, ଶିକ୍ଷା ବ୍ୟାପାର ଡିନ, ଛାତ୍ର ବ୍ୟାପର ଡିନ୍, ପରୀକ୍ଷା ନିୟନ୍ତ୍ରକ ଓ ପ୍ରଫେସର (ଟ୍ରେନିଂ ଆଣ୍ଡ ପ୍ଲେସମେଣ୍ଟ) ନୂତନ ଛାତ୍ରୀଛାତ୍ରଙ୍କୁ ଶିକ୍ଷା କ୍ଷେତ୍ରରେ ସଫଳତା ହାସଲ ପାଇଁ ପରାମର୍ଶ ଦେଇଥିଲେ।

## ବାମାଲୋଇ ରାସ୍ତା କାମ ପାଇଁ ଭୂମିପୂଜନ


ଆଦିତ୍ୟ ଆଲୁମିନିୟମ ପକ୍ଷରୁ ବାମାଲୋଇ ରାସ୍ତା କାର୍ଯ୍ୟର ଭୂମି ପୂଜନ କରାଯାଉଛି।

ସମ୍ବଲପୁର,୧୮।୮(ବି.ଶଙ୍କର)

ସମ୍ବଲପୁର ଜିଲା ଲପଙ୍ଗାସ୍ଥିତ ଆଦିତ୍ୟ ଆଲୁମିନିୟମ ପକ୍ଷରୁ ବାମାଲୋଇ ରାସ୍ତା କାର୍ଯ୍ୟର ଭୂମି ପୂଜନ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଭୂମି ପୂଜନ ଉତ୍ସବରେ ରେଙ୍ଗାଲି ବ୍ଲକ ଅଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ବୋମାଲେଇ ପଞ୍ଚାୟତର ପୂର୍ବତନ ସରପଞ୍ଚ ଶେଷଦେବ ପଧାନ, ଆଦିତ୍ୟ ଆଲୁମିନିୟମ କାରଖାନାର ମୁଖ୍ୟ ଜଗନ୍ନାଥ ପ୍ରସାଦ ନାୟକ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ କମ୍ପାନୀର ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ମୁଖ୍ୟ ରବି ନିୱାଶ ଓ ଉପ ପ୍ରବନ୍ଧକ ମନୋରଞ୍ଜନ ବେହେରା ପରିଚାଳନା କରିଥିଲେ । ସମ୍ବଲପୁର ଲପଙ୍ଗା ଠାରୁ ବୋମାଲୋଇ ପର୍ଯ୍ୟନ୍ତ ଦୀର୍ଘ ୮୦୦ ମିଟର ରାସ୍ତା କାର୍ଯ୍ୟ କରାଯିବ । ଏହି ରାସ୍ତା ହେବା ଦ୍ୱାରା ୨ଟି ପଞ୍ଚାୟତର ପ୍ରାୟ ୧୦ହଜାର ଜନସାଧାରଣ ଉପକୃତ ହେବେ । ଏହି ରାସ୍ତା ଦେଇ ପ୍ରତିଦିନ ଶହଶହ ଗାଡ଼ି ମୋଟର ଯାତାୟାତ କରୁଛି । ରାସ୍ତା ଖରାପ ଯୋଗୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

## ଦୁଲୀପ ଟ୍ରଫି ପାଇଁ ଆଶୀର୍ବାଦ ମନୋନୀତ



ରାଉରକେଲା,୧୮।୮(ବିପ୍ଳବ ରଞ୍ଜନ ଦାଶ): ଆର୍‌ଏସ୍‌ପି ଫେବ୍ରିକେଶନ ଶପ୍ ବିଭାଗର ଜୁନିଅର ଇଞ୍ଜିନିୟର ବିକ୍ରମ କୁମାର ସ୍ୱାଇଁ ଓ ଲିଲି ସ୍ୱାଇଁଙ୍କ ପୁଅ ଆଶୀର୍ବାଦ ସ୍ୱାଇଁ ସମ୍ମାନଜନକ ଦୁଲୀପ ଟ୍ରଫି ଟୁର୍ନାମେଣ୍ଟରେ ଖେଳିବା ପାଇଁ ପୂର୍ବ ଜୋନ ଦଳକୁ ମନୋନୀତ ହୋଇଛନ୍ତି। ଏହି ପ୍ରତିଭାବାନ ୱିକେଟ କିପର ଓ ବ୍ୟାଟ୍ସମ୍ୟାନ ଆଘାତ ଯୋଗୁ ବାଦ୍ ପଡିଥିବା ଭାରତୀୟ କ୍ରିକେଟର ଇଶାନ କିଷାନଙ୍କ ସ୍ଥାନ ନେଇଛନ୍ତି। ଉଲ୍ଲେଖନୀୟ, ଅଗଷ୍ଟ ୨୮ତାରିଖରେ ପୂର୍ବ ଜୋନ ଉତ୍ତର ଜୋନ ସହିତ ତାଙ୍କ ଅଭିଯାନ ଆରମ୍ଭ କରିବ। ସେକ୍ଟର-୬ ସ୍ଥିତ ଇସ୍ପାତ ଷ୍ଟାଡିୟମରୁ ନିଜର କ୍ରିକେଟ ଯାତ୍ରା ଆରମ୍ଭ କରିଥିବା ଆଶୀର୍ବାଦ ଏପର୍ଯ୍ୟନ୍ତ ୧୧ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳିଛନ୍ତି। ସେ ୧୯ବର୍ଷରୁ କମ୍ କୁଚ୍ ବିହାର ଟ୍ରଫି ଏବଂ ଭିନୁ ମଙ୍କଡ ଟ୍ରଫିରେ ଓଡିଶା କ୍ରିକେଟ ଦଳର ଅଧିନାୟକ ରହିଛନ୍ତି। ସେଲ୍ ପରିବାରର ଏହି ଉଦୀୟମାନ ଯୁବ ପ୍ରତିଭା ୨୦୧୯ରେ ୧୬ବର୍ଷରୁ କମ୍ ବିଜୟ ମର୍ଚ୍ଚାଣ୍ଟ ଟ୍ରଫିରେ ଜାତୀୟ ସ୍ତରରେ ପଦାର୍ପଣ କରିଥିଲେ।

## ଜିଏମ୍‌ୟୁ ବାଣିଜ୍ୟ ବିଭାଗରେ ଆଲୋଚନାଚକ୍ର

ସମ୍ବଲପୁର,୧୮।୮(ବି.ଶଙ୍କର)

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ)ର ବାଣିଜ୍ୟ ବିଭାଗ ପକ୍ଷରୁ ସୋମବାର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର ସମ୍ମିଳନୀ କକ୍ଷରେ ବ୍ରାଣ୍ଡ ପରିଚାଳନା ଓ କର୍ପୋରେଟ୍ ଯୋଗାଯୋଗ ସମ୍ପର୍କରେ କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟବକ୍ତାଭାବେ ଢେଙ୍କାନାଳସ୍ଥିତ ଭାରତୀୟ ଜନସଞ୍ଚାର ସଂସ୍ଥାନ ନିର୍ଦ୍ଦେଶକ ପ୍ରଫେସର ମୃଣାଳ ଚାଟାର୍ଜୀ ଯୋଗଦେଇ ଥିଲେ। ବର୍ତ୍ତମାନ ପରିବେଶରେ ପ୍ରାସଙ୍ଗିକତା ଓ ଛାତ୍ରୀଛାତ୍ରଙ୍କ ବୃତ୍ତିଗତ କ୍ଷମତା ବିକାଶରେ ବ୍ରାଣ୍ଡ ପରିଚାଳନା ଓ କର୍ପୋରେଟ୍ ଯୋଗାଯୋଗର ଅବଦାନ କଣ ରହିଛି ସେ ସମ୍ପର୍କରେ ମୁଖ୍ୟବକ୍ତା ଆଲୋଚନା କରିଥିଲେ । ବାଣିଜ୍ୟ ବିଭାଗ ବିଭାଗୀୟ ମୁଖ୍ୟ ଡ. ପ୍ରିୟବ୍ରତ ପଣ୍ଡା ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ସହକାରୀ ଅଧ୍ୟାପକ ଡ. କ୍ଷୀରୋଦ ଚନ୍ଦ୍ର ମହାରଣା ପରିଚୟ ପ୍ରଦାନ କରିଥିଲେ । ଏହାପରେ ମ୍ୟାନେଜମେଣ୍ଟ ବିଭାଗର ବିଭାଗୀୟ ମୁଖ୍ୟ ଡା. ଶ୍ରୀନିବାସ ଦାଶ ବିଷୟ ବସ୍ତୁ ସମ୍ପର୍କିତ ସାରାଂଶ ଉପସ୍ଥାପନ କରିଥିଲେ। ବିଶ୍ୱବିଦ୍ୟାଳୟ ବିତ୍ତ ନିୟନ୍ତ୍ରକ ଜଗନ୍ନାଥ ରାଉତ ଅତିଥିଙ୍କୁ ସମ୍ମାନିତ କରିଥିଲେ । ବାଣିଜ୍ୟ ବିଭାଗ ସହକାରୀ ଅଧ୍ୟାପକ ଡା. ମୁକେଶ ଶର୍ମା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବାଣିଜ୍ୟ ବିଭାଗ ଅଧ୍ୟାପକ ଡା. ଜ୍ଞାନରଞ୍ଜନ ବଳ, ସୁଭାଷ ଚନ୍ଦ୍ର ଝାଙ୍କାର, ଡା. ପୂଜାବାଇ କେୱଟ, ଝାନ୍ସୀ ରାଣୀ ପରିଡ଼ା, ଶୁଭେଚ୍ଛା ନାୟକ ଓ ଅରୁଣା ଶର୍ମା ଉପସ୍ଥିତ ଥିଲେ । ସହକାରୀ ଅଧ୍ୟାପିକା ସରୋଜା ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।


ଆଲୋଚନାଚକ୍ରରେ ମୁଖ୍ୟବକ୍ତା ବକ୍ତବ୍ୟ ପ୍ରଦାନ କରୁଛନ୍ତି।

## ଇଣ୍ଡିପେଣ୍ଡେଣ୍ଟ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ନୂଆପଡ଼ା,୧୮।୮ (ମକାରୁ ବେମାଲ): ନୂଆପଡ଼ା ଜିଲା କୋମନା ବ୍ଲକ ତରବୋଡ ରାଜୀବ ଗାନ୍ଧୀ ମିନି ଷ୍ଟାଡିୟମଠାରେ ୧୭ ତମ ଇଣ୍ଡିପେଣ୍ଡେଣ୍ଟ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଦୁଃଖ ଭଞ୍ଜନ ନାୟକଙ୍କ ନେତୃତ୍ୱରେ ଆୟୋଜିତ ଉତ୍ସବରେ ଜିଲା ଓକିଲ ସଂଘ ପୂର୍ବତନ ସଭାପତି ତଥା ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରସନ୍ନ କୁମାର ପାଢୀ ମୁଖ୍ୟଅତିଥି, ସାମାଜିକ କର୍ମୀ ମାଧୋ ପ୍ରସାଦ ସାହୁ, ସିଆର୍‌ସିସି ଗେନ୍ଦରାମ ନାଏକ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ ଡିଏନ୍ ବ୍ରଦର୍ସ ଓ ନୂଆପଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ନୂଆପଡା ଦଳ ବିଜୟୀ ହୋଇଛି । ଦ୍ୱିତୀୟ ମ୍ୟାଚ ତରବୋଡ ଓ ବୋଡେନ ମଧ୍ୟରେ ହୋଇଥିବାବେଳେ ଟାଇବ୍ରେକରରେ ବୋଡେନ ଦଳ ବିଜୟୀ ହୋଇଛି।

## ବିବାହ କରି ଛାଡ଼ିଦେଲେ | ଯୁବତୀ ଥାନାର ଦ୍ୱାରସ୍ଥ, ଯୁବକ ଗିରଫ

କୁଆଁରମୁଣ୍ଡା,୧୮।୮(ମହେନ୍ଦ୍ର କୁମାର ସାହୁ)

ରାଉରକେଲା ରଘୁନାଥପଲ୍ଲୀ ଥାନା ଆଇଟିଆଇ କଲୋନିର ଜଣେ ଯୁବକ ଗତ ଶନିବାର କୁଆଁରମୁଣ୍ଡା ଫାଣ୍ଡି ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହ କରିଥିଲେ। ଦିନକ ପରେ ତାଙ୍କୁ ଛାଡି ଦେଇଥିବା ନେଇ ଯୁବତୀ ବୀରମିତ୍ରପୁର ଥାନାରେ ସୋମବାର ଲିଖିତ ଅଭିଯୋଗ କରିଥିଲେ। ଥାନା ଆଇଆଇସି ରାମପ୍ରସାଦ ନାଗ ଏହି ଘଟଣାରେ ଦଫା ୩୧୮(୨)/୬୪/ ୬୫(୧)/ ୬୪(୨)(ଏମ)/ ୨୯୬/୩(୫) ବିଏନଏସ ଓ ୬ ପୋକ୍ସୋ ଆକ୍ଟରେ ଏକ ମାମଲା(୩୮୬/୨୫) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ମଙ୍ଗଳବାର ଉଭୟଙ୍କ ଡାକ୍ତରୀ ମାଇନା ହେଲାପରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ନାଗ ସୂଚନା ଦେଇଛନ୍ତି।

ପୋଲିସ ସୂଚନା ଅନୁସାରେ, କୁଆଁରମୁଣ୍ଡା ଫାଣ୍ଡି ଅଞ୍ଚଳର ୧୮ ବର୍ଷୀୟା ଯୁବତୀ ଯିଏକି ଗତ ୩ ବର୍ଷ ତଳେ ନାବାଳିକା ଥିଲେ। ତାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ସମ୍ପୃକ୍ତ ଯୁବ ଜଣଙ୍କ ଏକାଧିକ ଥର ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ସେତେବେଳେ ସେ ମଧ୍ୟ ନାବାଳକ ଥିଲେ। ଗତ ଶନିବାର ଯୁବକ ଜଣକ ଯୁବତୀଙ୍କୁ ରାଉରକେଲା ଝିରପାଣି ଅଞ୍ଚଳର ଏକ ଶିବ ମନ୍ଦିରରେ ବିବାହ କରିବା ପରେ ନିଜ ଘରକୁ ନ ନେଇ ଜଣେ ସମ୍ପର୍କୀୟ ବଡ଼ ମା'ଙ୍କ ଘରେ ରଖିଥିଲେ। ଏହି ଖବର ଯୁବକଙ୍କ ପରିବାର ଲୋକେ ଜାଣି ସେଠାରେ ପହଞ୍ଚିଥିଲେ। ଯୁବତୀଙ୍କୁ ତାଙ୍କ ପୁଅକୁ ଛାଡି ପଳାଇବା ପାଇଁ ବାଧ କରିଥିଲେ ବୋଲି ପୀଡିତା ଅଭିଯୋଗରେ ଦର୍ଶାଇଛନ୍ତି।

## ମହିଳା କନ୍‌ଷ୍ଟେବଲ ମୃତ୍ୟୁ ଘଟଣା: ସ୍ୱାମୀ, ଶାଶୁ ଗିରଫ

ନୂଆପଡ଼ା,୧୮।୮ (ମକାରୁ ବେମାଲ)

ନୂଆପଡ଼ା ଜିଲା ପୋଲିସ କନ୍‌ଷ୍ଟେବଲ ରୁକ୍ମଣି ନାଗଙ୍କ ମୃତ୍ୟୁ ଘଟଣାରେ ସ୍ୱାମୀ ଓ ଶାଶୁଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଗିରଫ ଦ୍ୱୟ ହେଲେ କନ୍‌ଷ୍ଟେବଲ ସ୍ୱାମୀ ଚୂଡାମଣି ଶବର (୩୦) ଓ ଶାଶୁ କୋମନା ଥାନା ଭେଲା ଗାଁର ମାଳତି ଶବର (୬୦) । ସୂଚନା ଅନୁସାରେ ୨୦୧୫ରେ ରୁକ୍ମଣି ପୋଲିସ କନଷ୍ଟେବଲ ଭାବେ ଯୋଗ ଦେଇ ୨ ବର୍ଷ ପୂର୍ବେ କନଷ୍ଟେବଲ ଚୂଡାମଣିଙ୍କୁ ଭଲ ପାଇ ପ୍ରେମ ବିବାହ କରିଥିଲେ। ନୂଆପଡା ସହରର ଏକ ଭଡା ଘରେ ଉଭୟ ସ୍ୱାମୀ ଓ ସ୍ତ୍ରୀ ରହୁଥିଲେ। ଉଭୟଙ୍କ ଏକ ୭ମାସର ଶିଶୁପୁତ୍ର ରହିଛି। ରୁକ୍ମଣି ଗର୍ଭବତୀ ହେବାର କିଛିମାସ ପରେ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ମତାନ୍ତର ଦେଖା ଦେଇଥିଲା। ସ୍ୱାମୀ ଓ ପରିବାର ଲୋକେ ତାଙ୍କୁ ନିର୍ଯାତନା ଦେଇଆସୁଥିଲେ। ଅସହ୍ୟ ହେବାରୁ ରୁକ୍ମଣୀ ଗତ ଶନିବାର ଏକ ଭିଡିଓ ଭଉଣୀ ତରୁଲତାଙ୍କ ପାଖକୁ ପଠାଇ ବେକରେ ଓଢଣୀ ବାନ୍ଧି ଏକ କରଞ୍ଜ ଗଛରେ ଝୁଲି ପଡିଥିଲେ। ଭିଡିଓ ବାର୍ତ୍ତା ପାଇ ଭଉଣୀଙ୍କ ପରିବାର ଖୋଜାଖୋଜି କରି ଗଛରେ ଝୁଲୁଥିବା ଦେଖିଥିଲେ। ଖବର ପାଇ ନୂଆପଡା ସଦର ଥାନା ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଥିଲା । ଜିଲା ଆରକ୍ଷୀ ଅଧୀକ୍ଷକ ଗୁନ୍ଦାଲା ରେଡ୍ଡୀ ରାଘବେନ୍ଦ୍ରଙ୍କ ତତ୍ତ୍ୱାବଧାନରେ ଥାନା ଅଧିକାରୀ ଗଙ୍ଗାଧର ମେହେରଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ତଦନ୍ତ କରି କନ୍‌ଷ୍ଟେବଲ ଚୂଡାମଣି ଓ ଶାଶୁ ମାଳତିଙ୍କୁ ଗିରଫ କରିଥିଲେ।

## ବିପର୍ଯ୍ୟୟ ପରିଚାଳନା ସଚେତନତା କାର୍ଯ୍ୟକ୍ରମ


ଜିଏମ୍‌ୟୁରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ସଚେତନତା କାର୍ଯ୍ୟକ୍ରମ।

ସମ୍ବଲପୁର,୧୮।୮(ପ୍ରମୋଦ ବହିଦାର)

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ)ରେ ସୋମବାର କଟକ ମୁଣ୍ଡଳୀସ୍ଥିତ ଜାତୀୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ (ଏନ୍‌ଡିଆର୍‌ଏଫ୍) ଓ ଜାତୀୟ ସେବା ଯୋଜନାର ମିଳିତ ସହଯୋଗରେ ଏକ ସାମାଜିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ, ଚେୟାରମ୍ୟାନ ସ୍ନାତକୋତ୍ତର ପ୍ରଫେସର ଜ୍ଞାନରଞ୍ଜନ ସ୍ୱାଇଁ, କୁଳସଚିବ ସନତ କୁମାର ନାୟକ, ଉପ କୁଳସଚିବ ଡ. ଉମାଚରଣ ପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ରାଷ୍ଟ୍ରୀୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ(ଏନ୍‌ଡିଆର୍‌ଏଫ୍)ର ପ୍ରମୁଖ ଆରକ୍ଷୀ ଅଭିଜିତ ସାହୁ ଓ ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗର ମୁଖ୍ୟ ତଥା ଜାତୀୟ ସେବା ଯୋଜନାର ସଂଯୋଜକ ଡ. ଅତୁଲ କୁମାର ପ୍ରଧାନ ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। ଏହା ସହ କାର୍ଯ୍ୟକ୍ରମର ରୂପରେଖ ଏବଂ ଲକ୍ଷ୍ୟ ବିଷୟରେ ଛାତ୍ରୀଛାତ୍ରମାନଙ୍କୁ ସୂଚନା ଦେଇଥିଲେ। ଏନ୍‌ଡିଆର୍‌ଏଫ୍ ସହ ଆରକ୍ଷୀ ଅଭିଷେକ ଶର୍ମା ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିଭଳି ସତର୍କତା ଅବଲମ୍ବନ କରାଯାଏ ସେ ସମ୍ପର୍କରେ ବିସ୍ତୃତ ଭାବେ ଅବଗତ କରାଇଥିଲେ। ବନ୍ୟା, ବାତ୍ୟା, ଅଗ୍ନିକାଣ୍ଡ ଭଳି ପ୍ରାକୃତିକ ବିପର୍ଯ୍ୟୟ ସହିତ ସାପ କାମୁଡ଼ା ଆଦିର ଦୁର୍ଘଟଣାରେ ଜୀବନ ରକ୍ଷା ପଦ୍ଧତି ଉପରେ ଏନ୍‌ଡିଆର୍‌ଏଫ୍‌ର ଜି ରାଜେନ୍ଦ୍ର, ପ୍ରଭାତ ପଟେଲ, ସିଟି ତୁଳସୀ, ସି.ଟି ବିଜୟ, ସି ଟି ସମ୍ଭା ମୂର୍ତ୍ତି ପ୍ରମୁଖ ମକଡ୍ରିଲ ମାଧ୍ୟମରେ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡ. ନିନା ଦାଶ, ଡ. ବନିତା ମହାନନ୍ଦିଆ, ଖେଳ ଅଧିକାରୀ ଲିଙ୍ଗରାଜ ବେହେରା, ବିଶ୍ୱଜିତ ପାତ୍ର ଓ ବିଶ୍ୱବିଦ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ, ଏନ୍‌ସିସି ଛାତ୍ର, ସମସ୍ତ ଛାତ୍ରୀଛାତ୍ର ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ସମ୍ପର୍କରେ ଅବଗତ ହୋଇପାରିଲେ।

# ଦାଦାବଟିକୁ ନେଇ ହତ୍ୟାକରି ଫିଙ୍ଗିଥିଲେ

### ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୪ ଗିରଫ

ସମ୍ବଲପୁର,୧୮।୮(ପ୍ରମୋଦ ବହିଦାର)

ସମ୍ବଲପୁର କ୍ଷେତରାଜପୁର ଥନା ଅନ୍ତର୍ଗତ ଦଲଦଲିପଡ଼ାର ବବୁ ଯାଦବ ଓରଫ ଚଟ୍‌ନି(୨୫)ଙ୍କ ମୃତ୍ୟୁକୁ ନେଇ ପୂର୍ବରୁ ରୁଜୁ ହୋଇଥିବା ଅପମୃତ୍ୟୁ ମାମଲା ହତ୍ୟା ମାମଲାରେ ରୂପାନ୍ତରିତ ହୋଇଛି। ଦାଦାବଟିକୁ ନେଇ ତାଙ୍କୁ ହତ୍ୟା କରାଯାଇଥିବା ଜଣାପଡ଼ିବା ପରେ ଏଥିରେ ସମ୍ପୃକ୍ତ ୪ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ମୁଖ୍ୟ ଅଭିଯୁକ୍ତ କ୍ଷେତରାଜପୁର ଥାନା ଅନ୍ତର୍ଗତ ଦଲଦଲିପଡ଼ାର କରଣ ଜୋଷୀ ଓରଫ ନାନୁ(୨୩) ଓ ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଥାନା ବାହାଦୁରପଡ଼ାର ମୂଳ ବାସିନ୍ଦା ବର୍ତ୍ତମାନ ଦଲଦଲିପଡ଼ାରେ ରହୁଥିବା ଜଗଦୀଶ ରୋହିଦାସ ଓରଫ ପାକ୍‌ଲୁ(୨୮), କରଣଙ୍କ ବଡ଼ଭାଇ ଅର୍ଜୁନ ଜୋଷୀ(୨୫) ଓ ଦଲଦଲିପଡ଼ା ଗାଡ଼ି ମାଲିକ ସାନନ୍ଦ ରୋହିଦାସ ଓରଫ ଟିଆଁ(୨୦)। ସେମାନଙ୍କ ନିକଟରୁ ହତ୍ୟାରେ ବ୍ୟବହୃତ ଲୁହାଛଡ଼, ଏକ ଧାରୁଆ ଅସ୍ତ୍ର, ଦୁଇଟି ମୋବାଇଲ୍ ଫୋନ, ମୃତଦେହ ପରିବହନରେ ବ୍ୟବହୃତ ଗାଡ଼ି, ହତ୍ୟାକାଣ୍ଡ ସମୟରେ ଅଭିଯୁକ୍ତମାନେ ପରିଧାନ କରିଥିବା ବସ୍ତ୍ରକୁ ପୋଲିସ ଜବତ କରିଛି।


ପୋଲିସ ହେପାଜତରେ ଗିରଫ ୪ ଅଭିଯୁକ୍ତ।

ଏ ନେଇ ଜିଲା ପୋଲିସ ମୁଖ୍ୟାଳୟରେ ସୋମବାର ପୂର୍ବାହ୍ନରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ଏସ୍‌ପି ମୁକେଶ କୁମାର ଭାମୁ।

ସୂଚନା ଦେଇ ଏସ୍‌ପି ଭାମୁ କହିଛନ୍ତି, ଗତ ଅଗଷ୍ଟ ୯ ତାରିଖରେ ବୁର୍ଲା ପାୱାର ଚ୍ୟାନେଲ୍‌ରେ ଭାସୁଥିବା ଏକ ମୃତଦେହକୁ ବଡ଼ସିଂହାରୀ ଅଞ୍ଚଳରୁ ବୁର୍ଲା ପୋଲିସ ଉଦ୍ଧାର କରିଥିଲା। ତାଙ୍କ ପରିଚୟ ମିଳି ନ ଥିବାରୁ ବୁର୍ଲା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୬୬୫/୨୫)ରୁଜୁ କରି ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ଚହ୍ନଟ ପାଇଁ ଶବଗୃହରେ ରଖିଥିଲା। ଅଗଷ୍ଟ ୧୩ରେ ଦଲଦଲିପଡ଼ାର ଗୋଲୁ ଯାଦବ ନାମକ ଜଣେ ଯୁବକ ତାଙ୍କ ବଡ଼ଭାଇ ନିରୁଦ୍ଦିଷ୍ଟ ଥିବା କ୍ଷେତରାଜପୁର ଥାନାରେ ଏତଲା ଦେଇଥିଲେ। ତାଙ୍କ ଏତଲା ପରେ ପାୱାର ଚ୍ୟାନେଲ୍‌ରୁ ଉଦ୍ଧାର ମୃତଦେହ ତାଙ୍କ ଭାଇ ବବୁ ଯାଦବଙ୍କର ବୋଲି ଜଣାପଡ଼ିଥିଲା। ତେବେ ବ୍ୟବଚ୍ଛେଦ ରିପୋର୍ଟରେ ମୃତଦେହର ମୁଣ୍ଡ ଓ ଅନ୍ୟାନ୍ୟ ସ୍ଥାନରେ ହୋଇଥିବା କ୍ଷତରୁ ଏହା ଏକ ହତ୍ୟାକାଣ୍ଡ ବୋଲି ପୋଲିସ ସନ୍ଦେହ କରିଥିଲା। ଉକ୍ତ ଘଟଣାକୁ ନେଇ ପୋଲିସ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଓ ବୁର୍ଲା, ଧନୁପାଲି, କ୍ଷେତରାଜପୁର ଥାନା ଆଇଆଇସି ମିଳିତ ଭାବେ ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତ ବେଳେ ଏହା ଏକ ହତ୍ୟାକାଣ୍ଡ ବୋଲି ନିଶ୍ଚିତ ହୋଇଥିଲା। ବିଭିନ୍ନ ବୈଷୟିକ ପଦ୍ଧତି ଅବଲମ୍ବନ ପୂର୍ବକ ପୋଲିସ ଅଭିଯୁକ୍ତମାନଙ୍କ ନିକଟରେ ପହଞ୍ଚି ଗତ ୧୬ ତାରିଖ ଗିରଫ କରିଥିଲା। ପଚାରଉଚରା ବେଳେ ବବୁଙ୍କୁ ସେମାନେ ହତ୍ୟା କରିଥିବା ସ୍ୱୀକାର କରିଥିଲେ। ଏହାପରେ କ୍ଷେତରାଜପୁର ଥାନାରେ ମାମଲା (ନଂ.୨୧୪/୨୫)ରେ ରୁଜୁ ପୂର୍ବ ମାମଲାକୁ ଭାରତୀୟ ନ୍ୟାୟ ସଂହିତା ଦଫା ୧୦୩(୧), ୨୩୮, ୬୧(୨)(ଏ), ୫(୫)ରେ ରୂପାନ୍ତରିତ କରି ସମସ୍ତ ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତମାନଙ୍କୁ ଜେଲ ହାଜତ ପଠାଇ ଦିଆଯାଇଥିଲା।

### ଘଟଣାର ପୃଷ୍ଠଭୂମି

ଅଭିଯୁକ୍ତମାନଙ୍କ ସ୍ୱୀକାରୋକ୍ତିକୁ ଉଦ୍ଧାର କରି ବବୁ ପୂର୍ବରୁ ବିଭିନ୍ନ ସମୟରେ ଗିରଫ ଅନ୍ୟତମ ଅଭିଯୁକ୍ତ କରଣ ଯୋଶୀଙ୍କଠାରୁ ଦାଦାବଟି ଆଦାୟ କରୁଥିଲେ। ବବୁଙ୍କ ବିରୋଧରେ ବିଭିନ୍ନ ଥାନାରେ ଦାଦାବଟି ଆଦାୟ, ନିଶା କରବାର ଆଦି ପ୍ରାୟ ୬ରୁ ୭ଟି ଆପରାଧିକ ମାମଲା ରହିଛି। କରଣ ମଧ୍ୟ ଅନୁରୂପଭାବେ କୋରେକ୍ସ, ନିଶା ବଟିକା, ଗଞ୍ଜେଇ ଆଦି ବେଆଇନ୍ କାର୍ଯ୍ୟରେ ଅର୍ଥ ଉପାର୍ଜନ କରନ୍ତି। କିଛିଦିନ ପୂର୍ବରୁ ବବୁ କରଣଙ୍କୁ ୧୦ ହଜାର ଟଙ୍କା ମାଗିଥିଲେ। ଏଥିରେ ଅସମର୍ଥତା ପ୍ରକାଶ କରିବାରୁ ବବୁ କରଣଙ୍କୁ ମାଡ଼ ମାରିଥିଲେ। ଏଥିରେ ତାଙ୍କ ହାତ ଭାଙ୍ଗିଯାଇଥିଲା। ଏହାସହ ବବୁ ଅନ୍ୟତମ ଗିରଫ ଅଭିଯୁକ୍ତ ଜଗଦୀଶ ରୋହିଦାସଙ୍କୁ ମଧ୍ୟ ଗାଳିଗୁଲଜ କରିଥିଲେ। ଏଥିରେ ପ୍ରତିଶୋଧ ପରାୟଣ ହୋଇ କରଣ ଓ ଜଗଦୀଶ ବବୁଙ୍କୁ ଜୀବନରେ ମାରିବାକୁ ଯୋଜନା କରିଥିଲେ। ଯୋଜନା ମୁତାବକ ଗତ ଅଗଷ୍ଟ ୫ ତାରିଖ ରାତିରେ ଦଲଦଲିପଡ଼ା ନିକଟସ୍ଥ ପରିତ୍ୟକ୍ତ ପୋଖରୀ(ଶୀତଳବନ୍ଧ) ନିକଟକୁ ସେମାନେ ବବୁଙ୍କୁ ଡାକିଥିଲେ। ବବୁ ସେଠାରେ ପହଞ୍ଚିବା କ୍ଷଣି ସେମାନେ ତାଙ୍କୁ ଲୁହାଛଡ଼ ଓ ଛୁରିରେ ଅତର୍କିତ ଆକ୍ରମଣ କରି ହତ୍ୟା କରିଥିଲେ। ପରେ ମୃତଦେହକୁ ଉକ୍ତ ପୋଖରୀର ଏକ ବୁଦାରେ ଲୁଚାଇ ଦେଇ ଏହା ଉପରେ ନଜର ରଖିଥିଲେ। ଅଗଷ୍ଟ ୮ ତାରିଖ ସନ୍ଧ୍ୟାରେ ମୃତଦେହ ପୋଖରୀ ପାଣିରେ ଭାସୁଥିବା ଦେଖି ଜଗଦୀଶ, କରଣ ଓ କରଣଙ୍କ ବଡ଼ଭାଇ ଅର୍ଜୁନ ଅଗଷ୍ଟ ୯ ଭୋରରୁ ସାନନ୍ଦ ରୋହିଦାସଙ୍କ ଟାଟା ଏସ୍‌ସିଇ ଗାଡ଼ିରେ ମୃତଦେହ ନେଇ ପାୱାର ଚ୍ୟାନେଲରେ ପକାଇ ଦେଇଥିଲେ। ଚ୍ୟାନେଲରେ ମୃତଦେହ ଭାସୁଥିବା ଖବର ପାଇ ବୁର୍ଲା ପୋଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ବଡ଼ସିଂହାରୀ ନିକଟରୁ ଉଦ୍ଧାର କରିଥିଲା।

# ପୋଲିସ-ଗ୍ରାମବାସୀ ଧସ୍ତାଧସ୍ତି

**ପ୍ରେମୀଯୁଗଳଙ୍କୁ ଉଦ୍ଧାର ବେଳର ଘଟଣା**

**ଭିଡିଓ ଭାଇରାଲ ପରେ ଜଣାପଡ଼ିଲା**

ବଲାଙ୍ଗୀର,୧୮।୮
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ଥାନା ଅନ୍ତର୍ଗତ ବିରିପାଲି ଗାଁରେ ପୋଲିସ--ଗ୍ରାମବାସୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଛି। ଗାଁରେ ଥିବା ଏକ ପ୍ରେମୀଯୁଗଳଙ୍କୁ ଉଦ୍ଧାର କରିବାକୁ ଯାଇଥିବାବେଳେ ପୋଲିସ ଓ ଗ୍ରାମବାସୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ଘଟଣାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଘଟଣାଟି ଲୋକଲୋଚନକୁ ଆସିଛି।

ମିଳିଥିବା ସୂଚନା ଅନୁଯାୟୀ, ବିରିପାଲି ଗାଁର ଜଣେ ବ୍ୟକ୍ତି କିଛିଦିନ ତଳେ ବଙ୍ଗୋମୁଣ୍ଡା ଥାନାକୁ ଆସି ତାଙ୍କ କିଶୋରୀ ଝିଅ କୁଆଡ଼େ ନିଖୋଜ ହୋଇଯାଇଥିବା ଅଭିଯୋଗ କରିଥିଲେ। ଏନେଇ ଥାନାରେ ଏକ ନିଖୋଜ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଗତ କିଛିଦିନ ତଳେ ଝିଅଟି ସେହି ଗାଁର ଜଣେ ବ୍ୟକ୍ତିଙ୍କ ଘରେ ଥିବା ଜଣାପଡ଼ିବା ପରେ ପରିବାର ଲୋକେ ଏନେଇ ପୋଲିସକୁ ଜଣାଇଥିଲେ। ପୋଲିସ ତଦନ୍ତରୁ ଜାଣିବାକୁ ପାଇଥିଲା ଯେ, ସେହି ଗାଁର ଜଣେ ଯୁବକଙ୍କ ସହ ସେହି ଝିଅର ପ୍ରେମସମ୍ପର୍କ ରହିଥିଲା। ଉଭୟ ପୁଅ--ଝିଅ ବିବାହ ପାଇଁ ଉଦ୍ୟମ କରିଥିଲେ। ତେବେ ଉଭୟ ପୁଅ-ଝିଅ ଭିନ୍ନ ଜାତିର ହୋଇଥିବାରୁ ପରିବାର ଲୋକେ ବିବାହ ପାଇଁ ରାଜି ହେବେନାହିଁ ଭାବି ଦୁଇଜଣ ଗାଁରୁ କୁଆଡେ ଚାଲିଯାଇଥିଲେ। ଝିଅର ବାପା ବଙ୍ଗୋମୁଣ୍ଡା ଥାନାରେ ଝିଅ ନିଖୋଜ ହୋଇଯାଇଥିବା ନେଇ ରିପୋର୍ଟ କରିବା ଭିତରେ ପୁଅ-ଝିଅ ଗାଁକୁ ଫେରି ପୁଅ ଘରେ ରହିଥିଲେ। ଝିଅ ଘର ଲୋକେ ଗାଁର ନିର୍ଦ୍ଦିଷ୍ଟ ପୁଅ ଘରେ ତାଙ୍କ ଝିଅ ଥିବା ଜାଣିବା ପରେ ପୋଲିସକୁ ଖବର ଦେଇଥିଲେ। ଝିଅକୁ ସେଠାରୁ ଉଦ୍ଧାର କରିବା ପାଇଁ ପୋଲିସକୁ ଅନୁରୋଧ କରିଥିଲେ। ଏହାପରେ ବଙ୍ଗୋମୁଣ୍ଡା ପୋଲିସ ଟିମ୍ ଗତ ୧୫ ତାରିଖ ବିରିପାଲିରେ ପହଞ୍ଚି ଉଭୟ ପ୍ରେମୀଯୁଗଳଙ୍କୁ ସେଠାରୁ ଉଦ୍ଧାର କରି ଥାନାକୁ ଆଣୁଥିଲା। ଏହି ସମୟରେ ଗାଁର କେତେଜଣ ଉତ୍ତ୍ୟକ୍ତ ଲୋକ ଉଭୟ ପ୍ରେମୀଯୁଗଳଙ୍କୁ ଆକ୍ରମଣ ପାଇଁ ଉଦ୍ୟମ କରିଥିଲେ। ସେମାନଙ୍କ ଉପରକୁ କାଦୁଅ, ଠେଲାମାଡ କରିବା ସହ ମାଡ ମାରିବା ଉଦ୍ୟମ କରିଥିଲେ। ଏହି ସମୟରେ ପୋଲିସ ଓ ଗାଁର କେତେକ ଆକ୍ରମଣକାରୀଙ୍କ ମଧ୍ୟରେ ଧସ୍ତାଧସ୍ତି ଓ ଠେଲାପେଲା ପରିସ୍ଥିତି ସୃଷ୍ଟି ହୋଇଥିଲା। ପୋଲିସକୁ ବି କିଛି ଲୋକ ଆକ୍ରମଣ ଉଦ୍ୟମ କରିଥିବା ଭାଇରାଲ ଭିଡିଓରୁ ଦେଖିବାକୁ ମିଳିଛି। ତେବେ ପୋଲିସ ପ୍ରେମୀଯୁଗଳଙ୍କୁ ସେଠାରୁ ସୁରକ୍ଷିତ ଉଦ୍ଧାର କରି ବଙ୍ଗୋମୁଣ୍ଡା ଥାନାକୁ ଆଣିଥିଲା। ଏହି ଘଟଣାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଘଟଣାଟି ଲୋକଲୋଚନକୁ ଆସିଛି। ଉଭୟ ପୁଅ-ଝିଅ ପରସ୍ପରକୁ ଭଲ ପାଇ ବିବାହ କରିବାକୁ ଚାହୁଁଥିଲେ ମଧ୍ଯ ଭିନ୍ନ ଜାତିର ହୋଇଥିବାରୁ ସେମାନଙ୍କ ପରିବାର ଲୋକେ ରାଜି ହୋଇ ନ ଥିଲେ। ଏଣୁ ଉଭୟ ପ୍ରେମିକ--ପ୍ରେମିକା ଗାଁରୁ ପ୍ରଥମେ ଫେରାର ହୋଇଯାଇଥିଲେ ଏବଂ ପରେ ପୁଣି ଗାଁକୁ ଫେରି ପୁଅ ଘରେ ରହୁଥିଲେ। ଏନେଇ ଏସ୍‌ପି ଅଭିଲାଷ ଜି.ଙ୍କୁ ପଚାରିବାରୁ ଝିଅଙ୍କ ବାପାଙ୍କ ରିପୋର୍ଟ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଗାଁର ଏକ ନିର୍ଦ୍ଦିଷ୍ଟ ଘରେ ଉଭୟ ଝିଅ ଓ ପୁଅ ଥିବା ଜାଣିବା ପରେ ପୋଲିସ ସେମାନଙ୍କୁ ଉଦ୍ଧାର ପାଇଁ ଯାଇଥିବାବେଳେ କିଛି ଲୋକ ସେମାନଙ୍କୁ ଆକ୍ରମଣ ଉଦ୍ୟମ କରିଥିଲେ। ଯେଉଁମାନେ ଆକ୍ରମଣ ଉଦ୍ୟମ କରିଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି କହିଛନ୍ତି।



ପ୍ରେମୀଯୁଗଳଙ୍କୁ ଉଦ୍ଧାର ବେଳେ ଆକ୍ରମଣକାରୀଙ୍କ ସହ ପୋଲିସର ଠେଲାପେଲା।

## ବିବାହ କରି ଛାଡ଼ିଦେଲେ | ଯୁବତୀ ଥାନାର ଦ୍ୱାରସ୍ଥ, ଯୁବକ ଗିରଫ

କୁଆଁରମୁଣ୍ଡା,୧୮।୮(ମହେନ୍ଦ୍ର କୁମାର ସାହୁ)

ରାଉରକେଲା ରଘୁନାଥପଲ୍ଲୀ ଥାନା ଆଇଟିଆଇ କଲୋନିର ଜଣେ ଯୁବକ ଗତ ଶନିବାର କୁଆଁରମୁଣ୍ଡା ଫାଣ୍ଡି ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହ କରିଥିଲେ। ଦିନକ ପରେ ତାଙ୍କୁ ଛାଡି ଦେଇଥିବା ନେଇ ଯୁବତୀ ବୀରମିତ୍ରପୁର ଥାନାରେ ସୋମବାର ଲିଖିତ ଅଭିଯୋଗ କରିଥିଲେ। ଥାନା ଆଇଆଇସି ରାମପ୍ରସାଦ ନାଗ ଏହି ଘଟଣାରେ ଦଫା ୩୧୮(୨)/୬୪/ ୬୫(୧)/ ୬୪(୨)(ଏମ)/ ୨୯୬/୩(୫) ବିଏନଏସ ଓ ୬ ପୋକ୍ସୋ ଆକ୍ଟରେ ଏକ ମାମଲା(୩୮୬/୨୫) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ମଙ୍ଗଳବାର ଉଭୟଙ୍କ ଡାକ୍ତରୀ ମାଇନା ହେଲାପରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ନାଗ ସୂଚନା ଦେଇଛନ୍ତି।

ପୋଲିସ ସୂଚନା ଅନୁସାରେ, କୁଆଁରମୁଣ୍ଡା ଫାଣ୍ଡି ଅଞ୍ଚଳର ୧୮ ବର୍ଷୀୟା ଯୁବତୀ ଯିଏକି ଗତ ୩ ବର୍ଷ ତଳେ ନାବାଳିକା ଥିଲେ। ତାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ସମ୍ପୃକ୍ତ ଯୁବ ଜଣଙ୍କ ଏକାଧିକ ଥର ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ସେତେବେଳେ ସେ ମଧ୍ୟ ନାବାଳକ ଥିଲେ। ଗତ ଶନିବାର ଯୁବକ ଜଣକ ଯୁବତୀଙ୍କୁ ରାଉରକେଲା ଝିରପାଣି ଅଞ୍ଚଳର ଏକ ଶିବ ମନ୍ଦିରରେ ବିବାହ କରିବା ପରେ ନିଜ ଘରକୁ ନ ନେଇ ଜଣେ ସମ୍ପର୍କୀୟ ବଡ଼ ମା'ଙ୍କ ଘରେ ରଖିଥିଲେ। ଏହି ଖବର ଯୁବକଙ୍କ ପରିବାର ଲୋକେ ଜାଣି ସେଠାରେ ପହଞ୍ଚି ଥିଲେ। ଯୁବତୀଙ୍କୁ ତାଙ୍କ ପୁଅକୁ ଛାଡି ପଳାଇବା ପାଇଁ ବାଧ କରିଥିଲେ ବୋଲି ପୀଡିତା ଅଭିଯୋଗରେ ଦର୍ଶାଇଛନ୍ତି।

## ସୁନ୍ଦରଗଡ଼ରେ ଧାର୍ଯ୍ୟ ହେଲା ନୂଆଖାଇ ଲଗ୍ନ



ଲଗ୍ନ ଧାର୍ଯ୍ୟ କରୁଛନ୍ତି ପଣ୍ଡିତ ମଣ୍ଡଳୀ।

ସୁନ୍ଦରଗଡ଼,୧୮।୮(ଜୟ ନାରାୟଣ ମେଣ୍ଡୁଲି)

ସୋମବାର ସନ୍ଧ୍ୟା ୫ଟାରେ ରାଜବାଟିସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ନବାନ୍ନ ଲାଗି ଲଗ୍ନ ନିର୍ଣ୍ଣୟ ପାଇଁ ଜିଲା ବ୍ରାହ୍ମଣ ସମାଜର ସମ୍ପାଦକ ବେଣୁମାଧବ ତ୍ରିପାଠୀଙ୍କ ସଭାପତିତ୍ୱରେ କର୍ମକାଣ୍ଡି ବ୍ରାହ୍ମଣ ପଣ୍ଡିତଙ୍କ ଦ୍ୱାରା ଏକ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ବେଣୁମାଧବ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପଣ୍ଡିତଙ୍କ ଆଲୋଚନା ପରେ ଆସନ୍ତା ୨୮/୮/୨୦୨୫ ସକାଳ ଋଷି ପଞ୍ଚମୀ ତୁଳା ଲଗ୍ନରେ ପୂର୍ବାହ୍ନ ୧୦ଟା୩୫ ସମୟରେ ଜଗନ୍ନାଥ ଓ ସମଲାଇଙ୍କ ଠାରେ ନବାନ୍ନ ଲାଗି ହେବାପାଇଁ ଲଗ୍ନ ଧାର୍ଯ୍ୟ ହୋଇଛି। ସର୍ବସାଧାରଣଙ୍କ ପାଇଁ ସକାଳ ୧୦ଟା୪୫ରୁ ୧୧ଟା୪୪ ମଧ୍ୟରେ ତୁଳା ଲଗ୍ନରେ ନବାନ୍ନ ଲାଗୀ ଓ ଭକ୍ଷଣ ପାଇଁ ସମୟ ଧାର୍ଯ୍ୟ କରାଯାଇଛି। ଏହି ବୈଠକରେ ପଣ୍ଡିତ ଉପେନ୍ଦ୍ର ମିଶ୍ର, ଭକ୍ତ ଚରଣ ପତି, କେଶବ ସା, ଦିନଦୟାଲ ପାଣିଗ୍ରାହି ,ଅନନ୍ତ ଦେବତା, ମାନସ ଦାଶ,ସୋମେଶହୋତା, ଅଜୟକୁମାର ପଣ୍ଡା ,ନବୀନ ନାୟକ, ବିଶଜିତ ପୁଝାରୀ,ମାନସ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଅବନୀ କାନ୍ତ ପୁରୋହିତ ଧନ୍ୟ ଅର୍ପଣ କରିଥିଲେ ।

## ଦୁଲୀପ ଟ୍ରଫି ପାଇଁ ଆଶୀର୍ବାଦ ମନୋନୀତ



ରାଉରକେଲା,୧୮।୮(ବିପ୍ଳବ ରଞ୍ଜନ ଦାଶ): ଆର୍‌ଏସ୍‌ପି ଫେବ୍ରିକେଶନ ଶପ୍ ବିଭାଗର ଜୁନିଅର ଇଞ୍ଜିନିୟର ବିକ୍ରମ କୁମାର ସ୍ୱାଇଁ ଓ ଲିଲି ସ୍ୱାଇଁଙ୍କ ପୁଅ ଆଶୀର୍ବାଦ ସ୍ୱାଇଁ ସମ୍ମାନଜନକ ଦୁଲୀପ ଟ୍ରଫି ଟୁର୍ନାମେଣ୍ଟରେ ଖେଳିବା ପାଇଁ ପୂର୍ବ ଜୋନ ଦଳକୁ ମନୋନୀତ ହୋଇଛନ୍ତି। ଏହି ପ୍ରତିଭାବାନ ୱିକେଟ କିପର ଓ ବ୍ୟାଟ୍ସମ୍ୟାନ ଆଘାତ ଯୋଗୁ ବାଦ୍ ପଡିଥିବା ଭାରତୀୟ କ୍ରିକେଟର ଇଶାନ କିଷାନଙ୍କ ସ୍ଥାନ ନେଇଛନ୍ତି। ଉଲ୍ଲେଖନୀୟ, ଅଗଷ୍ଟ ୨୮ତାରିଖରେ ପୂର୍ବ ଜୋନ ଉତ୍ତର ଜୋନ ସହିତ ତାଙ୍କ ଅଭିଯାନ ଆରମ୍ଭ କରିବ। ସେକ୍ଟର-୬ ସ୍ଥିତ ଇସ୍ପାତ ଷ୍ଟାଡିୟମରୁ ନିଜର କ୍ରିକେଟ ଯାତ୍ରା ଆରମ୍ଭ କରିଥିବା ଆଶୀର୍ବାଦ ଏପର୍ଯ୍ୟନ୍ତ ୧୧ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳିଛନ୍ତି। ସେ ୧୯ବର୍ଷରୁ କମ୍ କୁଚ୍ ବିହାର ଟ୍ରଫି ଏବଂ ଭିନୁ ମଙ୍କଡ ଟ୍ରଫିରେ ଓଡିଶା କ୍ରିକେଟ ଦଳର ଅଧିନାୟକ ରହିଛନ୍ତି। ସେଲ୍ ପରିବାରର ଏହି ଉଦୀୟମାନ ଯୁବ ପ୍ରତିଭା ୨୦୧୯ରେ ୧୬ବର୍ଷରୁ କମ୍ ବିଜୟ ମର୍ଚ୍ଚାଣ୍ଟ ଟ୍ରଫିରେ ଜାତୀୟ ସ୍ତରରେ ପଦାର୍ପଣ କରିଥିଲେ।

## ୪୨ ଅଭିଯୋଗର ଶୁଣାଣି କଲେ ଜିଲାପାଳ

କଲମପୁର,୧୮।୮(ଗଣେଶରାମ ବାଗ)

କଳାହାଣ୍ଡି ଜିଲା କଲମପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ପାୱାର ସଚିନ ପ୍ରକାଶ ପ୍ରଥମେ ଆକାଂକ୍ଷା କାର୍ଯ୍ୟକ୍ରମ ହେବାକୁ ଥିବା କଲମପୁର ମୋଦିନୀକା ଦେବୀ ଯୁକ୍ତ ୩ ଡିଗ୍ରୀ କଲେଜ ପରିସର ଓ ପରେ କଲମପୁରରେ ନିର୍ମାଣାଧୀନ ଶହେଶଯ୍ୟା ବିଶିଷ୍ଟ ଡାକ୍ତରଖାନା ପରିଦର୍ଶନ କରିଥିଲେ। ପରେ ସେ ଶିବିରରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ୪୨ ଅଭିଯୋଗର ଶୁଣାଣି କରିଥିଲେ। ଏହାମଧ୍ୟରେ ବ୍ୟକ୍ତିଗତ ୨୬ ଓ ସାମୂହିକ ୧୬ଟି ରହିଥିଲା। ମିନଗୁର ପଞ୍ଚାୟତର ୪ ଜଣଙ୍କୁ ଓ ମଣ୍ଡଳ ପଞ୍ଚାୟତର ଗଜାନନ ବାଗଙ୍କୁ ହ୍ୱିଲ ଚେୟାର ପ୍ରଦାନ କରାଯାଇଥିଲା । ପରେ ଆନ୍ତଃ ରାଜ୍ୟ ପ୍ରବାସୀ ଶ୍ରମିକ ସଚେତନତା ରଥକୁ ଜିଲାପାଳ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଶିବିରରେ ଜିଲାପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦୟାମୟ ପାଢ଼ୀ, ଆରକ୍ଷୀ ଅଧୀକ୍ଷକ ନାଗରାଜ ଦେବରକୋଣ୍ଡା, ଉପଜିଲାପାଳ ପ୍ରେକ୍ଷା ଅଗ୍ରୱାଲ, ଜିଲା ଅବକାରୀ ଅଧୀକ୍ଷକ ରଞ୍ଜନ କୁମାର ନାୟକ, ସମିତି ଅଧ୍ୟକ୍ଷା ଜ୍ୟୋତି ନାଏକ, ସମିତି ଉପାଧ୍ୟକ୍ଷ ଚିନ୍ତାମଣି ବେହେରା, ବିଡ଼ିଓ ବିଜୟ କୁମାର ମାଡାଙ୍ଗୀ, ତହସିଲଦାର ସ୍ମରଣିକା ତୁଳ ପ୍ରମୁଖ ଯୋଗଦେଇଥିଲେ।



ଶିବିରରେ ଯୋଗଦେଇଥିବା ଅଧିକାରୀ ଓ ଲୋକପ୍ରତିନିଧି।

## ଇଣ୍ଡିପେଣ୍ଡେଣ୍ଟ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ନୂଆପଡ଼ା,୧୮।୮ (ମକାରୁ ବେମାଲ): ନୂଆପଡ଼ା ଜିଲା କୋମନା ବ୍ଲକ ତରବୋଡ ରାଜୀବ ଗାନ୍ଧୀ ମିନି ଷ୍ଟାଡିୟମଠାରେ ୧୭ ତମ ଇଣ୍ଡିପେଣ୍ଡେଣ୍ଟ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଦୁଃଖ ଭଞ୍ଜନ ନାୟକଙ୍କ ନେତୃତ୍ୱରେ ଆୟୋଜିତ ଉତ୍ସବରେ ଜିଲା ଓକିଲ ସଂଘ ପୂର୍ବତନ ସଭାପତି ତଥା ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରସନ୍ନ କୁମାର ପାଢୀ ମୁଖ୍ୟଅତିଥି, ସାମାଜିକ କର୍ମୀ ମାଧୋ ପ୍ରସାଦ ସାହୁ, ସିଆର୍‌ସିସି ଗେନ୍ଦରାମ ନାଏକ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ ଡିଏନ୍ ବ୍ରଦର୍ସ ଓ ନୂଆପଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ନୂଆପଡା ଦଳ ବିଜୟୀ ହୋଇଛି । ଦ୍ୱିତୀୟ ମ୍ୟାଚ ତରବୋଡ ଓ ବୋଡେନ ମଧ୍ୟରେ ହୋଇଥିବାବେଳେ ଟାଇବ୍ରେକରରେ ବୋଡେନ ଦଳ ବିଜୟୀ ହୋଇଛି।

## ମହିଳା କନ୍‌ଷ୍ଟେବଲ ମୃତ୍ୟୁ ଘଟଣା: ସ୍ୱାମୀ, ଶାଶୁ ଗିରଫ

ନୂଆପଡ଼ା,୧୮।୮ (ମକାରୁ ବେମାଲ)

ନୂଆପଡ଼ା ଜିଲା ପୋଲିସ କନ୍‌ଷ୍ଟେବଲ ରୁକ୍ମିଣି ନାଗଙ୍କ ମୃତ୍ୟୁ ଘଟଣାରେ ସ୍ୱାମୀ ଓ ଶାଶୁଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଗିରଫ ଦ୍ୱୟ ହେଲେ କନ୍‌ଷ୍ଟେବଲ ସ୍ୱାମୀ ଚୂଡାମଣି ଶବର (୩୦) ଓ ଶାଶୁ କୋମନା ଥାନା ଭେଲା ଗାଁର ମାଳତି ଶବର (୬୦) । ସୂଚନା ଅନୁସାରେ ୨୦୧୫ରେ ରୁକ୍ମିଣି ପୋଲିସ କନଷ୍ଟେବଲ ଭାବେ ଯୋଗ ଦେଇ ୨ ବର୍ଷ ପୂର୍ବେ କନଷ୍ଟେବଲ ଚୂଡାମଣିଙ୍କୁ ଭଲ ପାଇ ପ୍ରେମ ବିବାହ କରିଥିଲେ। ନୂଆପଡା ସହରର ଏକ ଭଡା ଘରେ ଉଭୟ ସ୍ୱାମୀ ଓ ସ୍ତ୍ରୀ ରହୁଥିଲେ। ଉଭୟଙ୍କ ଏକ ୭ମାସର ଶିଶୁପୁତ୍ର ରହିଛି। ରୁକ୍ମିଣି ଗର୍ଭବତୀ ହେବାର କିଛିମାସ ପରେ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ମତାନ୍ତର ଦେଖା ଦେଇଥିଲା। ସ୍ୱାମୀ ଓ ପରିବାର ଲୋକେ ତାଙ୍କୁ ନିର୍ଯାତନା ଦେଇଆସୁଥିଲେ। ଅସହ୍ୟ ହେବାରୁ ରୁକ୍ମିଣୀ ଗତ ଶନିବାର ଏକ ଭିଡିଓ ଭଉଣୀ ତରୁଲତାଙ୍କ ପାଖକୁ ପଠାଇ ବେକରେ ଓଢଣୀ ବାନ୍ଧି ଏକ କରଞ୍ଜ ଗଛରେ ଝୁଲି ପଡିଥିଲେ। ଭିଡିଓ ବାର୍ତ୍ତା ପାଇ ଭଉଣୀଙ୍କ ପରିବାର ଖୋଜାଖୋଜି କରି ଗଛରେ ଝୁଲୁଥିବା ଦେଖିଥିଲେ। ଖବର ପାଇ ନୂଆପଡା ସଦର ଥାନା ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଥିଲା । ଜିଲା ଆରକ୍ଷୀ ଅଧୀକ୍ଷକ ଗୁନ୍ଦାଲା ରେଡ୍ଡୀ ରାଘବେନ୍ଦ୍ରଙ୍କ ତତ୍ତ୍ୱାବଧାନରେ ଥାନା ଅଧିକାରୀ ଗଙ୍ଗାଧର ମେହେରଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ତଦନ୍ତ କରି କନ୍‌ଷ୍ଟେବଲ ଚୂଡାମଣି ଓ ଶାଶୁ ମାଳତିଙ୍କୁ ଗିରଫ କରିଥିଲେ।

## ବେନିୟମ ଔଷଧ ବିକାଳିଙ୍କୁ ଥାନାରେ ଜିମା

ଲହୁଣୀପଡ଼ା,୧୮।୮(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ସ୍ଥିତ ବ୍ରାହ୍ମଣସାହିରେ ସୋମବାର ଅପରାହ୍ନ ପ୍ରାୟ ୨ଟାରେ ଜଣେ ବେନିୟମ ଔଷଧ ବିକାଳିଙ୍କୁ ଗ୍ରାମବାସୀ ଧରି ପୋଲିସକୁ ଜିମା ଦେଇଥିବା ଜଣାପଡିଛି। ପୋଲିସ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଏଥିସହ ବାଇକ୍ ଓ ଔଷଧକୁ ମଧ୍ୟ ଜବତ କରାଯାଇଛି। ସୂଚନାରୁ ପ୍ରକାଶ, ପଶ୍ଚିମବଙ୍ଗ ମୁର୍ଶିଦାବାଦ ଜିଲାର ଏହି ବ୍ୟକ୍ତି ଅନେକ ଦିନ ଧରି ବିନା କୌଣସି ଫାର୍ମାସୀ ଲାଇସେନ୍ସରେ ବିଭିନ୍ନ ପ୍ରକାରର ଏଲୋପାଥି ଓ ଆୟୁର୍ବେଦିକ ଔଷଧ ବୁଲି ବୁଲି ବିକ୍ରି କରୁଥିଲେ। ଲହୁଣୀପଡ଼ା ଓ ଆଖପାଖ ଅଞ୍ଚଳରେ ପ୍ରାୟ ୧୦ ବର୍ଷରୁ ଅଧିକ ସମୟ ଧରି ସେ ବ୍ୟବସାୟ କରିଆସୁଛନ୍ତି। ବର୍ତ୍ତମାନ ସେ ଲହୁଣୀପଡା ବ୍ରାହ୍ମଣ ସାହିରେ ଏକ ଭଡ଼ା ଘରେ ରହୁଥିବାବେଳେ ତାଙ୍କ ସହିତ ଅନ୍ୟ କେତେଜଣ ଅଣ ଓଡିଆ ରହି ବ୍ୟବସାୟ କରୁଛନ୍ତି ବୋଲି ସେ ପୋଲିସ ସମ୍ମୁଖରେ ପ୍ରକାଶ କରିଛନ୍ତି। ସେ ବିକ୍ରି କରୁଥିବା ଔଷଧ ମଧ୍ୟରେ ଅନେକ ଏକ୍ସପାରି ଥିବା ଲୋକେ ପୋଲିସ ସମ୍ମୁଖରେ ପ୍ରକାଶ କରିଥିଲେ। ଏକ୍ସପାରି ମେଡିସିନ ଗୁଡ଼ିକୁ ମଧ୍ୟ ପୋଲିସକୁ ହସ୍ତାନ୍ତର କରାଯାଇଥିଲା। ଉକ୍ତ ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଗ୍ରାମବାସୀମାନେ ଦାବି କରିଛନ୍ତି। ବ୍ୟକ୍ତି ଜଣଙ୍କ ଚଳାଉଥିବା ବାଇକଟି ଲହୁଣୀପଡା ଥାନା ଅନ୍ତର୍ଗତ କୁର୍ଡା ଅଞ୍ଚଳର ବୋଲି ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି। ତେଣୁ ବାଇକଟି ଚୋରା ଗାଡି ମଧ୍ୟ ହୋଇପାରେ ବୋଲି ସନ୍ଦେହ କରାଯାଉଛି। ପୋଲିସ ଘଟଣାର ତଦନ୍ତ କରୁଛି।

## ଆର୍‌ଏସ୍‌ପିର ୩ ଶିକ୍ଷାନୁଷ୍ଠାନ ପରିଚାଳନା ପାଇଁ ଚୁକ୍ତି ସ୍ୱାକ୍ଷର

ରାଉରକେଲା,୧୮।୮(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ୩ଟି ଶିକ୍ଷାନୁଷ୍ଠାନର ପ୍ରବନ୍ଧନ ଓ ପରିଚାଳନା ସକାଶେ ଶ୍ରୀ ଶ୍ରୀ ରବିଶଙ୍କର ବିଦ୍ୟାମନ୍ଦିର ଟ୍ରଷ୍ଟ ସହିତ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ସେକ୍ଟର-୨୦ସ୍ଥିତ ଇସ୍ପାତ ଇଂରାଜୀ ମିଡିୟମ ସ୍କୁଲ, ସେକ୍ଟର-୨୨ସ୍ଥିତ ଇସ୍ପାତ ଇଂରାଜୀ ମିଡିୟମ ସ୍କୁଲ ଏବଂ ସେକ୍ଟର-୧୯ସ୍ଥିତ ଇସ୍ପାତ ବିଦ୍ୟା ମନ୍ଦିରକୁ ପରିଚାଳନା କରିବା ପାଇଁ ଶ୍ରୀ ଶ୍ରୀ ରବି ଶଙ୍କର ବିଦ୍ୟା ମନ୍ଦିର ଟ୍ରଷ୍ଟ (ଏସ୍‌ଏସ୍‌ଆର୍‌ଭିଏମ୍) ସହିତ ଆର୍‌ଏସ୍‌ପି ଅଗଷ୍ଟ ୧୨ ତାରିଖରେ ଏହି ଚୁକ୍ତିନାମା ସ୍ୱାକ୍ଷର କରିଛି। ଆର୍‌ଏସ୍‌ପି ପକ୍ଷରୁ ଟାଉନ ସର୍ଭିସେସ ଏବଂ ସିଏସ୍‌ଆର ବିଭାଗର ସିଜିଏମ୍ ଟିଜି କାନେକର ଏବଂ ଏସ୍‌ଏସ୍‌ଆର୍‌ଭିଏମ୍ ଟ୍ରଷ୍ଟ ଅଧ୍ୟକ୍ଷ କମୋଡୋର ଏଚ୍. ଜି. ହର୍ଷ ଚୁକ୍ତିନାମାରେ ସ୍ୱାକ୍ଷର କରିଥିଲେ। ଏହି ଅବସରରେ ଆର୍‌ଏସ୍‌ପି ପକ୍ଷରୁ ଇଣ୍ଟରନାଲ ଅଡିଟ ବିଭାଗର ସିଜିଏମ୍ ଜି. ଏସ୍. ଦାଶ, ମାନବ ସମ୍ବଳ ବିଭାଗ ଜିଏମ୍ ସଞ୍ଜୟ ମେହରୋତ୍ରା, ଆଇନ ବିଭାଗ ଡିଜିଏମ୍ ରାଜେଶ କୁମାର ସାହୁ, ଏସ୍‌ଏସ୍‌ଆର୍‌ଭିଏମ୍ ଟ୍ରଷ୍ଟ ପକ୍ଷରୁ ଆନନ୍ଦ ଜିଏନ ଓ ସୁଶ୍ରୀ ମୃଳା ରବିନ୍ଦ୍ରନାଥ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, କ୍ୟାପଟେନ ଆଲୋକେଶ ସେନ ଏହି ବିଦ୍ୟାଳୟଗୁଡିକର ନିର୍ଦ୍ଦେଶକ ହେବେ।



ଆର୍‌ଏସ୍‌ପି ଓ ଏସ୍‌ଏସ୍‌ଆର୍‌ଭିଏମ୍ ମଧ୍ୟରେ ଚୁକ୍ତି ସ୍ୱାକ୍ଷର ହେଉଛି।

## ଦାଦାବଟିକୁ ନେଇ ହତ୍ୟାକରି ଫିଙ୍ଗିଥିଲେ

**ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୪ ଗିରଫ**

ସମ୍ବଲପୁର,୧୮।୮(ପ୍ରମୋଦ ବହିଦାର)

ସମ୍ବଲପୁର କ୍ଷେତରାଜପୁର ଥନା ଅନ୍ତର୍ଗତ ଦଲଦଲିପଡ଼ାର ବବୁ ଯାଦବ ଓରଫ ଚଟ୍ନି(୨୫)ଙ୍କ ମୃତ୍ୟୁକୁ ନେଇ ପୂର୍ବରୁ ରୁଜୁ ହୋଇଥିବା ଅପମୃତ୍ୟୁ ମାମଲା ହତ୍ୟା ମାମଲାରେ ରୂପାନ୍ତରିତ ହୋଇଛି। ଦାଦାବଟିକୁ ନେଇ ତାଙ୍କୁ ହତ୍ୟା କରାଯାଇଥିବା ଜଣାପଡ଼ିବା ପରେ ଏଥିରେ ସମ୍ପୃକ୍ତ ୪ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ମୁଖ୍ୟ ଅଭିଯୁକ୍ତ କ୍ଷେତରାଜପୁର ଥାନା ଅନ୍ତର୍ଗତ ଦଲଦଲିପଡ଼ାର କରଣ ଜୋଷୀ ଓରଫ ନାନୁ(୨୩) ଓ ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଥାନା ବାହାଦୁରପଡ଼ାର ମୂଳ ବାସିନ୍ଦା ବର୍ତ୍ତମାନ ଦଲଦଲିପଡ଼ାରେ ରହୁଥିବା ଜଗଦୀଶ ରୋହିଦାସ ଓରଫ ପାକ୍‌ଲୁ(୨୮), କରଣଙ୍କ ବଡ଼ଭାଇ ଅର୍ଜୁନ ଜୋଷୀ(୨୫) ଓ ଦଲଦଲିପଡ଼ା ଗାଡ଼ି ମାଲିକ ସାନନ୍ଦ ରୋହିଦାସ ଓରଫ ଟିଆଁ(୨୦)। ସେମାନଙ୍କ ନିକଟରୁ ହତ୍ୟାରେ ବ୍ୟବହୃତ ଲୁହାଛଡ଼, ଏକ ଧାରୁଆ ଅସ୍ତ୍ର, ଦୁଇଟି ମୋବାଇଲ୍ ଫୋନ, ମୃତଦେହ ପରିବହନରେ ବ୍ୟବହୃତ ଗାଡ଼ି, ହତ୍ୟାକାଣ୍ଡ ସମୟରେ ଅଭିଯୁକ୍ତମାନେ ପରିଧାନ କରିଥିବା ବସ୍ତ୍ରକୁ ପୋଲିସ ଜବତ କରିଛି। ଏ ନେଇ ଜିଲା ପୋଲିସ ମୁଖ୍ୟାଳୟରେ ସୋମବାର ପୂର୍ବାହ୍ନରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ଏସ୍‌ପି ମୁକେଶ କୁମାର ଭାମୁ।

ସୂଚନା ଦେଇ ଏସ୍‌ପି ଭାମୁ କହିଛନ୍ତି, ଗତ ଅଗଷ୍ଟ ୯ ତାରିଖରେ ବୁର୍ଲା ପାୱାର ଚ୍ୟାନେଲ୍‌ରେ ଭାସୁଥିବା ଏକ ମୃତଦେହକୁ ବଡ଼ସିଂହାରୀ ଅଞ୍ଚଳରୁ ବୁର୍ଲା ପୋଲିସ ଉଦ୍ଧାର କରିଥିଲା। ତାଙ୍କ ପରିଚୟ ମିଳି ନ ଥିବାରୁ ବୁର୍ଲା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୬୬୫/୨୫)ରୁଜୁ କରି ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ଚିହ୍ନଟ ପାଇଁ ଶବଗୃହରେ ରଖିଥିଲା। ଅଗଷ୍ଟ ୧୩ରେ ଦଲଦଲିପଡ଼ାର ଗୋଲୁ ଯାଦବ ନାମକ ଜଣେ ଯୁବକ ତାଙ୍କ ବଡ଼ଭାଇ ନିରୁଦ୍ଦିଷ୍ଟ ଥିବା କ୍ଷେତରାଜପୁର ଥାନାରେ ଏତଲା ଦେଇଥିଲେ। ତାଙ୍କ ଏତଲା ପରେ ପାୱାର ଚ୍ୟାନେଲରୁ ଉଦ୍ଧାର ମୃତଦେହ ତାଙ୍କ ଭାଇ ବବୁ ଯାଦବଙ୍କର ବୋଲି ଜଣାପଡ଼ିଥିଲା। ତେବେ ବ୍ୟବଚ୍ଛେଦ ରିପୋର୍ଟରେ ମୃତଦେହର ମୁଣ୍ଡ ଓ ଅନ୍ୟାନ୍ୟ ସ୍ଥାନରେ ହୋଇଥିବା କ୍ଷତରୁ ଏହା ଏକ ହତ୍ୟାକାଣ୍ଡ ବୋଲି ପୋଲିସ ସନ୍ଦେହ କରିଥିଲା। ଉକ୍ତ ଘଟଣାକୁ ନେଇ ପୋଲିସ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଓ ବୁର୍ଲା, ଧନୁପାଲି, କ୍ଷେତରାଜପୁର ଥାନା ଆଇଆଇସି ମିଳିତ ଭାବେ ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତ ବେଳେ ଏହା ଏକ ହତ୍ୟାକାଣ୍ଡ ବୋଲି ନିଶ୍ଚିତ ହୋଇଥିଲା। ବିଭିନ୍ନ ବୈଷୟିକ ପଦ୍ଧତି ଅବଲମ୍ବନ ପୂର୍ବକ ପୋଲିସ ଅଭିଯୁକ୍ତମାନଙ୍କ ନିକଟରେ ପହଞ୍ଚି ଗତ ୧୬ ତାରିଖ ଗିରଫ କରିଥିଲା। ପଚାରଉଚରା ବେଳେ ବବୁଙ୍କୁ ସେମାନେ ହତ୍ୟା କରିଥିବା ସ୍ୱୀକାର କରିଥିଲେ। ଏହାପରେ କ୍ଷେତରାଜପୁର ଥାନାରେ ମାମଲା (ନଂ.୨୧୪/୨୫)ରେ ରୁଜୁ ପୂର୍ବ ମାମଲାକୁ ଭାରତୀୟ ନ୍ୟାୟ ସଂହିତା ଦଫା ୧୦୩(୧), ୨୩୮, ୬୧(୨)(ଏ), ୫(୫)ରେ ରୂପାନ୍ତରିତ କରି ସମସ୍ତ ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତମାନଙ୍କୁ ଜେଲ ହାଜତ ପଠାଇ ଦିଆଯାଇଥିଲା।



ପୋଲିସ ହେପାଜତରେ ଗିରଫ ୪ ଅଭିଯୁକ୍ତ।

### ଘଟଣାର ପୃଷ୍ଠଭୂମି

ଅଭିଯୁକ୍ତମାନଙ୍କ ସ୍ୱୀକାରୋକ୍ତିକୁ ଉଦ୍ଧାର କରି ବବୁ ପୂର୍ବରୁ ବିଭିନ୍ନ ସମୟରେ ଗିରଫ ଅନ୍ୟତମ ଅଭିଯୁକ୍ତ କରଣ ଯୋଶୀଙ୍କଠାରୁ ଦାଦାବଟି ଆଦାୟ କରୁଥିଲେ। ବବୁଙ୍କ ବିରୋଧରେ ବିଭିନ୍ନ ଥାନାରେ ଦାଦାବଟି ଆଦାୟ, ନିଶା କରବାର ଆଦି ପ୍ରାୟ ୬ରୁ ୭ଟି ଆପରାଧିକ ମାମଲା ରହିଛି। କରଣ ମଧ୍ୟ ଅନୁରୂପଭାବେ କୋରେକ୍ସ, ନିଶା ବଟିକା, ଗଞ୍ଜେଇ ଆଦି ବେଆଇନ୍ କାର୍ଯ୍ୟରେ ଅର୍ଥ ଉପାର୍ଜନ କରନ୍ତି। କିଛିଦିନ ପୂର୍ବରୁ ବବୁ କରଣଙ୍କୁ ୧୦ ହଜାର ଟଙ୍କା ମାଗିଥିଲେ। ଏଥିରେ ଅସମର୍ଥତା ପ୍ରକାଶ କରିବାରୁ ବବୁ କରଣଙ୍କୁ ମାଡ଼ ମାରିଥିଲେ। ଏଥିରେ ତାଙ୍କ ହାତ ଭାଙ୍ଗିଯାଇଥିଲା। ଏହାସହ ବବୁ ଅନ୍ୟତମ ଗିରଫ ଅଭିଯୁକ୍ତ ଜଗଦୀଶ ରୋହିଦାସଙ୍କୁ ମଧ୍ୟ ଗାଳିଗୁଲଜ କରିଥିଲେ। ଏଥିରେ ପ୍ରତିଶୋଧ ପରାୟଣ ହୋଇ କରଣ ଓ ଜଗଦୀଶ ବବୁଙ୍କୁ ଜୀବନରେ ମାରିବାକୁ ଯୋଜନା କରିଥିଲେ। ଯୋଜନା ମୁତାବକ ଗତ ଅଗଷ୍ଟ ୫ ତାରିଖ ରାତିରେ ଦଲଦଲିପଡ଼ା ନିକଟସ୍ଥ ପରିତ୍ୟକ୍ତ ପୋଖରୀ(ଶୀତଳବନ୍ଧ) ନିକଟକୁ ସେମାନେ ବବୁଙ୍କୁ ଡାକିଥିଲେ। ବବୁ ସେଠାରେ ପହଞ୍ଚିବା କ୍ଷଣି ସେମାନେ ତାଙ୍କୁ ଲୁହାଛଡ଼ ଓ ଛୁରିରେ ଅତର୍କିତ ଆକ୍ରମଣ କରି ହତ୍ୟା କରିଥିଲେ। ପରେ ମୃତଦେହକୁ ଉକ୍ତ ପୋଖରୀର ଏକ ବୁଦାରେ ଲୁଚାଇ ଦେଇ ଏହା ଉପରେ ନଜର ରଖିଥିଲେ। ଅଗଷ୍ଟ ୮ ତାରିଖ ସନ୍ଧ୍ୟାରେ ମୃତଦେହ ପୋଖରୀ ପାଣିରେ ଭାସୁଥିବା ଦେଖି ଜଗଦୀଶ, କରଣ ଓ କରଣଙ୍କ ବଡ଼ଭାଇ ଅର୍ଜୁନ ଅଗଷ୍ଟ ୯ ଭୋରରୁ ସାନନ୍ଦ ରୋହିଦାସଙ୍କ ଟାଟା ଏସ୍‌ସିଇ ଗାଡ଼ିରେ ମୃତଦେହ ନେଇ ପାୱାର ଚ୍ୟାନେଲରେ ପକାଇ ଦେଇଥିଲେ। ଚ୍ୟାନେଲରେ ମୃତଦେହ ଭାସୁଥିବା ଖବର ପାଇ ବୁର୍ଲା ପୋଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ବଡ଼ସିଂହାରୀ ନିକଟରୁ ଉଦ୍ଧାର କରିଥିଲା।

## ସଂକ୍ଷେପରେ

### ଚାଇନା ଉପରେ ଟାରିଫ୍ ଲଗାଇଲେ ଅନ୍ତର୍ଜାତୀୟ ବଜାରରେ ତେଲ ମହଙ୍ଗା ହେବ: ରୁବିଓ

ୱାଶିଂଟନ,୧୮।୮

ରୁଷିଆରୁ ତେଲ କିଣୁଥିବା ଭାରତ ଉପରେ ଆମେରିକା ୨୫ ପ୍ରତିଶତ ଟାରିଫ୍ ଲଗାଇଥିବାବେଳେ ଅତିରିକ୍ତ ୨୫ ପ୍ରତିଶତ କଷିବାକୁ ନିଷ୍ପତ୍ତି ନେଇଛି। ଅଥଚ ସେଠାରୁ ଅଧିକ ତୈଳ କିଣୁଥିବା ଚାଇନାକୁ ଟାରିଫ୍‌ରୁ ବାଦ୍ ଦେବାର କାରଣ ସମ୍ପର୍କରେ ଆମେରିକା ପରରାଷ୍ଟ୍ର ସଚିବ ମାର୍କୋ ରୁବିଓ ସ୍ପଷ୍ଟ କରିଛନ୍ତି। ତାଙ୍କ କହିବା ଅନୁଯାୟୀ, ରୁଷିଆରୁ ବେଜିଂ କିଣୁଥିବା ଅଧିକାଂଶ ତୈଳକୁ ବିଶୋଧନ କରି ୟୁରୋପକୁ ବିକ୍ରି କରୁଛି। ୟୁରୋପ ମଧ୍ୟ ସେଠାରୁ ପ୍ରାକୃତିକ ଗ୍ୟାସ୍ କିଣୁଛି। ଚାଇନାର ତୈଳ ବିଶୋଧନକାରୀ କମ୍ପାନୀଗୁଡ଼ିକ ଉପରେ ଅତିରିକ୍ତ ଟାରିଫ୍ ଲଗାଇଲେ, ଏହାର ପରିଣାମ ବିଶ୍ୱ ତୈଳ ବଜାରରେ ପଡ଼ିବ। ଚାଇନା କେବଳ ରୁଷିଆ ତେଲକୁ ବିଶୋଧନ କରି ବିଶ୍ୱ ବଜାରରେ ବିକ୍ରି କରୁଛି। ଟାରିଫ୍ ଲଗାଇଲେ, ଯେଉଁମାନେ ବେଜିଂରୁ ତେଲ କିଣୁଛନ୍ତି, ସେମାନଙ୍କୁ ଅଧିକ ମୂଲ୍ୟ ଦେବାକୁ ପଡ଼ିବ ବୋଲି ରୁବିଓ କହିଛନ୍ତି। ବେଜିଂ ଉପରେ ଦଣ୍ଡାତ୍ମକ ଶୁଳ୍କକୁ ଅନେକ ୟୁରୋପୀୟ ଦେଶ ବିରୋଧ କରିଥିବା ଆମେ ଶୁଣିବାକୁ ପାଇଛୁ। ସେଥିପାଇଁ ଭାରତ ଉପରେ ଟାରିଫ୍ ଲଗାଯାଇଥିବାବେଳେ ଚାଇନାକୁ ବାଦ୍ ଦିଆଯାଇଥିବା ଆମେରିକା ପରରାଷ୍ଟ୍ର ସଚିବ କହିଛନ୍ତି।

### ପ୍ରଶିକ୍ଷଣ ବେଳେ ଭିନ୍ନକ୍ଷମ ହେଉଥିବା ସେନା କ୍ୟାଡେଟ୍‌ଙ୍କୁ ବୀମାଭୁକ୍ତ କରାଯାଉ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୮।୮(ପି.ଟି.)

ସାମରିକ ପ୍ରଶିକ୍ଷଣ ବେଳେ ଆହତ କିମ୍ବା ଭିନ୍ନକ୍ଷମ ହେଉଥିବା ବୀର କ୍ୟାଡେଟ୍‌ମାନଙ୍କୁ ପ୍ରତିରକ୍ଷା ବଳ ବାଦ୍ ଦେବା ଉଚିତ ନୁହେଁ ବୋଲି ସୁପ୍ରିମକୋର୍ଟ ଚାହୁଁଥିବା ସୋମବାର କହିଛନ୍ତି। ଏଭଳି ଅନିବାର୍ଯ୍ୟତା ପାଇଁ ସେମାନଙ୍କୁ ବୀମାଭୁକ୍ତ କରିବା ନିମନ୍ତେ ସମ୍ଭାବନା ବାହାର କରିବାକୁ ସର୍ବୋଚ୍ଚ ଅଦାଲତ କେନ୍ଦ୍ର ସରକାରଙ୍କୁ କହିଛନ୍ତି। ପ୍ରଶିକ୍ଷଣ ବେଳେ ଭିନ୍ନକ୍ଷମ ହେବା କାରଣରୁ ଅନୁପଯୁକ୍ତ ଦର୍ଶାଇ ବାଦ୍ ଦିଆଯାଇଥିବା କ୍ୟାଡେଟ୍‌ମାନଙ୍କ ସମସ୍ୟାକୁ ନିଜଆଡୁ ବିଚାର ପାଇଁ ଗ୍ରହଣ କରି ଜଷ୍ଟିସ୍ ବି.ଭି. ନାଗରତ୍ନା ଏବଂ ଆର୍. ମାଧବନ୍‌ଙ୍କ ଖଣ୍ଡପୀଠ ଏହା ଉପରେ କେନ୍ଦ୍ର ସରକାର ଓ ସେନାବାହିନୀକୁ ଜବାବ ମାଗିଛନ୍ତି। ସେମାନଙ୍କୁ ସେନାରେ ସାମିଲ କରାଯିବା ଆମେ ଚାହୁଁ। ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ପ୍ରଶିକ୍ଷଣ ବେଳେ ଭିନ୍ନକ୍ଷମ ହୋଇଥିଲେ ସେମାନଙ୍କୁ ବାଦ୍ ଦିଆଯିବା ଆମେ ଚାହୁଁନାହୁଁ ବୋଲି ଖଣ୍ଡପୀଠ ଟିପ୍ପଣୀ ଦେଇଛନ୍ତି। ସେମାନଙ୍କୁ ବୀମାଭୁକ୍ତ କରାଗଲେ ସରକାରଙ୍କ ଉପରେ ଆର୍ଥିକ ବୋଝ ନ ପଡ଼ି ବୀମା କମ୍ପାନୀ ଉପରେ ପଡ଼ିବ। ସେଥିପାଇଁ ବିପଦପୂର୍ଣ୍ଣ ପ୍ରଶିକ୍ଷଣ ନେଉଥିବା ପ୍ରତ୍ୟେକ କ୍ୟାଡେଟ୍‌ଙ୍କୁ ବୀମାଭୁକ୍ତ କରାଯିବା ଆବଶ୍ୟକ ବୋଲି ଖଣ୍ଡପୀଠ କହିଛନ୍ତି।

ଦିଲ୍ଲୀରେ ଆଜି



ଭୋଟ ଚୋରି ଓ ଏସ୍ଆଇଆର୍ ପ୍ରସଙ୍ଗକୁ ନେଇ (ବାମରୁ) ଇଣ୍ଡିଆ ବ୍ଲକ୍‌ର କଂଗ୍ରେସ ନେତା ଗୌରବ ଗୋଗୋଇ, ଏସ୍‌ପି ନେତା ରାମଗୋପାଳ ଯାଦବ, ଆପ୍ ନେତା ସଞ୍ଜୟ ସିଂ, ଆର୍‌ଜେଡି ନେତା ମନୋଜ ଝା ପ୍ରମୁଖ ସୋମବାର ନୂଆଦିଲ୍ଲୀସ୍ଥିତ କନ୍‌ଷ୍ଟିଚ୍ୟୁଶନ କ୍ଲବ୍‌ରେ ଖବରଦାତା ସମ୍ମିଳନୀ କରୁଛନ୍ତି। (ଫଟୋ-ଚମନ ଗୌତମ)

# ବର୍ଷାରେ ମୁମ୍ବାଇ ବେହାଲ

- ସ୍କୁଲ ବନ୍ଦ, ବିଭିନ୍ନ ଅଞ୍ଚଳ ଜଳମଗ୍ନ
- ବିମାନ, ଟ୍ରେନ୍ ସେବା ପ୍ରଭାବିତ
- ମହାରାଷ୍ଟ୍ରର ୧୫ ଜିଲାକୁ ରେଡ୍, ଅରେଞ୍ଜ ୱାର୍ନିଂ

ମୁମ୍ବାଇ, ୧୮।୮

ଭୀଷଣ ବର୍ଷା ଯୋଗୁ ସୋମବାର ଦେଶର ଆର୍ଥିକ ରାଜଧାନୀ ମୁମ୍ବାଇର ଜନଜୀବନ ଅସ୍ତବ୍ୟସ୍ତ ହୋଇଯାଇଛି। ସହରର ଅନେକ ସ୍ଥାନ ବର୍ଷାପାଣିରେ ଜଳମଗ୍ନ ହୋଇଯାଇଥିବା ବେଳେ ସ୍ଥିତିକୁ ଦୃଷ୍ଟିରେ ରଖି ବ୍ରିହନ୍ ମୁମ୍ବାଇ ମ୍ୟୁନିଶପାଲ କର୍ପୋରେଶନ (ବିଏମ୍‌ସି) ପକ୍ଷରୁ ସୋମବାର ସହରର ସମସ୍ତ ସ୍କୁଲ ଏବଂ କଲେଜକୁ ବନ୍ଦ କରିବା ପାଇଁ ଘୋଷଣା କରାଯାଇଥିଲା। ସେହିପରି ଲଗାଣ ବର୍ଷାରେ ମୁମ୍ବାଇରେ ବିମାନ ସେବା ମଧ୍ୟ ବାଧାପ୍ରାପ୍ତ ହୋଇଛି। ସହରର ଶିବାଜୀ ମହାରାଜ ଅନ୍ତର୍ଜାତୀୟ ବିମାନବନ୍ଦରରେ ଲାଣ୍ଡିଂ ପୂର୍ବରୁ ୯ ବିମାନ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ସେହିପରି ଖରାପ ପାଗ ଯୋଗୁ ମୁମ୍ବାଇରେ ଲାଣ୍ଡିଂ ହେବାକୁ ଥିବା ଏକ ଫ୍ଲାଇଟକୁ ଗୁଜରାଟର ସୁରଟରେ ଜରୁରୀ ଅବତରଣ କରାଯାଇଥିଲା। ବର୍ଷାକୁ ଦୃଷ୍ଟିରେ ରଖି ଜରୁରୀ କାର୍ଯ୍ୟ ନ ଥିଲେ ଘରୁ ନ ବାହାରିବାକୁ ବିଏମ୍‌ସି ପକ୍ଷରୁ ସ୍ଥାନୀୟ ଲୋକଙ୍କୁ ପରାମର୍ଶ ଦିଆଯାଇଛି। ସହରର ଅନ୍ଧେରୀ, ଲୋଖଣ୍ଡୱାଲା ପରି ତଳିଆ ଅଞ୍ଚଳରେ ପାଣି ଜମା ହୋଇ ରହିଥିଲା, ଯାହା ଗମନାଗମନକୁ ପ୍ରଭାବିତ କରିବା ସହ ଟ୍ରାଫିକ୍ ସମସ୍ୟା ସୃଷ୍ଟି କରିଥିଲା। ସେହିପରି ସହରର ବିଭିନ୍ନ ଟ୍ରେନ୍ ବିଳମ୍ବରେ ଚାଲୁଥିବା ନେଇ ସ୍ଥାନୀୟ ଅଧିକାରୀ କହିଛନ୍ତି। ସୋମବାର ମାତ୍ର ୬ରୁ ୮ ଘଣ୍ଟାର ସମୟ ମଧ୍ୟରେ ମୁମ୍ବାଇରେ ୧୭୭ ମିଲିମିଟର ବର୍ଷା ହୋଇଥିବା ନେଇ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍ ସୂଚନା ଦେଇଛନ୍ତି। ଲଗାଣ ବର୍ଷାରେ ନାନ୍ଦେଡ଼ ଜିଲାର ମୁଖେଡ ଅଞ୍ଚଳରେ ୫ ଜଣ ନିଖୋଜ ରହିଛନ୍ତି। ସେହିପରି ଜିଲାରେ ଭୀଷଣ ବର୍ଷା ଯୋଗୁ ସୃଷ୍ଟି ହୋଇଥିବା ବନ୍ୟାରେ ୨୦୦ ଜଣ ଫସି ରହିଥିବା ନେଇ ସେ ସୂଚନା ଦେଇଛନ୍ତି। ସେମାନଙ୍କୁ ଉଦ୍ଧାରକରିବା ପାଇଁ ଭାରତୀୟ ସେନାର ଏକ ୟୁନିଟ୍‌କୁ ଡକାଯାଇଛି। ସମ୍ପ୍ରତି ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ (ଏସ୍‌ଡିଆର୍‌ଏଫ୍) ଘଟଣା ସ୍ଥଳରେ ଫସିରହିଥିବା ଲୋକଙ୍କୁ ଉଦ୍ଧାର ପାଇଁ ପ୍ରୟାସ ଜାରି ରଖିଥିବା ଫଡ଼ନବିସ୍ କହିଛନ୍ତି।

ମୁମ୍ବାଇ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ରାଇଗଡ଼ ଜିଲାରେ ମଙ୍ଗଳବାର ପର୍ଯ୍ୟନ୍ତ ଭୀଷଣ ବର୍ଷା ନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ରେଡ୍ ୱାର୍ନିଂ ଜାରି କରିଛି। ସେହିପରି ଆସନ୍ତା ୨ ଦିନ ପର୍ଯ୍ୟନ୍ତ ମହାରାଷ୍ଟ୍ରର ୧୫ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ରେଡ୍ ଏବଂ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି।



ମୁମ୍ବାଇର କୁର୍ଲାଠାରେ ସୋମବାର ଲଗାଣ ବର୍ଷା ମଧ୍ୟରେ ଯାତ୍ରୀମାନେ ଏକ ପାଣି ଜମି ରହିଥିବା ରାସ୍ତା ଦେଇ ଯାତାୟାତ କରୁଛନ୍ତି।

### ଆଲାସ୍କା ସମିଟ୍ ନେଇ ମୋଦିଙ୍କୁ ଅବଗତ କରାଇଲେ ପୁଟିନ୍

ନୂଆଦିଲ୍ଲୀ,୧୮।୮(ପି.ଟି.)

ୟୁକ୍ରେନ୍‌ରେ ଯୁଦ୍ଧ ବନ୍ଦ ନେଇ ଆଲାସ୍କାରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ରୁଷିଆ ପ୍ରତିପକ୍ଷ ଭ୍ଲାଡିମିର ପୁଟିନ୍ କରିଥିବା ଆଲୋଚନା ସମ୍ପର୍କରେ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଫୋନ୍ ଯୋଗେ ଅବଗତ କରାଇଛନ୍ତି। ଗତ ଶୁକ୍ରବାର ଆଲାସ୍କାରେ ଟ୍ରମ୍ପ ଓ ପୁଟିନ୍‌ଙ୍କ ମଧ୍ୟରେ ଦୀର୍ଘ ୩ ଘଣ୍ଟା ଧରି ଆଲୋଚନା ହୋଇଥିଲେ ମଧ୍ୟ ଯୁଦ୍ଧ ବନ୍ଦ ନେଇ କୌଣସି ନିଷ୍କର୍ଷ ବାହାରିପାରି ନ ଥିଲା। ପୁଟିନ୍‌ଙ୍କ ଫୋନ୍ କଲ୍ ପରେ ମୋଦି କହିଛନ୍ତି, ୟୁକ୍ରେନ୍ ଯୁଦ୍ଧର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ଭାରତ କ୍ରମାଗତ ଭାବେ ଆହ୍ୱାନ ଦେଇଆସିବା ସହ ଏ ଦିଗରେ ସମସ୍ତ ଉଦ୍ୟମକୁ ସମର୍ଥନ ଜଣାଇଛି। ବନ୍ଧୁ ପୁଟିନ୍ ଫୋନ୍ କରି ଆଲାସ୍କା ଆଲୋଚନା ସମ୍ପର୍କରେ ଅବଗତ କରାଇଥିବାରୁ ଧନ୍ୟବାଦ ବୋଲି ମୋଦି ଏକ ସୋସିଆଲ ମିଡିଆ ପୋଷ୍ଟରେ କହିଛନ୍ତି।

### ଜନ୍ମାଷ୍ଟମୀ ଉତ୍ସବ ବେଳେ ବିଦ୍ୟୁତ୍ ଆଘାତରେ ୫ ମୃତ

ହାଇଦ୍ରାବାଦ, ୧୮।୮

ହାଇଦ୍ରାବାଦରେ ଜନ୍ମାଷ୍ଟମୀ ଉତ୍ସବ ଅବସରରେ ଶୋଭାଯାତ୍ରା ବେଳେ ଏକ ରଥ ପରି ସଜ୍ଜିତ ଗାଡ଼ି ବିଦ୍ୟୁତ ତାର ସଂସ୍ପର୍ଶରେ ଆସିବାରୁ କରେଣ୍ଟ ଲାଗି ୫ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୪ ଜଣ ଆହତ ହୋଇଛନ୍ତି। ରବିବାର ବିଳମ୍ବିତ ରାତିରେ ରାମଥପୁର ଅଞ୍ଚଳରେ ଜନ୍ମାଷ୍ଟମୀ ଶୋଭାଯାତ୍ରା ଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା। ସମସ୍ତ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ପୋଲିସ ସୂଚନା ଦେଇଛି। ରଥ ଉପରେ ୯ ଜଣ ବ୍ୟକ୍ତି ରହିଥିଲେ। ଘଟଣାକୁ ନେଇ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଭାରତ-ଚାଇନା ସମ୍ପର୍କରେ ଉନ୍ନତି ପାଇଁ ସୀମାରେ ଶାନ୍ତି ଗୁରୁତ୍ୱପୂର୍ଣ୍ଣ

### ୱାଙ୍ଗ୍ ୟି'ଙ୍କୁ କହିଲେ ଜୟଶଙ୍କର

ନୂଆଦିଲ୍ଲୀ,୧୮।୮

ଭାରତ ଓ ଚାଇନା ମଧ୍ୟରେ ସମ୍ପର୍କରେ ଉନ୍ନତି ପାଇଁ ସୀମାରେ ଶାନ୍ତି ଜରୁରୀ ବୋଲି ନୂଆଦିଲ୍ଲୀ ଗସ୍ତରେ ଆସିଥିବା ଚାଇନା ବହିର୍ବ୍ୟାପାର ମନ୍ତ୍ରୀ ୱାଙ୍ଗ୍ ୟି'ଙ୍କୁ ଭାରତୀୟ ପ୍ରତିପକ୍ଷ ଏସ୍. ଜୟଶଙ୍କର ସୋମବାର କହିଛନ୍ତି। ୨ ଦେଶ ଏବେ ଏକ କଠିନ ସମୟ ଦେଇ ଗତି କରୁଛନ୍ତି। ତେଣୁ ଏକ ସ୍ପଷ୍ଟ ଏବଂ ସହଯୋଗୀ ଆଭିମୁଖ୍ୟ ନେଇ ଆଗକୁ ବଢ଼ିବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ସୀମା ପ୍ରସଙ୍ଗ ଉପରେ ଆଲୋଚନା ଗୁରୁତ୍ୱପୂର୍ଣ୍ଣ, କାରଣ ଆମ ସମ୍ପର୍କର ଯେକୌଣସି ସକାରାତ୍ମକ ଗତିର ଆଧାର ହେଉଛି ସୀମାନ୍ତ ଅଞ୍ଚଳରେ ମିଳିତ ଭାବେ ଶାନ୍ତି ବଜାୟ ରଖିବା। ଉତ୍ତେଜନା ହ୍ରାସ ପଦକ୍ଷେପକୁ ଆଗେଇନେବାରେ ମଧ୍ୟ ଏହା ଜରୁରୀ। ଏଥିପାଇଁ ଉଭୟ ପକ୍ଷ ସ୍ପଷ୍ଟ ଏବଂ ଗଠନମୂଳକ ଆଭିମୁଖ୍ୟ ରଖିବା ସହ ପାରସ୍ପରିକ ସମ୍ମାନ, ସମ୍ବେଦନଶୀଳତା ଏବଂ ପାରସ୍ପରିକ ସ୍ୱାର୍ଥକୁ ଗୁରୁତ୍ୱ ଦେବାକୁ ହେବ। ମତପାର୍ଥକ୍ୟ କଦାପି ବିବାଦ ବା ପ୍ରତିଦ୍ୱନ୍ଦ୍ୱିତାରେ ପରିଣତ ନ ହେଉ ବୋଲି ଜୟଶଙ୍କର କହିଛନ୍ତି।



ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ସହ ଚାଇନା ପ୍ରତିପକ୍ଷ ୱାଙ୍ଗ୍ ୟି।

## ଶୁଭାଂଶୁ ଶୁକ୍ଲାଙ୍କୁ ସମ୍ମାନିତ କଲା ସଂସଦ

### ବିରୋଧୀ ଯୋଗ ଦେଲେନି

ନୂଆଦିଲ୍ଲୀ,୧୮।୮

ବିରୋଧୀ ସଦସ୍ୟମାନଙ୍କ ଅନୁପସ୍ଥିତିମଧ୍ୟରେ ସଂସଦ ସୋମବାର ଭାରତୀୟ ବାୟୁସେନା ପାଇଲଟ୍ ତଥା ଗ୍ରୁପ୍ କ୍ୟାପ୍‌ଟେନ ଏବଂ ମହାକାଶଚାରୀ ଶୁଭାଂଶୁ ଶୁକ୍ଲାଙ୍କୁ ସମ୍ମାନିତ କରିଛି। ନିକଟରେ ସେ ଆକ୍ସିଓମ୍-୪ ମିଶନରେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍‌ଏସ୍)କୁ ସଫଳତାର ସହ ଯାତ୍ରା କରି ଦେଶ ପାଇଁ ଗର୍ବ ଆଣିବା ସହ ଜାତୀୟ ପ୍ରତୀକ ପାଲଟିଛନ୍ତି। ଭାରତୀୟ ମହାକାଶ ଅନ୍ୱେଷଣରେ ଏହା ଏକ ନୂଆ ଅଧ୍ୟାୟ ବୋଲି ପାର୍ଲାମେଣ୍ଟ କହିଛି।

ଶୁଭାଂଶୁ ରବିବାର ଆମେରିକାରୁ ନୂଆଦିଲ୍ଲୀ ଫେରିବା ପରେ ବିମାନବନ୍ଦରରେ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ତାଙ୍କ ମହାକାଶ ଯାତ୍ରାର ସଫଳତା ଉପରେ ସଂସଦରେ ସୋମବାର ସ୍ୱତନ୍ତ୍ର ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ତେବେ ବିରୋଧୀ ସଦସ୍ୟମାନେ ସ୍ୱତନ୍ତ୍ର ଆଲୋଚନାକୁ ବର୍ଜନ କରିଥିଲେ। କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ସ୍ମରଣୋତ୍ସବର ନେତୃତ୍ୱ ନେଇ ଶୁକ୍ଲାଙ୍କ ସଫଳତାର ଉଚ୍ଚ ପ୍ରଶଂସା କରିବା ସହ ଭାରତର ମହାକାଶ ଆକାଂକ୍ଷା ପାଇଁ ଏହା ଉଲ୍ଲେଖନୀୟ ଘଟଣା ବୋଲି କହିଥିଲେ। ବିରୋଧୀ ଦଳ ସରକାରଙ୍କ ଉପରେ ରାଗି ପାରନ୍ତି, କିନ୍ତୁ ଜଣେ ଭାରତୀୟ ମହାକାଶଚାରୀ, ଗଗନଯାତ୍ରୀ ଏବଂ ବାୟୁସେନାର ଉତ୍ସର୍ଗୀକୃତ ପାଇଲଟ୍‌ଙ୍କ ବୀରତ୍ୱକୁ ଉପେକ୍ଷା କରିବା ଦୁର୍ଭାଗ୍ୟଜନକ ବୋଲି ସେ କହିଥିଲେ। ବିରୋଧୀ ଆଲୋଚନାରେ ଭାଗ ନେଇ ନ ଥିବାବେଳେ କଂଗ୍ରେସ ଏମ୍‌ପି ଶଶୀ ଥରୁର Xରେ ଏକ ପୋଷ୍ଟ ଜରିଆରେ ଗ୍ରୁପ୍ କ୍ୟାପ୍‌ଟେନ ଶୁଭାଂଶୁଙ୍କୁ ଉଚ୍ଚ ପ୍ରଶଂସା କରିଛନ୍ତି। ଭାରତର ମାନବ ମହାକାଶ ମହତ୍ତ୍ୱାକାଂକ୍ଷାର ସେ ଜଣେ ପ୍ରଭାବଶାଳୀ ପ୍ରତୀକ ଏବଂ ଆଗାମୀ ଗଗନୟାନ କାର୍ଯ୍ୟକ୍ରମ ପାଇଁ ଗୁରୁତ୍ୱପୂର୍ଣ୍ଣ ଆଧାର ଶିଳା ବୋଲି ଥରୁର କହିଛନ୍ତି।

ଶୁଭାଂଶୁ ସୋମବାର ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ତାଙ୍କ ବାସଭବନରେ ଭେଟିଛନ୍ତି। ସେ ଆକ୍ସିଓମ୍-୪ ମିଶନ ପ୍ୟାଚ୍ ପ୍ରଧାନମନ୍ତ୍ରୀଙ୍କୁ ଉପହାର ଦେବା ସହ ଆଇଏସ୍‌ଏସ୍‌ରୁ ଉଠାଇଥିବା ପୃଥିବୀର ଫଟୋ ଦେଖାଇଥିଲେ। ସୂଚନାଯୋଗ୍ୟ, ଶୁଭାଂଶୁ ଜୁନ୍ ୨୫ରେ ଫ୍ଲୋରିଡ଼ାରୁ ଆକ୍ସିଓମ୍-୪ ସ୍ପେସ୍ ମିଶନରେ ଆଇଏସ୍‌ଏସ୍‌କୁ ଯାଇ ଜୁଲାଇ ୧୫ରେ ପୃଥିବୀକୁ ଫେରିଥିଲେ। ୧୮ ଦିନର ରହଣି ମଧ୍ୟରେ ସେ ଓ ଅନ୍ୟ ମହାକାଶଚାରୀମାନେ ଅନେକ ପରୀକ୍ଷା ନିରୀକ୍ଷା କରିଥିଲେ।



ଶୁଭାଂଶୁ ଶୁକ୍ଲା ପ୍ରଧାନମନ୍ତ୍ରୀଙ୍କୁ ଆକ୍ସିଓମ୍-୪ ମିଶନ୍‌ର ପ୍ୟାଚ୍ ଉପହାର ଦେଉଛନ୍ତି।

## ଫୁର୍‌ସତ୍

## ସବୁଠୁ ବିପଦପୂର୍ଣ୍ଣ ସେଲ୍‌ଫି ପଏଣ୍ଟ

ରିଓ ଡି ଜେନିରୋ

ସମ୍ପ୍ରତି ଯୁବପିଢ଼ି ହୁଅନ୍ତୁ କି ବୟସ୍କ, ସେଲ୍‌ଫି ମାନିଆ ସମସ୍ତଙ୍କୁ ଘାରିଛି। ତେବେ ପ୍ରତିବର୍ଷ ଏହି ସେଲ୍‌ଫି କ୍ରେଜ୍ ପାଇଁ ଅନେକ ଶହ ଲୋକଙ୍କୁ ଜୀବନ ହରାଇବାକୁ ପଡ଼ିଥାଏ। ତଥାପି ସେଲ୍‌ଫି ପ୍ରେମୀମାନେ ନିଜକୁ ସାହସୀ ଏବଂ ଦୁଃସାହସିକ ଦର୍ଶାଇବା ପାଇଁ ବିଭିନ୍ନ ବିପଦପୂର୍ଣ୍ଣ ସ୍ଥାନରେ ସେଲ୍‌ଫି ନେଇଥାନ୍ତି, ଯାହା ସେମାନଙ୍କୁ ମୃତ୍ୟୁମୁଖକୁ ଟାଣିଥାଏ। ଏକ ରିପୋର୍ଟ ଅନୁଯାୟୀ, ବିଶ୍ୱରେ ଅନେକ ବିପଦପୂର୍ଣ୍ଣ ସେଲ୍‌ଫି ପଏଣ୍ଟ ରହିଥିବାବେଳେ ସେଥିମଧ୍ୟରୁ ବ୍ରାଜିଲର ପେଡ୍ରା ଡା ଗାଭେଆ ଅନ୍ୟତମ।

ପେଡ୍ରା ଡା ଗାଭେଆ ଏକ ବିଶାଳ ପର୍ବତ ହୋଇଥିବା ବେଳେ ଏହା ବ୍ରାଜିଲର ପ୍ରମୁଖ ସହର ରିଓ ଡି ଜେନିରୋରେ ଅବସ୍ଥିତ। ଏହି ପର୍ବତର ଉଚ୍ଚତା ସମୁଦ୍ର ପତ୍ତନଠାରୁ ୮୪୪ ମିଟର (୨,୭୬୯ ଫୁଟ୍) ରହିଛି। ଏହି ପର୍ବତ ନିଜର ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ପ୍ରସିଦ୍ଧ। ସେହିପରି ପେଡ୍ରା ଡା ଗାଭେଆର ଶିଖରରେ ରିଓ ଡି ଜେନିରୋ ସହରର ଅନେକ ଚମତ୍କାର ଦୃଶ୍ୟ ଦେଖିବାକୁ ମିଳିଥାଏ। ତେବେ ଉକ୍ତ ପର୍ବତ ଶିଖରରେ ସେଲ୍‌ଫି ନେବା ବିପଦକୁ ନିମନ୍ତ୍ରଣ କରିବା ସଦୃଶ ହୋଇଥାଏ।

ପେଡ୍ରା ଡା ଗାଭେଆ ପର୍ବତଟି ସମୁଦ୍ର କୂଳରେ ଅବସ୍ଥିତ। ପର୍ବତର ଯେଉଁ ପାର୍ଶ୍ୱରେ ସମୁଦ୍ର ରହିଛି, ସେହି ପଟେ କୌଣସି ଢାଲ ନାହିଁ। ତେଣୁ ପର୍ବତ ଶିଖରର ଉକ୍ତ ପାର୍ଶ୍ୱରେ ଠିଆ ହୋଇ ସେଲ୍‌ଫି ନେବା ବେଳେ ସାମାନ୍ୟ ଅସାବଧାନତା ଘଟିଲେ ସମୁଦ୍ର ମଧ୍ୟକୁ ପଡ଼ିଯିବାର ସମ୍ଭାବନା ରହିଥାଏ। ପ୍ରତିବର୍ଷ ଏହି ପର୍ବତରେ ଏହିପରି ଅନେକ ଦୁର୍ଘଟଣା ଘଟିଥାଏ, ଯେଉଁଥିରେ ଅନେକ ଡଜନ୍ ଲୋକ ପ୍ରାଣ ହରାଇଥାନ୍ତି। ନିଜର ଅତ୍ୟଧିକ ଉଚ୍ଚତା ଏବଂ ତୀକ୍ଷ୍ଣ ଧାର ଯୋଗୁ ପେଡ୍ରା ଡା ଗାଭେଆକୁ ବିଶ୍ୱର ଅନ୍ୟତମ ବିପଦପୂର୍ଣ୍ଣ ସେଲ୍‌ଫି ପଏଣ୍ଟ ଭାବେ ବିବେଚନା କରାଯାଇଥାଏ। ଏହି ପର୍ବତ ଶିଖରରେ କୌଣସି ସୁରକ୍ଷା ରେଲିଂ କିମ୍ବା ବାଡ଼ ନ ଥିବାରୁ ଏଠାରେ ସେଲ୍‌ଫି ନେବା ଅତ୍ୟନ୍ତ ବିପଜ୍ଜନକ। ପେଡ୍ରା ଡା ଗାଭେଆର ଶିଖରରେ ପହଞ୍ଚିବା ପାଇଁ ୬ରୁ ୮ ଘଣ୍ଟାର କଠିନ ପଦଯାତ୍ରା କରିବାକୁ ପଡ଼ିଥାଏ। ଏହି ଯାତ୍ରା ବେଳେ 'କାରାସ୍କୁଇରା' ନାମକ ଏକ ୩୦ ମିଟର ଉଚ୍ଚ ପଥରରେ ଚଢ଼ିବାକୁ ପଡ଼ିଥାଏ। ଉକ୍ତ ପଥରକୁ ଚଢ଼ିବା ଅତ୍ୟନ୍ତ ଚ୍ୟାଲେଞ୍ଜିଂ ଏବଂ କଷ୍ଟକର ହୋଇଥାଏ। ଏଥିପାଇଁ ପରିଦର୍ଶକମାନଙ୍କୁ ଦଉଡ଼ିର ବ୍ୟବହାର କରିବାକୁପଡ଼ିଥାଏ। ଏହିପର୍ବତରେ ଚଢ଼ିବା ସମୟରେ ଲୋକମାନେ ସାଧାରଣତଃ ଥକାପଣ ଏବଂ ଅସାବଧାନତାବଶତଃ ନିଜର ସନ୍ତୁଳନ ହରାଇ ମୃତ୍ୟୁମୁଖରେ ପଡ଼ିଥାନ୍ତି। ତେଣୁ ଏହି ସ୍ଥାନକୁ ଭ୍ରମଣ କରିବା ସମୟରେ ବିଶେଷ ସତର୍କତା ଅବଲମ୍ବନ କରିବା ନିତାନ୍ତ ଆବଶ୍ୟକ।



## ପୋଲିସ ଭୂମିକାରେ ଅଲି ଫଜଲ୍

ମୁମ୍ବାଇ

କ୍ରାଇମ ଥ୍ରୀଲର ୱେବ୍ ସିରିଜ୍ 'ମିର୍ଜାପୁର'ରେ ଗୁଡ୍ଡୁ ଭୈୟା ଚରିତ୍ର ନିଭାଇ ଦର୍ଶକଙ୍କର ପ୍ରଶଂସା ସାଉଣ୍ଟିଥିବା ଅଭିନେତା ଅଲି ଫଜଲ୍ ଖୁବ୍‌ଶୀଘ୍ର ୱେବ୍ ସିରିଜ 'ରାଖ୍'ରେ ନଜରକୁ ଆସିବେ। ଏହା ଏକ ଇନ୍‌ଭେଷ୍ଟିଗେଟିଭ୍ କ୍ରାଇମ ଥ୍ରୀଲର ସିରିଜ୍ ହୋଇଥିବା ବେଳେ ଏଥିରେ ଅଲିଙ୍କ ସମେତ ଅଭିନେତ୍ରୀ ସୋନାଲି ବେନ୍ଦ୍ରେ ଓ ଅଭିନେତା ଆମିର ବସିର ମଧ୍ୟ ମୁଖ୍ୟ ଭୂମିକାରେ ନଜରକୁ ଆସିବେ। ବିଭିନ୍ନ ଅପରାଧ ମାମଲାରେ ନ୍ୟାୟ ପାଇବା ପାଇଁ ଲୋକେ କିପରି ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ତାହାକୁ ନେଇ ଏହି ସିରିଜ୍‌ର କାହାଣୀ ପର୍ଯ୍ୟବସିତ। ବର୍ତ୍ତମାନ ସୁଦ୍ଧା 'ରାଖ୍'ର ରିଲିଜ୍ ତାରିଖ ଉପରୁ ପରଦା ଉଠି ନ ଥିବା ବେଳେ ୨୦୨୬ରେ ଓଟିଟି ପ୍ଲାଟ୍‌ଫର୍ମ ପ୍ରାଇମ ଭିଡିଓରେ ଏହି ସିରିଜ୍ ରିଲିଜ୍ ହେବ। ସୋମବାର ପ୍ରାଇମ ଭିଡିଓ ପକ୍ଷରୁ ଏନେଇ ଘୋଷଣା କରାଯିବା ସହ 'ରାଖ୍'ର ପ୍ରଥମ ପୋଷ୍ଟରକୁ ଜାରି କରାଯାଇଛି, ଯେଉଁଥିରେ ଅଲି ପୋଲିସ ଅଧିକାରୀ ଭାବେ ନଜରକୁ ଆସିଛନ୍ତି। ପ୍ରୋସିତ ରୟଙ୍କ ନିର୍ଦ୍ଦେଶନାରେ 'ରାଖ୍' ସିରିଜ୍‌ର ନିର୍ମାଣ ହେବ। ଆୟୁଷ ତ୍ରିବେଦୀ ଏହି ସିରିଜ୍‌ର ସଂଳାପ ଲେଖିଥିବା ବେଳେ ଅନୁଷା ନନ୍ଦକୁମାର ଓ ସନ୍ଦୀପ ସାକେତ ଏହାର କାହାଣୀ ଲେଖିଛନ୍ତି।



ଫ୍ୟାଶନ

# ଆକର୍ଷଣୀୟ ପେଣ୍ଡେଣ୍ଟ

**ମହିଳାମାନେ ନିଜର ସୁନ୍ଦରତା ବଢ଼ାଇବା ପାଇଁ କେତେ କ'ଣ ଚେଷ୍ଟା କରିଥାନ୍ତି । ଏମିତିରେ ଯଦି ଆପଣ ଡେଲି ୱେରରେ ପେଣ୍ଡେଣ୍ଟ ପିନ୍ଧିବା ପାଇଁ ଚାହୁଁଥାନ୍ତି, ତେବେ ଆପଣଙ୍କୁ ଚିନ୍ତାକରିବାର ନାହିଁ । ଆଜି ଆପଣଙ୍କୁ କିଛି ଏପରି ଲକେଟ୍ ଡିଜାଇନ ବିଷୟରେ ସୂଚନା ଦେବୁ ଯାହା ଡେଲିୱେରରେ ସାମିଲ ମଧ କରିପାରିବେ...**



**ଫିଲିଂ ଷ୍ଟାର ଡାଇମଣ୍ଡ ପେଣ୍ଡେଣ୍ଟ**
ଯଦି ଆପଣ ଡେଲି ୱେରରେ ପିନ୍ଧିବା ପାଇଁ ପେଣ୍ଡେଣ୍ଟ ଖୋଜୁଛନ୍ତି ତେବେ ଆପଣଙ୍କ ଚିନ୍ତା କରିବାର ଆବଶ୍ୟକତା ନାହିଁ। ଆପଣ ଏହି ଫିଲିଂ ଷ୍ଟାର ଡାଇମଣ୍ଡ ପେଣ୍ଡେଣ୍ଟକୁ ଟ୍ରାଏ କରିପାରିବେ। ଏହିପରି ପେଣ୍ଡେଣ୍ଟ ଆପଣଙ୍କ ବେକକୁ ସୁନ୍ଦର ଦେଖାଯିବ। ଏହା ଆପଣଙ୍କ ଲୁକ୍‌କୁ ଡିଫରେଣ୍ଟ ଏଲିଗାଣ୍ଟ ଟଚ୍ ଦେବାରେ ସାହାଯ୍ୟ କରିଥାଏ।

**ଲିଫ୍ ଡିଜାଇନ ପେଣ୍ଡେଣ୍ଟ**
ନିଜର ସୁନ୍ଦରତାକୁ ବଢ଼ାଇବାରେ ଲିଫ୍ ଡିଜାଇନ୍‌ର ପେଣ୍ଡେଣ୍ଟ ସବୁ ଆଉଟ୍ ଫିଟ୍ ସହିତ ଭଲ ମାନିଥାଏ। ଏହି ପେଣ୍ଡେଣ୍ଟ ଆପଣଙ୍କୁ ରୟାଲ ଲୁକ୍ ଦେବାରେ ସାହାଯ୍ୟ କରିଥାଏ। ଏହାକୁ ଆପଣ ଅନ୍‌ଲାଇନ ଏବଂ ଅଫ୍‌ଲାଇନରେ ବି କିଣିପାରିବେ।

**ନଟେଡ୍ ଗ୍ରେସ୍ ଡାଇମଣ୍ଡ ପେଣ୍ଡେଣ୍ଟ**
ଯଦି ଆପଣ କର୍ମଜୀବୀ କିମ୍ବା କଲେଜରେ ପଢୁଥିବା ଝିଅ ହୋଇଥିବେ, ତେବେ ପ୍ରତିଦିନ କ'ଣ ପିନ୍ଧିବେ ସେଥିପାଇଁ ଚିନ୍ତା ନ କରି ନଟେଡ୍ ଗ୍ରେସ୍ ଡାଇମଣ୍ଡ ପେଣ୍ଡେଣ୍ଟ ପିନ୍ଧିପାରିବେ। ଏହାକୁ ଆପଣ କୌଣସି ବି ଆଉଟ୍‌ଫିଟ୍ ସହ ମଧ ପିନ୍ଧିପାରିବେ। ଏପରି ପେଣ୍ଡେଣ୍ଟ ଆପଣଙ୍କ ସୁନ୍ଦରତାକୁ ଆହୁରି ବଢ଼ାଇ ଦେବା ସହ ରୟାଲ ଲୁକ୍ ମଧ ଦେଇଥାଏ।

**ଏଲ୍‌ଡର ରୁଟ୍ ଡାଇମଣ୍ଡ ପେଣ୍ଡେଣ୍ଟ**
ଆପଣ ଚାହିଁଲେ ନିଜ ସୁନ୍ଦରତା ବଢ଼ାଇବାକୁ ଡେଲି ୱେରରେ ଏହିପରି ସୁନ୍ଦର ରୁଟ୍ ଡାଇମଣ୍ଡ ପେଣ୍ଡେଣ୍ଟକୁ ଟ୍ରାଏ କରିପାରିବେ। ଏହି ପେଣ୍ଡେଣ୍ଟ୍ ଆପଣଙ୍କୁ ଷ୍ଟାଇଲିଶ୍ ଏବଂ ଗର୍ଜିୟସ୍ ଲୁକ୍ ଦେବାରେ ସାହାଯ୍ୟ କରିଥାଏ। ଏହାକୁ ଆପଣ କୌଣସି ବି ଆଉଟ ଫିଟ୍ ସହ ମଧ ପିନ୍ଧିପାରିବେ।

# ଝିଟିପିଟି କବଳରୁ କିପରି ରକ୍ଷା ପାଇବେ



**ପୁଦିନା**
ପୁଦିନାର ବାସ୍ନା କେବଳ ଆପଣଙ୍କ ବଗିଚାକୁ ମହକାଇବା ସହ ଘରକୁ ମଧ କରିଥାଏ। ପୁଦିନାରେ ଥିବା ମିଣ୍ଟ ଫ୍ଲେଭର ଝିଟିପିଟିଙ୍କୁ ଆକର୍ଷିତ କରି ନ ଥାଏ। ଯଦି ଆପଣ ଆକୁ ବାଲ୍‌କୋନିରେ ଲଗାଇ ଦେଉଛନ୍ତି ତେବେ ଏମାନଙ୍କୁ ଘର ପାଖାପାଖି ଦେଖିବାକୁ ମିଳିବେ ନାହିଁ।

**ତୁଳସୀ**
ତୁଳସୀ ପତ୍ରରେ ଥିବା ମିଥାଇଲ୍ ସିନାମେଟ୍ ଏବଂ ଲିନାଲୁଲ ଭଳି ଝିଟିପିଟି ଦୂରେଇ ରଖିବାରେ ସାହାଯ୍ୟ କରିଥାଏ। ଏହାର କଡ଼ା ବାସ୍ନା ଝିଟିପିଟିଙ୍କୁ ଦୂରେଇ ରଖିବାରେ ସାହାଯ୍ୟ କରିଥାଏ।

**ଲାଭେଣ୍ଡର**
ଲାଭେଣ୍ଡର ବୃକ୍ଷ ନିଜର ସୁଗନ୍ଧ ପାଇଁ ବେଶ୍ ଜଣାଶୁଣା। ଏହାର ବାସ୍ନା ଝିଟିପିଟିଙ୍କୁ ଦୂରେଇ ରଖିବାରେ ସାହାଯ୍ୟ କରେ। ଏହା ସୁନ୍ଦର ବାଇଗଣୀ ରଙ୍ଗର ଫୁଲ ଆଣ୍ଟିସେପ୍ଟିକ୍ ସୁଗନ୍ଧ ତାଙ୍କୁ ଜମା ବି ପସନ୍ଦ ଆସେନାହିଁ।

**ଲେମନ ଗ୍ରାସ୍**
ଲେମନ ଗ୍ରାସ୍ ଏକ ବିଶେଷ ପ୍ରକାର ବୃକ୍ଷ। ଯାହାକୁ ଆପଣ ଘର ଭିତରେ ଏବଂ ବାହାରେ ବି ରଖିପାରିବେ। ଏହାର ଖଟାମିଠା ବାସ୍ନା ଝିଟିପିଟିଙ୍କୁ ଜମା ବି ପସନ୍ଦ ଆସେନାହିଁ। ଏହାକୁ ଘର ଭିତରେ କିମ୍ବା ବାଲ୍‌କୋନିରେ ଲଗାଇବା ଦ୍ୱାରା ଝିଟିପିଟିଙ୍କୁ ଦୂରକରିବାରେ ସାହାଯ୍ୟ କରେ।

**ଗେଣ୍ଡୁ ଫୁଲ**
ଗେଣ୍ଡୁ ଫୁଲ ଏବଂ ପତ୍ରର କଡ଼ା ବାସ୍ନା ଦ୍ୱାରା ଝିଟିପିଟି ତା' ଆଖପାଖକୁ ଆସି ନ ଥାଏ। ଗେଣ୍ଡୁ ଫୁଲର ବାସ୍ନାରେ ଝିଟିପିଟି ପାଖ ମାଡ଼ି ନ ଥାଏ।

# ଷ୍ଟ୍ରେସ୍ ମ୍ୟାନେଜମେଣ୍ଟ



**ଷ୍ଟ୍ରେସ୍ ବା ଚାପ ଏପରି ଏକ ସାଇଲେଣ୍ଟ କିଲର, ଯାହା କେତେବେଳେ ଆମ ଶରୀରରେ ପ୍ରବେଶ କରିଥାଏ, ତାହା ଆମକୁ ସହଜରେ ଜଣାପଡ଼ି ନ ଥାଏ । ଏହା ଧୀରେ ଧୀରେ କେବଳ ଆମ ଶରୀରକୁ ନୁହେଁ ଜୀବନଶୈଳୀକୁ ବି ପ୍ରଭାବିତ କରିଥାଏ । ଏଥିପାଇଁ ସମୟ ଥାଉ ଥାଉ ସଚେତନ ହେବା ନିହାତି ଆବଶ୍ୟକ...**

**ବୁଝନ୍ତୁ ଷ୍ଟ୍ରେସ୍‌କୁ :** ଆଜିର ବ୍ୟସ୍ତବହୁଳ ଜୀବନରେ ଷ୍ଟ୍ରେସ୍ ହେବା ସାମାନ୍ୟ କଥା। କିନ୍ତୁ ଏହି ଅନୁଭବ ସେତେବେଳେ ହୁଏ ଯେତେବେଳେ ଆମେ କୌଣସି ପରିସ୍ଥିତିରେ ସହଜରେ ବାହାରିପାରି ନ ଥାଉ। ଧୀରେ ଧୀରେ ଏହି ପରିସ୍ଥିତି ବୋଝ ପରି ମନେହୁଏ ଏବଂ ପରିସ୍ଥିତି ମଧ ଏପରି ହୋଇଯାଏ ଯେ ସେଥିରୁ ବାହାରି ମଧ ହୁଏନାହିଁ। ଏପରି ପରିସ୍ଥିତିରେ ଏଡ୍ରେନାଲାଇନ ନାମକ ହର୍‌ମୋନ ସମ୍ପୂର୍ଣ୍ଣ ଶରୀରରେ ପ୍ରବେଶକରି ଦୌଡ଼ିବାକୁ ଲାଗିଥାଏ। ପରିମାଣ ସ୍ୱରୂପ ହୃତ୍‌ପିଣ୍ଡର ସ୍ପନ୍ଦନ ବଢ଼ିଯାଇଥାଏ। ଝାଳ ବୋହିବାକୁ ଲାଗିଥାଏ, ସମ୍ପୂର୍ଣ୍ଣ ଶରୀରରେ ଲୋମ ଟାଙ୍କୁରି ଉଠେ। ଆମ ଭାଷାରେ କହିବାକୁ ହେଲେ ଷ୍ଟ୍ରେସ୍ ଏକ ମାନସିକ ବିକାର। ଯେତେବେଳେ କୌଣସି ନକାରାତ୍ମକ ବିଚାର ଆମ ମନ ଭିତରେ ଘର କରି ବସେ ଏହା ଆମର ମାନସିକ ସ୍ଥିତି ଉପରେ ଖରାପ ପ୍ରଭାବ ପକାଇଥାଏ। ଫଳରେ ଆମ ମସ୍ତିଷ୍କ ଠିକ୍ ଭାବେ କାମ କରିବା ସ୍ଥିତିରେ ରହି ନ ଥାଏ। ପୁଣି କୌଣସି ଖୁସି ମାହୋଲ ଭିତରେ ରହିଲେ ସୁଦ୍ଧା ଖୁସି ଲାଗେନାହିଁ। ଏହି ସ୍ଥିତିକୁ ଷ୍ଟ୍ରେସ୍ କୁହାଯାଏ। କେତେକେ କିଛି କଥାକୁ ନେଇ ଚିନ୍ତାଗ୍ରସ୍ତ ହୋଇ ରହିଯାଆନ୍ତି।

**ଷ୍ଟ୍ରେସ୍‌ର କାରଣ:** ପାର୍ଟନରଠାରୁ ବ୍ରେକ୍‌ଅପ୍, ପାର୍ଟନରଙ୍କ ନିଧନ ହେବା, ଏକୁଟିଆପଣ, ଚାକିରି କାରଣ ଏବଂ ଚାକିରି ବଦଳାଇବା କାରଣରୁ, ବେରୋଜଗାର ଏବଂ ଫାଇନାନ୍ସିଆଲ ସମସ୍ୟା, ପରିବାରଠାରୁ ଦୂରରେ ରହିବା, ପିଲା ପାଠପଢ଼ା ପାଇଁ ଘରେ ରହୁ ନ ଥିଲେ, ଛାଡ଼ପତ୍ର କାରଣରୁ ପରିବାର ଭାଙ୍ଗିଯାଏ। ସ୍ୱାସ୍ଥ୍ୟ ସମସ୍ୟା, ଖରାପ ଅଭ୍ୟାସର ଶିକାର ହେବା, ଯେମିତିକି ନିଶାଦ୍ରବ୍ୟର ସେବନ କରିବା, ହିଂସା ଏବଂ ଖରାପ ବ୍ୟବହାରର ଶିକାର ହେବା। ଚିନ୍ତାଗ୍ରସ୍ତ ରହିବା ଦ୍ୱାରା ମାଂଶପେଶୀରେ ଯନ୍ତ୍ରଣା ଅନୁଭୂତ ହୋଇଥାଏ। ଝାଡ଼ା ଏବଂ କୋଷ୍ଠକାଠିନ୍ୟ ସମସ୍ୟା, ମୁଣ୍ଡ ବୁଲାଇଦେବା, କେବେକେବେ ବିଳିବିଳି ହେବା, ଚିନ୍ତା ଏବଂ ଚିଡ଼୍‌ଚିଡ଼ି ହେବା, ଅଧିକ ଥକ୍କା ଅନୁଭବ କରିବା, ଅଧିକ ନିଦ ଲାଗିବା କିମ୍ବା ନିଦ ନ ହେବା, ଆତ୍ମବିଶ୍ୱାସ କମ୍ ହେବା, ଏକାଗ୍ରତା କମ୍ ଅନୁଭବ କରିବା, ନିଜ ପସନ୍ଦର ଜିନିଷରୁ ଦୂରେଇ ରହିବା, ସ୍ମରଣଶକ୍ତି କମିଯିବା, ଭୁଲିଯିବାର ସମସ୍ୟା, କମ୍ କଥା ହେବା ଏବଂ ଅଧିକାଂଶ ସମୟ ଚୁପ୍ ରହିବା, ବ୍ୟବହାରରେ ପରିବର୍ତ୍ତନ ଆସିବା, ଯେମିତି ଖୁସି ହେବା କଥାରେ ରାଗ ଆସିବା ଆଦି।







## ନିଜକୁ ଷ୍ଟ୍ରେସ୍‌ରୁ ଦୂରେଇ ରଖିବାକୁ ହେଲେ...

**ପର୍ଯ୍ୟାପ୍ତ ପରିମାଣରେ ଶୁଅନ୍ତୁ:** ଉତ୍ତମ ସ୍ୱାସ୍ଥ୍ୟ ଏବଂ ମାନସିକ ଶାନ୍ତି ପାଇଁ ଅତିକମ୍‌ରେ ୭-୮ଘଣ୍ଟା ନିହାତି ଶୋଇବା ଆବଶ୍ୟକ। ଯଦି ରାତିରେ ୭-୮ଘଣ୍ଟା ନିଦ୍ରାରେ ଶୋଉନାହାନ୍ତି ତେବେ ଆପଣ କୌଣସି କଥାକୁ ନେଇ ଷ୍ଟ୍ରେସ୍‌ରେ ଅଛନ୍ତି। କମ୍ ନିଦ୍ରା ଆପଣଙ୍କ ମୁଡ୍, ମେଣ୍ଟାଲ ହେଲ୍‌ଥ, ଏନର୍ଜି ଲେଭଲ ଏବଂ ଫିଜିକାଲ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଇଥାଏ। ଯଦି ଆପଣ ଷ୍ଟ୍ରେସ୍‌ରୁ ରକ୍ଷା ପାଇବାକୁ ଚାହାନ୍ତି ତେବେ ପର୍ଯ୍ୟାପ୍ତ ମାତ୍ରାରେ ଶୁଅନ୍ତୁ।

**ରିଲାକ୍ସିଂ ଟେକ୍‌ନିକ୍ ଶିଖନ୍ତୁ:** ନିଜ ଡେଲି ରୁଟିନ୍‌ରେ ଧ୍ୟାନ, ଯୋଗ, ପ୍ରୋଗ୍ରେସିଭ୍ ମସଲ୍ସ ରିଲାକ୍‌ସେସନ, ଏକ୍ସରସାଇଜ୍‌କୁ ଗୁରୁତ୍ୱ ଦିଅନ୍ତୁ। ନିଜର ଧ୍ୟାନ ଭଲ ଜିନିଷରେ ଦିଅନ୍ତୁ। ଯାଉସାଉ ବେକାର ଜିନିଷରେ ମନ ଆଦୌ ଦିଅନ୍ତୁ ନାହିଁ। ବେକାର ଜିନିଷରେ ମନ ନ ଦେଇ କିଛି ନୂଆ ଶିଖନ୍ତୁ, ରିଲାକ୍‌ସେସନ କରନ୍ତୁ। ନିଜ ସ୍କିଲ୍ ଉପରେ କାମ କରନ୍ତୁ। ଯେତେବେଳେ ଆପଣ ନିଜ ପସନ୍ଦର କାମ କରୁଛନ୍ତି ନିଜକୁ ଆକ୍ଟିଭ୍ ଏବଂ ମନକୁ ଶାନ୍ତ ରଖନ୍ତୁ, ଫଳରେ ଚିନ୍ତା କମ୍ ଆସିଥାଏ।

**ଡାଏଟ୍ ବଦଳାନ୍ତୁ:** ଆମର ଖାଦ୍ୟ ଖାଇବା, ପିଇବା ଏବଂ ମସ୍ତିଷ୍କର ଆପସ ମଧ୍ୟରେ ବହୁତ ଭଲ ସମ୍ବନ୍ଧ ରହିଛି। ଆମେ ଯେତେବେଳେ ଜଙ୍କ୍ ଏବଂ ପ୍ୟାକେଜ୍ ଫୁଡ୍ ଖାଇଥାଉ, ତା'ର ସିଧାସଳଖ ପ୍ରଭାବ ମସ୍ତିଷ୍କ ଉପରେ ପକାଇଥାଏ। ମସ୍ତିଷ୍କର ସକ୍ରିୟତା କମ୍ ହେବାକୁ ଲାଗିଥାଏ। ଏଥିପାଇଁ ଶରୀର ସହ ସକ୍ରିୟତା କମ୍ ଦେଖିବାକୁ ମିଳିଥାଏ। ଏଥିପାଇଁ ଶରୀର ସହ ମସ୍ତିଷ୍କକୁ ଆକ୍ଟିଭ୍ ରଖିବାକୁ ହେଲେ ଶୁଦ୍ଧ, ସନ୍ତୁଳିତ ଖାଦ୍ୟ ଖାଆନ୍ତୁ। ଡାଏଟ୍‌ରେ ସବୁଜ ପନିପରିବା, ପ୍ରତିଦିନ ସିଜନ୍ ଅନୁଯାୟୀ ଫଳ ଖାଆନ୍ତୁ। ଫଳରେ ଶାରୀରିକ ଏବଂ ମାନସିକ ସ୍ତରରେ ସୁସ୍ଥ ରହିପାରିବେ।

ଅନ୍ୟଠାରୁ ସାହାଯ୍ୟ ନେବାକୁ ଲାଜ କରନ୍ତୁ ନାହିଁ। ହୀନଭାବନା କାରଣରୁ କେତେକେ ସାହାଯ୍ୟ ନେବାକୁ କୁଣ୍ଠାବୋଧ କରିଥାନ୍ତି। ସେ କାହା ସହ ନିଜର ଭାବନାକୁ ଶେୟାର କରନ୍ତି ନାହିଁ। କିନ୍ତୁ ଯଦି କୌଣସି ସମସ୍ୟା ଅଛି ନିଜ ସାଙ୍ଗସାଥୀ, ପାର୍ଟନର ଏବଂ ପରିବାର ଲୋକଙ୍କ ସହ ଶେୟାର କରନ୍ତୁ। ଫଳରେ ଆପଣଙ୍କ ଚିନ୍ତା କିଛି ମାତ୍ରାରେ କମିଯିବ। ନିମ୍ନୋକ୍ତ କେତୋଟି ଉପାୟ ଦ୍ୱାରା ଆପଣ ନିଜକୁ ଚିନ୍ତାମୁକ୍ତ କରିପାରିବେ।

★ଦିନରେ ୧୦ମିନିଟ୍ ଏକାନ୍ତ ରୁହନ୍ତୁ ଏବଂ ବିଚାର ମନ୍ଥନ କରନ୍ତୁ। ରିଲାକ୍ସ କରୁଥିବା ଗୀତ ଶୁଣନ୍ତୁ। ଫନି ଫିଲ୍ମ ଦେଖନ୍ତୁ, ୱାକ୍, ଯୋଗ କ୍ଲାସ୍, ସାଲ୍‌ସା କ୍ଲାସ୍ ଏବଂ ଜିମ୍ ଯାନ୍ତୁ। ପସନ୍ଦର ବହି ପଢ଼ନ୍ତୁ, ଆବଶ୍ୟକସ୍ଥଳେ କାହାକୁ ସାହାଯ୍ୟ କରନ୍ତୁ, ନିଜ ଲୋକଙ୍କ ଲାଗି କିଛି ଫିଲିଂ ଲେଖି ତାଙ୍କୁ ପଠାନ୍ତୁ।
★ଡ୍ରଇଁ ଏବଂ ପେଣ୍ଟିଂ କରନ୍ତୁ, କବିତା କିମ୍ବା ଗପ ଲେଖନ୍ତୁ। ମୋବାଇଲ ସୁଇଚ୍ ଅଫ୍ କରି ଦିଅନ୍ତୁ ଏବଂ ନିଜ ପାଇଁ କିଛି ସମୟ ବାହାର କରନ୍ତୁ। ଫ୍ରେଣ୍ଡ୍ସ ଏବଂ ଫ୍ୟାମିଲି ସହ ସିନେମା ଦେଖିବାକୁ ଯାଆନ୍ତୁ।
★ନିଜ ରୁମ୍‌ରେ ଲାଉଡ୍ ମ୍ୟୁଜିକ୍‌ରେ ଚଲାଇ ଡ୍ୟାନ୍ସ କରନ୍ତୁ।
★ପାହାଡ଼, ବିଚ୍ ଆଦି ସ୍ଥାନକୁ ସାଙ୍ଗମାନଙ୍କ ସହ ବୁଲିବାକୁ ଯାଆନ୍ତୁ। ନିଜ ଲୋକଙ୍କ ସହିତ ଲଞ୍ଚରେ ଯାଆନ୍ତୁ, ତାଙ୍କ ପାଇଁ ଛୁଟିଦିନରେ ଲଞ୍ଚ ହୋଷ୍ଟ କରନ୍ତୁ।
★ଗାର୍ଡେନିଂ, ସାଇକେଲିଂ ବାଇକ୍ ରାଇଡିଂ, ସୁଇମିଂ କିମ୍ବା କୌଣସି ବି ସ୍ପୋର୍ଟ୍ସ ଖେଳନ୍ତୁ।
★ଉଇଣ୍ଡୋ ଶପିଂ କରନ୍ତୁ,ଚିହ୍ନାଜଣା ଲୋକଙ୍କୁ ଫୋନ୍‌କରି କଥାବାର୍ତ୍ତା ହୁଅନ୍ତୁ।
★ରୋଷେଇ କରନ୍ତୁ, ଅସଜଡ଼ା ହୋଇଥିବା ଆଲମିରାକୁ ସାଇଜ୍ କରି ଜିନିଷ ରଖନ୍ତୁ। କେବଳ ୧୦ ମିନିଟ୍ ଷ୍ଟ୍ରେଚିଂ କରନ୍ତୁ।
★ ଆପଣଙ୍କ ପୁରୁଣା ଆଲବମ୍ ଏବଂ ଫଟୋକୁ ଦେଖି ନିଜର ସ୍ମୃତିକୁ ସାଉଣ୍ଟନ୍ତୁ।

ସୌନ୍ଦର୍ଯ୍ୟ

**ଢିଲା ହୋଇଯାଇଥିବା ସ୍କିନ୍‌କୁ ଟାଇଟ୍ କରିବା ସହ ସ୍କିନ୍ ୟଙ୍ଗ୍ ଏବଂ ଆକର୍ଷକ ଦେଖାଯିବା ବି ଆବଶ୍ୟକ। ନଡ଼ିଆତେଲ, ବାଦାମ ତେଲ ଏବଂ ଆଲୋଭେରା ଜେଲ୍ ଭଳି ପ୍ରାକୃତିକ ଉତ୍ପାଦ ତ୍ୱଚାକୁ ମଶ୍ଚରାଇଜ୍ ଏବଂ ଟାଇଟ୍ କରିବାରେ ସାହାଯ୍ୟ କରେ। ମୁଲତାନୀ ମାଟି ଏବଂ ଗୋଲାପ ଜଳ, ଆଲୋଭେରା ଜେଲ୍ ଭଳି ପ୍ରାକୃତିକ ଉତ୍ପାଦ ତ୍ୱଚାକୁ ମଶ୍ଚରାଇଜ୍ କରିବା ସହ ଟାଇଟ୍ କରିବାରେ ମଧ ସାହାଯ୍ୟ କରିଥାଏ। ଜାଣନ୍ତୁ ଏ ସମ୍ପର୍କରେ ଟିପ୍ସ...**



# ଢିଲା ସ୍କିନ୍‌କୁ ଟାଇଟ୍ କରିବାକୁ ହେଲେ...

**ମୁଲତାନୀ ମାଟି ଏବଂ ଗୋଲାପ ଜଳର ଫେସ୍‌ପ୍ୟାକ୍**
ମୁଲତାନୀ ମାଟି ଏବଂ ଗୋଲାପ ଜଳର ଫେସ୍‌ପ୍ୟାକ୍ ତ୍ୱଚାକୁ ଟାଇଟ୍ ଏବଂ ଗ୍ଲୋଇଂ କରିବାରେ ସାହାଯ୍ୟକରେ। ମୁଲତାନୀ ମାଟି ତ୍ୱଚାର ଭିତରୁ ସଫାକରିଥାଏ ଏବଂ ଗୋଲାପ ଜଳ ତ୍ୱଚାକୁ ମଶ୍ଚରାଇଜ୍ କରିଥାଏ। ଏହି ଫେସ୍‌ପ୍ୟାକ୍ ପ୍ରସ୍ତୁତ କରିବାକୁ ହେଲେ ମୁଲତାନୀ ମାଟିରେ ଗୋଲାପ ଜଳ ମିଶାଇ ଏକ ପେଷ୍ଟ ବନାନ୍ତୁ ଏବଂ ଏହାକୁ ମୁହଁରେ ଲଗାନ୍ତୁ। ୧୫-୨୦ ମିନିଟ୍ ପରେ ଥଣ୍ଡା ପାଣିରେ ମୁହଁକୁ ଭଲଭାବେ ଧୋଇ ଦିଅନ୍ତୁ। ଏହାକୁ ନିୟମିତ ବ୍ୟବହାର କରିବା ଦ୍ୱାରା ତ୍ୱଚା ଟାଇଟ୍ ଏବଂ ଚମକଦାର ହୋଇଥାଏ।

**ଦହି ଏବଂ ମହୁ ଫେସ୍‌ପ୍ୟାକ୍**
ଦହି ଏବଂ ମହୁ ଫେସ୍‌ପ୍ୟାକ୍ ତ୍ୱଚାକୁ ଟାଇଟ୍ ଏବଂ ମଶ୍ଚରାଇଜ୍ କରିବାରେ ସାହାଯ୍ୟ କରେ। ଦହିରେ ଲାକ୍‌ଟିକ୍ ଏସିଡ୍ ରହିଛି ଯାହା ତ୍ୱଚାକୁ ଏକ୍ସଫୋଲିଏଟ୍ କରିଥାଏ। ମହୁ ତ୍ୱଚାକୁ ମଶ୍ଚରାଇଜ୍ କରିଥାଏ। ଏହି ଫେସ୍‌ପ୍ୟାକ୍‌କୁ ପ୍ରସ୍ତୁତ କରିବାକୁ ହେଲେ ଦହି ଏବଂ ମହୁକୁ ଭଲ ଭାବେ ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଲଗାନ୍ତୁ। ଏହା ଶୁଖିଗଲା ପରେ ମୁହଁକୁ ଭଲଭାବେ ଧୋଇ ଦିଅନ୍ତୁ। ଫଳରେ ଆପଣଙ୍କ ତ୍ୱଚା ସଫା ଦେଖାଯିବା ସହ ଟାଇଟ୍ ମଧ ହୋଇଥାଏ।

**ଆଳୁ ଫେସ୍‌ପ୍ୟାକ୍**
ଆଳୁର ଫେସ୍‌ପ୍ୟାକ୍ ତ୍ୱଚାକୁ ଟାଇଟ୍ କରିବାରେ ସାହାଯ୍ୟ କରିଥାଏ। ଆଳୁରେ ଆଣ୍ଟିଅକ୍ସିଡାଣ୍ଟ ରହିଛି, ଯାହା ତ୍ୱଚାକୁ ଟାଇଟ୍ ଏବଂ ଚମକଦାର କରିଥାଏ। ଏହି ଫେସ୍‌ପ୍ୟାକ୍ ପ୍ରସ୍ତୁତ କରିବାକୁ ହେଲେ ଆଳୁକୁ ଚକଟି ଚକଟି ମୁହଁରେ ଲଗାନ୍ତୁ। ୧୫ ମିନିଟ୍ ପର୍ଯ୍ୟନ୍ତ ରଖିବା ପରେ ମୁହଁକୁ ଥଣ୍ଡାପାଣିରେ ଧୋଇଦିଅନ୍ତୁ।

**ବେସନ ଏବଂ ଦହି**
ବେସନ ଏବଂ ଦହି ଫେସ୍‌ପ୍ୟାକ୍ ତ୍ୱଚାକୁ ଟାଇଟ୍ ଏବଂ ଏକ୍ସଫୋଲିଏଟ୍ କରିବାରେ ସାହାଯ୍ୟ କରିଥାଏ। ବେସନ ତ୍ୱଚାକୁ ଭିତରୁ ସଫା କରିଥାଏ ଏବଂ ଦହି ତ୍ୱଚାକୁ ମଶ୍ଚରାଇଜ୍ କରିଥାଏ। ଏହି ଫେସ୍‌ପ୍ୟାକ୍‌କୁ ପ୍ରସ୍ତୁତ କରିବାକୁ ହେଲେ ବେସନ ଏବଂ ଦହି ମିଶାଇ ପେଷ୍ଟକରି ମୁହଁରେ ଲଗାନ୍ତୁ। ଏହା ଶୁଖିଗଲା ପରେ ଥଣ୍ଡାପାଣିରେ ମୁହଁକୁ ଧୋଇଦିଅନ୍ତୁ। ଏହାକୁ ନିୟମିତ ବ୍ୟବହାର କରିବା ଦ୍ୱାରା ତ୍ୱଚା ଟାଇଟ୍ ଏବଂ ଚମକଦାର ହୋଇଥାଏ।



ଖାଦ୍ୟରୁଚି

# ସୁଜି ପଟାଟୋ ସ୍ନାକ୍ସ



**ଆବଶ୍ୟକ ସାମଗ୍ରୀ**
ଚିଲି ଫ୍ଲେକ୍ସ ୧ ଚାମଚ, ଧନିଆପତ୍ର ୨ ଚାମଚ, ସୁଜି, କର୍ନଫ୍ଲୋର, କଦୁକସ୍ ହୋଇଥିବା ଆଳୁ ୨ଟି, ଆବଶ୍ୟକ ଅନୁଯାୟୀ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ**
ପ୍ରଥମେ କଡ଼େଇରେ କିଛି ପାଣି ନେଇ ବସାନ୍ତୁ। ଏହି ପାଣିରେ ଚିଲି ଫ୍ଲେକ୍ସ ଏବଂ ଧନିଆପତ୍ର ପକାନ୍ତୁ ,ଏହାପରେ ସେଥିରେ ସୁଜି ପକାନ୍ତୁ। ସୁଜି ପକାଇ ତାକୁ ଭଲଭାବେ ଗୋଳାନ୍ତୁ। ଏହାର ପାଣି ଅଂଶ କମିଗଲା ପରେ ଥଣ୍ଡା ହେବାକୁ ଛାଡ଼ି ଦିଅନ୍ତୁ। ସୁଜି ଥଣ୍ଡା ହୋଇଗଲା ପରେ ଏଥିରେ କଦୁକସ୍ ହୋଇଥିବା ଆଳୁ ଏବଂ କର୍ନଫ୍ଲୋର ପକାଇ ଭଲଭାବେ ଚକଟି ରଖନ୍ତୁ। ଏବେ ଏହି ଚକଟାକୁ ଲମ୍ବା ଆକାରରେ ରଖି ତାକୁ ଛୁରୀ ସାହାଯ୍ୟରେ ଛୋଟ ଛୋଟ କାଟି ଦିଅନ୍ତୁ। ଏବେ ଏହାକୁ ଟିକେ ହାତରେ ଚାପି ସ୍କୋୟାର ସେପ୍ ଦେଇ ଏବଂ କଣ୍ଟା ଚାମଚ (ଫର୍କ୍ ) ପକାଇ ଏକ ସେପ୍ ଦିଅନ୍ତୁ। ବର୍ତ୍ତମାନ ଗରମ ହୋଇଥିବା ତେଲରେ ଏହାକୁ ଛାଣନ୍ତୁ। ଏବେ ଏହାକୁ ଟମାଟୋ ସସ୍‌ରେ ଲଗାଇ ଖାଆନ୍ତୁ।

# ଗାଡ଼ିଧୂଆଁ ଘରେ ପଶିବାରୁ ଛୁରି ଭୁସିଦେଲି

## ଯୁକ୍ତିତର୍କରୁ ବୃଦ୍ଧଙ୍କୁ ଛୁରାମାଡ଼ ଘଟଣା, ଜଙ୍ଗଲରୁ ଅଭିଯୁକ୍ତ ଗିରଫ

ଶେରଗଡ଼,୧୮।୮(ସୂର୍ଯ୍ୟନାରାୟଣ ଦାଶ)

ଗଞ୍ଜାମ ଜିଲା ଶେରଗଡ଼ ମେଡିକାଲ ରୋଡ୍‌ରେ ଥିବା ସାହିରେ ସାମାନ୍ୟ ଯୁକ୍ତିତର୍କକୁ ନେଇ ନୀଳାଚଳ ମିଶ୍ର(୬୦)ଙ୍କୁ ଛୁରି ଭୁସି ହତ୍ୟା ଘଟଣାରେ ଫେରାର ଅଭିଯୁକ୍ତ ରଞ୍ଜନ ପଣ୍ଡାଙ୍କୁ ସୋମବାର ଶେରଗଡ଼ ପୋଲିସ ନିକଟସ୍ଥ ଜଙ୍ଗଲରୁ ଗିରଫ କରିଛି। ପୋଲିସ ଏନେଇ ବିଏନ୍ଏସ୍ ଦଫା. ୧୦୩(୧)(ହତ୍ୟା)ରେ ଏକ ମାମଲା(ନଂ.୩୪୮/୨୫) ରୁଜୁ କରି ଅଭିଯୁକ୍ତ ରଞ୍ଜନଙ୍କୁ କୋର୍ଟ ଚାଲାଣ କରିଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଆସିକା ଜେଲ୍ ହାଜତକୁ ପଠାଯାଇଛି।

ମିଳିଥିବା ସୂଚନାନୁସାରେ, ଅଭିଯୁକ୍ତ ରଞ୍ଜନ ଏବଂ ମୃତକ ନୀଳାଚଳ ଦୁଇ ପଡ଼ୋଶୀ। ରଞ୍ଜନଙ୍କ ୨ଟି ଘର। ଗୋଟିଏ ଘରେ ସେ ଏକୁଟିଆ ରହୁଥିବାବେଳେ ଆଉ ଗୋଟିଏ ଘର ଜଣେ ମହିଳାଙ୍କୁ ଭଡ଼ା ଦେଇଛନ୍ତି। ସମ୍ପୃକ୍ତ ମହିଳା ତାଙ୍କ ସ୍କୁଟି ରଞ୍ଜନଙ୍କ ପିଣ୍ଡାରେ ରଖିଥିଲେ। ଦୀର୍ଘଦିନ ଧରି ଗାଡ଼ିଟି ସେଠାରେ ରହିବା ଯୋଗୁ ରବିବାର ଏହା ଷ୍ଟାର୍ଟ ହୋଇ ନ ଥିଲା। ପରେ ମହିଳା ଜଣକ ପଡ଼ୋଶୀ ନୀଳାଚଳଙ୍କ ପୁଅ ଆଲୋକଙ୍କୁ ଗାଡିଟି ଷ୍ଟାର୍ଟ କରିଦେବାକୁ ଡାକିଥିଲେ। ଆଲୋକ ଗାଡ଼ି ଷ୍ଟାର୍ଟ କରି କିଛି ସମୟ ରଖିଥିଲେ। ଫଳରେ ଗାଡ଼ିର ଧୂଆଁ ରଞ୍ଜନଙ୍କ ଘର ଭିତରେ ପଶିଥିଲା। ଏଥିରେ ଅସନ୍ତୋଷ ପ୍ରକାଶ କରି ରଞ୍ଜନ ପିଣ୍ଡାକୁ ଆସି ଆଲୋକଙ୍କୁ ଗାଳିଗୁଲଜ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପାଟି ଶୁଣି ଆଲୋକଙ୍କ ବାପା ନୀଳାଚଳ ଘଟଣାସ୍ଥଳକୁ ଆସିଥିଲେ। ପରେ ରଞ୍ଜନ ଓ ନୀଳାଚଳଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ରଞ୍ଜନ ଘର ଭିତରୁ ଏକ ଛୁରି ଆଣି ନୀଳାଚଳଙ୍କ ପେଟକୁ ଭୁସି ଦେଇଥିଲେ। ନୀଳାଚଳଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ପ୍ରଥମେ ଶେରଗଡ଼ ଡାକ୍ତରଖାନା ପରେ ବ୍ରହ୍ମପୁର ବଡ଼ ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ପରେ ରଞ୍ଜନ ଘର ଚାବି ପକାଇ ଫେରାର ହୋଇଯାଇଥିଲେ। ନୀଳାଚଳଙ୍କ ପରିବାର ଲୋକଙ୍କ ଏତଲାକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ସୋମବାର ରଞ୍ଜନ ତାଙ୍କ ଘର ନିକଟ ଜଙ୍ଗଲରେ ଲୁଚିଥିବା ସୂଚନା ପାଇ ପୋଲିସ ତାଙ୍କୁ ସେଠାରୁ ଗିରଫ କରିଥିଲା। ପୋଲିସ ପଚରାଉଚରା କରିବାବେଳେ ଗାଡ଼ିଧୂଆଁ ଘରେ ପଶିବାରୁ ନୀଳାଚଳଙ୍କୁ ଛୁରି ଭୁସିଦେଲେ ବୋଲି ସେ କହିଛନ୍ତି। ଉଭୟ ପରିବାର ମଧ୍ୟରେ ସବୁବେଳେ ତିକ୍ତତା ଲାଗିରହି ଏପରି ଘଟଣା ଘଟିଛି ବୋଲି ଥାନା ଅଧିକାରୀ ବରେନ୍ଦ୍ର ଶିଅଳ କହିଛନ୍ତି।


ଅଭିଯୁକ୍ତ ରଞ୍ଜନ ପଣ୍ଡାଙ୍କୁ ପୋଲିସ ନେଉଛି।

# ଭିଜିଲାନ୍ସ ଜାଲରେ ଜଳସେଚନ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀ

## ୨ ବହୁତଳ କୋଠା, ୨ ଫ୍ଲାଟ୍, ୪ ବହୁମୂଲ୍ୟ ପ୍ଲଟ୍ ଠାବ

- ନଗଦ ୧.୨୫ ଲକ୍ଷ ଜବତ, ବ୍ୟାଙ୍କ ଓ ପୋଷ୍ଟାଲ ଜମା ୫୧.୯୭ ଲକ୍ଷ
- ଘନିଷ୍ଠ ସହଯୋଗୀଙ୍କ ନାଁରେ ଥିବା ଲକରକୁ ଚଳାଉଛନ୍ତି ସୁରେନ୍ଦ୍ର


ସୁରେନ୍ଦ୍ର ବେହେରା

ଭୁବନେଶ୍ୱର,୧୮।୮(ସତ୍ୟଜିତ୍ ରାଉତ)

ଅନୁଗୋଳ ଜଳସେଚନ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀ ସୁରେନ୍ଦ୍ର ବେହେରା ଭିଜିଲାନ୍ସ ଜାଲରେ ଫସିଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ସୋମବାର ସୁରେନ୍ଦ୍ରଙ୍କ ଭୁବନେଶ୍ୱର, ସୁନ୍ଦରଗଡ, ରାଉରକେଲା, ଅନୁଗୋଳ ଓ ଗଞ୍ଜାମର ୮ଟି ସ୍ଥାନରେ ଚଢ଼ାଉ କରାଯାଇଛି। ଯାଞ୍ଚ ସ୍ଥାନ ମଧ୍ୟରେ ସୁରେନ୍ଦ୍ରଙ୍କ ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ରାମ୍‌ଖାଲି ଗ୍ରାମସ୍ଥିତ ପୈତୃକ ଘର, ଅଲଡି ଗାଁସ୍ଥିତ ଶ୍ୱଶୁର ଘର, ଅନୁଗୋଳସ୍ଥିତ ଅଫିସ ଚାମ୍ବର ଆଦି ରହିଛି। ଯାଞ୍ଚବେଳେ ତାଙ୍କ ଘରୁ ଲକ୍ଷାଧିକ ଟଙ୍କା ଜବତ କରାଯାଇଥିବାବେଳେ ବହୁମୂଲ୍ୟର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ ହୋଇଛି। ସୁନ୍ଦରଗଡ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ଏହି ଚଢ଼ାଉ ଚାଲିଛି। ଭିଜିଲାନ୍ସ ରିପୋର୍ଟ ଅନୁଯାୟୀ, ସୁରେନ୍ଦ୍ରଙ୍କ ସୁନ୍ଦରଗଡ ଟାଉନସ୍ଥିତ ୪୨୦୦ ବର୍ଗଫୁଟରେ ଏକ ଦୁଇ ମହଲା କୋଠା ଓ ରାଉରକେଲା ଗୋପବନ୍ଧୁ ନଗରସ୍ଥିତ ଏମ୍/୨୦ ଛେଣ୍ଡ୍‌ରେ ୩୫୦୦ ବର୍ଗଫୁଟରେ ଗୋଟିଏ ଦୁଇ ମହଲା କୋଠା ଠାବ ହୋଇଛି। ସେହିପରି ତାଙ୍କର ଭୁବନେଶ୍ୱର ଘାଟିକିଆସ୍ଥିତ ଆପାର୍ଟମେଣ୍ଟରେ ଗୋଟିଏ ୩ ବିଏଚ୍‌କେ ଫ୍ଲାଟ୍ ଓ ଆଉ ଏକ ୨ ବିଏଚ୍‌କେ ଫ୍ଲାଟ୍ ଥିବା ଜଣାପଡିଛି। ଏଥିସହ ସୁରେନ୍ଦ୍ରଙ୍କ ୪ଟି ବହୁମୂଲ୍ୟ ପ୍ଲଟ୍ ଠାବ ହୋଇଥିବା ବେଳେ ଏଥିମଧ୍ୟରୁ ଗଞ୍ଜାମ ପୁରୁଷୋତ୍ତମପୁରରେ ୨ଟି ଓ ସୁନ୍ଦରଗଡ ଏବଂ ରାଉରକେଲାରେ ଗୋଟିଏ ଲେଖାଏ ପ୍ଲଟ୍ ରହିଛି। ଭିଜିଲାନ୍ସ ଟେକ୍ନିକାଲ୍ ୱିଙ୍ଗ୍ ପ୍ଲଟ୍, କୋଠା ଓ ଫ୍ଲାଟଗୁଡ଼ିକର ପ୍ରକୃତ ମୂଲ୍ୟ ଜାଣିବାକୁ ପ୍ରୟାସ କରୁଛି। ସେହିପରି ସୁରେନ୍ଦ୍ରଙ୍କ ଘରୁ ନଗଦ ୧.୨୫ ଲକ୍ଷ ଟଙ୍କା ମିଳିଥିବା ବେଳେ ତାଙ୍କର ବ୍ୟାଙ୍କ ଓ ପୋଷ୍ଟାଲ ଜମା ୫୧ ଲକ୍ଷ ୯୭ ହଜାର ୩୪୦ ଟଙ୍କା ରହିଥିବା ଜଣାପଡିଛି। ଏଥିସହ ଦୁଇଟି ଦୁଇଚକିଆ ଯାନ ଓ ୧୭.୪୩ ଲକ୍ଷ ଟଙ୍କାର ଘରୋଇ ସାମଗ୍ରୀ ମଧ୍ୟ ଠାବହୋଇଛି। ତେବେ ଭୁବନେଶ୍ୱର ଘାଟିକିଆସ୍ଥିତ ଆକ୍ସିସ୍ ବ୍ୟାଙ୍କ ଶାଖାରେ ସୁରେନ୍ଦ୍ର ଏକ ଲକର୍ ଚଳାଉଥିବା ଭିଜିଲାନ୍ସ ଟିମ୍ ଜାଣିବାକୁ ପାଇଛି। ଏହି ଲକର୍‌ଟି ସୁରେନ୍ଦ୍ରଙ୍କ ଜଣେ ଘନିଷ୍ଠ ସମ୍ପର୍କୀୟଙ୍କ ନାଁରେ ଥିବା ବେଳେ ଏହାକୁ ଖୋଲାଯିବ ବୋଲି ଭିଜିଲାନ୍ସ ସୂଚନା ଦେଇଛି। ଯାଞ୍ଚ ଜାରି ରହିଥିବା ବେଳେ ସୁରେନ୍ଦ୍ରଙ୍କୁ ଭିଜିଲାନ୍ସ ଅଟକ ରଖି ପଚରାଉଚରା କରୁଛି।


ଠାବ ହୋଇଥିବା ସୁନ୍ଦରଗଡ ଟାଉନସ୍ଥିତ ଏକ କୋଠା।

# ସମୀରଙ୍କ ଜାମିନ ଆବେଦନ ପୁଣି ଖାରଜ

## ସୌମ୍ୟାଶ୍ରୀ ଆତ୍ମାହୁତି ମାମଲା

### ୩ଦିନିଆ ରିମାଣ୍ଡରେ ନେଲା କ୍ରାଇମବ୍ରାଞ୍ଚ

ବାଲେଶ୍ୱର,୧୮।୮(ବାଞ୍ଛାନିଧି ଦେ)



ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ମାମଲାରେ ଗିରଫ ହୋଇ ଜେଲରେ ଥିବା ମୁଖ୍ୟ ଅଭିଯୁକ୍ତ ଏଚ୍‌ଓଡି ସମୀର ସାହୁଙ୍କ ଜାମିନ ପୁଣି ଖାରଜ ହୋଇଛି। ବାଲେଶ୍ୱର ଜିଲା ଓ ଦୌରାଜଜ୍ ସୋମବାର ଜାମିନ ଆବେଦନର ଶୁଣାଣି କରି ଏହାକୁ ଖାରଜ କରିଛନ୍ତି। ଅପରପକ୍ଷରେ ସମୀରଙ୍କୁ ରିମାଣ୍ଡରେ ନେବା ପାଇଁ କ୍ରାଇମବ୍ରାଞ୍ଚ ସିଏଡବ୍ଲ୍ୟୁ ଆଣ୍ଡ ସିଡବ୍ଲ୍ୟୁ ଡିଏସ୍‌ପି ତଥା ମାମଲାର ତଦନ୍ତକାରୀ ଅଧିକାରୀ ଇମାନ୍ କଲ୍ୟାଣ ନାୟକ ଜିଲା ଓ ଦୌରାଜଜଙ୍କ କୋର୍ଟରେ ଆବେଦନ କରିଥିଲେ। କୋର୍ଟ ଏହି ଆବେଦନକୁ ମଞ୍ଜୁର କରିବା ସହ ସମୀରଙ୍କୁ ସୋମବାରଠାରୁ ଆସନ୍ତା ୨୦ତାରିଖ ପର୍ଯ୍ୟନ୍ତ ୩ଦିନ ରିମାଣ୍ଡରେ ନେବାକୁ ଅନୁମତି ଦେଇଛନ୍ତି। କ୍ରାଇମବ୍ରାଞ୍ଚ ଅଧିକାରୀ ଅଭିଯୁକ୍ତ ସମୀରଙ୍କୁ ରିମାଣ୍ଡରେ ନେଇ ପଚରାଉଚରା ଆରମ୍ଭ କରିଛି।

ଉଲ୍ଲେଖଯୋଗ୍ୟ, ଛାତ୍ରୀ ସୌମ୍ୟାଶ୍ରୀ ଏଚ୍‌ଓଡି ସମୀର ସାହୁଙ୍କ ଦ୍ୱାରା ନିର୍ଯାତନାର ଶିକାର ହୋଇଥିଲେ। ନ୍ୟାୟ ନ ପାଇ ଗତ ଜୁଲାଇ ୧୨ତାରିଖରେ ସେ ଆତ୍ମାହୁତି ଉଦ୍ୟମ କରିଥିଲେ। ଏଚ୍‌ଓଡି ସାହୁଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏସଡିଜେଏମ୍‌ଙ୍କ କୋର୍ଟରେ ଜାମିନ ଆବେଦନ ଖାରଜ ହେବା ପରେ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିଲା। ପରେ ସମୀରଙ୍କ ଓକିଲ ଶ୍ରୀବତ୍ସ ନାୟକ ଗତ ୧ ତାରିଖରେ ବାଲେଶ୍ୱର ଜିଲା ଓ ଦୌରାଜଜ୍‌ଙ୍କ କୋର୍ଟରେ ପୁଣି ଜାମିନ ଆବେଦନ କରିଥିଲେ। ଏହାର ଶୁଣାଣି ୧୨ ତାରିଖକୁ ରହିଥିଲା। ନିମ୍ନ କୋର୍ଟର କେସ୍ ରେକର୍ଡ ସ୍ଥାନାନ୍ତର ହୋଇ ନ ଥିବା ଓ ପୋଲିସ ସିଡି ଦାଖଲ କରି ନ ଥିବା କାରଣରୁ ଜାମିନ ଆବେଦନର ଶୁଣାଣି ହୋଇ ନ ପାରି ୧୮ ତାରିଖକୁ ଧାର୍ଯ୍ୟ ହୋଇଥିଲା।

# ଝିଅଙ୍କୁ ସାବତ ବାପାଙ୍କ ବଳାତ୍କାର ଅଭିଯୋଗ

ପାଲଲହଡ଼ା,୧୮।୮।(ଦିବ୍ୟଜ୍ୟୋତି ଦାଶ)

୧୨ ବର୍ଷୀୟା ନାବାଳିକା ଝିଅକୁ ସାବତ ବାପା ବଳାତ୍କାର କରିଥିବା ସୋମବାର ଅନୁଗୋଳ ଜିଲା ପାଲଲହଡ଼ା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଦେବଗଡ଼ ଜିଲାର ଜଣେ ମହିଳା ସୁନ୍ଦରଗଡ଼ ଜିଲା ଲହୁଣିପଡ଼ା ଥାନା ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ଦ୍ୱିତୀୟ ବିବାହ କରିଥିବାବେଳେ ପୂର୍ବରୁ ମହିଳାଙ୍କର ଗୋଟିଏ ଝିଅ ରହିଛି। ତେବେ ଦ୍ୱିତୀୟ ବିବାହ ପରେ ସମ୍ପୃକ୍ତା ନାବାଳିକାଙ୍କୁ ପାଲଲହଡ଼ା ଉପଖଣ୍ଡର ଏକ କନ୍ୟାଶ୍ରମରେ ପଢ଼ିବା ପାଇଁ ଛଡ଼ାଯାଇଥିଲା। ଗତ ୧୫ ତାରିଖରେ ସାବତ ବାପା ଉକ୍ତ କନ୍ୟାଶ୍ରମରେ ପହଞ୍ଚି ଆଈଙ୍କ ଦେହ ଖରାପ କହି ସାବତ ଝିଅକୁ ସାଙ୍ଗରେ ନେଇଯିବା ସହ ଘରେ ବଳାତ୍କାର କରିଥିଲେ। ୧୬ ତାରିଖରେ ଝିଅକୁ ଆଣି ସ୍କୁଲରେ ଛାଡ଼ି ଦେଇଥିଲେ। ତେବେ ସୋମବାର ମା' ସହ ସାବତ ବାପା କନ୍ୟାଶ୍ରମରେ ପହଞ୍ଚି ଝିଅକୁ ନେବା ପାଇଁ ଉଦ୍ୟମ କରିବା ବେଳେ ଝିଅ ସମସ୍ତ ଘଟଣା ମା'ଙ୍କୁ ଜଣାଇଥିଲେ। ଏହାପରେ ନାବାଳିକାଙ୍କ ମାମୁଁ ଘର ପକ୍ଷରୁ ପାଲଲହଡ଼ା ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ପୋଲିସ ସାବତ ବାପାଙ୍କୁ ଅଟକ ରଖି ପଚରା ଉଚୁରା କରୁଛି। ଘଟଣା ଲହୁଣିପଡ଼ା ଥାନା ଅଞ୍ଚଳରେ ଘଟିଥିବାରୁ ପାଲଲହଡ଼ା ଥାନାରେ ଶୂନ୍ୟ ଏତଲା ରୁଜୁ କରାଯାଇ ସମ୍ପୃକ୍ତ ଥାନାକୁ ଅଭିଯୁକ୍ତଙ୍କୁ ହସ୍ତାନ୍ତର କରାଯିବ ବୋଲି ପାଲଲହଡ଼ା ମହାନ୍ତ ଥାନା ଅଧିକାରୀ ପ୍ରଦୀପ କୁମାର ସୂଚନା ଦେଇଛନ୍ତି।

# ଡାକବଙ୍ଗଳା ଚୌକିଦାରଙ୍କୁ ହତ୍ୟା, ଅଭିଯୁକ୍ତ ଗିରଫ

## ହତ୍ୟାକାଣ୍ଡର କାରଣ ଅସ୍ପଷ୍ଟ



ରାଜଗାଙ୍ଗପୁର,୧୮।୮(ଅଶୋକ ପାଣି)

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ଡାକବଙ୍ଗଳାରେ କାର୍ଯ୍ୟରତ ଜଣେ ଚୌକିଦାରଙ୍କୁ ସୋମବାର ଦିନ ଦ୍ୱିପ୍ରହରରେ ଗଳାକାଟି ହତ୍ୟା କରାଯାଇଛି। ଏହି ଘଟଣାରେ ରାଜଗାଙ୍ଗପୁର ପୋଲିସ ଅଭିଯୁକ୍ତ ସୁଖରାମ ଓରାମ(୩୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କ ଘର ଝାଡ଼ଖଣ୍ଡ ଜିଲା ଲୋହରଡେଗାର ଟୋଟୋ ଗ୍ରାମରେ ବୋଲି ଜଣାପଡିଛି। ହତ୍ୟାକାଣ୍ଡରେ ବ୍ୟବହୃତ କଟୁରିକୁ ପୋଲିସ ଜବତ କରିଛି। ଏନେଇ ପୋଲିସ ଏକ ହତ୍ୟା ମାମଲା ୪୩୧/୨୫ ରୁଜୁ କରି ଘଟଣାର ତଦନ୍ତ କରୁଥିବା ଥାନାଧିକାରୀ ବିଜୟ ଦାସ ସୂଚନା ଦେଇଛନ୍ତି। ହତ୍ୟାକାଣ୍ଡର କାରଣ ଅସ୍ପଷ୍ଟ ରହିଛି।

ପୋଲିସ ସୂଚନା ଅନୁଯାୟୀ, ସୋମବାର ପୂର୍ବାହ୍ନ ୧୧ଟାରେ ବଡ଼ଗାଁ କଣ୍ଟିଆମୁରା ଗ୍ରାମର ଚୌକିଦାର ମଙ୍ଗଲୁ କିଷାନ ଡାକବଙ୍ଗଳା ପଛପଟେ ଥିବାବେଳେ ସୁଖରାମ ସେଠାରେ ପହଞ୍ଚି ଥିଲେ। ହଠାତ୍ ଏକ କଟୁରି ସାହାଯ୍ୟରେ ତାଙ୍କ ବେକ, ମୁଣ୍ଡ ଓ ହାତକୁ ଚୋଟ ମାରିଥିଲେ। ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ନାଟକୀୟ ଢଙ୍ଗରେ ସୁଖରାମ ହାତରେ କଟୁରି ଧରି ଘଟଣା ସ୍ଥଳରେ ବୁଲିଥିଲେ। ପୋଲିସ ପହଞ୍ଚି ବୁଝାଶୁଝା କରି ତାଙ୍କ ହାତରୁ କୁଟୁରି ନେଇ କାବୁ କରିଥିଲା। ପରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ରାଜଗାଙ୍ଗପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।


**OFFICE OF THE PRINCIPAL**
**SIDDHARTHA HIGHER SECONDARY SCHOOL, BINKA**
**DIST : SUBARNAPUR, PIN - 767019**
e-mail : siddharthacollegebinka@gmail.com

Letter No. 430 Date : 18.08.2025

**WALK-IN-INTERVIEW**

A walk-in-interview will be held on **Dt.26.08.2025 (Tuesday) at 11.00 AM** in the College premises for the post of **Lecturer in Physics (management Post)**. Candidates must possess a Master's degree having at least 55% marks in the concerned subject and may attend the interview with their complete Bio-Data and all testimonials (Original & Xerox copies).

The undersigned reserves the right to cancel the Walk-in-interview without assigning any reason thereof.

Sd./- Principal-cum-Secretary
Siddhartha Higher Secondary School, Binka

କାନାରା ବ୍ୟାଙ୍କ Canara Bank ସିଣ୍ଡିକେଟ Syndicate
କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ

**ସଂଶୋଧନ ପତ୍ର**

ତା.୧୨.୦୮.୨୦୨୫ରିଖ ଦୈନିକ ଖବର କାଗଜ **ଧରିତ୍ରୀ**ରେ ପ୍ରକାଶିତ ଆମ୍ଭର "ବନ୍ଧକ ସୁନା ଅଳଙ୍କାରଗୁଡିକର ଇ-ନିଲାମ ବିଜ୍ଞପ୍ତି"ରେ ଦର୍ଶିତ ଇ-ନିଲାମ ତାରିଖ "ତା.୨୭.୦୮.୨୦୨୫" ପରିବର୍ତ୍ତେ "୨୬.୦୮.୨୦୨୫" ଏବଂ ଅମାନତ ଜମା ଦାଖଲ କରିବାର ଅନ୍ତିମ ତାରିଖ ଓ ସୁନା ଅଳଙ୍କାର ଯାଞ୍ଚ କରିବାର ତାରିଖ "ତା.୨୬.୦୮.୨୦୨୫" ପରିବର୍ତ୍ତେ "୨୫.୦୮.୨୦୨୫" ପଢ଼ିବାକୁ ଅନୁରୋଧ। ଅନ୍ୟାନ୍ୟ ସମସ୍ତ ତଥ୍ୟ ଅପରିବର୍ତ୍ତିତ ରହିବ।

ତା.୧୮.୦୮.୨୦୨୫ / କ୍ଷମତାପ୍ରାପ୍ତ ଅଧିକାରୀ

**ଚକ୍ରଧରପୁର ଡିଭିଜନରେ ବିଜ୍ଞାପନ ପରିସମ୍ପତ୍ତିଗୁଡ଼ିକ ପାଇଁ ଇ-ନିଲାମ ବିଜ୍ଞପ୍ତି**

ନଂ. ସିଓଏମ୍/୧୮/ଏନ୍ଏଫ୍ଆର/ଇ-ଅକ୍ସନ୍ କାଟାଲଗ/ଅଗଷ୍ଟ/୨୫ ତାରିଖ: ୧୮।୦୮।୨୦୨୫

ରାଷ୍ଟ୍ରପତି, ଭାରତ ସଂଘଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଚକ୍ରଧରପୁର ମଣ୍ଡଳ, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର ମଣ୍ଡଳରେ ବିଜ୍ଞାପନ ପରିସମ୍ପତ୍ତି ବର୍ଗଗୁଡ଼ିକ ଲାଗି ଇ-ନିଲାମ ଆହ୍ୱାନ କରୁଛନ୍ତି। ଏ ବାବଦୀୟ ଇ-ନିଲାମ ବିଜ୍ଞପ୍ତିର ଚିଠା ସଂଲଗ୍ନ କରାଯାଇଛି। ଇ-ନିଲାମର ବିବରଣୀ ନିମ୍ନ ଅନୁଯାୟୀ ଅଟେ: ● **କ୍ର.ସଂ.: ୧; ବର୍ଗ:** ବିଜ୍ଞାପନ; **କାଟାଲଗ୍ ନଂ.:** ଏଡିଭିଟି-ସିକେପି-ଏୟୁଜି-୨୫; **ନିଲାମ ତାରିଖ: ୨୫।୦୮।୨୦୨୫; ନିଲାମ ଆରମ୍ଭ ସମୟ: ୧୨.୦୦ ଘଟିକା; ନିଲାମ ବନ୍ଦ ହେବା ସମୟ: ୧୩.୦୦ ଘଟିକା।** ଆଗ୍ରହୀ ପକ୍ଷମାନେ ଏଥିପ୍ରତି ଧ୍ୟାନଦେବା ଏବଂ ସାଇଟ୍‌ର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ସୂଚନା ପାଇଁ ଉପରଦର୍ଶିତ ୱେବ୍‌ସାଇଟ୍ ପରିଦର୍ଶନ କରିବା ଆବଶ୍ୟକ। କୌଣସି ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। ଏ ବାବଦୀୟ ଇ-ନିଲାମ ବିଜ୍ଞପ୍ତିର ଚିଠା ସଂଲଗ୍ନ କରାଯାଇଛି। ଯାହା https:/www.ireps.gov.in/websiteରେ ଅଧିସୂଚିତ ହୋଇଛି।

(PR-533) ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ/ଚକ୍ରଧରପୁର

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହ ଆମେ ସେବାରତ

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST/OT/AMC/VEHICLE/KUR/489, ତା.11.08.2025ରିଖ

**କାର୍ଯ୍ୟର ନାମ :** 33 ମାସ ଅବଧି ନିମନ୍ତେ ସିଗ୍ନାଲିଙ୍ଗ୍ ଏବଂ ଦୂରସଂଚାର ପରିସମ୍ପତ୍ତି (Assets)ଗୁଡ଼ିକର ରକ୍ଷଣାବେକ୍ଷଣ, ବ୍ରେକ୍‌ଡାଉନ୍ ସ୍ଥଳରେ ଉପସ୍ଥିତ (Attending Breakdown) ହେବା ଏବଂ ଯାତ୍ରା ସମୟରେ ଅଟକ (En-route Detention)କୁ ଦୂର କରିବା ନିମନ୍ତେ ସିନିୟର ସେକ୍ସନ ଇଂଜିନିୟର (ଦୂରସଂଚାର) / ନିୟନ୍ତ୍ରଣ / ଖୋର୍ଦ୍ଧା ରୋଡ଼, ସିନିୟର ସେକ୍ସନ ଇଂଜିନିୟର (ସଙ୍କେତ) / ଦକ୍ଷିଣ / ଖୋର୍ଦ୍ଧା ରୋଡ଼, ସିନିୟର ସେକ୍ସନ ଇଂଜିନିୟର (ସଙ୍କେତ) / ପୁରୀର ପ୍ରଭାରୀଙ୍କ ଅଧିନରେ ସିଗ୍ନାଲିଙ୍ଗ୍ ଏବଂ ଦୂରସଂଚାର କର୍ମଚାରୀ ତଥା ସାମଗ୍ରୀଗୁଡ଼ିକର ପରିବହନ ନିମନ୍ତେ ଦିନରାତି ଚାଳକ ସହିତ TATA 207-DI କିମ୍ବା ଅନୁରୂପ ତିନି ଗୋଟି ବହୁ ଉପଯୋଗିତା ବିଶିଷ୍ଟ ସଡ଼କ ଗାଡ଼ି ଭଡ଼ା ସୂତ୍ରରେ ନେବା।

**ଟେଣ୍ଡର ମୂଲ୍ୟ :** ₹ 58,41,000.00, **EMD :** ₹ 1,16,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 5,900/-

ବିଡ୍ ଆରମ୍ଭ ହେବା ତାରିଖ : ତା.19.08.2025ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.02.09.2025ରିଖ 1100 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ଼
PR-486/Q/25-26

**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/25-26/E-Tender/57, ତା.11.08.2025ରିଖ

(1) ଟେଣ୍ଡର ସଂ. e-tenderNorthKUR-205-2025, ତା.08.08.2025ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର (P.Way)/କେନ୍ଦୁଝରଗଡ଼ ଅଧୀନସ୍ଥ ସୀତାବିଞ୍ଜି-ଜରୋଲି ସେକ୍ସନରେ କି.ମି. 16.298 ଠାରୁ 90.350 ପର୍ଯ୍ୟନ୍ତ 30/9/2026 ପର୍ଯ୍ୟନ୍ତ ସମୟାବଧି ନିମନ୍ତେ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 153.06 ଲକ୍ଷ, **EMD :** ₹ 2,26,500/-

(2) ଟେଣ୍ଡର ସଂ. e-TenderNorthKUR-203-2025, ତା.08.08.2025ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର (P.Way)/ଯାଜପୁର-କେନ୍ଦୁଝର ରୋଡ଼ ଅଧୀନସ୍ଥ ଯାଜପୁର କେନ୍ଦୁଝର ରୋଡ଼-ଜେନାପୁର ଷ୍ଟେସନ ମଧ୍ୟରେ କି.ମି. 334.74 ଠାରୁ 353.80 ପର୍ଯ୍ୟନ୍ତ ଏବଂ J-D ଲାଇନରେ କି.ମି. 180.00 ଠାରୁ 147.00 ପର୍ଯ୍ୟନ୍ତ 30/9/2026 ପର୍ଯ୍ୟନ୍ତ ସମୟାବଧି ନିମନ୍ତେ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 169.95 ଲକ୍ଷ, **EMD :** ₹ 2,35,000/-

(3) ଟେଣ୍ଡର ସଂ. e-TenderNorthKUR-202-2025, ତା.08.08.2025ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର (P.Way)/ଭଦ୍ରକ ଅଧୀନସ୍ଥ ଭଦ୍ରକ-ଯାଜପୁର କେନ୍ଦୁଝର ରୋଡ଼ ଷ୍ଟେସନ ମଧ୍ୟରେ କି.ମି. 287.47 ଠାରୁ 334.74 ପର୍ଯ୍ୟନ୍ତ 30/9/2026 ପର୍ଯ୍ୟନ୍ତ ସମୟାବଧି ନିମନ୍ତେ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 190.51 ଲକ୍ଷ, **EMD :** ₹ 2,45,300/-

(4) ଟେଣ୍ଡର ସଂ. e-TenderNorthKUR-204-2025, ତା.08.08.2025ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର (P.Way)/ହରିଚନ୍ଦନପୁର ଅଧୀନସ୍ଥ ସୀତାବିଞ୍ଜି-ଟମକା ସେକ୍ସନରେ କି.ମି. 90.350 ଠାରୁ 151.200 ପର୍ଯ୍ୟନ୍ତ 30/9/2026 ପର୍ଯ୍ୟନ୍ତ ସମୟାବଧି ନିମନ୍ତେ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 122.78 ଲକ୍ଷ, **EMD :** ₹ 2,11,400/-

(5) ଟେଣ୍ଡର ସଂ. eTender-hq-kur-201-2025, ତା.07.08.2025ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ଠାରେ ଗୋଟିଏ ନୂଆ ସମନ୍ୱିତ (Combined) କ୍ରିଉ ଲବିର ନିର୍ମାଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 347.68 ଲକ୍ଷ, **EMD :** ₹ 3,23,900/-

ଶେଷ ହେବା ଅବଧି : 12 (ବାର) ମାସ (ସମସ୍ତ କ୍ରମ ସଂ. ନିମନ୍ତେ)।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.29.08.2025ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼
PR-484/Q/25-26

**FAKIR MOHAN UNIVERSITY**
Vyasa Vihar, Balasore, Odisha-756089
Website : www.fmuniversity.nic.in

No.FMU/OHEPEE/CoE/01/2025/6287 Date : 18.08.2025

**Advertisement for the Post of Research Associate (01)**

Applications are invited in the prescribed format from eligible candidates for **one number of Research Associate** under project mode for the Centre of Excellence for **"Bioresource Management and Energy Conservation Material Development"** of FM University under Odisha State Higher Education Council, BBSR. The application completed in all respect with necessary documents should reach to the **Registrar, FM University, Vyasa Vihar, Balasore-756089** on or before **01.09.2025 (5.00 PM)**. For details please visit the University website www.fmuniversity.nic.in.

Sd./- (Registrar)

**Corrigendum Notice**
**OFFICE OF THE DG & IG OF POLICE, DHURWA, RANCHI-834004**

With reference to advertisement ID- 348095 under PR No. - 358730 / (Police) 2025-26 regarding **Poly Carbonate Lathi – 450 Nos.** Tender No – 11 / 2025-26 by Police Headquarters following modification have been made:-

1. The last date for submission of Tender Document is amended as 25.08.2025 by 16:00 hrs.
2. Opening of the tender paper is amended as 29.08.2025 by 12:00 hrs.
3. Other terms and conditions remain unchanged.

PR 359766 Police (25-26)_D — I.G. of Police (Provision), Jharkhand, Ranchi.

**BIRMAHARAJPUR COLLEGE, BIRMAHARAJPUR**
**DIST. : SUBARNAPUR**
**QUOTATION CALL NOTICE**

Notice No. : 104 Date : 18.08.2025

Sealed tender/quotations are invited from intending registered manufacturers/Firms/Suppliers having PAN/GST registration with IT clearance for supply of Desktop, UPS, MFM Printer, LED TV (65 inch), Wireless Mice & Camera with MIC for virtual meeting and internet facilities through Regd. Post/Speed Post or by hand to the office on or before 26.8.2025 by 5 P.M. The suppliers are required to be in readiness to supply the materials within a short notice. The undersigned reserves the right to cancel part or whole of the tender/quotations without assigning any reason thereof.
For detailed list and specification of the items and conditions visit our website www.bmpurcollege.ac.in

Sd./- Principal-cum-Secretary
Birmaharajpur College, Dist-Subarnapur

**TP SOUTHERN ODISHA DISTRIBUTION LIMITED** TPSODL
(Procurement Department)
BPR North Star Building,
2nd Floor, Khodasingi, Berhampur, Odisha-760010

NOTICE INVITING TENDER Dt.: 18.08.2025

TP Southern Odisha Distribution Ltd. invites tender from eligible vendors for following:

| Sl. No. | Tender Description | NIT Number | EMD (Rs.) | Tender Fee inclusive of GST (Rs.) | Last date and time of Payment of Tender Fee |
|---|---|---|---|---|---|
| 1 | Rate Contract for Supply & Installation of Air Conditioner and their accessories across PAN TPSODL locations. | TPSODL/OT/2025-26/2500001043 | 50,000/- | 5,000 | 29.08.2025; 18:00 Hrs. |

For detailed tender, please visit Tender Section on TPSODL website https://www.tpsouthernodisha.com

**National Dairy Development Board**
PB No. 40, Anand, Gujarat - 388001, Tel: 02692-260 148/149/160 Fax: 02692-260 159
Website : http://www.nddb.coop, Email : purchase@nddb.coop
INVITATION FOR BIDS (IFB)/LOCAL COMPETITIVE BIDDING (LCB)

Bids are invited on behalf of Service Recipients/NDDB from eligible bidders for the works listed below:

| Sl. No. | Description of works/ Bid Reference | Estd. Cost (₹) incl GST/Duration | Event Start/ Close Date | Bid submission/ opening date & time |
|---|---|---|---|---|
| A | Civil, Structural, Water Supply, Sanitary & Other Misc. works including Internal Electrification works for: | | | |
| I | Renovation, Repairs and Civil & Electrical Works at NDDB Office and Quarters, Salt Lake, Kolkata, West Bengal NDDB/HO/Purchase/45/25-26/ET/45 [CIVIL-KOLKATA] | 700 Lakh/ 11 Months | 22.08.25 12.09.25 | 12.09.25 15:00 hrs. 12.09.25 15:30 hrs. |
| B | Design, Supply, Installation, Testing and Commissioning of the following: | | | |
| I | 11/0.433 KV sub-station at OBPI-Berhampur, Odisha NDDB/HO/Purchase/46/25-26/ET/46 [SUBSTATION-OBPI] | 167 Lakh/ 06 Months | 19.08.25 09.09.25 | 09.09.25 15:00 hrs. 09.09.25 15:30 hrs. |
| II | 1 No. X 2 TPH HSD fired boiler with accessories at OBPI-Berhampur, Odisha NDDB/HO/Purchase/47/25-26/ET/47 [BOILER-OBPI] | 148 Lakh/ 06 Months | 20.08.25 10.09.25 | 10.09.25 15:00 hrs. 10.09.25 15:30 hrs. |
| III | Milking Parlour, TMR, Headlock & allied Dairy Farm Equipment at CoE-BBBRC, Bhildi, Banaskantha, Gujarat NDDB/HO/Purchase/48/25-26/ET/48 [MILKING-BANAS] | 900 Lakh/ 05 Months | 20.08.25 10.09.25 | 10.09.25 15:00 hrs. 10.09.25 15:30 hrs. |
| IV | Landscaping Works at CoE-BBBRC, Bhildi, Banaskantha, Gujarat NDDB/HO/Purchase/49/25-26/ET/49 [LANDSCAPE-BANAS] | 200 Lakh/ 04 Months | 21.08.25 11.09.25 | 11.09.25 15:00 hrs. 11.09.25 15:30 hrs. |
| V | Modular Partitions and Allied MEP works for Main QC lab at Mohali Dairy, Punjab NDDB/HO/Purchase/50/25-26/ET/50 [LAB-MOHALI] | 180 Lakh/ 04 Months | 22.08.25 12.09.25 | 12.09.25 15:00 hrs. 12.09.25 15:30 hrs. |

For further details pertaining to IFB and for downloading the bid document, please visit these websites: www.nddb.coop and www.mstcecommerce.com/eprocn. For any clarification please contact **Group Head (Purchase), NDDB, Anand-388001.**
**NB: Any corrigendum/modification etc. will be posted only on these websites.**

**TPWODL**
**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

**T.No.TPWODL/SD/O/SITC/2500001048 Date. 19.08.2025**

TP Western Odisha Distribution Limited, invites tender quotations (in 2part bidding) from eligible vendors for the following package :

**Rate Contract for Supply & Installation of Office Furniture under Various Circles of TPWODL.**

Interested bidders are to submit Tender Participation Fee and Authorization Letter through email on or before **28th August 2025, 15:00Hrs,** after which the link from e-Tender system shall be shared with them.

For detailed tender documents of the above-mentioned tender, please visit Tender section of **www.tpwesternodisha.com.** All details for participating in the tender is given in the tender document.

All future correspondence regarding the tender, bid submission, date extension etc. will take place with the participating bidders only through E-Tender system.

Sd/- **Head-Contracts & Procurement**

**JHARIA REHABILITATION AND DEVELOPMENT AUTHORITY, DHANBAD**

**e-Procurement Notice**

**Tender Reference No: JRDA/CIVIL/25-26/10/514**
**Date: 24.07.2025**

| | | |
|---|---|---|
| 1. | Name of Work | Strengthening of road and Laying Pavers Blocks at Phase 1 at Belgoria, Dhanbad |
| 2. | Estimated Cost | Rs. 3,32,55,276.00 |
| 3. | EMD | Rs. 3,32,600.00 |
| 4. | Tender Document Cost | Rs. 10,000.00 |
| 5. | Time of Completion | 04 months |
| 6. | Date/Time from which bid is available for online bidding | 14.08.2025 at 03:00 PM |
| 7. | Last Date/Time for on-line submission of bids | 06.09.2025 at 5:00 PM |
| 8. | Date and Time of Bid Opening | 08.09.2025 at 11:30 AM |
| 9. | Name and Address of Officer inviting tender | Head of Department (Civil), JRDA, Dhanbad Hatia More,Golf Ground Road, Hirapur, Dhanbad -826001 Jharkhand, India Email: infojrda.dhn@gmail.com |

Note : 1. Only e-tenders will be accepted.
2. Further details can be seen on website – https://jharkhand tenders.gov.in

PR 359711 Rural Development(25-26).D — Head of Department (Civil), JRDA, Dhanbad

## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଉତ୍ପାଦନ-ବିକ୍ରୟ ବୃଦ୍ଧି ଉପରେ ଗୁରୁତ୍ୱାରୋପ

## ଓଏମ୍‌ସି ଏମ୍‌ଡିଙ୍କ ଦ୍ୱାରା କ୍ରୋମ୍ ଜୋନ୍ ଖଣି ଅଞ୍ଚଳ ପରିଦର୍ଶନ ଏବଂ ସମୀକ୍ଷା

ଭୁବନେଶ୍ୱର,୧୮।୮ (ଅଭୟ ଦାଶ)

ଓଡ଼ିଶା ଖଣି ନିଗମ(ଓଏମ୍‌ସି)ର ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ସୁଧାଂଶୁ ମୋହନ ସାମଲ ସୋମବାର ଯାଜପୁର ଜିଲାସ୍ଥିତ ସୁକିନ୍ଦା ଅଞ୍ଚଳରେ ଥିବା ଓଏମ୍‌ସିର କ୍ରୋମ୍ ଖଣି ଅଞ୍ଚଳ ପରିଦର୍ଶନ କରିବା ସହିତ ଖଣି କ୍ଷେତ୍ରର ବ୍ୟାପକ ସମୀକ୍ଷା କରିଛନ୍ତି। ଏହି ଅବସରରେ ସାମଲ ଓଏମ୍‌ସିର ସାଉଥ୍ କାଳିଆପାଣି ଖଣି ପରିଦର୍ଶନ କରିବା ସହ ଏହାର ପ୍ରମୁଖ କାର୍ଯ୍ୟକ୍ଷମ ସ୍ଥାନଗୁଡ଼ିକ ଯଥା ଏଫ୍ଲୁଏଣ୍ଟ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ(ଇଟିପି), କ୍ୱାରି ଡି ଆଣ୍ଡ ଏଫ୍, ଷ୍ଟକ୍‌ୟାର୍ଡ, କ୍ରୋମ୍ ଓର୍ ବେନିଫିସିଏଶନ୍ ପ୍ଲାଣ୍ଟ (ସିଓବିପି) ଏବଂ କାରଖାନାର ବର୍ଜ୍ୟବସ୍ତୁ ସଂଗ୍ରାହକ ଭାବେ ବ୍ୟବହୃତ ଟେିଲିଙ୍ଗ୍ ପୋଖରୀ, ସୁକରଙ୍ଗି ଖଣି ଅଞ୍ଚଳ ଏବଂ କାଳିଆପାଣି ଖଣି ପରିସରକୁ ପରିଦର୍ଶନ କରିଥିଲେ।



ଏଥିସହିତ ବିକ୍ରୟ ଏବଂ ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିବା ପାଇଁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ଓଏମ୍‌ସିରୁ ଉତ୍ପନ୍ନ ହେଉଥିବା ଖଣିଜ ପଦାର୍ଥଗୁଡ଼ିକ କିଭଳି ନିଜର ଠିକ୍ ଗୁଣବତ୍ତାକୁ ବଜାୟ ରଖିବ ତାହା ଉପରେ ମଧ୍ୟ ସାମଲ ଗୁରୁତ୍ୱାରୋପ କରିଥିଲେ। ଏଥିସହ ବିକ୍ରୟ ବ୍ୟବସ୍ଥାକୁ ସୁପରିଚାଳିତ ଓ ସ୍ୱଚ୍ଛ କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା ଦିଗରେ ମଧ୍ୟ କାର୍ଯ୍ୟ କରିବା ପାଇଁ ସେ ଉପସ୍ଥିତ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ସେହିପରି କାର୍ଯ୍ୟାନ୍ୱୟନରେ ନିଜସ୍ୱ ନେତୃତ୍ୱ ନେବା ଏବଂ ବ୍ୟବସାୟିକ ଲକ୍ଷ୍ୟ ହାସଲ କରିବା ପାଇଁ ମିଳିତ ଭାବେ କାମ କରିବାକୁ ମଧ୍ୟ ସେ ପରାମର୍ଶ ଦେଇଥିଲେ। ଏପରିକି ଓଏମ୍‌ସିର ବ୍ୟବସାୟିକ କାର୍ଯ୍ୟକ୍ଷମ ଉତ୍କର୍ଷତା ସୁନିଶ୍ଚିତ କରିବା ପାଇଁ ସମସ୍ତ ବୈଧାନିକ ଅନୁପାଳନ ଏବଂ ଆଇନଗତ କାର୍ଯ୍ୟକୁ ଗୁରୁତ୍ୱର ସହକାରେ ପାଳନ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ଅପରପକ୍ଷେ ସାମଲ ଓଏମ୍‌ସିର ଫେରୋ-କ୍ରୋମ୍ ପ୍ଲାଣ୍ଟର କାର୍ଯ୍ୟ ସମୀକ୍ଷା କରିବା ସହିତ ଏହାର ବ୍ୟବସାୟକୁ ବୃଦ୍ଧି କରିବା ନିମନ୍ତେ ଠିକ୍ ପଦକ୍ଷେପ ଗ୍ରହଣ କରିବାକୁ ମଧ୍ୟ ପରାମର୍ଶ ଦେଇଥିଲେ। ବିଶେଷକରି ସୌରଶକ୍ତି ଭଳି ନବୀକରଣୀୟ ଶକ୍ତିକୁ ବହୁଳ ବ୍ୟବହାର ଏବଂ ସ୍ଥାନୀୟ ଖଣି ଅଞ୍ଚଳର ପରିବେଶଗତ ସନ୍ତୁଳନକୁ ସୁଦୃଢ଼ କରିବା ପାଇଁ ବୃକ୍ଷରୋପଣ ଅଭିଯାନ ଉପରେ ମଧ୍ୟ ଗୁରୁତ୍ୱାରୋପ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଏହି ଗସ୍ତ ଅବସରରେ ଓଏମ୍‌ସିର ନିର୍ଦ୍ଦେଶକ(ଅପରେଶନ) ସବ୍ୟସାଚୀ ମହାନ୍ତି, ନିର୍ଦ୍ଦେଶକ(ମାନବ ସମ୍ବଳ) ଆଲୋକ କୁମାର ପାଳ ଏବଂ ନିର୍ଦ୍ଦେଶକ(ଅର୍ଥ) ବନ ବିହାରୀ ପାଣିଙ୍କ ସମେତ ଖଣି ଅଞ୍ଚଳର ବହୁ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ପତଞ୍ଜଳିକୁ ଏଇଓ ଟାୟାର-୨ ପ୍ରମାଣପତ୍ର



ଭୁବନେଶ୍ୱର,୧୮।୮(ଅନୁରାଧା ମହାରଣା)

ପତଞ୍ଜଳି ଫୁଡ୍ସ ଲିମିଟେଡ୍ ବ୍ୟବସାୟିକ କ୍ଷେତ୍ରରେ ନୂଆ ଅଧ୍ୟାୟ ସୃଷ୍ଟି କରିଛି। ବିଶ୍ୱ କଷ୍ଟମ୍ସ ଅର୍ଗାନାଇଜେଶନ(ଡବ୍ଲୁସିଓ) ଏବଂ ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟର ଭାରତୀୟ କଷ୍ଟମ୍ସ ବିଭାଗ ପତଞ୍ଜଳିକୁ ସ୍ୱୀକୃତିପ୍ରାପ୍ତ ଅର୍ଥନୈତିକ(ଏଇଓ) ଟାୟାର-୨ ପ୍ରମାଣପତ୍ର ପ୍ରଦାନ କରିଛି। ଏହି ପ୍ରମାଣପତ୍ର ବୈଶ୍ୱିକ ବ୍ୟବସାୟରେ ସଚ୍ଚୋଟତା, ପାରଦର୍ଶିତା ଏବଂ ଯୋଗାଣ ସୁରକ୍ଷାର ଉଚ୍ଚତମ ମାନଦଣ୍ଡର ପ୍ରତୀକ। ଭାରତର ଶୀର୍ଷସ୍ଥାନରେ ଥିବା କମ୍ପାନୀଗୁଡ଼ିକ ମଧ୍ୟରେ କେବଳ ମୁଷ୍ଟିମେୟ କମ୍ପାନୀ ଏହି ମାନ୍ୟତା ହାସଲ କରିଛନ୍ତି, ଏବଂ ଏଫ୍‌ଏମ୍‌ସିଜି କ୍ଷେତ୍ରରେ ଏହା ଏକ ବିରଳ ସମ୍ମାନ। ଏହି ପ୍ରମାଣପତ୍ର ପତଞ୍ଜଳିକୁ ଡ୍ୟୁଟି ଡିଫର୍ଡ ପେମେଣ୍ଟ, ବ୍ୟାଙ୍କ ଗ୍ୟାରେଣ୍ଟି ଛାଡ଼, ଡାଇରେକ୍ଟ ପୋର୍ଟ ଡେଲିଭରି(ଡିପିଡି), ୨୪x୭ କ୍ଲିୟରାନ୍ସ ସୁବିଧା ସମେତ ୨୮ରୁ ଅଧିକ ଅନ୍ତର୍ଜାତୀୟ ବ୍ୟବସାୟିକ ଲାଭ ପ୍ରଦାନ କରିବ। ଏହି ଅବସରରେ ଯୋଗଗୁରୁ ରାମଦେବ କହିଛନ୍ତି, ପତଞ୍ଜଳି ବିଶ୍ୱସନୀୟତା, ପ୍ରାମାଣିକତା, ଗୁଣବତ୍ତା ଏବଂ ପ୍ରତିଯୋଗିତା କ୍ଷେତ୍ରରେ ପ୍ରତିଦିନ ନୂଆ ଇତିହାସ ରଚୁଛି। ଏହି ପ୍ରମାଣପତ୍ର ଆମର ରାଷ୍ଟ୍ର ନିର୍ମାଣର ସଂକଳ୍ପକୁ ଆହୁରି ମଜଭୁତ କରୁଛି। ଏହା ଆମର ତପସ୍ୟା, ଗୁଣବତ୍ତା ଓ ସଚ୍ଚୋଟତାର ପରିଚୟ। ଆମେ ପ୍ରତିଜ୍ଞା କରୁଛୁ ଯେ 'ସ୍ୱଦେଶୀରୁ ସ୍ୱାଭିମାନ'ର ଏହି ପଥରେ ଆହୁରି ଦ୍ରୁତଗତିରେ ଆଗେଇ ଚାଲିବୁ ଏବଂ 'ମେକ୍ ଇନ୍ ଇଣ୍ଡିଆ'କୁ ବୈଶ୍ୱିକ ଶୀର୍ଷସ୍ଥାନରେ ପହଞ୍ଚାଇବୁ। ଅନ୍ୟପଟେ ଆଚାର୍ଯ୍ୟ ବାଲକୃଷ୍ଣ କହିଛନ୍ତି, ଏହି ସମ୍ମାନ ଭାରତୀୟ ସଂସ୍କୃତି, ଆୟୁର୍ବେଦ ଓ ସ୍ୱଦେଶୀ ଉତ୍ପାଦଗୁଡ଼ିକୁ ବିଶ୍ୱର ପ୍ରତ୍ୟେକ କୋଣରେ ପହଞ୍ଚାଇବାରେ ସହାୟକ ହେବ। ଆମେ ସଂକଳ୍ପ ନେଉଛୁ ଯେ ପତଞ୍ଜଳିକୁ ବିଶ୍ୱର ଶୀର୍ଷ ଏଫ୍‌ଏମ୍‌ସିଜି ବ୍ରାଣ୍ଡ ମଧ୍ୟରେ ପ୍ରତିଷ୍ଠା କରିବୁ ଏବଂ ଭାରତର ରପ୍ତାନିକୁ ଶିଖରରେ ପହଞ୍ଚାଇବୁ।

# କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨୨ତମ ପ୍ରତିଷ୍ଠା ଦିବସ




ପ୍ରତିଷ୍ଠା ଦିବସ ଅବସରରେ ଅତିଥିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୧୮।୮

କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (କେଏଚ୍‌ଏସ୍‌ଏସ୍)ର ୨୨ତମ ପ୍ରତିଷ୍ଠା ଦିବସ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କଲେଜ ଅଧ୍ୟକ୍ଷ ପ୍ରଫେସର ଉଦୟ ଶଙ୍କର ଆଚାର୍ଯ୍ୟ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବାବେଳେ ଅତିଥି ସ୍ୱାମୀ ସଦାନନ୍ଦ ସରସ୍ୱତୀ ନିଜ ଅଭିଭାଷଣ କ୍ରମରେ ଯୁବପିଢିଙ୍କ ଚାରିତ୍ରିକ ସ୍ଖଳନକୁ ରୋକିବା ନିମନ୍ତେ ପରାମର୍ଶ ପ୍ରଦାନ କରିବା ସହ ଯଦି ଉପରକୁ ଯାଇ ତଳକୁ ନ ଖସିବାକୁ ଚାହୁଁଛ, ତେବେ ପ୍ରଥମେ ନିଜର ଅହଙ୍କାରକୁ ପରିତ୍ୟାଗ କର ବୋଲି ପରାମର୍ଶ ଦେଇଥିଲେ। ପଦ୍ମଶ୍ରୀ ଡ. ଅଶୋକ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ନେଇ ନିଜସ୍ୱ ସେବାର ଅଭିଜ୍ଞତା ବଖାଣିବା ସହ ସ୍ୱାସ୍ଥ୍ୟ ସହ ଆଧ୍ୟାତ୍ମିକତା ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। ଏହି ଅବସରରେ ଅନୁଷ୍ଠାନର ପ୍ରତିଷ୍ଠାତା ତଥା କିଟ୍‌ର ପ୍ରତିଷ୍ଠାତା ସଦସ୍ୟ ଡ. ଚିତ୍ତରଞ୍ଜନ ମିଶ୍ର ନିଜ ବକ୍ତବ୍ୟରେ ଛାତ୍ରୀଛାତ୍ରମାନଙ୍କ କାର୍ଯ୍ୟକଳାପ, ଶୀତତାପ ନିୟନ୍ତ୍ରିତ ଶ୍ରେଣୀଗୃହ ଏବଂ ଅଭିଜ୍ଞ ଅଧ୍ୟାପନା ମଣ୍ଡଳୀଙ୍କ ମାର୍ଗଦର୍ଶନକୁ ପାଥେୟକରି ଲକ୍ଷ୍ୟପଥରେ ଆଗେଇଯିବାର ସ୍ୱପ୍ନ ଦେଖିବାକୁ ଆହ୍ୱାନ ଦେଇଥିଲେ। ଶେଷରେ ଉପାଧ୍ୟକ୍ଷ ଡ. ରୁଦ୍ର ମୋହନ ନନ୍ଦ ଧନ୍ୟବାଦ ପ୍ରଦାନ କରିବା ସହ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ 'ଆପ୍ ଆଏ ବାହାର ଆଏ' କାର୍ଯ୍ୟକ୍ରମ ପରିବେଷଣ ପରେ ସଭା ସାଙ୍ଗ ହୋଇଥିଲା।

# ବିର୍ଲା ଓପସର ନୂତନ ଅଭିଯାନ

ଭୁବନେଶ୍ୱର,୧୮।୮

ବିର୍ଲା ଓପସ ପେଣ୍ଟ୍ସର ନୂତନ ଅଭିଯାନ(କ୍ୟାମ୍ପେନ୍) 'ବିର୍‌ଲା ଓପସ ଆସ୍ୟୁରାନ୍ସ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ବ୍ରାଣ୍ଡର ଏହି ନୂଆ ଟେଲିଭିଜନ କମର୍ସିଆଲ(ଟିଭିସି) ଏକ ନିୟୋଜିତ ଶୈଳୀରେ ସ୍ୱତନ୍ତ୍ର 'ବିର୍ଲା ଓପସ ଆସ୍ୟୁରାନ୍ସ' ପ୍ରସ୍ତାବକୁ ଆଲୋକପାତ କରିଛି, ଯେଉଁଠାରେ ବିର୍ଲା ଓପସ ପେଣ୍ଟ୍ସ ସମ୍ପୂର୍ଣ୍ଣ ମାଗଣାରେ ପୁନର୍ବାର ପେଣ୍ଟିଂ କରିବାର ପ୍ରତିଶ୍ରୁତି ଦେଉଛି। ଏହାର ୧ ବର୍ଷର ରି-ପେଂଟିଙ୍ଗ୍ ୱାରେଣ୍ଟିକୁ ସମସ୍ତ ପ୍ରକାରର ସମ୍ଭାବ୍ୟ ଜଳବାୟୁ ସ୍ଥିତିକୁ କଭର କରିବା ପାଇଁ ଚିନ୍ତାଶୀଳ ଭାବେ ଡିଜାଇନ କରାଯାଇଛି। ସେହିଭଳି କମ୍ପାନୀର ଏହି ବିଜ୍ଞାପନ କ୍ୟାମ୍ପେନ୍‌ରେ ବ୍ରାଣ୍ଡ ଆମ୍ବାସାଡର ବିକି କୌଶଲ ଓ ରଶ୍ମିକା ମନ୍ଦାନା ଅଭିନୟ କରିଛନ୍ତି। ଏହି ଟିଭିସି କ୍ୟାମ୍ପେନ୍‌ରେ ରଣବୀର ସୋରେ, ମୁରଲୀ ଶର୍ମା, ସୀମା ପାୱା ଓ ଜାବେଦ ଜାଫ୍‌ରିଙ୍କ ଭଳି ପ୍ରତିଭାବାନ୍ କଳାକାରମାନେ ଭିନ୍ନ ଭିନ୍ନ ଫିଲ୍ମରେ ଅଭିନୟ କରିଛନ୍ତି। ଏହି କ୍ୟାମ୍ପେନ୍ ମାଧ୍ୟମରେ ବିର୍ଲା ଓପସ ପେଂଟ୍‌ସ ଆଡ୍‌ଭାନ୍ସଡ ପ୍ରଡକ୍ଟଗୁଡିକ ସହ ଏକ ବିଶ୍ୱସନୀୟ ବ୍ରାଣ୍ଡ ଭାବେ ନିଜକୁ ସ୍ଥାପିତ କରିବା ପାଇଁ ଲକ୍ଷ୍ୟ ରଖିଛି।

ଏ ସମ୍ପର୍କରେ ବିର୍ଲା ଓପସ ପେଣ୍ଟ୍ସର ସିଇଓ ରକ୍ଷିତ ହରଗଭେ କହିଛନ୍ତି, ଆମର ବିର୍ଲା ଓପସ ଆସ୍ୟୁରାନ୍ସ ପଦକ୍ଷେପ ଆମ ଉତ୍ପାଦଗୁଡିକର କାର୍ଯ୍ୟଦକ୍ଷତା ଓ ଚମତ୍କାର ଗୁଣବତ୍ତା ସହ ଗଭୀର ଭାବେ ଜଡ଼ିତ ଆମର ବିଶ୍ୱାସକୁ ପ୍ରତିଫଳନ କରୁଛି।

ବିର୍ଲା ଓପସ ଆସ୍ୟୁରାନ୍ସ ହେଉଛି ସେମାନଙ୍କୁ ମାନସିକ ଶାନ୍ତି ପ୍ରଦାନ କରିବାର ଆମର ଏକ ମାଧ୍ୟମ। ଏହା ପ୍ରକୃତରେ ଏକ ଉପଭୋକ୍ତା-କେନ୍ଦ୍ରିତ ବ୍ରାଣ୍ଡରେ ପରିଣତ ହେବା ପ୍ରତି ଆମର ପ୍ରତିଶ୍ରୁତିବଦ୍ଧତାକୁ ସୁଦୃଢ଼ କରିଛି।

ସେହିଭଳି ବିର୍ଲା ଓପସ ପେଂଟ୍‌ସର ମାର୍କେଟିଂ ହେଡ୍ ଇନ୍ଦରପ୍ରୀତ ସିଂହ କହିଛନ୍ତି, ଏହି ଫିଲ୍ମ ହାସ୍ୟରସ ଓ ନିଶ୍ଚିତତା ମଧ୍ୟମରେ ଏକ ଉପଯୁକ୍ତ ସନ୍ତୁଳନ ସୃଷ୍ଟି କରିଥିବା ବେଳେ ବିକି ଓ ରଶ୍ମିକା ଭିନ୍ନ ଭିନ୍ନ ଲୁକ୍ ଓ ପରିସ୍ଥିତିରେ ସେମାନଙ୍କ ଆକର୍ଷଣକୁ ସାମିଲ କରିଛନ୍ତି।

# ଶେୟାର ବଜାରରେ ଉତ୍ସାହ

ମୁମ୍ବାଇ,୧୮।୮

କ୍ରମାଗତ ଭାବେ ତୃତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇପାରିଛନ୍ତି। ବିଶେଷକରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ)ର ସେନ୍‌ସେକ୍ସ ୬୭୬(୬୭୬.୦୯) ପଏଣ୍ଟ ବୃଦ୍ଧି ଘଟି ୮୧,୨୭୪ (୮୧,୨୭୩.୭୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ(ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୨୪୬ (୨୪୫.୬୫) ପଏଣ୍ଟ ବଢ଼ି ୨୪,୮୭୭ (୨୪,୮୭୬.୯୫) ଅଙ୍କରେ କାରବାର ଶେଷ ହୋଇଥିଲା।

# କେ୧୩ ଟର୍ବୋ ସିରିଜ୍

ଭୁବନେଶ୍ୱର,୧୮।୮

ଓପୋ ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'କେ୧୩ ଟର୍ବୋ ସିରିଜ୍'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଓପୋ କେ୧୩ ଟର୍ବୋ ପ୍ରୋ ୫ଜି ଓ ଓପୋ କେ୧୩ ଟର୍ବୋ ୫ଜି ଅନ୍ତର୍ଭୁକ୍ତ ରହିଛି। ଏହା ଏକ ବିଲ୍ଟ-ଇନ୍ କୁଲିଂ ଫ୍ୟାନ୍ ଥିବା ଭାରତର ପ୍ରଥମ ସ୍ମାର୍ଟଫୋନ୍, ଯାହା ସ୍ମାର୍ଟଫୋନ୍ ଥର୍ମାଲ ମ୍ୟାନେଜମେଣ୍ଟ କ୍ଷେତ୍ରରେ ଏକ ନୂଆ ମାନଦଣ୍ଡ ସ୍ଥାପନ କରିଛି। ସେହିଭଳି ଏହା ଏକ ଆଡ୍‌ଭାନ୍ସଡ ଆକ୍ଟିଭ ଓ ପାସିଭ ଥର୍ମାଲ ଡିଜାଇନ, ଶକ୍ତିଶାଳୀ ପ୍ରୋସେସର, ୮୦ ୱାଟ୍ ସୁପରଭିଓଓସି ଫାଷ୍ଟ ଚାର୍ଜିଙ୍ଗ୍ ସହ ଏକ ବୃହତ୍ ୭୦୦୦ ମେଗା ଆମ୍ପିୟର ବ୍ୟାଟେରି, ୧୨୦ଏଚ୍‌ଜେଡ୍‌ଆଇ-ଫ୍ରେଣ୍ଡଲି ଇ-ସ୍ପୋର୍ଟସ ଲେଭଲ ଫ୍ଲାଟ ସ୍କ୍ରିନ ସହ ସୁସଜ୍ଜିତ କେ୧୩ ଟର୍ବୋ ସିରିଜ୍ ସବୁଠାରୁ ଚାହିଦାପୂର୍ଣ୍ଣ ସ୍ଥିତିରେ ମଧ୍ୟ ସ୍ଥାୟୀ, ଉଚ୍ଚ-କାର୍ଯ୍ୟଦକ୍ଷତା ଅନୁଭୂତି ପ୍ରଦାନ କରିଥାଏ, ଯାହା ଏହାକୁ ଆଜିର ଗତିଶୀଳ ଓ କାର୍ଯ୍ୟଦକ୍ଷତା-ଚାଳିତ ଯୁବପିଢିଙ୍କ ପାଇଁ ଉପଯୁକ୍ତ ପସନ୍ଦରେ ପରିଣତ କରୁଛି। ଏ ସମ୍ପର୍କରେ ଓପୋ ଇଣ୍ଡିଆର ପ୍ରଡକ୍ଟ କମ୍ୟୁନିକେଶନ୍ସ ବିଭାଗର ମୁଖ୍ୟ ସାଭିଓ ଡିସୁଜା କହିଛନ୍ତି, ନିଜର ଆଡ୍‌ଭାନ୍ସଡ ଥର୍ମାଲ ଡିଜାଇନ, ଉଚ୍ଚ କାର୍ଯ୍ୟଦକ୍ଷତାସମ୍ପନ୍ନ ଚିପ୍‌ସେଟ୍, ଉନ୍ନତ ହାଇ-ରିଫ୍ରେଶ୍ ଡିସ୍‌ପ୍ଲେ ଓ ବୃହତ୍ କ୍ଷମତାର ବ୍ୟାଟେରିଗୁଡିକ ସହିତ କେ୧୩ ଟର୍ବୋ ସିରିଜ୍‌ର ଉଭୟ ମଡେଲ ଆମେ କହିବାକୁ ପସନ୍ଦ କରୁଥିବା 'ଓଭରପାୱାର୍ଡ' ପରଫର୍ମାନ୍ସପ୍ରଦାନକରୁଛନ୍ତି।


# Classified Everyday
0674-2580101, 9692975378



REAL ESTATE
SALE

A gharabari corner plot at Brahmanjharilo near Phulnakhara Cuttack 1560sqft. 20 lakhs including registration & compoundwall. 7809525452. D-76482

Ready to move 1/2BHK flat for sale @ 18/ 24 Lakh at Gudiapokhari Bhubaneswar. Call- 9861642492. D-1376

ଭୁବନେଶ୍ୱର ଦଇଶି ପାଟଣା ଟୋଲଗେଟ୍ ନିକଟରେ, ଘରବାଡ଼ି ପାଚେରି ପ୍ଲଟ୍ ପଚ୍ଛାରୁ ବିକ୍ରିହେବ। ୯୧୭୮୬୬୦୬୬୬. D-1617

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ Sum Hospital-2 ଏବଂ Grand Bazar (NH-16) ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ ପ୍ଲଟ୍ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ। 8249422604. D-1622

Duplex sale with gated Society near Allms Hospital, Bhubaneswar- 9777433701. D-1614




Newly open health benefits SPA by expert therapist Contact 9114559830. D-1661

Newly open Jyoti Spa positively heath benefits (Expert therapist). Contact- 8458067955. D-76933

## AFFIDAVIT

By virtue of an affidavit sworn before Executive Magistrate, Cuttack Sadar, dated 14th August 2025, I, Sasanka Sekhar Singh, Address: Village- Panchakahania, P.O.- Mangalpur, P.S.- Sadar, Dist.- Dhenkanal, PIN- 759015 declare that I have changed the name of my daughter from Saesha Shreeyali Singh to Saesha Shreeyali. Henceforth, she shall be known as Saesha Shreeyali for all purposes.
Sasanka Sekhar Singh
D-1685

I, Vishal Agrawal, aged about 29 years, S/o- Umesh Chandra Agrawal (Father), Geeta Devi Agrawal (Mother), resident of Chetani Bhawan Niladri Vihar, near Jeewan Dhara Nursing Home, P.O.- Nayabazar, P.S.- Chauliaganj, Dist.- Cuttack- 753004, Odisha declare by this affidavit No.- 1851, dtd. 18.08.2025, that now onwards I shall be known as VISHAL AGARWAL and my father onwards shall be known as Umesh Chandra Agarwal and my mother onwards shall be known as Geeta Devi Agarwal for all future purposes. D-1686

By virtue of an affidavit sworn before the Executive Magistrate, Golamunda, date 24.06.25, I Alekha Tandi, R/o. Village/ P.O.- Sanchergaon, P.S.- Kegaon, Dist.- Kalahandi declare that I have changed my son's name from Kapileswar Tandi to Amlan Tandi. Henceforth, he shall be known as Amlan Tandi for all purpose.
Alekha Tandi
D-1681

By virtue of an affidavit sworn before the Executive Magistrate, Boudh, No.- 1137, date 12.08.25, I, Chittaranjan Samal, R/o. Village/ P.O.- Sarasara, P.S./ Dist.- Boudh, Odisha, PIN- 762026 declare that I have changed my daughter's name from Pragyna Samal to Prangya Samal. Henceforth, she shall be known as Prangya Samal for all purpose.
Chittaranjan Samal
D-1682

By virtue of an affidavit sworn before Executive Magistrate, Kanas, dated- 12.08.2025, I Titikshya Baliyarsingh D/o- Swapna Rani Baliyarsingh, Vill.- Dochhian, P.O.- Adal, P.S.- Gadisagoda, Dist.- Puri, Odisha, PIN- 752019, declare that i have changed my name from Diptikshya Baliyarsingh to Titikshya Baliyarsingh. Henceforth, i shall be known as Titikshya Baliyarsingh for all purposes.
Titikshya Baliyarsingh.
D-1687

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

Letter No.- 1641, dt 18.08.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ଶ୍ରୀ ପ୍ରଦୀପ କୁମାର ନାୟକ, ଭା.ପ୍ର.ସେ. ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଓ.ଏସ୍.ଏସ୍.କେସ୍ ନମ୍ବର ୧୦୮୦/୨୦୨୩
(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)
ଧନେଶ୍ୱର ପାତ୍ର .... ବାଦୀ
ବନାମ
ଲଳିତ ମୋହନ ପାତ୍ର ଓରଫ ମହାପାତ୍ର ଓ ଅନ୍ୟମାନେ ...ପ୍ରତିବାଦୀ
ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:
ପ୍ରତିବାଦୀ ନଂ. ୧. ଲଳିତ ମୋହନ ପାତ୍ର ଓରଫ ମହାପାତ୍ର, ପିତା-ସ୍ୱର୍ଗତ କୁଞ୍ଜ ବିହାରୀ ପାତ୍ର, ୨. କନକ ପାତ୍ର, ସ୍ୱାମୀ-ସ୍ୱର୍ଗତ କୁଞ୍ଜ ବିହାରୀ ପାତ୍ର, ୩. ପ୍ରଫୁଲ୍ଲ କୁମାର ଛୋଟରାୟ, ପିତା- ମଦନ ମୋହନ ଛୋଟରାୟ, ୪. ଭାସ୍କର ଜେନା, ପିତା- ବାଞ୍ଛାନିଧି ଜେନା, ୫. ଛବି ଡିଆଁବାଘ, ପିତା- କୁଳମଣି ଡିଆଁବାଘ, ୬. ରମେଶ ଚନ୍ଦ୍ର ସାହୁ, ୭. ସୁରେଶ ସାହୁ, ୮. ସୁବାଷ ସାହୁ, ୯. ସନ୍ତୋଷ ସାହୁ, ୧୦. ପ୍ରଭାସିନୀ ସାହୁ, ୧୧. ଲଳିତା ସାହୁ, କ୍ରମିକ ସଂଖ୍ୟା ୬ ରୁ ୧୧ ପିତା- ସ୍ୱର୍ଗତ ସୁବଳ ସାହୁ, ୧୨. ଅହଲିକ୍ ସାହୁ, ସ୍ୱାମୀ- ସ୍ୱର୍ଗତ ସୁବଳ ସାହୁ, ୧୩. ହରେକୃଷ୍ଣ ସାହୁ, ପିତା- ଅପର୍ତ୍ତି ସାହୁ, ୧୪. ପୁଷ୍ପଲତା ରଥ, ପିତା- ରବୀନ୍ଦ୍ର ରଥ
ପ୍ରତିବାଦୀ ନଂ.- ୧ ରୁ ୧୪ଙ୍କ ଠିକଣା ଗ୍ରାମ/ପୋଷ୍ଟ- ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା୨୦।୧୦।୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ
ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ମୌଜା- ଭାଲୁଙ୍କା
ସାବକ
ଖାତା ନମ୍ବର-୯, ପ୍ଲଟ୍ ନମ୍ବର- ୩୩, କିସମ- ଶାରଦ-୩, ରକବା- ଏ୦.୨୪୫ଡେସିମିଲରୁ ଏ୦.୦୩୫ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍, ପ୍ଲଟ୍ ନମ୍ବର- ୩୨, ରକବା- ଏ୦.୫୫୦ଡେସିମିଲରୁ ଏ୦.୦୫୭ଡେସିମିଲ
ହାଲ୍
ଖାତା ନମ୍ବର- ୨୧୧, ପ୍ଲଟ୍ ନମ୍ବର- ୩୭, କିସମ- ଶାରଦ ଅଣଜଳସେଚିତ ଦୁଇ, ରକବା- ଏ୧.୨୩୯୦ଡେସିମିଲରୁ ଏ.୦.୦୯୨ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍
ପୂର୍ବ-ଉପ ପ୍ଲଟ୍ ନମ୍ବର ୨୧୫, ପଶ୍ଚିମ- ଉପ ପ୍ଲଟ୍ ନମ୍ବର ୨୧୮, ଉତ୍ତର- ରାସ୍ତା, ଦକ୍ଷିଣ- ଉପ ପ୍ଲଟ୍ ନମ୍ବର ୨୧୦ ଏବଂ ୨୧୧।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୧୬୮୩

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଉତ୍ପାଦନ-ବିକ୍ରୟ ବୃଦ୍ଧି ଉପରେ ଗୁରୁତ୍ୱାରୋପ

## ଓଏମ୍‌ସି ଏମ୍‌ଡିଙ୍କ ଦ୍ୱାରା କ୍ରୋମ୍ ଜୋନ୍ ଖଣି ଅଞ୍ଚଳ ପରିଦର୍ଶନ ଏବଂ ସମୀକ୍ଷା

ଭୁବନେଶ୍ୱର,୧୮।୮ (ଅଭୟ ଦାଶ)



ଓଡ଼ିଶା ଖଣି ନିଗମ(ଓଏମ୍‌ସି)ର ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ସୁଧାଂଶୁ ମୋହନ ସାମଲ ସୋମବାର ଯାଜପୁର ଜିଲାସ୍ଥିତ ସୁକିନ୍ଦା ଅଞ୍ଚଳରେ ଥିବା ଓଏମ୍‌ସିର କ୍ରୋମ୍ ଖଣି ଅଞ୍ଚଳ ପରିଦର୍ଶନ କରିବା ସହିତ ଖଣି କ୍ଷେତ୍ରର ବ୍ୟାପକ ସମୀକ୍ଷା କରିଛନ୍ତି। ଏହି ଅବସରରେ ସାମଲ ଓଏମ୍‌ସିର ସାଉଥ୍ କାଳିଆପାଣି ଖଣି ପରିଦର୍ଶନ କରିବା ସହ ଏହାର ପ୍ରମୁଖ କାର୍ଯ୍ୟକ୍ଷମ ସ୍ଥାନଗୁଡ଼ିକ ଯଥା ଏଫ୍ଲୁଏଣ୍ଟ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ(ଇଟିପି), କ୍ୱାରି ଡି ଆଣ୍ଡ ଏଫ୍, ଷ୍ଟକ୍‌ୟାର୍ଡ, କ୍ରୋମ୍ ଓର୍ ବେନିଫିସିଏଶନ୍ ପ୍ଲାଣ୍ଟ (ସିଓବିପି) ଏବଂ କାରଖାନାର ବର୍ଜ୍ୟବସ୍ତୁ ସଂଗ୍ରାହକ ଭାବେ ବ୍ୟବହୃତ ଟିଲିଙ୍ଗ୍ ପୋଖରୀ, ସୁକରଙ୍ଗି ଖଣି ଅଞ୍ଚଳ ଏବଂ କାଳିଆପାଣି ଖଣି ପରିସରକୁ ପରିଦର୍ଶନ କରିଥିଲେ। ଏଥିସହିତ ବିକ୍ରୟ ଏବଂ ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିବା ପାଇଁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ଓଏମ୍‌ସିରୁ ଉତ୍ପନ୍ନ ହେଉଥିବା ଖଣିଜ ପଦାର୍ଥଗୁଡ଼ିକ କିଭଳି ନିଜର ଠିକ୍ ଗୁଣବତ୍ତାକୁ ବଜାୟ ରଖିବ ତାହା ଉପରେ ମଧ୍ୟ ସାମଲ ଗୁରୁତ୍ୱାରୋପ କରିଥିଲେ। ଏଥିସହ ବିକ୍ରୟ ବ୍ୟବସ୍ଥାକୁ ସୁପରିଚାଳିତ ଓ ସ୍ୱଚ୍ଛ କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା ଦିଗରେ ମଧ୍ୟ କାର୍ଯ୍ୟ କରିବା ପାଇଁ ସେ ଉପସ୍ଥିତ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ସେହିପରି କାର୍ଯ୍ୟାନ୍ୱୟନରେ ନିଜସ୍ୱ ନେତୃତ୍ୱ ନେବା ଏବଂ ବ୍ୟବସାୟିକ ଲକ୍ଷ୍ୟ ହାସଲ କରିବା ପାଇଁ ମିଳିତ ଭାବେ କାମ କରିବାକୁ ମଧ୍ୟ ସେ ପରାମର୍ଶ ଦେଇଥିଲେ। ଏପରିକି ଓଏମ୍‌ସିର ବ୍ୟବସାୟିକ କାର୍ଯ୍ୟକ୍ଷମ ଉତ୍କର୍ଷତା ସୁନିଶ୍ଚିତ କରିବା ପାଇଁ ସମସ୍ତ ବୈଧାନିକ ଅନୁପାଳନ ଏବଂ ଆଇନଗତ କାର୍ଯ୍ୟକୁ ଗୁରୁତ୍ୱର ସହକାରେ ପାଳନ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ଅପରପକ୍ଷେ ସାମଲ ଓଏମ୍‌ସିର ଫେରୋ-କ୍ରୋମ୍ ପ୍ଲାଣ୍ଟର କାର୍ଯ୍ୟ ସମୀକ୍ଷା କରିବା ସହିତ ଏହାର ବ୍ୟବସାୟକୁ ବୃଦ୍ଧି କରିବା ନିମନ୍ତେ ଠିକ୍ ପଦକ୍ଷେପ ଗ୍ରହଣ କରିବାକୁ ମଧ୍ୟ ପରାମର୍ଶ ଦେଇଥିଲେ। ବିଶେଷକରି ସୌରଶକ୍ତି ଭଳି ନବୀକରଣୀୟ ଶକ୍ତିକୁ ବହୁଳ ବ୍ୟବହାର ଏବଂ ସ୍ଥାନୀୟ ଖଣି ଅଞ୍ଚଳର ପରିବେଶଗତ ସନ୍ତୁଳନକୁ ସୁଦୃଢ଼ କରିବା ପାଇଁ ବୃକ୍ଷରୋପଣ ଅଭିଯାନ ଉପରେ ମଧ୍ୟ ଗୁରୁତ୍ୱାରୋପ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଏହି ଗସ୍ତ ଅବସରରେ ଓଏମ୍‌ସିର ନିର୍ଦ୍ଦେଶକ(ଅପରେଶନ) ସବ୍ୟସାଚୀ ମହାନ୍ତି, ନିର୍ଦ୍ଦେଶକ(ମାନବ ସମ୍ବଳ) ଆଲୋକ କୁମାର ପାଳ ଏବଂ ନିର୍ଦ୍ଦେଶକ(ଅର୍ଥ) ବନ ବିହାରୀ ପାଣିଙ୍କ ସମେତ ଖଣି ଅଞ୍ଚଳର ବହୁ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ପତଞ୍ଜଳିକୁ ଏଇଓ ଟାୟାର-୨ ପ୍ରମାଣପତ୍ର



ଭୁବନେଶ୍ୱର,୧୮।୮(ଅନୁରାଧା ମହାରଣା)

ପତଞ୍ଜଳି ଫୁଡ୍ସ ଲିମିଟେଡ ବ୍ୟବସାୟିକ କ୍ଷେତ୍ରରେ ନୂଆ ଅଧ୍ୟାୟ ସୃଷ୍ଟି କରିଛି। ବିଶ୍ୱ କଷ୍ଟମ୍ସ ଅର୍ଗାନାଇଜେଶନ (ଡବ୍ଲୁସିଓ) ଏବଂ ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟର ଭାରତୀୟ କଷ୍ଟମ୍ସ ବିଭାଗ ପତଞ୍ଜଳିକୁ ସ୍ୱୀକୃତିପ୍ରାପ୍ତ ଅର୍ଥନୈତିକ(ଏଇଓ) ଟାୟାର-୨ ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ଏହି ପ୍ରମାଣପତ୍ର ବୈଶ୍ୱିକ ବ୍ୟବସାୟରେ ସଚ୍ଚୋଟତା, ପାରଦର୍ଶିତା ଏବଂ ସପ୍ଲାଇ ଚେନ ସୁରକ୍ଷାର ଉଚ୍ଚତମ ମାନଦଣ୍ଡର ପ୍ରତୀକ। ଭାରତର ଶୀର୍ଷସ୍ଥାନରେ ଥିବା କମ୍ପାନୀମାନଙ୍କ ମଧ୍ୟରେ କେବଳ ମୁଷ୍ଟିମେୟ କମ୍ପାନୀ ଏହି ମାନ୍ୟତା ହାସଲ କରିଛନ୍ତି, ଏବଂ ଏଫଏମସିଜି କ୍ଷେତ୍ରରେ ଏହା ଏକ ବିରଳ ସମ୍ମାନ। ଏହି ପ୍ରମାଣପତ୍ର ପତଞ୍ଜଳିକୁ ଡ୍ୟୁଟି ଡିଫର୍ଡ ପେମେଣ୍ଟ, ବ୍ୟାଙ୍କ ଗ୍ୟାରେଣ୍ଟି ଛାଡ଼, ଡାଇରେକ୍ଟ ପୋର୍ଟ ଡେଲିଭରୀ (ଡିପିଡି), ୨୪x୭ କ୍ଲିୟରାନ୍ସ ସୁବିଧା ସମେତ ୨୮ରୁ ଅଧିକ ଆନ୍ତର୍ଜାତୀୟ ବ୍ୟବସାୟିକ ଲାଭ ପ୍ରଦାନ କରିବ। ଏହି ଅବସରରେ ଯୋଗଗୁରୁ ରାମଦେବ କହିଛନ୍ତି, ପତଞ୍ଜଳି ବିଶ୍ୱାସନୀୟତା, ପ୍ରାମାଣିକତା, ଗୁଣବତ୍ତା ଏବଂ ପ୍ରତିଯୋଗିତା କ୍ଷେତ୍ରରେ ପ୍ରତିଦିନ ନୂଆ ଇତିହାସ ରଚୁଛି। ଏହି ପ୍ରମାଣପତ୍ର ଆମର ରାଷ୍ଟ୍ର ନିର୍ମାଣର ସଂକଳ୍ପକୁ ଆହୁରି ମଜବୁତ କରୁଛି। ଏହା ଆମର ତପସ୍ୟା, ଗୁଣବତ୍ତା ଓ ସଚ୍ଚୋଟତାର ପରିଚୟ। ଆମେ ପ୍ରତିଜ୍ଞା କରୁଛୁ ଯେ 'ସ୍ୱଦେଶୀରୁ ସ୍ୱାଭିମାନ'ର ଏହି ପଥରେ ଆହୁରି ଦ୍ରୁତ ଗତିରେ ଆଗେଇ ଚାଲିବୁ ଏବଂ 'ମେକ ଇନ ଇଣ୍ଡିଆ'କୁ ବୈଶ୍ୱିକ ଶୀର୍ଷସ୍ଥାନରେ ପହଞ୍ଚାଇବୁ। ଅନ୍ୟପଟେ ଆଚାର୍ଯ୍ୟ ବାଳକୃଷ୍ଣ କହିଛନ୍ତି, ଏହି ସମ୍ମାନ ଭାରତୀୟ ସଂସ୍କୃତି, ଆୟୁର୍ବେଦ ଓ ସ୍ୱଦେଶୀ ଉତ୍ପାଦଗୁଡ଼ିକୁ ବିଶ୍ୱର ପ୍ରତ୍ୟେକ କୋଣରେ ପହଞ୍ଚାଇବାରେ ସହାୟକ ହେବ। ଆମେ ସଂକଳ୍ପ ନେଉଛୁ ଯେ ପତଞ୍ଜଳିକୁ ବିଶ୍ୱର ଶୀର୍ଷ ଏଫଏମସିଜି ବ୍ରାଣ୍ଡ ମଧ୍ୟରେ ପ୍ରତିଷ୍ଠା କରିବୁ ଏବଂ ଭାରତର ରପ୍ତାନୀକୁ ଶିଖରରେ ପହଞ୍ଚାଇବୁ।

# ଇଣ୍ଡିଆନ୍ ବ୍ୟାଙ୍କର ୧୧୯ତମ ପ୍ରତିଷ୍ଠା ଦିବସ



ପ୍ରତିଷ୍ଠା ଦିବସ ଅବସରରେ ଅତିଥିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୧୮।୮

ଇଣ୍ଡିଆନ୍ ବ୍ୟାଙ୍କର ୧୧୯ତମ ପ୍ରତିଷ୍ଠା ଦିବସ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ସମ୍ବଲପୁର ରେଲ୍‌ୱେ ଗ୍ରାଉଣ୍ଡଠାରେ ଏକ ଅଞ୍ଚଳସ୍ତରୀୟ କ୍ରିକେଟ୍ ଟୁର୍ନାମେଣ୍ଟ ଆୟୋଜିତ ହୋଇଥିଲା। ଏପରିକି ଇଣ୍ଡିଆନ୍ ବ୍ୟାଙ୍କର କର୍ମଚାରୀମାନେ ୪ଟି ଦଳରେ ବିଭକ୍ତ ହୋଇ ଉକ୍ତ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।

ଉଲ୍ଲେଖଯୋଗ୍ୟ, ଶକ୍ତି ସ୍ମାସର୍ସ, ସୁପ୍ରିମ ଷ୍ଟ୍ରାଇକର୍ସ, ପ୍ରାଇମ୍ ପାର୍ଟନର୍ସ ଏବଂ ଆସ୍ପାୟର୍ସ ଆଭେଞ୍ଜର୍ସ ଦଳଗୁଡ଼ିକ ମଧ୍ୟରେ ହୋଇଥିବା ଉତ୍ସାହଜନକ ମ୍ୟାଚ୍‌ରେ ସୁପ୍ରିମ ଷ୍ଟ୍ରାଇକର୍ସ ବିଜୟୀ ହୋଇ ଟ୍ରଫି ହାସଲ କରିଥିଲା।

ଏହି ଅବସରରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରେରଣାଦାୟୀ ଅଭିଭାଷଣ ପ୍ରଦାନ କରିଥିଲେ। ଏହି କ୍ରୀଡ଼ାନୁଷ୍ଠାନର ସଫଳ ଆୟୋଜନରେ ସମ୍ବଲପୁର ଅଞ୍ଚଳ କାର୍ଯ୍ୟାଳୟର ଅଞ୍ଚଳ ପ୍ରବନ୍ଧକ ଇଶ ପ୍ରକାଶ ଶୁକ୍ଲା ଓ ଉପ-ଅଞ୍ଚଳ ପ୍ରବନ୍ଧକ ଅକ୍ଷୟ କୁମାର ସାହୁଙ୍କ ନେତୃତ୍ୱ, ପ୍ରେରଣା ଏବଂ ସକ୍ରିୟ ସହଭାଗିତା ବିଶେଷ ଭୂମିକା ଗ୍ରହଣ କରିଥିଲା।

ପ୍ରତିଷ୍ଠା ଦିବସ ଅବସରରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ମଧ୍ୟ ବ୍ୟାଙ୍କ ପକ୍ଷରୁ ଆୟୋଜନ ହୋଇଥିଲା। ସମ୍ବଲପୁର ଅଞ୍ଚଳ କାର୍ଯ୍ୟାଳୟର ସମର୍ପଣ ଓ ପ୍ରଚେଷ୍ଟାରେ ଏହି କ୍ରୀଡା ମହୋତ୍ସବ କେବଳ ଏକ ମନୋରଞ୍ଜନ ନୁହେଁ ବରଂ ସମ୍ବନ୍ଧ, ସହଯୋଗ ଏବଂ ଦଳୀୟ ମନୋଭାବର ଏକ ସୁନ୍ଦର ଦୃଷ୍ଟାନ୍ତ ରୂପେ ସ୍ମରଣୀୟ ହୋଇ ରହିଲା।

# ବିର୍ଲା ଓପସର ନୂତନ ଅଭିଯାନ

ଭୁବନେଶ୍ୱର,୧୮।୮

ବିର୍ଲା ଓପସ ପେଣ୍ଟ୍ସର ନୂତନ ଅଭିଯାନ(କ୍ୟାମ୍ପେନ୍) 'ବିର୍ଲା ଓପସ ଆସ୍ୟୁରାନ୍ସ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ବ୍ରାଣ୍ଡର ଏହି ନୂଆ ଟେଲିଭିଜନ କମର୍ସିଆଲ(ଟିଭିସି) ଏକ ନିୟୋଜିତ ଶୈଳୀରେ ସ୍ୱତନ୍ତ୍ର 'ବିର୍ଲା ଓପସ ଆସ୍ୟୁରାନ୍ସ' ପ୍ରସ୍ତାବକୁ ଆଲୋକପାତ କରିଛି, ଯେଉଁଠାରେ ବିର୍ଲା ଓପସ ପେଣ୍ଟ୍ସ ସମ୍ପୂର୍ଣ୍ଣ ମାଗଣାରେ ପୁନର୍ବାର ପେଣ୍ଟିଂ କରିବାର ପ୍ରତିଶ୍ରୁତି ଦେଉଛି। ଏହାର ୧ ବର୍ଷର ରି-ପେଂଟିଙ୍ଗ୍ ୱାରେଣ୍ଟିକୁ ସମସ୍ତ ପ୍ରକାରର ସମ୍ଭାବ୍ୟ ଜଳବାୟୁ ସ୍ଥିତିକୁ କଭର କରିବା ପାଇଁ ଚିନ୍ତାଶୀଳ ଭାବେ ଡିଜାଇନ କରାଯାଇଛି। ସେହିଭଳି କମ୍ପାନୀର ଏହି ବିଜ୍ଞାପନ କ୍ୟାମ୍ପେନ୍‌ରେ ବ୍ରାଣ୍ଡ ଆମ୍ବାସାଡର ବିକି କୌଶଲ ଓ ରଶ୍ମିକା ମନ୍ଦାନା ଅଭିନୟ କରିଛନ୍ତି। ଏହି ଟିଭିସି କ୍ୟାମ୍ପେନ୍‌ରେ ରଣବୀର ସୋରେ, ମୁରଲୀ ଶର୍ମା, ସୀମା ପାୱା ଓ ଜାବେଦ ଜାଫ୍‌ରିଙ୍କ ଭଳି ପ୍ରତିଭାବାନ୍ କଳାକାରମାନେ ଭିନ୍ନ ଭିନ୍ନ ଫିଲ୍ମରେ ଅଭିନୟ କରିଛନ୍ତି। ଏହି କ୍ୟାମ୍ପେନ୍ ମାଧ୍ୟମରେ ବିର୍ଲା ଓପସ ପେଂଟ୍‌ସ ଆଡ୍‌ଭାନ୍ସଡ ପ୍ରଡକ୍ଟଗୁଡିକ ସହ ଏକ ବିଶ୍ୱସନୀୟ ବ୍ରାଣ୍ଡ ଭାବେ ନିଜକୁ ସ୍ଥାପିତ କରିବା ପାଇଁ ଲକ୍ଷ୍ୟ ରଖିଛି।

ଏ ସମ୍ପର୍କରେ ବିର୍ଲା ଓପସ ପେଣ୍ଟ୍ସର ସିଇଓ ରକ୍ଷିତ ହରଗଭେ କହିଛନ୍ତି, ଆମର ବିର୍ଲା ଓପସ ଆସ୍ୟୁରାନ୍ସ ପଦକ୍ଷେପ ଆମ ଉତ୍ପାଦଗୁଡିକର କାର୍ଯ୍ୟଦକ୍ଷତା ଓ ଚମତ୍କାର ଗୁଣବତ୍ତା ସହ ଗଭୀର ଭାବେ ଜଡ଼ିତ ଆମର ବିଶ୍ୱାସକୁ ପ୍ରତିଫଳନ କରୁଛି।

ବିର୍ଲା ଓପସ ଆସ୍ୟୁରାନ୍ସ ହେଉଛି ସେମାନଙ୍କୁ ମାନସିକ ଶାନ୍ତି ପ୍ରଦାନ କରିବାର ଆମର ଏକ ମାଧ୍ୟମ। ଏହା ପ୍ରକୃତରେ ଏକ ଉପଭୋକ୍ତା-କେନ୍ଦ୍ରିତ ବ୍ରାଣ୍ଡରେ ପରିଣତ ହେବା ପ୍ରତି ଆମର ପ୍ରତିଶ୍ରୁତିବଦ୍ଧତାକୁ ସୁଦୃଢ଼ କରିଛି।

ସେହିଭଳି ବିର୍ଲା ଓପସ ପେଂଟ୍‌ସର ମାର୍କେଟିଂ ହେଡ୍ ଇନ୍ଦରପ୍ରୀତ ସିଂହ କହିଛନ୍ତି, ଏହି ଫିଲ୍ମ ହାସ୍ୟରସ ଓ ନିଶ୍ଚିତତା ମଧ୍ୟମରେ ଏକ ଉପଯୁକ୍ତ ସନ୍ତୁଳନ ସୃଷ୍ଟି କରିଥିବା ବେଳେ ବିକି ଓ ରଶ୍ମିକା ଭିନ୍ନ ଭିନ୍ନ ଲୁକ୍ ଓ ପରିସ୍ଥିତିରେ ସେମାନଙ୍କ ଆକର୍ଷଣକୁ ସାମିଲ କରିଛନ୍ତି।

Classified Everyday
0674-2580101, 9692975378


REAL ESTATE

SALE

**A gharabari corner plot at Brahmanjharilo near Phulnakhara Cuttack 1560sqft. 20 lakhs including registration & compoundwall. 7809525452.** D-76482

**Ready to move 1/2BHK flat for sale @ 18/ 24 Lakh at Gudiapokhari Bhubaneswar. Call-9861642492.** D-1376

ଭୁବନେଶ୍ୱର ଦଇଶି ପାଟଣା ଟୋଲଗେଟ୍ ନିକଟରେ, ଘରବାଡ଼ି ପାଚେରି ପ୍ଲଟ୍ ପଚ୍ଚାରୁ ବିକ୍ରିହେବ। ୯୧୭୮୬୬୦୬୬୬. D-1617

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ **Sum Hospital-2** ଏବଂ **Grand Bazar (NH-16)** ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ ପ୍ଲଟ୍ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ। **8249422604.** D-1622

**Duplex sale with gated Society near AIIms Hospital, Bhubaneswar-9777433701.** D-1614




Newly open health benefits SPA by expert therapist Contact 9114559830. D-1661

Newly open Jyoti Spa positively heath benefits (Expert therapist). Contact- 8458067955. D-76933

AFFIDAVIT

By virtue of an affidavit sworn before Executive Magistrate, Cuttack Sadar, dated 14th August 2025, I, Sasanka Sekhar Singh, Address: Village- Panchakahania, P.O.- Mangalpur, P.S.- Sadar, Dist.- Dhenkanal, PIN- 759015 declare that I have changed the name of my daughter from Saesha Shreeyali Singh to Saesha Shreeyali. Henceforth, she shall be known as Saesha Shreeyali for all purposes.
Sasanka Sekhar Singh
D-1685

I, Vishal Agrawal, aged about 29 years, S/o- Umesh Chandra Agrawal (Father), Geeta Devi Agrawal (Mother), resident of Chetani Bhawan Niladri Vihar, near Jeewan Dhara Nursing Home, P.O.- Nayabazar, P.S.- Chauliaganj, Dist.- Cuttack- 753004, Odisha declare by this affidavit No.- 1851, dtd. 18.08.2025, that now onwards I shall be known as VISHAL AGARWAL and my father onwards shall be known as Umesh Chandra Agarwal and my mother onwards shall be known as Geeta Devi Agarwal for all future purposes.
D-1686

By virtue of an affidavit sworn before the Executive Magistrate, Golamunda, date 24.06.25, I Alekha Tandi, R/o. Village/ P.O.- Sanchergaon, P.S.- Kegaon, Dist.- Kalahandi declare that I have changed my son's name from Kapileswar Tandi to Amlan Tandi. Henceforth, he shall be known as Amlan Tandi for all purpose.
Alekha Tandi
D-1681

By virtue of an affidavit sworn before the Executive Magistrate, Boudh, No.- 1137, date 12.08.25, I, Chittaranjan Samal, R/o. Village/ P.O.- Sarasara, P.S./ Dist.- Boudh, Odisha, PIN- 762026 declare that I have changed my daughter's name from Pragyna Samal to Prangya Samal. Henceforth, she shall be known as Prangya Samal for all purpose.
Chittaranjan Samal
D-1682

By virtue of an affidavit sworn before Executive Magistrate, Kanas, dated- 12.08.2025, I Titikshya Baliyarsingh D/o- Swapna Rani Baliyarsingh, Vill.- Dochhian, P.O.- Adal, P.S.- Gadisagoda, Dist.- Puri, Odisha, PIN- 752019, declare that I have changed my name from Diptikshya Baliyarsingh to Titikshya Baliyarsingh. Henceforth, i shall be known as Titikshya Baliyarsingh for all purposes.
Titikshya Baliyarsingh.
D-1687

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

Letter No.- 1641, dt 18.08.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ଶ୍ରୀ ପ୍ରଦୀପ କୁମାର ନାୟକ, ଓ.ପ୍ର.ସେ. ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଓ.ଏସ୍.ଏସ୍.କେସ୍ ନମ୍ବର ୧୦୮୦/୨୦୨୩
(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ଧନେଶ୍ୱର ପାତ୍ର .... ବାଦୀ

ବନାମ

ଲଳିତ ମୋହନ ପାତ୍ର ଓରଫ ମହାପାତ୍ର ଓ ଅନ୍ୟମାନେ ...ପ୍ରତିବାଦୀ

ପ୍ରାପ୍ତେଷ୍ଟୁଙ୍କ ନାମ ଓ ଠିକଣା:
ପ୍ରତିବାଦୀ ନଂ. ୧. ଲଳିତ ମୋହନ ପାତ୍ର ଓରଫ ମହାପାତ୍ର, ପିତା-ସ୍ୱର୍ଗତ କୁଞ୍ଜ ବିହାରୀ ପାତ୍ର, ୨. କନକ ପାତ୍ର, ସ୍ୱାମୀ-ସ୍ୱର୍ଗତ କୁଞ୍ଜ ବିହାରୀ ପାତ୍ର, ୩. ପ୍ରଫୁଲ୍ଲ କୁମାର ଛୋଟରାୟ, ପିତା- ମଦନ ମୋହନ ଛୋଟରାୟ, ୪. ଭାସ୍କର ଜେନା, ପିତା- ବାଞ୍ଛାନିଧି ଜେନା, ୫. ଛବି ଡିଆଁବାଘ, ପିତା- କୁଳମଣି ଡିଆଁବାଘ, ୬. ରମେଶ ଚନ୍ଦ୍ର ସାହୁ, ୭. ସୁରେଶ ସାହୁ, ୮. ସୁବାଷ ସାହୁ, ୯. ସନ୍ତୋଷ ସାହୁ, ୧୦. ପ୍ରଭାସିନୀ ସାହୁ, ୧୧. ଲଳିତା ସାହୁ, କ୍ରମିକ ସଂଖ୍ୟା ୬ ରୁ ୧୧ ପିତା- ସ୍ୱର୍ଗତ ସୁବଳ ସାହୁ, ୧୨. ଅହଲ୍ୟା ସାହୁ, ସ୍ୱାମୀ- ସ୍ୱର୍ଗତ ସୁବଳ ସାହୁ, ୧୩. ହରେକୃଷ୍ଣ ସାହୁ, ପିତା- ଅପର୍ତ୍ତି ସାହୁ, ୧୪. ପୁଷ୍ପଲତା ରଥ, ପିତା- ରବୀନ୍ଦ୍ର ରଥ
ପ୍ରତିବାଦୀ ନଂ.- ୧ ରୁ ୧୪ଙ୍କ ଠିକଣା ଗ୍ରାମ/ପୋଷ୍ଟ- ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା୨୦।୧୦।୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ
ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ମୌଜା- ଭାଲୁଙ୍କା

ସାବକ
ଖାତା ନମ୍ବର-୯, ପ୍ଲଟ୍ ନମ୍ବର- ୩୩, କିସମ- ଶାରଦ-୩, ରକବା- ଏ୦.୨୪୫ଡେସିମିଲରୁ ଏ୦.୦୩୫ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍, ପ୍ଲଟ୍ ନମ୍ବର- ୩୨, ରକବା- ଏ୦.୫୫୦ଡେସିମିଲରୁ ଏ୦.୦୫୭ଡେସିମିଲ

ହାଲ୍
ଖାତା ନମ୍ବର- ୨୧୧, ପ୍ଲଟ୍ ନମ୍ବର- ୩୭, କିସମ- ଶାରଦ ଅଣଜଳସେଚିତ ଦୁଇ, ରକବା- ଏ୧.୨୩୯୦ଡେସିମିଲରୁ ଏ.୦.୦୯୨ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍
ପୂର୍ବ-ଉପ ପ୍ଲଟ୍ ନମ୍ବର ୨୧୫, ପଶ୍ଚିମ- ଉପ ପ୍ଲଟ୍ ନମ୍ବର ୨୧୮, ଉତ୍ତର- ରାସ୍ତା, ଦକ୍ଷିଣ- ଉପ ପ୍ଲଟ୍ ନମ୍ବର ୨୧୦ ଏବଂ ୨୧୧।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୧୬୮୩

# ଶେୟାର ବଜାରରେ ଉତ୍ସାହ

ମୁମ୍ବାଇ,୧୮।୮

କ୍ରମାଗତ ଭାବେ ତୃତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇପାରିଛନ୍ତି। ବିଶେଷକରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ)ର ସେନ୍‌ସେକ୍ସ ୬୭୬(୬୭୬.୦୯) ପଏଣ୍ଟ ବୃଦ୍ଧି ଘଟି ୮୧,୨୭୪ (୮୧,୨୭୩.୭୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ(ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୨୪୬ (୨୪୫.୬୫) ପଏଣ୍ଟ ବଢ଼ି ୨୪,୮୭୭ (୨୪,୮୭୬.୯୫) ଅଙ୍କରେ କାରବାର ଶେଷ ହୋଇଥିଲା।

# କେ୧୩ ଟର୍ବୋ ସିରିଜ୍

ଭୁବନେଶ୍ୱର,୧୮।୮

ଓପୋ ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'କେ୧୩ ଟର୍ବୋ ସିରିଜ୍'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଓପୋ କେ୧୩ ଟର୍ବୋ ପ୍ରୋ ୫ଜି ଓ ଓପୋ କେ୧୩ ଟର୍ବୋ ୫ଜି ଅନ୍ତର୍ଭୁକ୍ତ ରହିଛି। ଏହା ଏକ ବିଲ୍ଟ-ଇନ୍ କୁଲିଂ ଫ୍ୟାନ୍ ଥିବା ଭାରତର ପ୍ରଥମ ସ୍ମାର୍ଟଫୋନ୍, ଯାହା ସ୍ମାର୍ଟଫୋନ୍ ଥର୍ମାଲ ମ୍ୟାନେଜମେଣ୍ଟ କ୍ଷେତ୍ରରେ ଏକ ନୂଆ ମାନଦଣ୍ଡ ସ୍ଥାପନ କରିଛି। ସେହିଭଳି ଏହା ଏକ ଆଡ୍‌ଭାନ୍ସଡ ଆକ୍ଟିଭ ଓ ପାସିଭ ଥର୍ମାଲ ଡିଜାଇନ, ଶକ୍ତିଶାଳୀ ପ୍ରୋସେସର, ୮୦ ୱାଟ୍ ସୁପରଭିଓଓସି ଫାଷ୍ଟ ଚାର୍ଜିଙ୍ଗ୍ ସହ ଏକ ବୃହତ୍ ୭୦୦୦ ମେଗା ଆମ୍ପିୟର ବ୍ୟାଟେରି, ୧୨୦ଏଚ୍‌ଜେଡ୍‌ଆଇ-ଫ୍ରେଣ୍ଡଲି ଇ-ସ୍ପୋର୍ଟସ ଲେଭଲ ଫ୍ଲାଟ ସ୍କ୍ରିନ ସହ ସୁସଜ୍ଜିତ କେ୧୩ ଟର୍ବୋ ସିରିଜ୍ ସବୁଠାରୁ ଚାହିଦାପୂର୍ଣ୍ଣ ସ୍ଥିତିରେ ମଧ୍ୟ ସ୍ଥାୟୀ, ଉଚ୍ଚ-କାର୍ଯ୍ୟଦକ୍ଷତା ଅନୁଭୂତି ପ୍ରଦାନ କରିଥାଏ, ଯାହା ଏହାକୁ ଆଜିର ଗତିଶୀଳ ଓ କାର୍ଯ୍ୟଦକ୍ଷତା-ଚାଳିତ ଯୁବପିଢ଼ିଙ୍କ ପାଇଁ ଉପଯୁକ୍ତ ପସନ୍ଦରେ ପରିଣତ କରୁଛି। ଏ ସମ୍ପର୍କରେ ଓପୋ ଇଣ୍ଡିଆର ପ୍ରଡକ୍ଟ କମ୍ୟୁନିକେଶନ୍ସ ବିଭାଗର ମୁଖ୍ୟ ସାଭିଓ ଡିସୁଜା କହିଛନ୍ତି, ନିଜର ଆଡ୍‌ଭାନ୍ସଡ ଥର୍ମାଲ ଡିଜାଇନ, ଉଚ୍ଚ କାର୍ଯ୍ୟଦକ୍ଷତାସମ୍ପନ୍ନ ଚିପ୍‌ସେଟ୍, ଉନ୍ନତ ହାଇ-ରିଫ୍ରେଶ୍ ଡିସପ୍ଲେ ଓ ବୃହତ୍ କ୍ଷମତାର ବ୍ୟାଟେରିଗୁଡିକ ସହିତ କେ୧୩ ଟର୍ବୋ ସିରିଜ୍‌ର ଉଭୟ ମଡେଲ ଆମେ କହିବାକୁ ପସନ୍ଦ କରୁଥିବା 'ଓଭରପାୱାର୍ଡ' ପର୍ଫର୍ମାନ୍ସ ପ୍ରଦାନ କରୁଛନ୍ତି।

## ସଂକ୍ଷେପରେ

### ସ୍କୁଲ ଭ୍ୟାନ୍ ଧକ୍କାରେ ବାଇକ୍ ଆରୋହୀ ମୃତ

ନୂଆପଡ଼ା,୧୮।୮(ମକାରୁ ବେମାଲ): ନୂଆପଡ଼ା ଜିଲ୍ଲା କୋମନା ଥାନା ଝଗ୍ରାହୀ ଚାରିଛକଠାରେ ସୋମବାର ସ୍କୁଲ୍ ଭ୍ୟାନ ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଛତିଶଗଡ଼ ରାଜ୍ୟ ଶକ୍ତି ଜିଲା ହସୌଦ ଥାନା ଚିସ୍ତା ଗ୍ରାମର ଦିଗମ୍ବର ଜଲତାରେ (୨୧)। ସୂଚନା ଅନୁସାରେ ଦିଗମ୍ବର ଛତିଶଗଡ଼ ରାଜ୍ୟ ଗରିଆବନ୍ଧଠାରେ ପୋଷ୍ଟ ମାଷ୍ଟର ଚାକିରି କରୁଥିଲେ। ସେ କିଛିଦିନ ତଳେ ନିଜ ଗାଁକୁ ଆସି ସୋମବାର ବାଇକ୍ ଯୋଗେ ଗରିଆବନ୍ଧ ଯାଉଥିଲେ। କୋମନା ଥାନା ଝଗ୍ରାହୀ ଚାରିଛକ ନିକଟରେ ଏକ ସ୍କୁଲ ଭ୍ୟାନ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଛିଟିକିପଡି ଗୁରୁତର ହୋଇଥିଲେ। କୋମନା ପୋଲିସ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଭେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ହେଲେ ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଦୁର୍ଘଟଣା ଘଟାଇଥିବା ସ୍କୁଲ ଭ୍ୟାନକୁ ପୋଲିସ ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖି ତଦନ୍ତ କରୁଥିବା କୋମନା ଥାନା ଅଧିକାରୀ ସୁମନ୍ତ କୁମାର ନାଏକ ସୂଚନା ଦେଇଛନ୍ତି।

### ଉଚ୍ଚ ବିଦ୍ୟାଳୟରେ ନିଶାମୁକ୍ତ ଅଭିଯାନ

ଖଡ଼ିଆଳ,୧୮।୮ (ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ୍ ବୁଢ଼ାଦେଓ ଉଚ୍ଚ ବିଦ୍ୟାଳୟ ଦାବ୍ରିଠାରେ ନିଶାମୁକ୍ତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରହ୍ଲାଦ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ରହ୍ମାକୁମାରୀ ସୂର୍ଯ୍ୟକାନ୍ତି ଭଉଣୀ ଯୋଗଦେଇ ନିଶା ମୁକ୍ତ ରହିବା ପାଇଁ ସଚେତନ କରିଥିଲେ। ରୀତା ଭଉଣୀ, ସରିତା ଭଉଣୀ, ଧନମତି ଭଉଣୀ ରାଜଯୋଗ ବିଷୟରେ ଛାତ୍ରୀଛାତ୍ରଙ୍କୁ ବିଶଦ ଭାବେ ବୁଝାଇଥିଲେ। ଏଥିରେ ସୁଶାନ୍ତ କୁମାର ମେହେର, ଧୀରେନ୍ଦ୍ର ମେହେର, କୃଷ୍ଣଚନ୍ଦ୍ର ମେହେର, ଇକୋ କ୍ଲବ ଶିକ୍ଷକ ସୁଶୀଲ କୁମାର ହେର୍ଣା, ମକରଧ୍ୱଜ ରଣା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

### ଜୁନାଗଡ଼ ଔଷଧ ବ୍ୟବସାୟୀ ସଂଘର କର୍ମକର୍ତ୍ତା ଚୟନ

ଜୁନାଗଡ଼,୧୮।୮(ଅଂଶୁମାନ ଯୋଶୀ): କଳାହାଣ୍ଡି ଜିଲା ଜୁନାଗଡ଼ ସହରସ୍ଥିତ ପୁରୁଣା ଧର୍ମଶାଳାଠାରେ ଶନିବାର ରାତିରେ ବ୍ଲକ ଔଷଧ ବ୍ୟବସାୟୀ ସଂଘର କର୍ମକର୍ତ୍ତା ଚୟନ ହୋଇଯାଇଛି। ଏଥିରେ ବରିଷ୍ଠ ଔଷଧ ବ୍ୟବସାୟୀ ରମେଶ ଅଗ୍ରୱାଲ ଅଧ୍ୟକ୍ଷତା କରିଥିଲେ। ସର୍ବସମ୍ମତିକ୍ରମେ ନୂତନ ସଭାପତି ଭାବେ ମୁକେଶ ଅଗ୍ରୱାଲ, ଉପସଭାପତି ତୁଷାର ଅଗ୍ରୱାଲ, ସମ୍ପାଦକ ସଜନ କୁମାର ଗୋଏଲ, ସହ ସମ୍ପାଦକ ଅଂଶୁମାନ ଜୋଷୀ ଓ କୋଷାଧ୍ୟକ୍ଷ ଭାବେ ମହେଶ କୁମାର ଅଗ୍ରୱାଲ ମନୋନୀତ ହୋଇଥିଲେ। ସେହିପରି ଉପଦେଷ୍ଟା କମିଟି ସଦସ୍ୟ ଭାବେ ରମେଶ ଅଗ୍ରୱାଲ, ଲାଲ ସାହେବ ଅଗ୍ରୱାଲ, ବିମଲ କିଶୋର ପଣ୍ଡା, ଓମ୍ ପ୍ରକାଶ ଅଗ୍ରୱାଲ, ମାନସ ରଞ୍ଜନ ସାହୁ, ସଞ୍ଜୟ ଖେମ୍କା, ଚିମନ ଲାଲ ଅଗ୍ରୱାଲ, ପବନ ସିଙ୍ଘଲ, ଶ୍ୟାମ ସୁନ୍ଦର ଖେମ୍କା ପ୍ରମୁଖ ମନୋନୀତ ହୋଇଥିଲେ।

### ଆତ୍ମହତ୍ୟା ନିରୋଧୀ ସଚେତନତା ଶିବିର

ଥୁଆମୂଳ ରାମପୁର,୧୮।୮(ଦୁର୍ଗା କୀର୍ତ୍ତି): କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଥାନା ପକ୍ଷରୁ ଭାରପ୍ରାପ୍ତ ଅଧିକାରୀ କୈବଲ୍ୟ ସେଠଙ୍କ ତତ୍ତ୍ୱାବଧାନରେ ଆତ୍ମହତ୍ୟା ନିରୋଧୀ ସଚେତନତା ଶିବିର ସୋମବାର ମା' ମାଣିକେଶ୍ୱରୀ ପଞ୍ଚାୟତ ସମିତି ଯୁକ୍ତ ୨ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଡିଓ ଧ୍ରୁବ ଚରଣ ମୁଦୁଲି, ଯୁକ୍ତ ୨ କଲେଜ ଅଧ୍ୟକ୍ଷ ସତ୍ୟନାରାୟଣ ମୁଣ୍ଡୁଛିନା, ଥାନା ଏସ୍ଆଇ ରଶ୍ମିରଞ୍ଜନ ବାଗ, ସରୋଜ କୁମାର ପାଟଯୋଷୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅଧ୍ୟାପକ ବବ୍ରୁବାହାନ ବୁଡ଼ିଆ ଶିବିର ପରିଚାଳନା କରିଥିଲେ। ଥାନା ଭାରପ୍ରାପ୍ତ ଅଧିକାରୀ ସେଠ୍ଙ୍କ ସମେତ ଅତିଥିମାନେ ସମାଜରେ ଘଟୁଥିବା ଆତ୍ମହତ୍ୟା ଓ ଆତ୍ମବଳିଦାନ ବିରୋଧରେ ସମସ୍ତେ ସଚେତନ ରହି କିଭଳି ଏହାକୁ ରୋକା ଯାଇପାରିବ ସେ ନେଇ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। କନଷ୍ଟେବଲ ଶିବଶଙ୍କର ମାଝୀ, ହୋମଗାର୍ଡ କାହ୍ନୁ ନାଏକ, ହୋମଗାର୍ଡ ବାସୁଦେବ ନାଏକ ପ୍ରମୁଖ ସହଯୋଗ କରିଥିଲେ।

# ରାଗିଂମୁକ୍ତ କ୍ୟାମ୍ପସ୍ ପାଇଁ ଛାତ୍ରୀଛାତ୍ରଙ୍କ ଶପଥ

**ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଆଣ୍ଟି ରାଗିଂ ସପ୍ତାହ ଉଦ୍‌ଯାପିତ**

ଭବାନୀପାଟଣା,୧୮।୮(ଉତ୍ତମ କୁମାର ଦାଶ)



ଉଦ୍‌ଯାପନୀ ସମାରୋହରେ ଛାତ୍ରୀଛାତ୍ରଙ୍କ ସହ ବିଶ୍ୱବିଦ୍ୟାଳୟ କାର୍ଯ୍ୟକର୍ତ୍ତା।

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଗତ ୧୨ ତାରିଖଠାରୁ ଚାଲିଥିବା ଆଣ୍ଟି ରାଗିଂ ସପ୍ତାହ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗ ଓ ହଷ୍ଟେଲରେ ଆଣ୍ଟି ରାଗିଂ ଉପରେ କର୍ମଶାଳା ସହ ବିଭିନ୍ନ ପ୍ରତିଯୋଗିତା ଯଥା ପ୍ରବନ୍ଧ ଲେଖନ, ସ୍ଲୋଗାନ ଲେଖନ, ବକ୍ତୃତା, କୁଇଜ୍ ଓ ପୋଷ୍ଟର ତିଆରି ଆଦି ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀଛାତ୍ର ଭାଗନେଇ ବିଶ୍ୱବିଦ୍ୟାଳୟ କ୍ୟାମ୍ପସକୁ ରାଗିଂମୁକ୍ତ କରିବା ପାଇଁ ଶପଥ ନେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ୫୦ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ବିଶ୍ୱବିଦ୍ୟାଳୟର କୁଳପତି ଡ. ନିବେଦିତା ନାଥ, କୁଳସଚିବ ଡ. ଗୁଣନିଧି ନାୟକ ଓ ଉପକୁଳ ସଚିବ ଡ. ମେଜର ଜୟଦେବ ସାହୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟରୁ ମାଣିକେଶ୍ୱରୀ ଛକ ପର୍ଯ୍ୟନ୍ତ ଶୋଭାଯାତ୍ରା ହୋଇଥିଲା। ଏଥିରେ ଦୁଇ ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଉଦ୍‌ଯାପନୀ ସମାରୋହରେ କୁଳପତି ଡ. ନିବେଦିତା ନାଥ ଛାତ୍ରୀଛାତ୍ରଙ୍କୁ ନିଜର ଭବିଷ୍ୟତ ଗଠନ ପାଇଁ କର୍ତ୍ତବ୍ୟ କରିବା ଉପରେ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମକୁ ଇଂରାଜୀ ବିଭାଗର ସହକାରୀ ପ୍ରଫେସର ଡ଼. ସଞ୍ଜୀବ ସାହୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ.ସୁବ୍ରତ କୁମାର ପାଣିଗ୍ରାହୀ, ଡ. କୁମୁଦ ଚନ୍ଦ୍ର ନାୟକ, ଡ. ନଳିନୀ ରଣା ପ୍ରମୁଖ ଉପସ୍ଥିତ ଥିଲେ।

# ବହୁମୁଖୀ ପୁରୁଷ ସ୍ୱାସ୍ଥ୍ୟକର୍ମୀଙ୍କ ଆନ୍ଦୋଳନ ଆଜିଠାରୁ

ନୂଆପଡ଼ା,୧୮।୮ (ମକାରୁ ବେମାଲ)

ପଦୋନ୍ନତିରେ ଅବହେଳା କରାଯାଉଥିବା ଅଭିଯୋଗ କରି ନୂଆପଡ଼ା ଜିଲାରେ କାର୍ଯ୍ୟରତ ବହୁମୁଖୀ ପୁରୁଷ ସ୍ୱାସ୍ଥ୍ୟକର୍ମୀ ମଙ୍ଗଳବାରଠାରୁ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ସେମାନଙ୍କ ଅଭିଯୋଗକ୍ରମେ ୧୬ବର୍ଷ ହେବ ସ୍ୱାସ୍ଥ୍ୟ ସେବା ଯୋଗାଇ ଆସୁଛନ୍ତି। ହେଲେ ରାଜ୍ୟ ସରକାର ସେମାନଙ୍କୁ ଲେଭଲ ୨ରୁ ଲେଭଲ ୧କୁ ପଦୋନ୍ନତି କରିବାରେ ଅବହେଳା କରୁଛନ୍ତି। ୨୦୨୪ ଡିସେମ୍ବର ୨୧ରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଚିଠିସଂଖ୍ୟା ୩୫୦୦୨ରେ ରାଜ୍ୟର ସମସ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଅବଗତ କରାଯାଇଥିଲା। ଏଥିରେ ଗତ ଜାନୁଆରୀ ଶେଷ ସୁଦ୍ଧା ଡିପିସି ବୈଠକ କରି ବହୁମୁଖୀ ପୁରୁଷ ସ୍ୱାସ୍ଥ୍ୟ କର୍ମୀଙ୍କୁ ପଦୋନ୍ନତି ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଜୁଲାଇ ୨୯ରେ ଜିଲାରେ ଡିପିସି ବୈଠକ ହୋଇଥିଲେ ମଧ୍ୟ ସେମାନଙ୍କ ପଦୋନ୍ନତି ଉପରେ କୌଣସି ଆଲୋଚନା କରି ନ ଥିବା ଜଣାପଡିଛି। ବର୍ତ୍ତମାନ ରାଜ୍ୟର ୨୯ ଜିଲାରେ ସ୍ୱାସ୍ଥ୍ୟ କର୍ମୀତ୍ମାନେ ପଦୋନ୍ନତି ପାଇ ସାରିଛନ୍ତି। କିନ୍ତୁ ନୂଆପଡା ଜିଲାରେ ସେମାନଙ୍କୁ ଅଣଦେଖା କରାଯାଉଛି। ଏହାର ପ୍ରତିବାଦରେ ସେମାନେ ମଙ୍ଗଳବାର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବାକୁ ଚେତାବନୀ ଦେଇଛନ୍ତି।

# ଖାଦ୍ୟ ସୁରକ୍ଷା ସଚେତନତା ଶିବିର


ସଚେତନତା ଶିବିରରେ ଅଧିକାରୀଙ୍କ ସହ ଅନ୍ୟମମାନେ।

ଭବାନୀପାଟଣା,୧୮।୮(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ଟାଉନ ହଲଠାରେ ଶନିବାର ଖାଦ୍ୟ ସୁରକ୍ଷା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଭବାନୀପାଟଣା ପୌରପାଳିକା ନିର୍ବାହୀ ଅଧିକାରୀ ଚିନ୍ମୟ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ଖାଦ୍ୟ ନିରାପତ୍ତା ଅଧିକାରୀ ବିଶ୍ୱଜିତ ନାଏକ, ପଦସ୍ଥ ଅଧିକାରୀ, ଖାଦ୍ୟ ନିରାପତ୍ତା, କଳାହାଣ୍ଡି ସନ୍ତୋଷ ମହାପାତ୍ର ସମେତ କର୍ମଚାରୀ, ଉଠା ଜଳଖିଆ ଦୋକାନୀ ଓ ହୋଟେଲ ମାଲିକ ଉପସ୍ଥିତ ଥିଲେ। ନିର୍ବାହୀ ଅଧିକାରୀ ଓ ଖାଦ୍ୟ ନିରାପତ୍ତା ଅଧିକାରୀ ଉଠା ଜଳଖିଆ ଦୋକାନୀ ଓ ହୋଟେଲ ମାଲିକଙ୍କୁ ଖାଦ୍ୟ ସୁରକ୍ଷା ଉପରେ ସଚେତନ କରାଇଥିଲେ। ବିଶେଷକରି ସ୍ୱାସ୍ଥ୍ୟକର ପରିବେଶ ବଜାୟ ରଖିବା, ଖାଦ୍ୟ ସାମଗ୍ରୀ ଘୋଡାଇ ରଖିବା, ମାସ୍କ ବ୍ୟବହାର, ପଲିଥିନ ବ୍ୟବହାର ନ କରିବା, ଖବର କାଗଜରେ ଖାଦ୍ୟ ସାମଗ୍ରୀ ବିକ୍ରି ନ କରିବା, ଖାଦ୍ୟ ରଙ୍ଗ ବ୍ୟବହାର ନ କରିବା, ରନ୍ଧା ତେଲକୁ ବାରମ୍ବାର ବ୍ୟବହାର ନ କରିବା ଉପରେ ସଚେତନତା କରାଯାଇଥିଲା।

# ବୃଦ୍ଧାଙ୍କ ମୁଣ୍ଡରେ ନାତୁଣୀନାତିଙ୍କ ବୋଝ

କର୍ଲାମୁଣ୍ଡା,୧୮।୮(ପ୍ରଦୀପ କୁମାର ସାହୁ)



ନାତୁଣୀନାତିଙ୍କ ସହ ବୃଦ୍ଧା ନେତ୍ରୀ ଚୌଧୁରୀ।

ପୁଅବୋହୂଙ୍କ ମୃତ୍ୟୁ ପରେ ୨ ନାତୁଣୀନାତିଙ୍କ ବୋଝ ଏବେ ୮୦ ବର୍ଷୀୟା ମହିଳାଙ୍କ ଉପରେ ପଡିଛି। କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ରେଗଡ଼ା ପଞ୍ଚାୟତ ଯୋଗିପଲା ଗ୍ରାମ ଶିଶୋପଡ଼ାରେ ଏଭଳି ଘଟଣା ଦେଖିବାକୁ ମିଳିଛି। ସୂଚନା ମତେ ଶିଶୋପଡ଼ାର ବିଧବା ମହିଳା ନେତ୍ରୀ ଚୌଧୁରୀ (୮୦)ଙ୍କ ରୋଜଗାରିଆ ପୁଅ ଦେବରାଜ ଚୌଧୁରୀ (୪୫) କୌଣସି କାରଣରୁ ୨୦୧୬ରେ ଆତ୍ମହତ୍ୟା କରିଥିଲେ। ଦେବରାଜଙ୍କ ସ୍ତ୍ରୀ ଦୀପାଞ୍ଜଳି ଚୌଧୁରୀ (୪୦) ଜଣେ ମାନସିକ ରୋଗୀ ହୋଇଥିବାବେଳେ ଗତ ୧୫ତାରିଖରେ ତାଙ୍କର ମଧ୍ୟ ମୃତ୍ୟୁ ଘଟିଛି। ପୁଅବୋହୂ ଚାଲିଯିବା ପରେ ଏବେ ସେମାନଙ୍କ ୧୩ବର୍ଷର ପୁଅ ଭବାନୀ ଓ ୧୧ବର୍ଷର ଝିଅ ରେଣୁକାଙ୍କୁ କିପରି ମଣିଷ କରିବେ ସେହି ଚିନ୍ତାରେ ଅଛନ୍ତି ନେତ୍ରୀ। ପୁଣି ଆର୍ଥିକ ସ୍ଥିତି ଭଲ ନ ଥିବାରୁ ବର୍ତ୍ତମାନ ବୋହୂଙ୍କ ଶୁଦ୍ଧିକ୍ରିୟା ତାଙ୍କ ମୁଣ୍ଡ ଉପରେ ବୋଝ ସଦୃଶ ହୋଇଛି। ଏ ନେଇ ରେଗଡ଼ା ସରପଞ୍ଚ ଦୀପ୍ତିମୟୀ ସାହୁଙ୍କୁ ପଚାରିବାରୁ ହରିଶ୍ଚନ୍ଦ୍ର ଯୋଜନାରେ ୩ହଜାର ଟଙ୍କା ପ୍ରଦାନ କରାଯିବା ସହ ସରକାରଙ୍କ ଯାହା ବ୍ୟବସ୍ଥା ଥିବ ସେ ଅନୁସାରେ ସହଯୋଗ କରାଯିବ ବୋଲି କହିଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟ୍ ତଥା ଜିଲା ପ୍ରଶାସନ ପକ୍ଷରୁ ୨ ଛାତ୍ରୀଛାତ୍ରଙ୍କ ପାଠପଢ଼ା ବ୍ୟବସ୍ଥା କରାଇବାକୁ ଦାବି ହେଉଛି।

## କୃଷି ବିଭାଗ ପକ୍ଷରୁ ସାର ଦୋକାନରେ ଚଢ଼ାଉ

କର୍ଲାମୁଣ୍ଡା,୧୮।୮(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍‌ର ବିଭିନ୍ନ ସ୍ଥାନରେ ସାର ଓ କୀଟନାଶକ କଳାବଜାର ରୋକିବା ଉଦ୍ଦେଶ୍ୟରେ କୃଷି ବିଭାଗ ପକ୍ଷରୁ ଅଚାନକ ଚଢ଼ାଉ କରାଯାଇଛି। ଏଥିରେ ଏଏଓ କୁମାର ଚିରଞ୍ଜୀବୀ, ଏଟିଏମ୍ ଶ୍ୟାମପଦ ଭଞ୍ଜ ପ୍ରମୁଖ ସାମିଲ ହୋଇ ସ. ମାଲପଡା, ରିଞ୍ଜା, ବୋରପଦର, ରେଗଡ଼ା ଆଦି ପଞ୍ଚାୟତର ବିଭିନ୍ନ ଗାଁରେ ଥିବା ୮ ସାର ଦୋକାନ, ୭ ବିହନ ଦୋକାନ ଓ ୫ କୀଟନାଶକ ଦୋକାନରେ କାଗଜପତ୍ର ଯାଞ୍ଚ କରିବା ସହ ଏକ୍ସପାଏରି ଔଷଧ, ଷ୍ଟକ୍ ରେଜିଷ୍ଟର, ବିକ୍ରି ରେଜିଷ୍ଟର ଆଦି ତନଖି କରିଥିଲେ। ଚଢ଼ାଉ ସମୟରେ ବିଭିନ୍ନ ଗାଁର ୫ ଜଣ ସାର ଓ କୀଟନାଶକ ବ୍ୟବସାୟୀ ଅସାଧୁ ଉପାୟ ଅବଲମ୍ବନ କରିଥିବା ଜଣା ପଡ଼ିବାରୁ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଥିବା ଏଏଓ କୁମାର ଚିରଞ୍ଜିବି ସୂଚନା ଦେଇଛନ୍ତି।

# ଶିକ୍ଷକ ନିଯୁକ୍ତି ଦାବିରେ ସ୍କୁଲ ଗେଟ୍‌ରେ ତାଲା



ସ୍କୁଲ ଗେଟ୍‌ରେ ତାଲା ପକାଇ ଧାରଣା ଦିଆଯାଇଛି।

ଜୁନାଗଡ଼, ୧୮।୮(ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ କୋଲିଗାଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଓ ଅନ୍ୟାନ୍ୟ ସମସ୍ୟା ନେଇ ସୋମବାର ଗ୍ରାମବାସୀ ଗେଟ୍‌ରେ ତାଲାପକାଇ ଧାରଣା ଦେଇଥିଲେ। ଶିକ୍ଷକ ନିଯୁକ୍ତି ତଥା ନୂତନ ସ୍କୁଲ ଗୃହ ନିର୍ମାଣ ପାଇଁ ଗ୍ରାମବାସୀ ଓ ଅଭିଭାବକ ଦାବିକରି ଆସୁଥିଲେ ମଧ୍ୟ ପ୍ରଶାସନ ଶୁଣୁ ନ ଥିବା ଅଭିଯୋଗ କରି ଅଭିଭାବକ ଓ ଛାତ୍ରୀଛାତ୍ର ଆନ୍ଦୋଳନକୁ ଓହ୍ଲାଇଥିଲେ। ସୂଚନାକ୍ରମେ ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୩୩୧ ଛାତ୍ରୀଛାତ୍ର ପଢୁଥିବା ବେଳେ ୫ ଜଣ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ଫଳରେ ପାଠ ପଢାରେ ବ୍ୟାଘାତ ସୃଷ୍ଟି ହେଉଥିବା ଗ୍ରାମବାସୀ ଅଭିଯୋଗ କରିଆସୁଛନ୍ତି। ସ୍କୁଲ ଗୃହ ମଧ୍ୟ ଦୟନୀୟ ଅବସ୍ଥାରେ ରହିଛି। କାନ୍ଥରୁ ସିମେଣ୍ଟ ପଡୁଥିବାରୁ ପିଲାମାନେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ବ୍ଲକ ଶିକ୍ଷାଧିକାରୀ ତପନ ମାଝୀଙ୍କ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ସହ ଶୀଘ୍ର ଶିକ୍ଷକ ନିଯୁକ୍ତିର ଲିଖିତ ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ଗ୍ରାମ ଉନ୍ନୟନ କମିଟିର ନୂତନ କର୍ମକର୍ତ୍ତା ଚୟନ

ରିଷିଡା,୧୮।୮ (ସୁଶାନ୍ତ ମଲ୍ଲିକ): କର୍ଲାମୁଣ୍ଡା ବ୍ଲକ ରିଷିଡା ଗ୍ରାମ ଉନ୍ନୟନ କମିଟିର ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ସଭାପତି ନନ୍ଦକିଶୋର ରଣାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସମ୍ପାଦକ ନରୋତ୍ତମ ସେଲମା ଗତବର୍ଷର ଆୟବ୍ୟୟ ଉପସ୍ଥାପନ କରିଥିଲେ। ସର୍ବସମ୍ମତି କ୍ରମେ ନାରାୟଣ ରଣା ସଭାପତି, ଗୋବର୍ଦ୍ଧନ କୁମାର ଉପସଭାପତି, ପ୍ରେମାନନ୍ଦ ପାତ୍ର ସମ୍ପାଦକ, କରୁଣାକର ରଣା ସହ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। କାର୍ଯ୍ୟକାରୀ କମିଟିରେ ସରପଞ୍ଚ ସେବତୀ ରଣା, ସମିତି ସଭ୍ୟ ନିମାଇଁ ଚରଣ ବେହେରା, ନାଏବ ସରପଞ୍ଚ ନରେଶ ଦାସ, ନରୋତ୍ତମ ସେଲମା, କମ୍ବୁପାଣି ସାହୁ, ସତ୍ୟନାରାୟଣ କୁମାର, ସଞ୍ଜୟ ଜୈନ ପ୍ରମୁଖ ମନୋନୀତ ହୋଇଥିଲେ। ଶେଷରେ ଅଶୋକ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ କଳା ଉତ୍ସବ

ଭବାନୀପାଟଣା,୧୮।୮(ଉତ୍ତମ କୁମାର ଦାଶ)

ଭବାନୀପାଟଣା ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ସୋମବାର ସଙ୍କୁଳସ୍ତରୀୟ କଳା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ଭୀମସେନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଅତିଥି ଭାବେ ଶିକ୍ଷାବିତ୍ ଉମେଶ ଚନ୍ଦ୍ର ଶତପଥି ଓ ପୂର୍ବତନ ସଭାପତି ମହାବୀର ସାଂସ୍କୃତିକ ଅନୁଷ୍ଠାନ ତଥା ସାରଳା ପୁରସ୍କାର ବିଜେତା ଜୟନ୍ତ ବେହେରା ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଅଧ୍ୟକ୍ଷ ପଣ୍ଡା ଉତ୍ସବ ଆୟୋଜନ ସମ୍ପର୍କରେ ସୂଚନା ଦେଇଥିଲେ। ଉତ୍ସବରେ ଭବାନୀପାଟଣା ପିଏମଶ୍ରୀ ବିଦ୍ୟାଳୟ ସମେତ ଧର୍ମଗଡ, ବଡ଼ମାଳ, ବଲାଙ୍ଗୀର, ଖରିଆର, ନୂଆପଡା, ସୋନପୁର ଓ ବରଗଡ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀଛାତ୍ର ଭାଗ ନେଇଥିଲେ। ଲୋକ କଳା ଓ ଶାସ୍ତ୍ରୀୟ ସଙ୍ଗୀତ, ନୃତ୍ୟ, ଦୃଶ୍ୟକଳା ଓ ଦେଶୀୟ ଖେଳ ଆଦିରେ ଛାତ୍ରୀଛାତ୍ର ନିଜର ସୃଜନଶୀଳତା ପ୍ରଦର୍ଶନ କରିଥିଲେ। ଶେଷରେ ଅଧ୍ୟକ୍ଷ ପଣ୍ଡା ଓ ଅତିଥିଙ୍କ ଦ୍ୱାରା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ

ଲାଞ୍ଜିଗଡ଼,୧୮।୮(ରମେଶ ଚନ୍ଦ୍ର ନାୟକ): ଲାଞ୍ଜିଗଡ଼ ବ୍ଲକ୍‌ର ବିଭିନ୍ନ ମଣ୍ଡପରେ ଶାରଦୀୟ ଦୁର୍ଗାପୂଜା ପାଇଁ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ଲାଗି ଶନିବାର ମାଟି ଅନୁକୂଳ ଆରମ୍ଭ ହୋଇଛି। ପୋଖରୀବନ୍ଦ ମା' ହୀରାନୀଳା ଷ୍ଟୋନ କ୍ରଶର ପକ୍ଷରୁ ମା' ଦୁର୍ଗାଙ୍କ ଦଶହରା ପର୍ବ ତୃତୀୟ ବର୍ଷରେ ପଦାର୍ପଣ କରୁଥିବା ବେଳେ ମା'ଙ୍କ ମୂର୍ତ୍ତି ପାଇଁ ବୈଦିକ ରୀତିନୀତି ଅନୁଯାୟୀ ମାଟି ଅନୁକୂଳ କାର୍ଯ୍ୟ କରାଯାଇଛି। ପୂଜକ ତଥା ମୂର୍ତ୍ତି କାରିଗର କାଳିପଦ ମଣ୍ଡଳ ପବିତ୍ର ମାଟି ସଂଗ୍ରହ କରି ପୂଜାର୍ଚ୍ଚନା କରିଛନ୍ତି। ଏଥିରେ ଷ୍ଟୋନ୍ କ୍ରଶର ପକ୍ଷରୁ ରମେଶ ଚନ୍ଦ୍ର ସାହୁ, ଭବାନୀ ଶଙ୍କର ବାଣୁଆ, ବିକ୍ରମ ଆଦିତ୍ୟ ବାରିକ, କୁଳମଣି ବାଣୁଆ, କର୍ଣ୍ଣ ମାଝୀ, ଚଞ୍ଚଳା ବାଣୁଆ ମାଧ ସାହୁ, ପୂର୍ଣ୍ଣ ଚନ୍ଦ୍ର ସାହୁଙ୍କ ସମେତ ପୂଜା କମିଟିର ସମସ୍ତ ସଦସ୍ୟ ଯୋଗଦେଇଥିଲେ।

# ମହିଳା କଲେଜ ସମ୍ମୁଖ ରାସ୍ତା କାଦୁଅ ପଚପଚ

ଖଡ଼ିଆଳ,୧୮।୮ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ସହର ୱାର୍ଡ ନମ୍ବର ୭ ଲାଲ ସାହେବ ପଡ଼ାରୁ ଗାନ୍ଧୀନଗରକୁ ସଂଯୋଗ କରୁଥିବା ସଡ଼କର ମହିଳା କଲେଜ ସମ୍ମୁଖ ରାସ୍ତା କାଦୁଅ ପଚପଚ ହୋଇଛି। ଫଳରେ ଛାତ୍ରୀମାନେ ଯାତାୟାତ ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସଡ଼କ ଉପରେ ଖଡିଆଳ ଡିଗ୍ରୀ ମହିଳା କଲେଜ, ଖଡିଆଳ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମଡେଲ ଡିଗ୍ରୀ କଲେଜ ନୂଆପଡ଼ାର ୧୦୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ନିର୍ଭର କରନ୍ତି। ସେହିପରି ଗାନ୍ଧୀନଗର, ହୀରାନଗର ଓ ଗୋକୁଳ ନଗର ବାସିନ୍ଦା ଯିବାଆସିବା କରନ୍ତି। ଅନ୍ୟ କୌଣସି ରାସ୍ତା ନ ଥିବାରୁ ବାଧହୋଇ କାଦୁଅ ରାସ୍ତାରେ ଯାଉଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏ ସମ୍ପର୍କରେ ଖଡିଆଳ ଏନ୍ଏସି ଅଧ୍ୟକ୍ଷ ଉଜ୍ଜ୍ୱଳ ଗୁପ୍ତା ଓ ନିର୍ବାହୀ ଅଧିକାରୀ ସ୍ୱାଧୀନ କେତନ ମହାରଣାଙ୍କୁ ପଚାରିବାରୁ ସେମାନେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।


ରାସ୍ତା କାଦୁଅ ହୋଇଯାଇଛି।

# ବାଘନକି ଗାଁରେ ସରକାରୀ ଯୋଜନା ଅପହଞ୍ଚ

**ପାନୀୟଜଳ, ଶିକ୍ଷା, ବିଜୁଳି ସାତସପନ**

ଲାଞ୍ଜିଗଡ଼,୧୮।୮(ରମେଶ ଚନ୍ଦ୍ର ନାୟକ)


ବାଘନକି ଗାଁର ଦୃଶ୍ୟ।

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ୍ ଭଟାଙ୍ଗପଦର ପଞ୍ଚାୟତ ବାଘନକି ଗାଁରେ ସରକାରୀ ଯୋଜନା ଅପହଞ୍ଚ ହୋଇରହିଛି। ରାସ୍ତାଠାରୁ ଆରମ୍ଭକରି ପାନୀୟଜଳ, ଶିକ୍ଷା, ବିଜୁଳି ସାତସପନ ପାଲଟିଛି। ଏହି ଗ୍ରାମଟି ପଞ୍ଚାୟତ କାର୍ଯ୍ୟାଳୟଠାରୁ ୧୨ କି.ମି. ଓ ବ୍ଲକ୍ କାର୍ଯ୍ୟାଳୟଠାରୁ ପ୍ରାୟ ୩୫ କି.ମି. ଦୂରରେ ରହିଛି। ଗାଁରେ ଆଦିବାସୀ ସମ୍ପ୍ରଦାୟର ୩୦ ପରିବାର ବସବାସ କରିଆସୁଛନ୍ତି। ଗାଁ ଚାରିପାର୍ଶ୍ୱରେ ଘଞ୍ଚ ଜଙ୍ଗଲ ରହିଥିବା ବେଳେ ବିଜୁଳି ସଂଯୋଗ ହୋଇ ନ ଥିବାରୁ ବନ୍ୟଜନ୍ତୁ ଭୟରେ ଲୋକେ ସନ୍ଧ୍ୟା ହେଲେ ତାଟିକବାଟ ବନ୍ଦ କରି ଘରେ ରହୁଛନ୍ତି। ଗାଁରେ ପିଇବା ପାଣି ପାଇଁ ସୋଲାର ମାଧ୍ୟମରେ ପାଣି ଯୋଗାଇ ଦିଆଯାଇଛି। ହେଲେ ତାହା ଠିକ୍ ଭାବରେ ଚାଲୁନାହିଁ। ବାଧ ହୋଇ ଗାଁ ଲୋକେ ନାଳର ଗୋଳିଆପାଣି ପିଇ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଗାଁରେ ସ୍କୁଲ କିମ୍ବା ଅଙ୍ଗନୱାଡି କେନ୍ଦ୍ର ନ ଥିବାରୁ ପିଲାମାନେ ବଣପାହାଡ଼ ଘେରା ରାସ୍ତା ଦେଇ ୪କି.ମି. ଆମପଦର ପ୍ରାଥମିକ ବିଦ୍ୟାଳୟ ଯାଉଛନ୍ତି। ନିଛାଟିଆ ରାସ୍ତା ଯୋଗୁ ଅନେକ ପିଲା ଭୟରେ ସ୍କୁଲ ଯାଉନାହାନ୍ତି। ଏ ନେଇ ପଞ୍ଚାୟତ, ବ୍ଲକ୍ ପ୍ରଶାସନ ଓ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଗ୍ରାମବାସୀ କହିଛନ୍ତି। ଜିଲା ପ୍ରଶାସନ ଓ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟିଦେବାକୁ ଗ୍ରାମର କୃଷ୍ଣ ମାଝୀ, ଡମ୍ବରୁ ମାଝୀ, କାମଳି ମାଝୀ, ଦେଢ଼ି ମାଝୀ ସମେତ ଗ୍ରାମବାସୀ ଦାବି କରିଛନ୍ତି।


ବରଗଡ଼ ବିଜେଡିର ଚାଷୀ ବିକ୍ଷୋଭ।


ବରଗଡ଼ ଜିଲାପାଳ ଦାବିପତ୍ର ଗ୍ରହଣ କରୁଛନ୍ତି।

# କୃଷି ସମସ୍ୟା ସମାଧାନ ଦାବିରେ ରଣହୁଙ୍କାର

ବରଗଡ଼,୧୮।୮(ପ୍ରେମାନନ୍ଦ ଖମାରୀ)

କୃଷି ଏବଂ କୃଷକଙ୍କ ବହୁବିଧ ସମସ୍ୟା ନେଇ ବିଜେଡି ସୋମବାର ବରଗଡ଼ରେ ଆନ୍ଦୋଳନକୁ ଓହ୍ଲାଇଥିଲା। ଏହି କ୍ରମରେ ବିଜେଡି ପକ୍ଷରୁ ଏଠାରେ ବିରାଟ ଚାଷୀ ବିକ୍ଷୋଭ ପ୍ରଦର୍ଶନ କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ବରଗଡ଼ ସମେତ ଆଖପାଖ ଜିଲାର ହଜାର ହଜାର ଚାଷୀ ଏବଂ ଦଳୀୟ କାର୍ଯ୍ୟକର୍ତ୍ତା ଏଥିରେ ସାମିଲ ହୋଇଛନ୍ତି। ସ୍ଥାନୀୟ ଗଣେଶରାମ ଭବନ ସମ୍ମୁଖରେ ସମସ୍ତେ ସମବେତ ହୋଇ ବିକ୍ଷୋଭ ଶୋଭାଯାତ୍ରାରେ ବାହାରିଥିଲେ। ଚାଷୀ ପଞ୍ଜୀକରଣ ପ୍ରକ୍ରିୟାକୁ ପୂର୍ବାପେକ୍ଷା ଅଧିକ ଜଟିଳ କରାଯିବା, ରାଜ୍ୟରେ ଡବଲ ଇଞ୍ଜିନ ସରକାର ଚାଲୁଥିବା କୁହାଯାଉ ଥିବାବେଳେ ରାଜ୍ୟରୁ କେନ୍ଦ୍ର ସରକାର ପ୍ରତିଶ୍ରୁତି ମୁତାବକ ଚାଉଳ ନ ଉଠାଇବା, କୃଷି ଅଭିବୃଦ୍ଧି ହାର ହ୍ରାସ ପାଇବା, କେନ୍ଦ୍ରରୁ କୃଷି ଅନୁଦାନ ହ୍ରାସ, ମଣ୍ଡି ଗୁଡିକରେ କଟନୀଛଟନୀ, ଦଲାଲରାଜ ଚାଲିବା, ସାର, କୀଟନାଶକ ସଂକଟ ସହିତ ଏହାର କଳାବଜାର ହେବା ଘଟଣା ଡବଲ ଇଞ୍ଜିନ ସରକାରଙ୍କ ଚାଷୀ ବିରୋଧୀ ନୀତିକୁ ପଦାରେ ପକାଇ ଦେଇଛି ବୋଲି ବିଜେଡି ଅଭିଯୋଗ କରିଛି। ସେହିପରି ଚାଷୀମାନେ ଦୀର୍ଘଦିନରୁ ସ୍ୱାମୀନାଥନ କମିଶନଙ୍କ ସୁପାରିଶ ଲାଗୁ କରିବା ପାଇଁ ଦାବି କରୁଛନ୍ତି। ମାତ୍ର ଡବଲ ଇଞ୍ଜିନ ସରକାର ଏଥିରେ କାହିଁକି ନୀରବ ଅଛି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଏହା ସହିତ ଅଦିନିଆଁ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ କ୍ଷତିପୂରଣ ପ୍ରଦାନ ନେଇ ରାଜ୍ୟ ସରକାର ଘୋଷଣା କରିଛନ୍ତି। କିନ୍ତୁ ଏପର୍ଯ୍ୟନ୍ତ କୌଣସି ଚାଷୀଙ୍କ ପାଖକୁ କ୍ଷତିପୂରଣ ସହାୟତା ଅପହଞ୍ଚ

## ବିଜେଡିର ବିରାଟ ଚାଷୀ ବିକ୍ଷୋଭ

ଅତି ପରିତାପର ବିଷୟ ବୋଲି ବିଜେଡି ନେତୃବୃନ୍ଦ କହିଛନ୍ତି। ଏହି ସମସ୍ୟା ନେଇ ବିଜେଡି ନେତୃବୃନ୍ଦ ସ୍ଥାନୀୟ ଗାନ୍ଧୀଛକରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଡବଲ ଇଞ୍ଜିନ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ଉପରୋକ୍ତ ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ଗାନ୍ଧୀଛକରେ ଚାଷୀ ସମାବେଶ ଏବଂ ସମାବେଶ ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ତେବେ ବିଜେଡିର ଏହି କାର୍ଯ୍ୟକ୍ରମକୁ ଚାଷୀମାନେ ଆସୁଥିବା ସମୟରେ ପୋଲିସ ବିଭିନ୍ନ ସ୍ଥାନରେ ନାନା ଆଳରେ ଗାଡ଼ି ଗୁଡ଼ିକୁ ଅଟକାଉଥିବା ଅଭିଯୋଗ କରି ସେଠାରେ ଚାପା ଉତ୍ତେଜନା ଲାଗି ରହିଥିବା ସୂଚନା ମିଳିଛି। ବରଗଡ଼ ସହର ପୋଲିସ ଛାଉଣୀରେ ପରିଣତ ହୋଇଥିବାବେଳେ ବିଭିନ୍ନ ଛକ ସ୍ଥାନରେ ପୋଲିସ ପଇଁତରା ମାରୁଛି। ବିକ୍ଷୋଭ କାର୍ଯ୍ୟକ୍ରମରେ ବିରୋଧୀ ଦଳ ଉପନେତା ତଥା ବିଜୁ କୃଷକ ସାମୁଖ୍ୟର ରାଜ୍ୟ ସଭାପତି ପ୍ରସନ୍ନ ଆଚାର୍ଯ୍ୟଙ୍କ ସମେତ ବିଧାୟକ ନଳିନୀ ପ୍ରଧାନ, ବିଧାୟକ ନିରଞ୍ଜନ ପୂଜାରୀ, ବିଧାୟକ ସୁଦର୍ଶନ ହରିପାଲ, ବିଧାୟକ ଦିବ୍ୟ ଶଙ୍କର ମିଶ୍ର, ବିଧାୟିକା ବର୍ଷା ସିଂ ବରିହା, ବିଧାୟକ ଅଧିରାଜ ପାଣିଗ୍ରାହୀ, ବିଧାୟକ ରୋମାଞ୍ଚ ରଞ୍ଜନ ବିଶାଳ, ବିଧାୟକ ରୋହିତ ଜେଷଫ ତିର୍କି, ବିଧାୟକ ଯୋଗେଶ ସିଂ, ବିଧାୟକ ପ୍ରଦୀପ ଦିସାରି, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ମନ୍ତ୍ରୀ ରୀତା ସାହୁ, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ପୂର୍ବତନ ମନ୍ତ୍ରୀ ରୁକ୍ମିନି ସାହୁ, ପୂର୍ବତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ଆୟୁବ ଖାନ, କିଶୋର ନାଏକ, ରାଜେନ୍ଦ୍ର ଛତ୍ରିଆ, ସରୋଜ ମେହେର, ଦୁଷ୍ମନ୍ତ ନାଏକ, ରୋହିତ ପୂଜାରୀ, ନିହାର ବେହେରା, ଆକାଶ ମିଶ୍ର ଗିରି ରାଜ ସିଂ, ନାରାୟଣ ଲୁହା, ପୌର ଅଧକ୍ଷା କଳ୍ପନା ମାଝୀ ଉପାଧକ୍ଷ ରାଜେଶ ଅଗ୍ରୱାଲ, ପ୍ରଦ୍ୟୁମ୍ନ ତ୍ରିପାଠୀ, କରନ ସିକନ୍ଦର, ମିନାକ୍ଷୀ ମିଶ୍ର, ପ୍ରଫୁଲ୍ଲ କୁମାର ନାଏକ, ଉମେଶ ପଣ୍ଡା, ଗୌରହରି ମିଶ୍ର, ବିକ୍ରମ ସିଂ ଦେଓ, ଦେବାନନ୍ଦ ଗଡ଼ତୀଆ, ନାରଦ ବରିହା, ଲମ୍ବୋଦର ନିଆଲ, ପୂର୍ବତନ ବିଧାୟକ ରୋହିତ ପୂଜାରୀ, ସିଦ୍ଧାର୍ଥ ଦାଶ, ମନୋଜ ମହାପାତ୍ର, ହୀରାଲାଲ ବେହେରା, କୁମୁଦିନୀ ନାଏକ କିଶୋର ମିଶ୍ର, ସୁନିଲ କିଶାନ, ପ୍ରମୁଖ ଉପସ୍ଥିତ ଥିଲେ। କିଶୋର ଦେବତା ଧନ୍ୟବାଦ ଅର୍ପଣ କରିଥିଲେ।

# ପଞ୍ଚାୟତସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ପ୍ରସ୍ତୁତି ବୈଠକ

ପାଇକମାଳ,୧୮।୮(ବଢ଼ ଶତପଥୀ)

ପାଇକମାଳ ବ୍ଲକ ମାଣ୍ଡୋସିଲ ଜୁନିୟର କଲେଜ ପରିସରରେ ଶ୍ରୀଜଗନ୍ନାଥ ଯୁବ ସଙ୍ଗଠନ ଉପସ୍ଥିତିରେ ମାଣ୍ଡୋସିଲ ପଞ୍ଚାୟତ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏନେଇ ପ୍ରତିଯୋଗିତା ଉପରେ ଆଲୋଚନା ହୋଇଥିଲା। ସର୍ବସମ୍ମତି କ୍ରମେ ଆସନ୍ତା ଡିସେମ୍ବରରେ କ୍ରୀଡ଼ା ପ୍ରତିଯୋଗିତା କରିବା ପାଇଁ ସ୍ଥିର ହୋଇଛି। ବୈଠକରେ ଗୋକୁଳାନନ୍ଦ ଡନସନା, ବୈବସୁତ ପ୍ରଧାନ, ମହେନ୍ଦ୍ର କୁମାର ଖୁଣ୍ଟିଆ, ଶରତ ଚନ୍ଦ୍ର ହଂସ, ତପନ କୁମାର ବହିଦାର, ରାଜୀବ ସାହୁ, ଋଷଦେବ ରଣା, ପ୍ରଦୀପ ଦାଶ, ଚନ୍ଦ୍ର ବିରାଟ, ମଣ୍ଟୁ ରଣା, ମହେନ୍ଦ୍ର ମଲ୍ଲିକ, ବେଦବ୍ୟାସ ପୁଟା, ରିଙ୍କୁ ସାହୁ, ଅକ୍ଷୟ ସାହୁ, ଅନିଲ ଦାସ, ଅଜୟ ଖୁଣ୍ଟିଆ, ଭୂପେନ୍ଦ୍ର ସାହୁ, ମାନସ ନାୟକ, ଗୋପୀନାଥ ସାହୁ, ଘନ ବଣ୍ଡା ପ୍ରମୁଖ ବୈଠକରେ ଉପସ୍ଥିତ ଥିବା ବେଳେ ଶେଷରେ ବୈବସୁତ ପ୍ରଧାନ ଧନ୍ୟବାଦ ଦେଇଥିଲେ।


ବୈଠକରେ ଆଲୋଚନା ଚାଲିଛି।


ପଦ୍ମପୁର ଥାନା ପରିସରରେ ମହିଳା ଗୋଷ୍ଠୀ।

# ମଦ ଭାଟି ବନ୍ଦ ପାଇଁ ଉପଜିଲାପାଳଙ୍କୁ ଦାବିପତ୍ର

ପଦ୍ମପୁର,୧୮।୮(ପ୍ରଦୀପ୍ତ ଦାଶ)

ପଦ୍ମପୁର ଉପଖଣ୍ଡ ସର୍ଗିବାହାଲ ଗ୍ରାମପଞ୍ଚାୟତ ଢୋଲବନ୍ଧ ଓ ପାଖ ଅଞ୍ଚଳରେ ମଦ ବିକ୍ରି ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଦାବି କରାଯାଇଛି। ଏହି ପରିପ୍ରେକ୍ଷୀରେ ସୋମବାର ଢୋଲବନ୍ଧର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସମେତ ଶତାଧିକ ଗ୍ରାମବାସୀ ପଦ୍ମପୁର ଉପଜିଲାପାଳ ଅରୁଗୁଲା ସ୍ନେହାଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପୂର୍ବରୁ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଓ ମହିଳାମାନେ ଗାଁରେ ମଦ ବିକ୍ରି ବନ୍ଦ ଡାକରା ଦେଇଥିଲେ। ସ୍କୁଲ ଛାତ୍ରୀଛାତ୍ର ଓ ମହିଳାଙ୍କ ସୁରକ୍ଷା ଦୃଷ୍ଟିରୁ ତୁରନ୍ତ ମଦ ବିକ୍ରି ବନ୍ଦ କରିବାକୁ ଉପଜିଲାପାଳ ସ୍ନେହାଙ୍କୁ ନିବେଦନ କରିଛନ୍ତି। ଏ ସଂକ୍ରାନ୍ତରେ ପୋଲିସକୁ ମଧ୍ୟ ଜଣାଇଛନ୍ତି। ନିଶା ଦ୍ୱାରା ନାବାଳକ, ଯୁବ ଗୋଷ୍ଠୀ ପଥଭ୍ରଷ୍ଟ ହୋଇ ଅନେକ ଅସାମାଜିକ କାମ କରୁଛନ୍ତି। ପରିବାର, ଗାଁରେ ଅଶାନ୍ତି ସୃଷ୍ଟି ହେଉଛି। ଶାରୀରିକ, ମାନସିକ, ଆର୍ଥିକ ଶୋଷଣର ଶିକାର ହେଉଛନ୍ତି। ତେଣୁ ମଦ ବନ୍ଦ କରିବା ପାଇଁ ସେମାନେ ଦାବି କରିଛନ୍ତି।

# ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର

କନ୍ଧମାଳ,୧୮।୮(ଆଦିତେଶ୍ୱର ମିଶ୍ର)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ପରିସରରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲାପାଳ ବିଭୂତି ଭୂଷଣ ନାୟକ ଯୋଗଦେଇ ଜନଶୁଣାଣିର ଶୁଭାରମ୍ଭ କରିଥିଲେ। ଶିବିରରେ ସମୁଦାୟ ୧୦୩ ଅଭିଯୋଗ ପଞ୍ଜୀକରଣ ହୋଇଥିବା ବେଳେ ସେଥିମଧ୍ୟରୁ ବ୍ୟକ୍ତିଗତ ୮୮ ଅଭିଯୋଗ ଥିବା ବେଳେ ୧୫ ସାମୂହିକ ଅଭିଯୋଗ ଥିଲା। ଶିବିରରେ ୭ଟି ଅଭିଯୋଗର ତତ୍କାଳ ଫଇସଲା ହୋଇଥିଲା। ଶିବିରରେ ଜିଲା ରେଡକ୍ରସରୁ ୧୩ ହଜାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ବେଳେ ଜଣକୁ ହୁଇଲ ଚେୟାର ପ୍ରଦାନ କରାଯାଇଥିଲା। ଶିବିରରେ ଆରକ୍ଷୀ ଅଧୀକ୍ଷକ ରାହୁଲ ଗୋଏଲ, ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସଚନ୍ଦ୍ର ଦଣ୍ଡସନା ଓ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।


ଶିବିରରେ ଜିଲାପାଳ ଓ ଅନ୍ୟମାନେ।

# ବରଗଡ଼ ଭାଜପା ଉପ ସଭାପତିଙ୍କ ପିତୃ ବିୟୋଗ

ପାଇକମାଳ,୧୮।୮ବଢ ଶତପଥୀ : ବରଗଡ଼ ଜିଲା ଭାଜପା ଉପସଭାପତି ସରୋଜ ସାମଲଙ୍କ ପିତା ରସାନନ୍ଦ ସାମଲ(୮୪)ଙ୍କ ସୋମବାର ପାଇକମାଳ ବାସଭବନରେ ପରଲୋକ ହୋଇଯାଇଛି।



ବାର୍ଦ୍ଧକ୍ୟଜନିତ ଅସୁସ୍ଥତା ଯୋଗୁ ସେ ଦୀର୍ଘଦିନରୁ ଶଯ୍ୟାଶାୟୀ ରହି ଚିକିତ୍ସିତ ହେଉଥିଲେ। ମୃତ୍ୟୁଶଯ୍ୟା ପାଖରେ ତାଙ୍କ ସ୍ତ୍ରୀ ଦେବକୀ ସାମଲ, ପୁତ୍ର ସରୋଜ ସାମଲ, ପୁତ୍ରବଧୂ ଅନୀମା ରାଉତ, ନାତି ନାତୁଣୀ ଉପସ୍ଥିତ ଥିଲେ। ସ୍ୱର୍ଗତ ସାମଲ ଜଣେ ସଚ୍ଚୋଟ ଓ ଧର୍ମପରାୟଣ ବ୍ୟକ୍ତି ଥିଲେ। ତାଙ୍କ ପୁତ୍ର ସରୋଜ ସାମଲ ମୁଖାଗ୍ନି ଦେଇଥିଲେ। ବରଗଡ ଏମ୍‌ପି ପ୍ରଦୀପ ପୁରୋହିତ ଶୋକ ବ୍ୟକ୍ତ କରିବା ସହ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

# ୫୩ ଅଭିଯୋଗ ଶୁଣିଲେ ଜିଲାପାଳ

ଅତାବିରା,୧୮।୮(ଯୁଧିଷ୍ଠିର ମହାପାତ୍ର)

ଅତାବିରା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲାପାଳ ଆଦିତ୍ୟ ଗୋୟଲଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଗୋୟଲଙ୍କ ବ୍ୟତୀତ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଲାଟ କୁମାର ଲୁହା, ବରଗଡ଼ ଉପଜିଲାପାଳ ପ୍ରସନ୍ନ କୁମାର ପାଣ୍ଡେ ଏବଂ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର କୁବେର ମହନ୍ତ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଉକ୍ତ ଶିବିରରେ ଜଳସେଚନ, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ, ରାଶନ କାର୍ଡ, ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଆଧାରିତ ସମୁଦାୟ ୫୩ ଅଭିଯୋଗର ଶୁଣାଣି କରି ସମସ୍ତ ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



ଅତାବିରାରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଚାଲିଛି।

# ରାଗିଂ ବିରୋଧୀ ସପ୍ତାହର ଉଦ୍‌ଯାପନୀ ଉତ୍ସବ

ପଦ୍ମପୁର, ୧୮।୮(ପ୍ରଦୀପ୍ତ ଦାଶ)

ଅଞ୍ଚଳ ମହାବିଦ୍ୟାଳୟ ପଦ୍ମପୁରର ସମ୍ମେଳନ କକ୍ଷରେ ଅଧକ୍ଷ ଖଗେଶ୍ୱର ଦାଶଙ୍କ ଅଧକ୍ଷତାରେ ଜାତୀୟ ରାଗିଂ ବିରୋଧୀ ସପ୍ତାହର ଉଦ୍‌ଯାପନୀ ଉତ୍ସବ ସୋମବାର ପାଳିତ ହୋଇଛି। ଦାଶ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗଙ୍କ ମାର୍ଗଦର୍ଶିକା ଅନୁଯାୟୀ ଜାତୀୟ ରାଗିଂ ବିରୋଧୀ ସପ୍ତାହ ପାଳନର ଉଦ୍ଦେଶ୍ୟଗୁଡ଼ିକ ଉପରେ ଆଲୋକପାତ କରିଥିଲେ। କଲେଜର ରାଗିଂ ବିରୋଧୀ ସେଲର ମୁଖ୍ୟ ସନ୍ତୋଷ କୁମାର ମିଶ୍ର ବିଭିନ୍ନ ପ୍ରକାରର ରାଗିଂକୁ ଉଦାହରଣ ସହିତ ଉପସ୍ଥାପନ କରି ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ଭାବରେ ଆଡ୍‌ଭୋକେଟ ଦୀପ୍ତିମୟୀ ଶତପଥୀ ଯୋଗ ଦେଇ ରାଗିଂରେ ସମ୍ପୃକ୍ତ ଥିବା ନୀତି, ନିୟମ ତଥା ସାମ୍ବିଧାନିକ ଆଇନ ବିଷୟରେ ଆଲୋକପାତ କରି ଛାତ୍ରୀଛାତ୍ରମାନଙ୍କ ଉତ୍ତମ ଭବିଷ୍ୟତ ଗଠନ ଦିଗରେ ରାଗିଂ କିପରି ସମସ୍ୟା ସୃଷ୍ଟି କରେ ତାହାକୁ ଉପସ୍ଥାପନ କରି ଏହାକୁ ରୋକିବା ପାଇଁ ପରାମର୍ଶ ଦେଇଥିଲେ। ଆଭ୍ୟନ୍ତରିକ ଅଭିଯୋଗ କମିଟିର ମୁଖ୍ୟ ଝୁନୁ ପରିଡ଼ା ରାଗିଂକୁ ରୋକିବା ପାଇଁ ବିଭିନ୍ନ ଉପାୟଗୁଡ଼ିକୁ ବିଶ୍ଳେଷଣ କରି ଛାତ୍ରୀଛାତ୍ରମାନଙ୍କୁ ଏହାଠାରୁ ଦୂର ରହିବା ପାଇଁ ପରାମର୍ଶ ଦେଇଥିଲେ। ଶକ୍ତିଶ୍ରୀ ସଂଯୋଜିକ ଶର୍ମିଳା ପଣ୍ଡା ନିଜ ଅଭିଭାଷଣ ରଖି ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ସମସ୍ତେ ଆଣ୍ଟି-ରାଗିଂ ଶପଥ ପାଠ କରିଥିଲେ ଏବଂ ଏହା ପାଇଁ ଏକ ରାଲି ମଧ୍ୟ ଅନୁଷ୍ଠିତ ହେଇଥିଲା। ପ୍ରଭାତ କୁମାର ମହାପାତ୍ର, ତାରା ପ୍ରସାଦ ଶତପଥୀ, ନବକୃଷ୍ଣ ମିଶ୍ର, ପ୍ରମୋଦ କୁମାର ତ୍ରିପାଠୀ, ପ୍ରମୋଦ କୁମାର ପାଣିଗ୍ରାହୀ, ପୂର୍ଣ୍ଣମା ଦୋରା, ବୁନି ସାହୁଙ୍କ ସମେତ ସମସ୍ତ ଅଧ୍ୟାପକ-ଅଧ୍ୟାପିକା, ପ୍ରାଧ୍ୟାପକ-ପ୍ରାଧ୍ୟାପିକା ଏବଂ ଛାତ୍ରୀଛାତ୍ରମାନେ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।



ଆଣ୍ଟି-ରାଗିଂ ପାଇଁ ରାଲି କରାଯାଉଛି।

# ସମ୍ବର୍ଦ୍ଧିତ ହେଲେ ପର୍ବତାରୋହୀ ଆଶୀର୍ବାଦ

ଅତାବିରା,୧୮।୮(ଯୁଧିଷ୍ଠିର ମହାପାତ୍ର)

ଅତାବିରା ବ୍ଲକସ୍ଥିତ ଅଗ୍ରଣୀ ଶିକ୍ଷାକେନ୍ଦ୍ର ଲରମ୍ଭା ମହାବିଦ୍ୟାଳୟଠାରେ ଗଙ୍ଗାଧର ମେହେର ଜୟନ୍ତୀ ଅବସରରେ ରବିବାର ଲରମ୍ଭା ମହାବିଦ୍ୟାଳୟର ପ୍ରାକ୍ତନ ଛାତ୍ର ତଥା ପର୍ବତାରୋହୀ କୁଲୁତା ଟୁକୁରା ନିବାସୀ ଆଶୀର୍ବାଦ ମହାପାତ୍ର ସମ୍ବର୍ଦ୍ଧିତ ହୋଇଛନ୍ତି। ଏହି ଅବସରରେ ସଭାପତି ଲରମ୍ଭା ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ କୁମାର ମହାନ୍ତି, ମୁଖ୍ୟଅତିଥି ଲରମ୍ଭା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ନେପାଳ ପ୍ରଧାନ, ମୁଖ୍ୟବକ୍ତା ପଞ୍ଚାୟତ ମହାବିଦ୍ୟାଳୟ ଇଂଲିଶ ବିଭାଗର ସହକାରୀ ପ୍ରଫେସର ମାନଭଞ୍ଜନ ପାଣିଗ୍ରାହୀ, ଲରମ୍ଭା ମହାବିଦ୍ୟାଳୟର ଯୁକ୍ତ ୨ ଅଧିକାରୀ ଡ. ଦିଗମ୍ବର ଚାନ୍ଦ, ଓଡ଼ିଆ ବିଭାଗମୁଖ୍ୟ ଡ. ଶାନ୍ତିଲତା ବାରିକ ମଞ୍ଚାସୀନ ରହିଥିଲେ। ମାନପତ୍ର ଓ ଉପଢୌକନ ପ୍ରଦାନ ସହ ତାଙ୍କର ଉତ୍ତରୋତ୍ତର ଜୀବନ ସୁଖମୟ କାମନା କରାଯାଇଥିଲା। ଦକ୍ଷିଣ ଆଫ୍ରିକାର ତାଞ୍ଜାନିଆସ୍ଥିତ କିଲିମାଞ୍ଜାରୋ ପର୍ବତ ଆରୋହଣର ସ୍ମୃତି ଓ ଅନୁଭୂତିକୁ ପ୍ରକାଶ କରି ଆଗାମୀ ଦିନରେ କିପରି ଆହୁରି ଛାତ୍ରୀଛାତ୍ର ଏ ଦିଗରେ ସଫଳତା ଆଣିବେ ସେ ଉପରେ ମହାପାତ୍ର ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରକାଶଯୋଗ୍ୟ, ଏହା ପୂର୍ବରୁ ଲରମ୍ଭା କଲେଜ ଛାତ୍ରୀ ଲିପିକା ସେଟ ଉକ୍ତ ପର୍ବତ ଆରୋହଣ କରି ଗୌରବ ଆଣି ପାରିଛନ୍ତି। ଗୋଟିଏ କଲେଜରୁ ଦୁଇଜଣ ସଫଳତା ପାଇଥିବାରୁ ଅଞ୍ଚଳରେ ପ୍ରଶଂସା କରାଯାଇଛି। ସମ୍ବର୍ଦ୍ଧିତ ପ୍ରତିଭାରେ କଲେଜର ଅଧ୍ୟାପକ ପବିତ୍ର କୁମାର ମାହାଣା, ବଡ଼ବାବୁ ପ୍ରମୋଦ ଚନ୍ଦ୍ର ସେଠ ସହଯୋଗ କରିଥିବା ବେଳେ ନିମନ୍ତ୍ରିତ ଅତିଥି, ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମକର୍ତ୍ତା ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।


ସମ୍ବର୍ଦ୍ଧନା ବେଳେ ଅତିଥିଙ୍କ ଗହଣରେ ପର୍ବତାରୋହୀ ଆଶୀର୍ବାଦ ମହାପାତ୍ର।

# କଫ ସିରପ୍ ଜବତ, ୨ ଗିରଫ

ଅତାବିରା, ୧୮।୮(ଯୁଧିଷ୍ଠିର ମହାପାତ୍ର)

କଫ ସିରପ୍ ଓ ନିଶା ଟାବ୍‌ଲେଟ କାରବାର କରିବା ଅଭିଯୋଗରେ ଅତାବିରା ପୋଲିସ ରବିବାର ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତମାନେ ହେଲେ ସମ୍ବଲପୁର ଷ୍ଟେଶନପଡ଼ା ଅଞ୍ଚଳର ସାହିଲ ବ୍ୟାଗ (୨୬) ଓ ବିକାଶ ଛତ୍ରପାଲ(୨୦)। ଅତାବିରା ଥାନା ଆଇଆଇସି ପ୍ରକାଶ କର୍ଣ୍ଣଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ଟିମ୍ ପକ୍ଷରୁ ଚକୁଲି ଫାର୍ମ ଓଭରବ୍ରିଜ ବାହାର ପାଖରେ ଚଢ଼ାଉ କରାଯାଇଥିଲା। ସେଠାରେ ବେଆଇନ ଭାବେ ନିଶା କାରବାର ଚାଲିଥିବା ସମୟରେ ଦୁଇ ଅଭିଯୁକ୍ତଙ୍କଠାରୁ ୩୩୫ ପ୍ୟାକେଟ କଫ ସିରପ୍ ସହିତ କିଛି ଖୋଲା କଫ ସିରପ୍ ବୋତଲ ଏବଂ ୨୦ ପ୍ୟାକେଟ ନିଶା ଟାବ୍‌ଲେଟ ଜବତ ହୋଇଥିଲା। ସମ୍ବଲପୁର ଜିଲାରୁ ବରଗଡ଼ ଜିଲା ଅଞ୍ଚଳରେ ଏହାକୁ ବିତରଣ କରିବା ପାଇଁ ଅଭିଯୁକ୍ତ ଦ୍ୱୟ କାର୍ଯ୍ୟ କରୁଥିଲେ। ଉଭୟ ଅଭିଯୁକ୍ତଠାରୁ କଫ ସିରପ୍, ନିଶା ଟାବ୍‌ଲେଟ ସହ ୨ଟି ବାଇକ୍ ଓ ୨ଟି ମୋବାଇଲ ଫୋନ ଜବତ କରାଯାଇଛି। ଏ ନେଇ ଅତାବିରା ଥାନା (ନଂ.୩୦୬/୨୫)ରେ ମାମଲା ରୁଜୁ ହୋଇଛି।


ଜବତ କଫ ସିରପ୍ ସହ ଗିରଫ ୨ ଅଭିଯୁକ୍ତ।

# ବିଜୁ ଛାତ୍ର ଜନତା ଦଳ ଗଠନ

ହରଭଙ୍ଗା,୧୮।୮(ନରେନ୍ଦ୍ର କୁମାର ସାହୁ): ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ପୁରୁଣାକଟକସ୍ଥିତ ଭୈରବୀ ସ୍ନାତକ ମହାବିଦ୍ୟାଳୟରେ ସୋମବାର ବିଜୁ ଛାତ୍ର ଜନତା ଦଳ ଗଠନ ହୋଇଛି। ସଭାପତି ଭାବେ ତେଜ ଜଗଦଲା, ଉପସଭାପତି ଭାବେ ସାଗର ମହାଲିକ ଓ ଶୁଭମ ମହାପାତ୍ର, ସୁମନ ପ୍ରଧାନ ମନୋନୀତ ହୋଇଛନ୍ତି। ଗଠନ ପରେ ବୈଠକ ଅନୁଷ୍ଠିତ ହେବା ସହ ଏକ ଦାବିପତ୍ର ପୁରୁଣାକଟକଠାରେ ଥିବା ସରକାରୀ ବସଷ୍ଟାଣ୍ଡର ଅଧିକାରୀଙ୍କୁ ଦେଇଥିଲେ। ଦାବିପତ୍ରରେ ମୋ ବସ ସେବା ଗ୍ରାମାଞ୍ଚଳରୁ ଆସୁଥିବା ବେଳେ ସେଥିରେ ୮୦ ପ୍ରତିଶତ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଯିବା ଆସିବା କରନ୍ତି। ବସ ସେବାରେ ୬ ଗୋଟି ସିଟ ଶାରୀରିକ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ପାଇଁ ରଖିବାକୁ ଦାବି କରିଥିଲେ।

## ସଂକ୍ଷେପରେ

### ସାପ କାମୁଡ଼ାରେ ବାଳକଙ୍କ ମୃତ୍ୟୁ

ବଡ଼ଗାଁ,୧୮।୮(ଅଶୋକ ଷଡଙ୍ଗୀ): ବଡ଼ଗାଁ ଗୌଡ ପଡ଼ାରେ ସୋମବାର ଭୋରରୁ ସାପ କାମୁଡାରେ ଜଣେ ବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବଡ଼ଗାଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ସପ୍ତମ ଶ୍ରେଣୀ ପଢୁଥିବା ରାକେଶ କଉଡ଼ି (୧୩)। ସୂଚନା ଅନୁଯାୟୀ, ରାକେଶ ରାତିରେ ଖାଇ ପିଇ ତଳେ ଶୋଇଥିଲେ। ଭୋର୍ ସମୟରେ ତାଙ୍କ କାନକୁ ଏକ ଚିତି ସାପ କାମୁଡି ଦେଇଥିଲା। ଘର ଲୋକେ ସାପକୁ ମାରିଦେଇ ରାକେଶଙ୍କୁ ବଡ଼ଗାଁ ଡାକ୍ତରଖାନାକୁ ନେଇଥିଲେ। ସେଠାରୁ ସୁନ୍ଦରଗଡ଼ ନିକଟସ୍ଥ ଶଙ୍କରା ସ୍ଥିତ ଏନଟିପିସି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା।

### ଲାପ୍‌ଟପ୍ ଚୋରି, ଡାଟା ସେଣ୍ଟର କର୍ମଚାରୀ ଗିରଫ

ରାଉରକେଲା,୧୮।୮(ସଙ୍ଗୀତା ଜେନା): ରାଉରକେଲା ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନ୍‌ଆଇଟି)ର ଏକ ଲ୍ୟାବ୍‌ରୁ ଜଣେ ଛାତ୍ରୀଙ୍କ ଲ୍ୟାପ୍‌ଟପ୍ ଚୋରି ଅଭିଯୋଗରେ ସୋମବାର ସେକ୍ଟର-୩ ଥାନା ପୋଲିସ ସେଠାରେ କାର୍ଯ୍ୟରତ ଜଣେ ଡାଟା ସେଣ୍ଟର କର୍ମଚାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ କୋଏଲନଗର ନିବାସୀ ପ୍ରୀୟଦର୍ଶୀ ପତି(୩୦)। ତାଙ୍କଠାରୁ ଚୋରି ଲାପଟପ୍ ଜବତ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧୫୪/୨୫) ରୁଜୁ କରି ଅଭିଯୁକ୍ତଙ୍କୁ ଅପରାହ୍ନ ୪ଟାରେ କୋର୍ଟଚାଲାଣ କରିଛି। ଅଭିଯୋଗକାରିଣୀ କନ୍ଧମାଳ ନିର୍ବସୀ ତଥା ବର୍ତ୍ତମାନ ସିଭିଆର୍ ହଲ୍‌ରେ ରହୁଥିବା ତନୟା ସୁବୁଦ୍ଧି(୨୪) ଗତ ୧୬ ତାରିଖରେ ଥାନାରେ ଦେଇଥିବା ଏତଲା ଅନୁଯାୟୀ, ସେ ଲ୍ୟାବ୍‌ରେ ତାଙ୍କ ଲାପଟପ୍ ରଖି ଆସିଥିଲେ। ପରେ ଖୋଜିବା ବେଳକୁ ଆଉ ତାହା ମିଳି ନ ଥିଲା। ଏହାସହ ଅନ୍ୟ ଉପକରଣ ମଧ୍ୟ ଗାୟବ ଥିଲା। ସିସିଟିଭି ଯାଞ୍ଚ କରିବାରୁ ଡାଟା ସେଣ୍ଟର କର୍ମଚାରୀ ଏହାକୁ ଚୋରି କରିଥିବା ଜଣାପଡ଼ିଥିଲା। ପରେ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ।

# ଜଙ୍ଗଲ ଜମିରୁ ଜବରଦଖଲ ଉଚ୍ଛେଦ

ରାଉରକେଲା, ୧୮।୮(ସଙ୍ଗୀତା ଜେନା)

ରାଉରକେଲା ବନ ବିଭାଗ ଅଧୀନରେ ଥିବା ବିଭିନ୍ନ ସ୍ଥାନରେ ଜବରଦଖଲକୁ ଉଚ୍ଛେଦ କରାଯାଉଛି। ଏହି କ୍ରମରେ ସୋମବାର ପୂର୍ବାହ୍ନ ୧୦ଟା ଇଏସ୍‌ଆଇସି ହସ୍ପିଟାଲ ପଛପାର୍ଶ୍ୱରେ ଥିବା ଲେବର ଟେନାମେଣ୍ଟ ଅଞ୍ଚଳରେ ଜବରଦଖଲକୁ ଉଚ୍ଛେଦ କରାଯାଇଛି। ସେହିପରି ପ୍ରାୟ ୩ଶହ ଫୁଟ୍ ଜମିକୁ ଗଛ କାଟି ଦଖଲ କରିଥିବା ଅଭିଯୋଗରେ ଜଣେ ସ୍ଥାନୀୟ ଲୋକଙ୍କୁ ଗିରଫ କରାଯାଇଛି। ଗିରଫ ବ୍ୟକ୍ତି ଜଣଙ୍କ ହେଲେ ଅରୁଣ କୁମାର ବାରିକ। ତାଙ୍କଠାରୁ କଟାଯାଇଥିବା ଗଛ ଜବତ କରାଯାଇଛି। ଏ ନେଇ ବନ ବିଭାଗ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି। ରାଉରକେଲା ବନ ବିଭାଗ ସଂରକ୍ଷିତ ଅଞ୍ଚଳରେ ଥିବା ଉକ୍ତ ଘର ଉପରେ ପାନପୋଷ ରେଞ୍ଜ୍ ଅଫିସର ଜ୍ଞାନେନ୍ଦ୍ର ଲିମାଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା। ନିର୍ମାଣାଧୀନ ଘରକୁ ଭଙ୍ଗାଯାଇଛି। ତେବେ ଏଥିରେ ଅଧିକ ଲୋକଙ୍କ ସମ୍ପୃକ୍ତି ସନ୍ଦେହରେ ତଦନ୍ତ କରାଯାଉଛି ବୋଲି ଲିମା କହିଛନ୍ତି।


ଲେବର ଟେର୍ନାମେଣ୍ଟ ଅଞ୍ଚଳରେ ଜବରଦଖଲ ଉଚ୍ଛେଦ କରାଯାଉଛି।

## ୩ ଶିକ୍ଷାନୁଷ୍ଠାନ ଘରୋଇକରଣ ଉଦ୍ୟମକୁ ବିରୋଧ

ରାଉରକେଲା,୧୮।୮(ସଙ୍ଗୀତା ଜେନା)

ରାଉରକେଲା ସହର ଏବଂ ଇସ୍ପାତ କାରଖାନାର ଲବ୍ଧ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଇସ୍ପାତ ଇଂଲିଶ ମିଡ଼ିୟମ୍ ସ୍କୁଲ, ଫର୍ଟିଲାଇଜର ହାଇସ୍କୁଲ ଏବଂ ଇସ୍ପାତ ବିଦ୍ୟାମନ୍ଦିରକୁ ଘରୋଇ ମାଲିକାନାକୁ ଟେକିଦେବାକୁ ଚକ୍ରାନ୍ତ କରାଯାଉଛି। ଏହାକୁ ଅଲ୍ ଇଣ୍ଡିଆ ପ୍ୟାରେଣ୍ଟ୍ସ ଆସୋସିଏଶନ (ଏଆଇପିଏ) ତୀବ୍ର ନିନ୍ଦା କରିବା ସହିତ ଏହା ବିରୁଦ୍ଧରେ ଅଦାଲତ ଏବଂ ରାଜରାସ୍ତାରେ ଲଢ଼େଇ କରିବ ବୋଲି ଚେତାବନୀ ଦେଇଛି। ଏହି କ୍ରମରେ ସୋମବାର ଅପରାହ୍ନ ୪ଟାରେ ସଙ୍ଗଠନ ପକ୍ଷରୁ ସାଧାରଣ ସମ୍ପାଦକ ସୁରେନ୍ଦ୍ର ଦାଶ, ଉପସଭାନେତ୍ରୀ ବୁଦନୀ ମୁଣ୍ଡାରୀ, ଯୁଗ୍ମ ସମ୍ପାଦକ ଯଯାତି କେଶରୀ ସାହୁ, କାର୍ଯ୍ୟକାରୀ କମିଟି ସଦସ୍ୟ ରାଜୀବ ବସନ୍ତ ରାୟ, ବିଶ୍ୱନାଥ ଲେଙ୍କା ଓ ଅର୍ଚ୍ଚନା ମିଶ୍ର ପ୍ରମୁଖ ଏକ ପ୍ରେସ୍ ବିବୃତିରେ କହିଛନ୍ତି, ଘରୋଇକରଣ ଆଳରେ ଉକ୍ତ ବିଦ୍ୟାଳୟଗୁଡ଼ିକରେ ମୌଳିକ ଦାୟିତ୍ୱକୁ ଜଳାଞ୍ଜଳି ଦିଆଯାଉଛି। ଏହି ଶିକ୍ଷାନୁଷ୍ଠାନମାନଙ୍କରେ ବିଭିନ୍ନ ବର୍ଗ ଯଥା ଧୋବା, ବାରିକ, ଘରୋଇ ସେବାଦାର, ଅଟୋ ଚାଳକ ଓ ଆର୍ଥିକ ଅନଗ୍ରସର ଶ୍ରେଣୀର ପିଲାମାନେ ପାଠ ପଢୁଥିଲେ। ଘରୋଇକରଣ ହେବା ପରେ ସେମାନଙ୍କ ପାଇଁ ଶିକ୍ଷା ଦିବାସ୍ୱପ୍ନ ପାଲଟିଯିବ। ଉକ୍ତ ଶିକ୍ଷାନୁଷ୍ଠାଗୁଡିକ ଘରୋଇକରଣ ହେଲେ କାରଖାନା ପକ୍ଷରୁ ହୋଇଥିବା ଏନ୍‌ଜେସିଏସ୍ ଚୁକ୍ତିନାମାର ଚରମ ଉଲ୍ଲଂଘନ ହେବ। ଏହାକୁ ଏଆଇପିଏ ଆଦୌ ବରଦାସ୍ତ କରିବ ନାହିଁ। ଏଣୁ ଏହା ବିରୁଦ୍ଧରେ ପ୍ରତିବାଦ କରିବା ସହିତ ଅଦାଲତରେ ଲଢେଇ କରାଯିବ ବୋଲି ଏଆଇପିଏ ପକ୍ଷରୁ କୁହାଯାଇଛି।

## ଆନ୍ତଃ କଲେଜ ବିତର୍କ ପ୍ରତିଯୋଗିତା ଉଦ୍‌ଯାପିତ



ବିଚାରକମାନଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ରାଉରକେଲା,୧୮।୮(ଦିନେଶ ମିଶ୍ର)

ଉଦିତନଗରସ୍ଥିତ ଫିଟନେସ୍ ପାର୍କ ପରିସରରେ ରାଉରକେଲାର ସ୍ୱାଭିମାନୀ ଓଡିଆ ସଙ୍ଗଠନ ଆନୁକୂଲ୍ୟରେ 'ମୁଁ ବି ନେତା ହେବି' ଆନ୍ତଃ କଲେଜ ବିତର୍କ ପ୍ରତିଯୋଗିତାର ଗ୍ରାଣ୍ଡ ଫିନାଲେ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଓଡିଶାର ଅଭିବୃଦ୍ଧିରେ ସୁନ୍ଦରଗଡ ଜିଲାର ଅବଦାନ ବିଷୟ ବସ୍ତୁ ଉପରେ ବିତର୍କ ହୋଇଥିଲା। ପ୍ରଥମ ରାଉଣ୍ଡରେ ଶ୍ରେଷ୍ଠ ବିବେଚିତ ୧୪ ଜଣ ଛାତ୍ରୀଛାତ୍ର ଗ୍ରାଣ୍ଡ ଫିନାଲେରେ ଭାଗ ନେଇ ନିଜ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଆଇନଜୀବୀ ଅରବିନ୍ଦ ଦାସ, ବ୍ରଜେନ୍ଦ୍ର ଦାସ, ଅଧାପକ ଉମାକାନ୍ତ ପଣ୍ଡା ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ। ବିତର୍କ ପ୍ରତିଯୋଗିତାରେ ସ୍ମୃତିସାଗର ବଳ ପ୍ରଥମ, ପ୍ରୀତି ରଞ୍ଜନ ବାରିକ ଦ୍ୱିତୀୟ ଓ ସୁଜିତ ଗଡନାୟକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରଥମ ବିଜେତାଙ୍କୁ ୧୦ ହଜାର ଟଙ୍କା ସହ ଟ୍ରଫି, ଦ୍ୱିତୀୟ ବିଜେତାଙ୍କୁ ୫ ହଜାର ଟଙ୍କା ସହ ଟ୍ରଫି ଏବଂ ତୃତୀୟ ବିଜେତାଙ୍କୁ ୩ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା।

## କୋଏଲନଗର ସି ବ୍ଲକ ଦୁର୍ଗାପୂଜା କମିଟି ଗଠିତ

ରାଉରକେଲା, ୧୮।୮(ସଙ୍ଗୀତା ଜେନା)

କୋଏଲନଗର ସି ବ୍ଲକ ଦୁର୍ଗାପୂଜା କମିଟି ଗଠନ କରାଯାଇଛି। ଏ ନେଇ ରବିବାର ସନ୍ଧ୍ୟା ୭ଟାରେ ଦୁର୍ଗାପୂଜା ମଣ୍ଡପରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ରାଜେଶ ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ବୈଠକରେ ସର୍ବସମ୍ମତିକ୍ରମେ ଚଳିତ ବର୍ଷ ଦୁର୍ଗାପୂଜା ତଥା ଲକ୍ଷ୍ମୀପୂଜା ପାଇଁ ନୂତନ କମିଟି ଗଠନ ହୋଇଥିଲା। ପ୍ରସନ୍ନଜିତ ପାଢ଼ୀ ସଭାପତି, ଅକ୍ଷୟ ରାଉତ କାର୍ଯ୍ୟକାରୀ ସଭାପତି, ବିଦ୍ୟାଧର ଜେନା, ପ୍ରଭାକର ସାହୁ, କାଶୀନାଥ ରାଉତ, ନିଳୟ ପାତ୍ର ଓ ରାଜେଶ ଷଡଙ୍ଗୀ ଉପସଭାପତି, ରାଜେଶ ସିଂହ ସାଧାରଣ ସମ୍ପାଦକ, ଶ୍ରୀକାନ୍ତ ରାୟ, ସାଇ ମହାରଣା, ବିଶ୍ୱନାଥ ନାୟକ, ହାପି ପଟ୍ଟନାୟକ, ମନୋରଞ୍ଜନ ପାତ୍ର ଯୁଗ୍ମ ସମ୍ପାଦକ, ଅବନୀକାନ୍ତ ସିଂହ କୋଷାଧ୍ୟକ୍ଷ, ଅମିତ କଂସାରୀ ଯୁଗ୍ମ କୋଷାଧ୍ୟକ୍ଷ ଏବଂ ସୁବ୍ରତ ମଲ୍ଲିକ ଅଡିଟର ଭାବେ ଚୟନ ହୋଇଥିଲେ। ସେହିପରି ରବିନ୍ଦ୍ର ପାଣ୍ଡବ ପୂଜା କର୍ତ୍ତା ଭାବେ ମନୋନୀତ ହୋଇଥିଲେ।

## ଆଭା-ଅନ୍ୱେଷର ବାର୍ଷିକୋତ୍ସବ


ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ରାଉରକେଲା,୧୮।୮(ଦିନେଶ ମିଶ୍ର)

ରାଉରକେଲା ଡେଲିମାର୍କେଟସ୍ଥିତ ସହର ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଓ ଶିକ୍ଷାର୍ଥୀ ସାମାଜିକ କଲ୍ୟାଣ ସଙ୍ଗଠନ ଆଭା-ଅନ୍ୱେଷର ୧୧ତମ ବାର୍ଷିକୋତ୍ସବ ଓ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ରବିବାର ପାଳିତ ହୋଇଯାଇଛି। ସଙ୍ଗଠନର ସଭାପତି ଆର୍ତ୍ତତ୍ରାଣ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଲାଠିକଟା ବ୍ଲକ ଶିକ୍ଷାଧିକାରୀ ଦେବେନ୍ଦ୍ର ସା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏଭଳି କାର୍ଯ୍ୟକ୍ରମ ଛାତ୍ରୀଛାତ୍ରମାନଙ୍କ ଭିତରେ ଲୁଚି ରହିଥିବା ପ୍ରତିଭାକୁ ପ୍ରତିଫଳିତ କରିବାରେ ସହାୟକ ହେବ ବୋଲି କହିଥିଲେ। ପୂର୍ବତନ ବ୍ଲକ ଶିକ୍ଷାଧିକାରୀ ଶରତ କୁମାର ପତି ଉତ୍ସବର ଆଭିମୁଖ୍ୟ ପ୍ରକାଶ କରିଥିଲେ। ସତ୍ୟାନନ୍ଦ ବେହେରା ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବିଦ୍ୟାର୍ଥୀଙ୍କ ମାନସିକ ଓ ବୌଦ୍ଧିକ ବିକାଶ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ପୂର୍ବତନ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମାଜରେ ଭଲ ମଣିଷର ଆବଶ୍ୟକତାକୁ ଶିକ୍ଷକ ସମାଜର ଦୂରଦୃଷ୍ଟି ପୂରଣ କରିପାରିବ ବୋଲି ମତ ଦେଇଥିଲେ। ଶିକ୍ଷକ ବିଜୟ କୁମାର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଯଶୋବନ୍ତୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଧାମରା ସଂଘରେ ବର୍ଷା କବିତା ଆସର

ରାଉରକେଲା,୧୮।୮(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଛେଣ୍ଡସ୍ଥିତ ଧାମରା ସଂଘ ପରିସରରେ ଶନିବାର ପୂର୍ବାହ୍ନ ୧୦ଟାରେ ବର୍ଷା କବିତା ଆସର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପବିତ୍ର ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ସଙ୍ଗୀତ ଯେଭଳି ହୃଦୟରେ ଶିହରଣ ଭରେ, ବର୍ଷା ସେଭଳି ଜୀବଜଗତକୁ ନବସୃଜନର କ୍ଷମତା ପ୍ରଦାନ କରେ ବୋଲି କହିଥିଲେ। ସଂଘ ସଭାପତି ପ୍ରଶାନ୍ତ କୁମାର ବେହେରାଙ୍କ ସଭାପତିତ୍ୱ ଓ କବି ସୁଶାନ୍ତ କୁମାର ନାୟକଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ଇଂ. ଅଭୟ ସୂତାର ସମ୍ମାନୀତ ବକ୍ତା ଭାବେ ଯୋଗଦେଇ ବର୍ଷା ପ୍ରକୃତି ଓ ପ୍ରେମ ଚେତନାକୁ କେନ୍ଦ୍ର କରି ଉଭୟ ପ୍ରାଚ୍ୟ ଓ ପାଶ୍ଚାତ୍ୟ କବିତା ପ୍ରେମମୟ ଓ ଜୀବନ୍ତ ବୋଲି ମତ ଦେଇଥିଲେ। ସାଧାରଣ ସମ୍ପାଦକ ଭଗବାନ ରାଉତ ସମ୍ପାଦକୀୟ ବିବରଣୀ ପାଠ, ସହ ସାଧାରଣ ସମ୍ପାଦକ ଅକ୍ଷୟ କୁମାର ଦାସ ସ୍ୱାଗତ ଭାଷଣ ଏବଂ ସାହିତ୍ୟ ସମ୍ପାଦିକା ନିରୁପମା ପତି ମଞ୍ଚ ସଞ୍ଚାଳନ କରିଥିଲେ। ଶିକ୍ଷୟିତ୍ରୀ ଜାନକୀ ପାଢୀଙ୍କ ସଭାପତିତ୍ୱରେ ଆୟୋଜିତ କବିତା ଆସରରେ ସଙ୍ଗଠିକା ସଂଯୁକ୍ତା ବଳନାୟକ ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିଲେ। ଏଥିରେ ୪୨ଜଣ କବି ନିଜ କବିତା ପାଠ କରିଥିଲେ। ସାଂସ୍କୃତିକ ସମ୍ପାଦକ ସୁଶାନ୍ତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

## ଅଜିତ ଖାଡିଆ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ


ପଡିଆରେ ଉପସ୍ଥିତ ଖେଳାଳିଗଣ।

ରାଉରକେଲା,୧୮।୮(ଦିନେଶ ମିଶ୍ର)

ବାସନ୍ତୀ କଲୋନିସ୍ଥିତ ଡିଏଭି ଖେଳ ପଡିଆରେ ୨୫ତମ ଅଜିତ ଖାଡିଆ ଫୁଟବଲ୍ ଟୁର୍ନାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ସମାଜସେବୀ ପରୀକ୍ଷିତ ସାଗର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚ୍ ଦେଓଗାଁ ଓ ଛେଣ୍ଡ କଲୋନି ମଧ୍ୟରେ ଖେଳାଯାଇଥିଲା। ଏଥିରେ ଉଭୟ ଦଳ କେହି କାହାରିକୁ ଗୋଲ କରି ନ ପାରିବାରୁ ପେନାଲ୍‌ଟି ସୁଟ୍ ଆଉଟ୍‌ରେ ଦେଓଗାଁ ଦଳ ୨-୦ ଗୋଲରେ ବିଜୟୀ ହୋଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ସେହିଭଳି ଦ୍ୱିତୀୟ ମ୍ୟାଚ୍ ଆମ୍ବେଦକର ସ୍ପୋର୍ଟିଂ ଓ କିଷାନଟୋଲା ମଧ୍ୟରେ ଖେଳାଯାଇଥିଲା। ଏଥିରେ ଆମ୍ବେଦକର ସ୍ପୋର୍ଟିଂ ୧-୦ ଗୋଲରେ କିଷାନଟୋଲା କ୍ଲବକୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଏହି ଦୁଇଟି ମ୍ୟାଚ୍‌କୁ ମନୋଜ ତିର୍କୀ, କାହ୍ନୁ ଦାସ ଓ ସୁନୀଲ ହାସଁଦା ରେଫରି ଭାବେ ପରିଚାଳନା କରିଥିଲେ। ଅର୍ଜୁନ ଖାଡିଆ, ଚିତ୍ତରଞ୍ଜନ ହୋତା, ରମେଶ ଖାଡିଆ, ଲାଲସିଂ ଖାଡିଆ, ଅଜୟ ଖାଡିଆ, ବିଶ୍ୱମ୍ଭର ବଡାଇକ, ସୁବାଷ କେରକେଟା, ପୋଲାଡ ଟୋପୋ, ଅଶୋକ ଖାଡିଆ, ଜିମି ହାସଁଦା, ଆକାଶ ଖାଡିଆ, ଜଗନ୍ନାଥ ମାଝୀ ପ୍ରମୁଖ ସହଯୋଗ କରିଥିଲେ। ଡକ୍ଟର ବାବା ସାହେବ ଆମ୍ବେଦକର କ୍ଲବ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟରେ ରାଉରକେଲା ତଥା ଆଖପାଖ ଅଞ୍ଚଳରୁ ୫୪ଟି ଟିମ୍ ଅଂଶଗ୍ରହଣ କରିଛନ୍ତି। ଟୁର୍ନାମେଣ୍ଟରେ ଚାମ୍ପିୟନ ଦଳକୁ ୫ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅପ୍ ଦଳକୁ ୩ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ ବୋଲି କ୍ଲବର ସଭାପତି ସୂର୍ଯ୍ୟ ହାସଁଦା ସୂଚନା ଦେଇଛନ୍ତି।

## ଝିଙ୍ଗିଆ ଓରାମଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀରେ ଶ୍ରଦ୍ଧାଞ୍ଜଳି

ରାଉରକେଲା, ୧୮।୭(ବିପ୍ଳବ ରଞ୍ଜନ ଦାଶ)

ସୁନ୍ଦରଗଡ଼ ଏମ୍‌ପି ତଥା କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କ ସ୍ତ୍ରୀ ଝିଙ୍ଗିଆ ଓରାମଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ସୋମବାର ରାଉରକେଲା ଭାଜପା ଜିଲା କାର୍ଯ୍ୟାଳୟରେ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାକ୍ତନ ଜିଲା ସଭାନେତ୍ରୀ ଲତିକା ପଟ୍ଟନାୟକ, ଜିଲା ମୁଖପାତ୍ର ଗଙ୍ଗାଧର ଦାଶ, ଚେତନ ନାୟକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଝିଙ୍ଗିଆ ଓରାମଙ୍କ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ଓରାମ ଜଣେ ଆଦର୍ଶ ମହିଳା, ଧର୍ମ ପରାୟଣା, ସମାଜସେବୀ, ମେଳାପୀ, ଉତ୍ତମ ଗୃହିଣୀ, ପ୍ରେରଣା ଦାୟିନୀ ଥିଲେ। ତାଙ୍କର ଅମୂଲ୍ୟ ଅବଦାନ ଏବଂ ଉତ୍ସର୍ଗୀକୃତ ଜୀବନ ସମସ୍ତଙ୍କ ପାଇଁ ପ୍ରେରଣାଦାୟକ ଥିଲା ବୋଲି ମତପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗବନ୍ଧୁ ବେହେରା ଓ ରମେଶ ଅଗ୍ରୱାଲ, ମଳୟ ମହାପାତ୍ର, ଶଶାଙ୍କ ଶେଖର ଜେନା, ସରୋଜ କୁମାର ଦାସ, ମନୋରଞ୍ଜନ ମୁନି, ଦିଲୀପ ପଟ୍ଟନାୟକ, ଦିଲୀପ ଦାଶ, ବାବୁଲି ମୁର୍ମୁ, ପ୍ରବାଲ ବାରିକ ପ୍ରମୁଖ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଦଳୀୟ ନେତୃବୃନ୍ଦ।

## ଶୋଭାପାଇବ କଟକ ରେଳ ଷ୍ଟେଶନ ତୋରଣ

ରାଉରକେଲା,୧୮।୮(ଦିନେଶ ମିଶ୍ର)

### ଡିଏଭି ଗଣେଶ ପୂଜା ମଣ୍ଡପ



ନିର୍ମାଣାଧୀନ କଟକ ରେଳ ଷ୍ଟେଶନ ପ୍ରତିକୃତି ଗେଟ୍ ।

ବାସନ୍ତୀ କଲୋନିସ୍ଥିତ ଡିଏଭି ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଡିଏଭି ଆଖଣ୍ଡଳମଣି କମିଟି ପକ୍ଷରୁ ଚଳିତ ବର୍ଷ ଗଣେଶ ପୂଜା ପାଳନ ନେଇ ପ୍ରସ୍ତୁତି ଜୋରସୋରରେ ଚାଲିଛି। ଏହି କମିଟି ପକ୍ଷରୁ ଚଳିତ ବର୍ଷ ଗଣେଶ ପୂଜା ମଣ୍ଡପରେ କଟକ ରେଳ ଷ୍ଟେଶନର ତୋରଣ ଶୋଭାପାଇବ ବୋଲି ସଭାପତି ସପନ ବେହେରା ସୂଚନା ପ୍ରଦାନ କରିଛନ୍ତି। ଏହି ପେଣ୍ଡାଲ ୫୫ ଫୁଟ୍ ଉଚ୍ଚତା ବିଶିଷ୍ଟ ହେବ। ସମ୍ପୂର୍ଣ୍ଣ ତୋରଣ ରଙ୍ଗୀନ ଆଲୋକମାଳାରେ ସଜ୍ଜିତ ହେବ। ଗଣେଶ ପୂଜାକୁ ୨୬ ବର୍ଷ ପୂରୁଥିବାବେଳେ ପ୍ରତିଦିନ ପେଣ୍ଡାଲକୁ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁମାନଙ୍କୁ ପ୍ରସାଦ ବିତରଣ କରାଯିବ। ପେଣ୍ଡାଲରେ ମୁମ୍ବାଇର ଲାଲବାଗ ରାଜା ଗଣପତି ନାଥ ମୂର୍ତ୍ତି ଶୋଭାପାଇବ। ମୂର୍ତ୍ତିର ଉଚ୍ଚତା ସାଢେ ୧୪ ଫୁଟ୍ ହେବ। ଏଥିପାଇଁ କମିଟି ପକ୍ଷରୁ ସମୁଦାୟ ୮ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଆସନ୍ତା ୨୭ ତାରିଖରୁ ୧୧ ଦିନ ଧରି ଗଣେଶ ପୂଜା ମହୋତ୍ସବ ହେବ। ପେଣ୍ଡାଲ ପରିସରରେ ମା' ପାଇଁ ଗଛଟିଏ ଅଭିଯାନରେ ବୃକ୍ଷରୋପଣ କରି ଏକ କୃତ୍ରିମ ବଗିଚା ନିର୍ମାଣ କରାଯାଇ ସହରକୁ ସ୍ୱଚ୍ଛ ଓ ସବୁଜ ବାର୍ତ୍ତା ଦିଆଯିବ ବୋଲି ସାଧାରଣ ସମ୍ପାଦକ ଚନ୍ଦନ ବରାଳ କହିଛନ୍ତି। ଉପସଭାପତି ରାଜା ନାୟକ, ସନ୍ତୋଷ ବେହେରା, ଅମିତ ବାରିକ, ଉପଦେଷ୍ଟା ବାସୁଦେବ ବରାଳ, ସିଲୁ ଦାସ, ସଂଗ୍ରାମ ସାଗର, ଉମା ଦାସ, ଶୁଶାନ୍ତ ବାରିକ, ଯୁବନେତା କହରା ଜେନା ପ୍ରମୁଖ ଏଥିରେ ସକ୍ରିୟ ସହଯୋଗ କରିବେ ବୋଲି କୁହାଯାଇଛି ।

ଗଣେଶ ପୂଜା ପାଇଁ ସଜେଇ ହେଲାଣି ଇସ୍ପାତ ସହର

## ଲାଇଟ୍ ଆଣ୍ଡ୍ ସାଉଣ୍ଡ ଶୋ ମୁଖ୍ୟ ଆକର୍ଷଣ

ରାଉରକେଲା, ୧୮।୮(ସଙ୍ଗୀତା ଜେନା)

### ଜଗଦା ଗଣେଶ ପୂଜା ମଣ୍ଡପ

ଅଗଷ୍ଟ ୨୭ ତାରିଖରୁ ଆରମ୍ଭ ହେଉଛି ଗଣେଶ ପୂଜା ଉତ୍ସବ। ରାଉରକେଲା ସହରର ବାସନ୍ତୀ କଲୋନି, ଛେଣ୍ଡ, ପାୱାରହାଉସ ରୋଡ୍, ସେକ୍ଟର-୧୩, ସେକ୍ଟର-୧, ସିଭିଲଟାଉନଶିପ୍, ଜଗଦା, ପ୍ଲାଣ୍ଟସାଇଟ୍, ଫର୍ଟିଲାଇଜର ଅଞ୍ଚଳରେ ବଡଧରଣର ପୂଜା ମହୋତ୍ସବ କରାଯିବ। ଏଥିପାଇଁ ମଣ୍ଡପ ଗୁଡ଼ିକରେ ସାଜସଜା କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ଏହି କ୍ରମରେ ଜଗଦା ଅଞ୍ଚଳରେ ନିଆରା ଭାବେ ଗଣେଶ ପୂଜା ପାଇଁ ପ୍ରସ୍ତୁତି ଜୋର୍ ଧରିଛି। ଜଗଦାରେ ଏଥର ଇଣ୍ଡିଆଗେଟ୍‌ର ପ୍ରତିକୃତି ତୋରଣ ନିର୍ମାଣ କରାଯାଉଛି। ପ୍ରାୟ ୧୦ଲକ୍ଷ ଟଙ୍କା ବଜେଟ୍‌ରେ ୭୦ଫୁଟ୍ ଉଚ୍ଚ ତଥା ୬୦ ଫୁଟ୍ ଚଉଡାର ଏହି ତୋରଣରେ ୧୦ ଫୁଟ୍‌ର ଗଣେଶ ମୂର୍ତ୍ତି ବିରାଜମାନ ହେବେ। ସତ୍ୟନାରାୟଣ ୱେଲଫେୟାର କମିଟି ପକ୍ଷରୁ କରାଯାଉଥିବା ଏହି ପୂଜା ୧୨ ବର୍ଷରେ ପହଞ୍ଚିଛି। ଏଥର କୋଲକତାରୁ ଆସୁଥିବା ଚଢ଼େଇ ପକ୍ଷ (ପର)ରେ ସୁନ୍ଦର ମୂର୍ତ୍ତି ନିର୍ମାଣ ହେବ। ଏହି ପୂଜା ମହୋତ୍ସବ ସେପ୍ଟେମ୍ବର ୭ ତାରିଖ ପର୍ଯ୍ୟନ୍ତ ଚାଲିବ। ବିଶେଷ କରି ୧୧ ଦିବସୀୟ ଏହି ପୂଜାରେ ମୁଖ୍ୟ ଆକର୍ଷଣ ରହିବ ଲାଇଟ୍ ଆଣ୍ଡ୍ ସାଉଣ୍ଡ ଶୋ। ରାଉରକେଲାରେ ପ୍ରଥମ କରି ହେଉଥିବା ଏହି ଶୋ ପାଇଁ ସ୍ୱତନ୍ତ୍ର ପ୍ରସ୍ତୁତି କରାଯାଉଛି। ଦେଶାତ୍ମକବୋଧକ ସଙ୍ଗୀତ ସହିତ ପ୍ରସିଦ୍ଧ ସଙ୍ଗୀତର ତାଳେ ତାଳେ ଏହି ଶୋକୁ ଲୋକେ ଉପଭୋଗ କରିବେ। ଏହାବ୍ୟତୀତ ଲୋକଙ୍କ ରୁଚିକୁ ଦୃଷ୍ଟିରେ ରଖି ମୀନାବଜାର, ଦୋଳି ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ବିସର୍ଜନ ଦିବସରେ ସାଗର ରିଦିମ୍ସ ପକ୍ଷରୁ ବିଭିନ୍ନ ପ୍ରକାର ତୋରଣ ସହ ରୋଡ୍ ଶୋ କରାଯିବ। ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ ଓ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ସେହିପରି ଶାନ୍ତିଶୃଙ୍ଖଳା ତଥା ସୁରକ୍ଷା ଦୃଷ୍ଟିରୁ ମଣ୍ଡପରେ ସିସିଟିଭି ବ୍ୟବସ୍ଥା କରାଯାଉଛି। ସଭାପତି ସନ୍ତୋଷ ରାୟଙ୍କ ସମେତ ସାଗର ଜେନା, ପିୟୁଷ ମିଶ୍ର ପ୍ରମୁଖ ପୂଜା ପରିଚାଳନା କରୁଛନ୍ତି।


ଜଗଦାରେ ନିର୍ମାଣ ହେବାକୁ ଥିବା ଇଣ୍ଡିଆ ଗେଟ୍‌ର ପ୍ରତିକୃତି।

## ସଂକ୍ଷେପରେ

### ମଦ ଚୋରାଚାଲାଣ ଅଭିଯୋଗରେ ଯୁବକ ଗିରଫ

ଝାରସୁଗୁଡ଼ା,୧୮।୮ (ଆଶିଷ ରଞ୍ଜନ ଦାଶ)

ମଦ ଚୋରାଚାଲାଣ ଅଭିଯୋଗରେ ଝାରସୁଗୁଡ଼ା ସଦର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ସ୍ଥାନୀୟ ବୁଢୀପଦର ଅଞ୍ଚଳର ସୁଶାନ୍ତ କୁଜୁର। ରବିବାର ରାତିରେ ପୋଲିସ ପାଟ୍ରୋଲିଂ କରୁଥିବାବେଳେ ବୁଢୀପଦର ଛକରେ ଅଭିଯୁକ୍ତଙ୍କୁ ସନ୍ଦେହରେ ଅଟକ ରଖିଥିଲା। ପରେ ଯାଞ୍ଚ କରାଯିବାରୁ ତାଙ୍କ ନିକଟରୁ ବିଭିନ୍ନ କମ୍ପାନୀର ମଦ ଜବତ କରାଯାଇଥିଲା। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

### ଗଞ୍ଜେଇ ଜବତ, ୨ କୋର୍ଟ ଚାଲାଣ

ଝାରସୁଗୁଡ଼ା,୧୮।୮ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ରେଳଷ୍ଟେଶନରୁ ରେଲୱେ ପୋଲିସ ୨ ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ରାଜସ୍ଥାନ ଡୋସା ଜିଲାର ବିଜେନ୍ଦ୍ର କୁମାର ମୀନା ଓ ରାଜସ୍ଥାନ ଅଲୱର ଜିଲାର ସୁଖରାମ ମୀନା। ସୂଚନା ଅନୁଯାୟୀ, ରବିବାର ଅଭିଯୁକ୍ତ ଦ୍ୱୟ ସନ୍ଦିଗ୍ଧ ଭାବେ ଝାରସୁଗୁଡ଼ା ରେଲ୍‌ୱେ ଷ୍ଟେଶନର ୧ ନମ୍ବର ପ୍ଲାଟ୍‌ଫର୍ମରେ ଟ୍ରେନ୍‌କୁ ଅପେକ୍ଷା କରିଥିଲେ। ଏହି ସମୟରେ ପାଟ୍ରୋଲିଂ କରୁଥିବା ପୋଲିସ ଅଭିଯୁକ୍ତ ଦ୍ୱୟ ଧରିଥିବା ଦୁଇଟି ବ୍ୟାଗ୍ ଯାଞ୍ଚ କରିବାରୁ ସେଥିରେ ୧୧ କେଜି ୭୪୦ ଗ୍ରାମ୍ ଗଞ୍ଜେଇ ଥିବା ଦେଖିବାକୁ ମିଳିଥିଲା। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

### ବେଲପାହାଡ଼ ପୌର କାର୍ଯ୍ୟାଳୟରେ ଅଡିଟ୍ କଲା ସ୍ୱତନ୍ତ୍ର ଟିମ୍

ବେଲପାହାଡ଼, ୧୮।୮ (ସୁବାସ ପ୍ରଧାନ)

ବେଲପାହାଡ଼ ପୌରପରିଷଦ କାର୍ଯ୍ୟାଳୟରେ ସୋମବାର ୨ ଜଣିଆ ସ୍ୱତନ୍ତ୍ର ଅଡିଟ୍ ଟିମ୍ ପହଞ୍ଚି ୨୦୨୪-୨୫ ଆର୍ଥିକ ବର୍ଷର ଆୟବ୍ୟୟ ସମ୍ପର୍କରେ ଅଡିଟ୍ ଆରମ୍ଭ କରିଛି। ଏଥିସହ ସେଠାରେ ଥିବା ଅନେକ କୋଠରୀ ଖୋଲି ତଦନ୍ତ କରିବା ସହ ବିଭିନ୍ନ କାଗଜପତ୍ର ଯାଞ୍ଚ କରିଛନ୍ତି। ସେହିପରି ଅନେକ କର୍ମଚାରୀଙ୍କୁ ମଧ୍ୟ ପଚରାଉଚରା କରିଛନ୍ତି। ଏହି ଟିମ୍‌ରେ ଅଡିଟ୍ ଅଫିସର ମନୋରଞ୍ଜନ ବେହେରା ଏବଂ ଅଡିଟର ଅରବିନ୍ଦ ସାମନ୍ତ ରହିଛନ୍ତି। ସୂଚନାଯୋଗ୍ୟ, ୨୦୨୪-୨୫ ଆର୍ଥିକ ବର୍ଷରେ ବେଲପାହାଡ଼ ପୌର ପରିଷଦରେ ବହୁ କୋଟି ଟଙ୍କାର କାର୍ଯ୍ୟ ହୋଇଥିଲା। ହେଲେ ଏହି କାର୍ଯ୍ୟରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା। ଏନେଇ ଲୋକାଲ ଅଡିଟ୍ ତଦନ୍ତ କରିବା ପରେ ଅନିୟମିତତା ସମ୍ପର୍କରେ ଜାଣିବାକୁ ପାଇଥିଲା। ପରବର୍ତ୍ତୀ ସମୟରେ ଲୋକାଲ ଅଡିଟ୍ କରିଥିବା ଅଧିକାରୀମାନେ ଅନିୟମିତତା ସମ୍ପର୍କରେ ରାଜ୍ୟ ଅର୍ଥ ବିଭାଗକୁ ଜଣାଇଥିଲେ। ଏହାପରେ ସ୍ୱତନ୍ତ୍ର ଅଡିଟ୍ ଟିମ୍ ପୌର କାର୍ଯ୍ୟାଳରେ ପହଞ୍ଚି ତଦନ୍ତ କରିଛି। ଏନେଇ ବେଲପାହାଡ଼ ପୌର ନିର୍ବାହୀ ଅଧିକାରୀ ଗୌରବ ପ୍ରଧାନଙ୍କୁ ପଚାରିବାରୁ ଅଡିଟ୍ ଶେଷ ହେବା ପରେ ଉତ୍ତର ରଖିବେ ବୋଲି କହିଛନ୍ତି।

# ସବୁଜ ସୁନ୍ଦର ହେବ ଝାରସୁଗୁଡ଼ା ସହର

- ମନ୍ତ୍ରୀଙ୍କୁ ଭେଟିଲା ପୌର ପରିଷଦ ଟିମ୍
- ଦାବି ପୂରଣ ପାଇଁ ମଞ୍ଜୁର ହେବ ଅର୍ଥ

ଝାରସୁଗୁଡ଼ା, ୧୮।୮ (ଆଶିଷ ରଞ୍ଜନ ଦାଶ)


ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ଭେଟୁଛନ୍ତି ବିଧାୟକ, ପୌର ପରିଷଦ ଟିମ୍‌ର ସଦସ୍ୟ।

ଝାରସୁଗୁଡ଼ା ସହରର ସର୍ବାଙ୍ଗୀନ ବିକାଶ ପାଇଁ ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ନେତୃତ୍ୱରେ ଝାରସୁଗୁଡ଼ା ପୌର ପରିଷଦର ଏକ ଟିମ୍ ସୋମବାର ଭୁବନେଶ୍ୱରସ୍ଥିତ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ କାର୍ଯ୍ୟାଳୟରେ ମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିଛନ୍ତି। ଝାରସୁଗୁଡ଼ା ସହରର ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଯୋଜନା ପ୍ରସ୍ତୁତ ହୋଇଛି। ବିଶେଷକରି ସହରକୁ ସବୁଜସୁନ୍ଦର କରି ଗଢି ତୋଳିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଏଥିସହ ଝାରସୁଗୁଡ଼ା ପୌର ପରିଷଦ ପକ୍ଷରୁ ମନ୍ତ୍ରୀଙ୍କ ନିକଟରେ ବିଭିନ୍ନ ଦାବି ଉପସ୍ଥାପନ କରାଯାଇଥିଲା। ବିଶେଷକରି ଝାରସୁଗୁଡ଼ା ପୌର ପରିଷଦ କାର୍ଯ୍ୟାଳୟର ନୂତନ ଗୃହ ନିର୍ମାଣ, ହଟଲିପଡ଼ାରେ ସ୍ୱତନ୍ତ୍ର ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ, ସ୍ୱତନ୍ତ୍ର ଆମିଷ ବଜାର ନିର୍ମାଣ, ସରବାହାଲସ୍ଥିତ ପଡିଆରେ ୱାକିଂ ଟ୍ରାକ୍ ଓ ମାଲିମୁଣ୍ଡାରେ ଗୋଶାଳା ନିର୍ମାଣ, ଝାରସୁଗୁଡ଼ା ସହରରେ ଥିବା ପୋଖରୀର ଉନ୍ନତୀକରଣ, ନୂତନ ପାର୍କ ନିର୍ମାଣ, ଗୋରୁ ଓ ବୁଲା କୁକୁରଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ଗାଡ଼ି, ସୁନାରୀମୁଣ୍ଡାରେ ଭେଣ୍ଡିଂଜୋନ୍ ନିର୍ମାଣ, ଝାରସୁଗୁଡ଼ା ସହରର ସୌନ୍ଦର୍ଯ୍ୟକରଣ ନିମନ୍ତେ ୪ଟି କ୍ଲକ୍ ଟାୱାର ଓ ୪ଟି ଗେଟ୍ ନିର୍ମାଣ ପାଇଁ ମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଥିଲା। ଏହି ଦାବି ପୂରଣ ପାଇଁ ଶୀଘ୍ର ଅର୍ଥ ମଞ୍ଜୁର କରାଯିବ ବୋଲି ମନ୍ତ୍ରୀ ମହାପାତ୍ର କହିଛନ୍ତି। ଏହି ବୈଠକରେ ବିଧାୟକ ତ୍ରିପାଠୀ, ଝାରସୁଗୁଡ଼ା ପୌର ପରିଷଦର ନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମଲ୍ଲିକ, ନଗରପାଳ ରାନୀ ହାତୀ, ଉପନଗରପାଳ ବେଣୁଗୋପାଳ ପାଣିଗ୍ରାହୀ, କାଉନସିଲର ବନ୍ଦନା ମୁଦ୍ରା, ଦେବବ୍ରତ ପାଣ୍ଡେ, ତରଙ୍ଗ ଦୁବେ, ଅରବିନ୍ଦ ପାଠକ, ମନୋଜ କଲେତ, ସନ୍ତୋଷ ଯାଦବ, ପ୍ରେମସେନ ରାୟ, ବିକଳ୍ପ ତିୱାରୀ, ବୀରେନ୍ଦ୍ର ପାଣ୍ଡେ, ସୋନୁ ଥିରାନି, ବିମଳେନ୍ଦୁ ଭୋଳ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲା କଂଗ୍ରେସ ପକ୍ଷରୁ ମଶାଲ ଶୋଭାଯାତ୍ରା



ମଶାଲ ଶୋଭାଯାତ୍ରାରେ ସାମିଲ କଂଗ୍ରେସ ନେତୃବୃନ୍ଦ।

ଝାରସୁଗୁଡ଼ା, ୧୮।୮ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା କଂଗ୍ରେସ ପକ୍ଷରୁ ସୋମବାର ସନ୍ଧ୍ୟାରେ ମଶାଲ ଶୋଭାଯାତ୍ରା କରାଯାଇଥିଲା। ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କିଛିଦିନ ତଳେ ଦିଲ୍ଲୀଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ତଥ୍ୟପ୍ରମାଣ ଦେଇ ନିର୍ବାଚନ ଆୟୋଗଙ୍କ ସହଯୋଗରୁ ବ୍ୟାପକ ହେର୍‌ଫେର ଓ ଜାଲିଆତି ହୋଇଥିବା କହିଥିଲେ। ଏହାକୁ ନେଇ ଝାରସୁଗୁଡ଼ା କଂଗ୍ରେସ ଦଳ ପକ୍ଷରୁ ନାରା ଦିଆଯାଇ ମଶାଲ ଶୋଭାଯାତ୍ରା କରାଯାଇଥିଲା। ଏଥିରେ ଜିଲା ସଂଯୋଜକ ଜୀବନ ସାର୍ଥକ, ଜିଲା ସହ ପ୍ରଭାରୀ ସସ୍ମିତା ପଣ୍ଡା, ଅମିତା ବିଶ୍ୱାଳ, ଭାରତ ଅବସ୍ଥି, ପ୍ରଶାନ୍ତ ତ୍ରିପାଠୀ, ମନମୋହନ ଝା, ସଞ୍ଜୟ ମହାପାତ୍ର, ମନୋଜ ଦେହୁରୀ, ଦେବାନନ୍ଦ ବାରିକ, ଶାହରୁଖ ଖାନ୍‌ଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ।

## ଫୁଟ୍‌ବଲ ପ୍ରତିଯୋଗିତା: ଲଖନପୁର ଟିମ୍ ବିଜୟୀ


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

ବ୍ରଜରାଜନଗର, ୧୮।୮ (ବିଜୟ ବରାଡ଼)

ସ୍ଥାନୀୟ କଣ୍ଟାପାଲି ଫୁଟ୍‌ବଲ ପଡିଆରେ ୩୦ ତମ ନୂଆଁଖାଇ ଭେଟ୍‌ଘାଟ୍ ଫୁଟ୍‌ବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସୋମବାର ଦ୍ୱିତୀୟ ଦିବସରେ ବ୍ରଜରାଜନଗର ଓ ଲଖନପୁର ଟିମ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଲଖନପୁର ଟିମ୍ ବିଜୟୀ ହୋଇଛି। ପଦ୍ମନ ଭୂଇଁଶା କ୍ରୀଡ଼ା ପରିଚାଳନା କରିଥିବାବେଳେ ଅନନ୍ତ କଲୋ ଓ ଅରୁଣ ମିର୍ଦ୍ଧା ସହାୟତା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ରାଜୀବ ପାଟଯୋଷୀ, ସମ୍ମାନିତ ଅତିଥି ଭାବେ ଆୟୋଜକ କ୍ଲବ୍ ସଭାପତି ଈଶ୍ୱର ପ୍ରଧାନ, ଗୋବିନ୍ଦ ସାହୁ, ମକରଧ୍ୱଜ ପ୍ରଧାନ ମଞ୍ଚାସୀନ ଥିଲେ।

## ଆଞ୍ଚଳିକ ବିକାଶ ପରିଷଦର କୋର୍ କମିଟି ବୈଠକ

ଝାରସୁଗୁଡ଼ା,୧୮।୮ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ଲଇକେରା, କୋଲାବିରା, କିର୍ମିରା ଆଞ୍ଚଳିକ ବିକାଶ ପରିଷଦର କୋର୍ କମିଟି ବୈଠକ କୋଲାବିରା ବ୍ଲକ ଅଧୀନ ପତ୍ରାପାଲି ବଜାର ପ୍ରାଙ୍ଗଣରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ଜିତେନ୍ଦ୍ରୀୟ ଧୁରୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଉପରୋକ୍ତ ୩ ବ୍ଲକ ଅଞ୍ଚଳରେ ଥିବା ସମସ୍ୟାଗୁଡ଼ିକ କେନ୍ଦ୍ର, ରାଜ୍ୟ ସରକାର, ଜିଲା ପ୍ରଶାସନ ଓ ଜନପ୍ରତିନିଧିଙ୍କ ପାଖରେ ଏହି ସଙ୍ଗଠନ ଜରିଆରେ ଉପସ୍ଥାପନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ସୂଚନାଯୋଗ୍ୟ, ଏହି ୩ ବ୍ଲକ ଅଞ୍ଚଳରେ ଥିବା ଡାକ୍ତରଖାନାରେ ୪୫ରୁ ଊର୍ଦ୍ଧ୍ୱ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ପଦବୀ ଦୀର୍ଘବର୍ଷ ଧରି ଖାଲି ପଡ଼ିଥିବାବେଳେ ତାହା ପୂରଣ କରାଯାଉନାହିଁ। ଏହି ବ୍ଲକଗୁଡ଼ିକରେ ବିଜ୍ଞାନ ଶ୍ରେଣୀ ନ ଥିବାରୁ ବିଜ୍ଞାନ ଶିକ୍ଷା ପାଇଁ ଛାତ୍ରୀଛାତ୍ର ଝାରସୁଗୁଡ଼ା ସହର, କୁଚିଣ୍ଡା, ସମ୍ବଲପୁର, ରାଉରକେଲା ଓ ସୁନ୍ଦରଗଡ଼ ଆଦି ସ୍ଥାନକୁ ଯିବାକୁ ବାଧ ହେଉଛନ୍ତି। ସେହିପରି ଏହି ଅଞ୍ଚଳରେ କୌଣସି ବୈଷୟିକ ଶିକ୍ଷାନୁଷ୍ଠାନ ନାହିଁ। ତେଣୁ ଆସନ୍ତା ସେପ୍ଟେମ୍ବରରେ କିର୍ମିରାରେ ଉପଦେଷ୍ଟା ମଣ୍ଡଳୀ ଓ କୋର୍ କମିଟି ବୈଠକ ପରେ ଏହି ଦାବିଗୁଡିକ ସରକାର ଏବଂ ପ୍ରଶାସନ ପାଖରେ ଉପସ୍ଥାପନ ପାଇଁ ନିଷ୍ପତ୍ତି ନିଆଯାଇଛି। ଉକ୍ତ ବୈଠକରେ ଆଞ୍ଚଳିକ ବିକାଶ ପରିଷଦର ଉପସଭାପତି ସ୍ୱରୂପ କିଷାନ, ସାଧାରଣ ସମ୍ପାଦକ ସସ୍ମିତ ନାଏକ, ସମ୍ପାଦକ ଅଜୟ ବିଶ୍ୱାଳ, କୋଷାଧ୍ୟକ୍ଷ ସୁଖ କିଷାନ, ସଦସ୍ୟ ବାପି ନାଏକ, ଦୀପକ ସାହୁ, ମଦନ ସୁନ୍ଦର ନାଏକ, ପ୍ରେମସାଗର ଧୁରୁଆ, ସୌଦାଗର ନାଏକ, ଅସୀମ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ ।

## ରାସଯାତ୍ରା ପ୍ରସ୍ତୁତି ବୈଠକ, ନୂତନ କର୍ମକର୍ତ୍ତା ଚୟନ

ଦେବଗଡ଼,୧୮।୮ (ଶଶାଙ୍କ ଶେଖର ଝାଙ୍କର)

ଆସନ୍ତା ନଭେମ୍ବର ୫ ତାରିଖରେ ରାସଯାତ୍ରା ଅନୁଷ୍ଠିତ ହେବ। ଏହାକୁ ଶାନ୍ତିଶୃଙ୍ଖଳାରେ ସମ୍ପନ୍ନ କରିବା ପାଇଁ ଦେବଗଡ଼ ପୌରାଞ୍ଚଳ ଗୋପୀକିଶୋର ଆସୋସିଏଶନ ରାହାସ ପୂଜା କମିଟି ପକ୍ଷରୁ ପ୍ରଧାନପାଟସ୍ଥିତ ବସନ୍ତ ନିବାସ ଡାକବଙ୍ଗଳାଠାରେ ରବିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ଉପଦେଷ୍ଟା ବୀରେନ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଗତବର୍ଷ ଯାତ୍ରାର ଆୟବ୍ୟୟର ହିସାବ ଉପସ୍ଥାପନ କରାଯିବା ସହ ଚଳିତବର୍ଷ ନିମନ୍ତେ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଏଥିରେ ସଭାପତି ଭାବେ ସୁଜିତ୍ କୁମାର ପାତ୍ର, ଉପସଭାପତି ସୁଶାନ୍ତ କୁମାର ନାୟକ ଓ ବାଦଲ ଦାସ, ସମ୍ପାଦକ ବିକାଶ ନାୟକ, ସହସମ୍ପାଦକ ବବଲୁ ନାୟକ, କୋଷାଧ୍ୟକ୍ଷ ସନ୍ତୋଷ କୁମାର ବେହେରା ଓ ପ୍ରତୀକ କୁମାର ନାୟକ, ସାଂସ୍କୃତିକ ସମ୍ପାଦକ ଅହିଂସା ନାୟକ ଓ ପୂଜାମଣ୍ଡପ ସମ୍ପାଦକ ଭାବେ ଦୁଃଖବନ୍ଧୁ ସାହୁଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଛି। ସେହିପରି ଉପଦେଷ୍ଟା ଭାବେ ବୀରେନ କୁମାର ନାୟକ, ଗୋକୁଳ ଚନ୍ଦ୍ର ଦାସ, ଗଜେନ୍ଦ୍ର ନାୟକ, ବିବେକାନନ୍ଦ ଦାସ, ଶଶିଭୂଷଣ ଭୋଇ, କିଶୋର ଚନ୍ଦ୍ର ଦାସ, ବ୍ରହ୍ମାନନ୍ଦ ଅଗ୍ରୱାଲା, ସୁବାସ ଚନ୍ଦ୍ର ଭୋଇ, ନୃସିଂହ ଚରଣ ସାହୁ, ପ୍ରଦୀପ୍ତ କୁମାର ମହାପାତ୍ର, ସାଧିଆ ନାୟକ, ପ୍ରଫୁଲ୍ଲ କୁମାର ନାୟକ(କ), ପ୍ରଫୁଲ୍ଲ କୁମାର ନାୟକ(ଖ), ମୋହିନୀ ଦାସ, ଚକ୍ରଧର ମହାନ୍ତି, ଦିଲୀପ କୁମାର ପ୍ରଧାନ, ପ୍ରଦୀପ କୁମାର ଅମାନ୍ତ, ପ୍ରଦୀପ ଛତ୍ରିଆ, ପୂର୍ଣ୍ଣଚନ୍ଦ୍ର ସାହୁ, ଚିତ୍ତରଞ୍ଜନ ନାୟକ, ଚିତ୍ତରଞ୍ଜନ ଦାସ, ଦୀପନ ନାୟକ , ବିକାଶ ନାୟକ, ଭୋଳାନାଥ ଦାସ, ସୁଶାନ୍ତ ଗୋଏଲ ଓ ଦିଲୀପ କୁମାର ଅଗ୍ରୱାଲାଙ୍କୁ ମନୋନୀତ କରାଯାଇଛି।

## ଶିକ୍ଷକ ତାଲିମ ଶିବିର ଉଦ୍‌ଘାଟିତ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଦେବଗଡ଼,୧୮।୮ (ଶଶାଙ୍କ ଶେଖର ଝାଙ୍କର)

ସମଗ୍ର ଶିକ୍ଷା ଦେବଗଡ଼ ନିର୍ଦ୍ଦେଶକ୍ରମେ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ତିଳେଇବଣୀ ଆନୁକୂଲ୍ୟରେ ବ୍ଲକସ୍ତରୀୟ ନିଷ୍ଠା-ସମତା ଓ ଅନ୍ତର୍ନିବେଶୀ ଶିକ୍ଷା ସମ୍ପର୍କିତ ପଞ୍ଚଦିବସୀୟ ତାଲିମ ଶିବିର ସୁଗୁଡ଼ାସ୍ଥିତ ଅପୂର୍ବ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ସୁଗୁଡ଼ା ସିଆର୍‌ସିସି ପ୍ରାଣବନ୍ଧୁ ଘଡ଼େଇଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସୁଶାନ୍ତ କୁମାର ଘୁଟା ଶୁଭାରମ୍ଭ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଦମୟନ୍ତୀ ବେହେରା, ଜିଲା ଭିନ୍ନକ୍ଷମ ସଂଯୋଜକ ଲିଙ୍ଗରାଜ ପ୍ରଧାନ ଉପସ୍ଥିତ ଥିଲେ। ଟାଇଁସର ସିଆର୍‌ସିସି ଭେନସ୍ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ। ୫ ଦିନ ଧରି ହେବାକୁ ଥିବା ପ୍ରଶିକ୍ଷଣ ଶିବିରରେ ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରରେ ସାଧାରଣ ବିଦ୍ୟାଳୟଗୁଡ଼ିକରେ ଅଧ୍ୟୟନ କରୁଥିବା ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ସମାନ ଶିକ୍ଷଣ ଅନୁଭୂତି ଯୋଗାଇଦେବା, ଅନ୍ତର୍ନିବେଶୀ ଶ୍ରେଣୀକକ୍ଷରେ ସୂଚନା ପ୍ରଯୁକ୍ତିବିଦ୍ୟାର ଆବଶ୍ୟକତା, ପ୍ରସସ୍ତ ଆପ୍ ଦିବ୍ୟାଙ୍ଗ ପିଲାଙ୍କ ଚିହ୍ନଟ ପ୍ରକ୍ରିୟାରେ ସୁଗମତା ଆଣିବା, ବିଭିନ୍ନ ପରୀକ୍ଷାରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ନିମନ୍ତେ ମିଳୁଥିବା ସୁବିଧା ସୁଯୋଗ, କ୍ରୀଡ଼ା, ଶାରୀରିକ ଶିକ୍ଷା, ଯୋଗ ଇତ୍ୟାଦି କ୍ଷେତ୍ରରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ସହଭାଗିତାକୁ ସୁନିଶ୍ଚିତ କରିବା, ଛାତ୍ରୀଛାତ୍ରଙ୍କ ପଞ୍ଚକୋଷୀୟ ବିକାଶ ଇତ୍ୟାଦି ଉପରେ ତାଲିମ ପ୍ରଦାନ କରାଯିବ। ଏହି ଶିବିରରେ ସୁନାମୁଣ୍ଡା, ସୁଗୁଡ଼ା, ଧୋବଲିପଥର ଓ ଗାଙ୍ଗନଣ କ୍ଲଷ୍ଟରରୁ ମୋଟ ୪୫ ଜଣ ଶିକ୍ଷୟିତ୍ରୀ, ଶିକ୍ଷକ ତାଲିମ ଗ୍ରହଣ କରୁଛନ୍ତି।

## ଆମିଷ ବ୍ୟବସାୟୀ ସଂଘ ଗଠିତ


ମନୋନୀତ ହୋଇଥିବା ସଂଘର ସଦସ୍ୟ।

ଝାରସୁଗୁଡ଼ା,୧୮।୮ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସହରସ୍ଥିତ ସରବାହାଲଠାରେ ସୋମବାର ପୂର୍ବାହ୍ନରେ ଝାରସୁଗୁଡ଼ା ଆମିଷ ବ୍ୟବସାୟୀ ସଂଘ ଗଠନ କରାଯାଇଛି। ଏଥିରେ ସଂଘ ସଭାପତି ଭାବେ ଉମେଶ କୁମାର ନାଇକ, ଉପସଭାପତି ଆରିବ୍ ଖାନ୍, ସାଧାରଣ ସମ୍ପାଦକ ଭକ୍ତଚରଣ ବେହେରା, ଯୁଗ୍ମ ସମ୍ପାଦକ ଏମ୍‌ଡି କାଲିମ ଏବଂ କୋଷାଧ୍ୟକ୍ଷ ଭାବେ ପୀର ମହମ୍ମଦ ମନୋନୀତ ହୋଇଛନ୍ତି। ସେହିପରି କାର୍ଯ୍ୟକାରିଣୀ ସଦସ୍ୟ ଭାବେ ୬ ଜଣ ଏବଂ ଉପଦେଷ୍ଟା ଭାବରେ ବେନୁଗୋପାଳ ପାଣିଗ୍ରାହୀ, ପ୍ୟାରେଲାଲ ଶ୍ରୀବାସ୍ତବ, ରାମହରି ପୂଜାରୀ, ରବି ହୋତା ଓ ତାଡ଼ିଆ କାକ ମନୋନୀତ ହୋଇଛନ୍ତି। ଆଗାମୀ ଦିନରେ ସଂଘର ନିଷ୍ପତ୍ତି ସମସ୍ତେ ପାଳନ କରିବା ସହ ସଂଘକୁ ମଜଭୁତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି।

## ଫାଇଲେରିଆ ନିରାକରଣ ଅଭିଯାନ

ସମ୍ବଲପୁର,୧୮।୮ (ବି.ଶଙ୍କର)

ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟ ଜାତୀୟ ସେବା ସଂସ୍ଥା ଏବଂ ଯୁବ ରେଡକ୍ରସର ପକ୍ଷରୁ ଫାଇଲେରିଆ ନିରାକରଣ ଅଭିଯାନ-୨୫ ସୋମବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷା ପ୍ରଫେସର କଳ୍ପନା ମେହେରଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା । ମେଡ଼ିକାଲ ଅଧିକାରୀ ଡାକ୍ତର ଦିଲ୍ଲୀପ କୁମାର ମୁଦୁଲି, ଫର୍ମାସିଷ୍ଟ ସଂଜୀବ କୁମାର ପ୍ରଧାନ ଏବଂ ଯୋଗ ପ୍ରଶିକ୍ଷିକା ଦିନି ନାୟକ ତାଲିମ ପ୍ରଦାନ କରିଥିଲେ । ଜାତୀୟ ସେବା ସଂସ୍ଥା ସଂଯୋଜକ ଡ. ସନ୍ଧ୍ୟାମୟୀ ସାହୁ ଓ ଶ୍ୱେତଲାନା ତୀର୍କି, ଯୁବ ରେଡକ୍ରସର ସଂଯୋଜକ ଡ. ଦୀପକ କୁମାର ଓଝାଙ୍କ ସହାୟତାରେ ୨୫୦୦ଛାତ୍ରୀଙ୍କୁ ଫାଇଲେରିଆ ଔଷଧ ସେବନ କରାଯାଇଥିଲା। ୧୮ ଜଣ ସ୍ୱେଚ୍ଛାସେବୀ ଏହି କାର୍ଯ୍ୟକ୍ରମ ପାଇଁ ତାଲିମ ନେବା ସହ ଔଷଧ ବିତରଣ ଓ ସେବନ କରାଇଥିଲେ।

## ୪୫ ଅଭିଯୋଗ ଶୁଣିଲେ ଜିଲାପାଳ

ଦେବଗଡ଼,୧୮।୮ (ଶଶାଙ୍କ ଶେଖର ଝାଙ୍କର)

ରିଆମାଳ ବ୍ଲକ ଅଧୀନ ଲୁଲଙ୍ଗ ଗ୍ରାମପଞ୍ଚାୟତ ସମିତି ସମ୍ମିଳନୀ କକ୍ଷଠାରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗଦେଇ ୪୫ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ। ବିଶେଷକରି ଶିକ୍ଷକ ନିଯୁକ୍ତି, ଜମିବାଡ଼ି ବିବାଦ, ଚାଷୀଙ୍କ ନାମ ପଞ୍ଜୀକରଣ, ହାତୀ ଉପଦ୍ରବଜନିତ କ୍ଷତିପୂରଣ ପ୍ରଦାନ ଭଳି ଅଭିଯୋଗ ହୋଇଥିଲା। ଏହି ଶିବିରରେ ଏସ୍‌ପି ଅନିଲ କୁମାର ମିଶ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ, ଉପଜିଲାପାଳ ପରିକ୍ଷିତ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଦିତ୍ୟ ପଣ୍ଡା, ଡେପୁଟି କଲେକ୍ଟର ଏଜ୍‌ଲୀନ ବାରା, ସହକାରୀ ଜିଲାପାଳ ହେମନ୍ତ ସିଂଙ୍କ ସମେତ ସମସ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।



ଶିବିରରେ ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ସମେତ ଅନ୍ୟମାନେ।

## 'ସମାଜ ପ୍ରତି ସମର୍ପିତ ହୁଅନ୍ତୁ ଛାତ୍ରୀଛାତ୍ର'

### ଲକ୍ଷ୍ମୀନାରାୟଣ କଲେଜର ପ୍ରତିଷ୍ଠା ଦିବସ

ଝାରସୁଗୁଡ଼ା,୧୮।୮ (ଆଶିଷ ରଞ୍ଜନ ଦାଶ)



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

ଝାରସୁଗୁଡ଼ା ଜିଲାର ସର୍ବପୁରାତନ ଲକ୍ଷ୍ମୀନାରାୟଣ କଲେଜର ୫୭ତମ ପ୍ରତିଷ୍ଠା ଦିବସ ସୋମବାର ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଝାରସୁଗୁଡ଼ା ଦ୍ୱିତୀୟ ବାଟାଲିନ ମୁଖ୍ୟ ପ୍ରସାଦ ତମାଙ୍ଗ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଝାରସୁଗୁଡ଼ା ତହସିଲଦାର ସଦାକର କୁମ୍ଭାର ଯୋଗଦେଇ କହିଛନ୍ତି, ଛାତ୍ରୀଛାତ୍ର ପାଠ ସହିତ ସମାଜ ପ୍ରତି ସମର୍ପିତ ହୁଅନ୍ତୁ। ପୂର୍ବତନ ଛାତ୍ର ସଂସଦ ସଭାପତି ପ୍ରଫେସର ନରେନ୍ଦ୍ର କୁମାର ପଣ୍ଡା ଛାତ୍ରୀଛାତ୍ରଙ୍କୁ ଉତ୍ତମ ନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବ୍ରଜରାଜନଗର କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ବିଶ୍ୱଜିତ୍ ଖମାରୀ ଯୋଗଦେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବର୍ତ୍ତମାନ ଓ ଭବିଷ୍ୟତରେ ଆସୁଥିବା ଆହ୍ୱାନ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଗତବର୍ଷ ଯୁକ୍ତ ୨ ଓ ଯୁକ୍ତ ୩ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ପ୍ରାଧ୍ୟାପିକା ପୂର୍ଣ୍ଣମୀମୟୀ ଦାଶ ଓ ଅଧ୍ୟାପକ ରବି ବିଶ୍ୱାଳ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ପ୍ରାଧ୍ୟାପକ ବ୍ରଜେଶ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଅଧ୍ୟକ୍ଷ, ଅଧ୍ୟାପକ, ପୂର୍ବତନ ଛାତ୍ର ଓ ଅଭିଭାବକ ଯୋଗଦେଇଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

ଧରିତ୍ରୀ DHARITRI 51 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୧୯/୨୦୨୫ Bhubaneswar, Tuesday, August 19/ 2025

# ଏନ୍‌ଏସ୍‌ଏଫ୍ ନେତୃତ୍ୱ ଲାଗି ଯୋଗ୍ୟତା ନିୟମରେ କୋହଳ

## ନୂଆ ସ୍ପୋର୍ଟ୍ସ ବିଲ୍‌ରେ ସଂଶୋଧନ

ନୂଆଦିଲ୍ଲୀ,୧୮।୮(ପି.ଟି.)

ଜାତୀୟ ଫେଡେରେଶନରେ ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷ ପଦବୀ ଲାଗି ଆଶାୟୀଙ୍କୁ ଏକ୍‌ଜିକ୍ୟୁଟିଭ କମିଟିରେ ଅତିକମ୍‌ରେ ଥରେ କାର୍ଯ୍ୟକାଳ ପୂରଣ କରିଥିବା ଦରକାର। ପୂର୍ବରୁ ଏହି ମୁଖ୍ୟ ୩ ପଦବୀ ଲାଗି ଯୋଗ୍ୟ ହେବା ପାଇଁ ଦୁଇ ଥର ଏକ୍‌ଜିକ୍ୟୁଟିଭ କମିଟିର ସଦସ୍ୟ ଭାବେ କାର୍ଯ୍ୟକାଳ ପୂରଣ କରିବା ବାଧ୍ୟତାମୂଳକ ଥିଲା। ଯୁବ ପ୍ରଶାସକ ଓ ଆଥ୍‌ଲେଟ୍ ନେତାଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଏହି ପରିବର୍ତ୍ତନ କରାଯାଇଛି।

ଗତ ସପ୍ତାହରେ ସଂସଦରେ ପାରିତ ହୋଇଥିବା ଜାତୀୟ କ୍ରୀଡ଼ା ଶାସନ ବିଲ୍ ଏବେ ରାଷ୍ଟ୍ରପତିଙ୍କ ମଞ୍ଜୁରୀର ଅପେକ୍ଷାରେ ରହିଛି। ଏହାପରେ ଆନୁଷ୍ଠାନିକ ଭାବେ ଏହା ଆଇନରେ ପରିଣତ ହେବ। ଏଥିରେ ଯେକୌଣସି ଜାତୀୟ କ୍ରୀଡ଼ା ଫେଡେରେଶନ (ଏନ୍‌ଏସ୍‌ଏଫ୍‌ଏସ୍)ର ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷ ପଦବୀ ଲାଗି ନିର୍ବାଚନରେ ଆଶାୟୀ ହେବା ପାଇଁ ପୂର୍ବରୁ ଦିଆଯାଇଥିବା ମାନଦଣ୍ଡରେ ସଂଶୋଧନ ଦ୍ୱାରା କୋହଳ କରାଯାଇଛି। ଫେଡେରେଶନର ମୁଖ୍ୟ ୩ ପଦବୀ ପାଇଁ ଆଶାୟୀ ହେବା ଲାଗି ଏକ୍‌ଜିକ୍ୟୁଟିଭ କମିଟିର ସଦସ୍ୟ ଭାବେ ଦୁଇ ଥର କାର୍ଯ୍ୟକାଳ ପୂରଣ କରିବା ବାଧ୍ୟତାମୂଳକ ଥିଲା। ବିଭାଗୀୟ ଅଂଶୀଦାରଙ୍କ ସହ ଆଲୋଚନା ପରେ ସଂଶୋଧନ ମାଧ୍ୟମରେ ମାନଦଣ୍ଡକୁ ହ୍ରାସ କରାଯାଇ ଅତିକମ୍‌ରେ ଥରେ କାର୍ଯ୍ୟକାଳରେ ସୀମିତ ରଖାଯାଇଛି। ଏ ସମ୍ପର୍କରେ କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ କହିଛନ୍ତି ଯେ, ଯୋଗ୍ୟ ଓ ଦକ୍ଷ ପ୍ରାର୍ଥୀଙ୍କ ସଂଖ୍ୟା ବୃଦ୍ଧି କରିବା ନିମନ୍ତେ ଫେଡେରେଶନର ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ସର୍ବନିମ୍ନ କାର୍ଯ୍ୟକାଳକୁ ହ୍ରାସ କରିବାକୁ ନିଷ୍ପତ୍ତି ନିଆଯାଇଛି। ଆଥ୍‌ଲେଟ୍‌ଙ୍କ ପ୍ରତିନିଧି ଓ ଛୋଟ ଫେଡେରେଶନ୍ସ ସମେତ ଅନେକ ଅଂଶୀଦାରଙ୍କ ସହ ଆଲୋଚନା ପରେ ପୂର୍ବରୁ ଥିବା ମାନଦଣ୍ଡ ଯୁବ ପ୍ରଶାସକଙ୍କ ସୁଯୋଗକୁ ସୀମିତ କରୁଥିବା ଜଣାପଡ଼ିଥିଲା। କିଛି ଘଟଣାରେ ପ୍ରତିଭାବାନ ପ୍ରଶାସକ ଓ ପୂର୍ବତନ ଆଥ୍‌ଲେଟ୍ସଙ୍କ ନିକଟରେ ପ୍ରଶାସନିକ ଦକ୍ଷତା ଥିବା ସତ୍ତ୍ୱେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିପାରୁ ନ ଥିଲେ। କାରଣ ସେମାନେ ଏକ୍‌ଜିକ୍ୟୁଟିଭ କମିଟିରେ ଥରେ ହେଲେ ବି କାର୍ଯ୍ୟକାଳ ପୂରଣ କରି ନ ଥିଲେ। କିନ୍ତୁ ଏହି ସଂଶୋଧନ ଯୋଗୁ ଯୁବ ପ୍ରଶାସକ ଓ ଆଥ୍‌ଲେଟ୍ ଲିଡରଙ୍କୁ ଅଧିକ ସୁଯୋଗ ମିଳିବ।

# ଖେଳାଳିଙ୍କୁ ଛାଡ଼ିବାକୁ ମନା କଲା ମୋହନ ବାଗାନ

**କୋଲକାତା,୧୮।୮(ପି.ଟି.):** ଚଳିତ ଜାତୀୟ ଫୁଟ୍‌ବଲ କ୍ୟାମ୍ପ ପାଇଁ ଇଣ୍ଡିଆନ ସୁପର ଲିଗ୍ ଚାମ୍ପିୟନ ମୋହନ ବାଗାନ ସୋମବାର ଖେଳାଳି ଛାଡ଼ିବାକୁ ମନା କରିଛି। ଫିଫା ୱିଣ୍ଡୋ ବାହାରେ ଖେଳାଳିଙ୍କୁ ଛାଡ଼ିବା ବାଧ୍ୟତାମୂଳକ ନୁହେଁ ବୋଲି କ୍ଲବ ପକ୍ଷରୁ କୁହାଯାଇଛି। ଏଥିସହିତ ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ଇଞ୍ଜୁରି କ୍ଷେତ୍ରରେ ଖେଳାଳିଙ୍କୁ ଅବହେଳା କରୁଥିବା ଅଭିଯୋଗ କରାଯାଇଛି। ଆସନ୍ତା ମାସରେ ହେବାକୁ ଥିବା କାଫା ନେଶନ୍ସ କପ୍ ଲାଗି ଗତ ୧୫ ତାରିଖଠାରୁ ବେଙ୍ଗାଲୁରୁରେ ସିନିୟର ଭାରତୀୟ ଦଳ ତା'ର ପ୍ରସ୍ତୁତି କ୍ୟାମ୍ପ ଆରମ୍ଭ କରିଛି। ଏହି କ୍ୟାମ୍ପ ଲାଗି ୩୫ ଖେଳାଳିଙ୍କ ନାମ ଘୋଷଣା କରାଯାଇଥିବା ବେଳେ ମୋହନ ବାଗାନରେ ସାମିଲ ଥିବା ୭ ଖେଳାଳି ସମେତ ମୋଟ ୧୩ ଖେଳାଳି ଏପର୍ଯ୍ୟନ୍ତ ଯୋଗ ଦେଇ ନାହାନ୍ତି। ପ୍ରାଥମିକ ଭାବେ ସେମାନେ ଡୁରାଣ୍ଡ କପ୍ କାରଣରୁ ଅନୁପସ୍ଥିତ ଥିବା କୁହାଯାଇଥିଲା। କିନ୍ତୁ କ୍ୱାର୍ଟର ଫାଇନାଲରେ ଇଷ୍ଟ ବେଙ୍ଗଲଠାରୁ ୨-୧ ଗୋଲରେ ପରାଜିତ ହେବା ପରେ ବି ମୋହନ ବାଗାନ ଖେଳାଳି ଛାଡ଼ିବାକୁ ମନା କରିଛି। ଇଞ୍ଜୁରି କ୍ଷେତ୍ରରେ କୌଣସି କ୍ଷତିପୂରଣ ମିଳୁ ନ ଥିବାରୁ ଆମେ ଏହି କ୍ୟାମ୍ପ ଲାଗି କୌଣସି ଖେଳାଳିଙ୍କୁ ଛାଡ଼ୁ ନାହୁଁ ବୋଲି କ୍ଲବର ଜଣେ ଅଧିକାରୀ କହିଛନ୍ତି।



ଜାତୀୟ ସବ୍ ଜୁନିୟର ଫେନ୍‌ସିଂ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ବିଜୟ ପରେ ପଟିଆଲାସ୍ଥିତ ନ୍ୟାଶନାଲ ସେଣ୍ଟର୍ସ ଅଫ୍ ଏକ୍ସିଲେନ୍ସି (ଏନ୍‌ସିଓଇ)ରେ ଆଡଭାନ୍ସଡ ଟ୍ରେନିଂ ପାଇଁ ସୁଯୋଗ ପାଇଛନ୍ତି ଓଡ଼ିଶାର ଲିଖିତ କୁମାର ବିଶ୍ୱାଳ।

# ଝାରସୁଗୁଡ଼ା ଚାମ୍ପିୟନ

**ଭୁବନେଶ୍ୱର, ୧୮।୮ (ତପନ ସ୍ୱାଇଁ):** ପେନ୍‌ଚାକ ସିଲାଟ ଆସୋସିଏଶନ୍ ଅଫ୍ ଓଡ଼ିଶା ଆନୁକୂଲ୍ୟରେ ୨ ଦିନିଆ ରାଜ୍ୟସ୍ତରୀୟ ଜନିୟର ଓ ସବ୍‌ଜୁନିୟର ପେନ୍‌ଚାକ ସିଲାଟ ପ୍ରତିଯୋଗିତା ଝାରସୁଗୁଡା ପୌର ପରିଷଦ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଅଡିଟୋରିୟମ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଝାରସୁଗୁଡ଼ା ଚାମ୍ପିୟନ ହୋଇଥିବାବେଳେ ସୁନ୍ଦରଗଡ଼ ରନରଅପ୍ ଏବଂ ଖୋର୍ଦ୍ଧା ତୃତୀୟ ସ୍ଥାନ ହାସଲ କରିଛି। ପ୍ରତିଯୋଗିତାକୁ ବିଧାୟକ ଟଙ୍କଧର ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ଝାରସୁଗୁଡ଼ା କ୍ରିକେଟ ଆସୋସିଏଶନ ସମ୍ପାଦକ ପ୍ରଯୋଲ୍ ପଟେଲ, ଓଡ଼ିଶା ପେନଚାକ୍ ସିଲାଟ ସଭାପତି ତାପସ କୁମାର ରାୟ ଚୌଧୁରୀ, ସମ୍ପାଦକ ପ୍ରେମ ସିଂ ଥାପା, ଉପସଭାପତି ମନୋରଞ୍ଜନ ଭଞ୍ଜ, ଇଣ୍ଡିଆନ ପେନ୍‌ଚାକ ସିଲାଟ ଫେଡେରେଶନ ପ୍ରତିନିଧି ଆଦିଲ ମଞ୍ଜୁର ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟର ସମସ୍ତ ଜିଲାରୁ ୩୫୦ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀରେ ମୁଖ୍ୟ ଅତିଥି ଥିଲେ ପ୍ରସାଦ ତାମଙ୍ଗ, ବିଜୟ ବେହେରା, ବିଜୟ ଦାସ ଓ କ୍ୟାପ୍‌ଟେନ ମାନସ ଆଚାର୍ଯ୍ୟ। ପେନ୍‌ଚାକ ସିଲାଟ୍ ଆସୋସିଏଶନ୍ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଦ୍ୱିତୀୟ ବିଜୟ ସହ କ୍ୱାର୍ଟରରେ ଓଡ଼ିଶା

## ଜାତୀୟ ଜୁନିୟର ହକି

**ଭୁବନେଶ୍ୱର, ୧୮।୮ (ତପନ ସ୍ୱାଇଁ)**

ପଞ୍ଜାବର ଜଳନ୍ଧରଠାରେ ଚାଲିଥିବା ୧୫ଶ ଜାତୀୟ ଜୁନିୟର ପୁରୁଷ ହକି ଚାମ୍ପିୟନଶିପ୍‌ରେ ଓଡ଼ିଶା କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ଡିଭିଜନ-ଏ'ରେ ପୂର୍ବଦିନ କର୍ଣ୍ଣାଟକକୁ ୨-୧ରେ ହରାଇଥିବା ଓଡ଼ିଶା ସୋମବାର ଆନ୍ଧ୍ର ପ୍ରଦେଶକୁ ୧୦-୦ ଗୋଲରେ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଓଡ଼ିଶା ପକ୍ଷରୁ ପ୍ରଦୀପ ମଣ୍ଡଳ ୧୨ ଓ ୪୪, ବିଲକନ ଓରାମ ୨୪ ଓ ୩୫, ଦୀପକ ପ୍ରଧାନ ୨୭ ଓ ୫୭, କରନ ଲାକ୍ରା ୫୬ ଓ ୫୯ତମ ମିନିଟରେ ୨ଟି ଲେଖାଏ ଏବଂ ପ୍ରତାପ ଟପ୍ପୋ ଓ ଯୋଜିନ ମିଞ୍ଜ ୬୦ତମ ମିନିଟରେ ଗୋଟିଏ ଗୋଲ ଦେଇଥିଲେ। ଡିଭିଜନ୍-ଏ'ର ଅନ୍ୟ ମ୍ୟାଚ ଗୁଡ଼ିକରେ ମଣିପୁର ୫-୧ରେ ଦାଦ୍ରା ଆଣ୍ଡ ନଗର ହାଭେଲି ଆଣ୍ଡ ଡାମନ ଡିୟୁକୁ, ଝାଡ଼ଖଣ୍ଡ ୫-୩ରେ ମହାରାଷ୍ଟ୍ରକୁ ହରାଇଥିବାବେଳେ ମଧ୍ୟ ପ୍ରଦେଶ ଓ ତାମିଲନାଡୁ ମ୍ୟାଚ ୩-୩ ଗୋଲରେ ଡ୍ର ରହିଛି। ଏଥିସହ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲ ସ୍ପଷ୍ଟ ହୋଇଯାଇଛି। ଓଡ଼ିଶା ସମେତ ପଞ୍ଜାବ, ମଧ୍ୟ ପ୍ରଦେଶ, ଉତ୍ତର ପ୍ରଦେଶ, ଝାଡ଼ଖଣ୍ଡ, ହରିୟାଣା, ମଣିପୁର ଓ କର୍ଣ୍ଣାଟକ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଆସନ୍ତା ୨୦ ତାରିଖରେ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହେବ।



ଆନ୍ଧ୍ର ପ୍ରଦେଶ ବିପକ୍ଷ ମ୍ୟାଚ ପୂର୍ବରୁ ଓଡ଼ିଶା ଦଳ।

# ଈଶ୍ୱରନ ପୂର୍ବାଞ୍ଚଳ ଅଧିନାୟକ

## ଦୁଲିପ ଟ୍ରଫି

■ ଆକାଶ ଦୀପ୍, ଇଶାନ କିଶନ ଖେଳିବେନି

**କୋଲକାତା, ୧୮।୮ (ପି.ଟି.)**

ଭାରତ ପେସ୍ ବୋଲର ଆକାଶ ଦୀପ୍ ଓ ପୂର୍ବାଞ୍ଚଳ ଅଧିନାୟକ ତଥା ଉଇକେଟକିପର ବ୍ୟାଟର ଇଶନ କିଶନ ଉତ୍ତରାଞ୍ଚଳ ବିପକ୍ଷ ଦୁଲିପ ଟ୍ରଫି କ୍ରିକେଟ ମ୍ୟାଚ ଖେଳିବେନି। କିଶନଙ୍କ ଅନୁପସ୍ଥିତିରେ ବେଙ୍ଗଲର ଟପ୍ ଅର୍ଡର ବ୍ୟାଟର ଅଭିମନ୍ୟୁ ଈଶ୍ୱରନଙ୍କୁ ପୂର୍ବାଞ୍ଚଳ ଦଳର ଅଧିନାୟକ ଏବଂ ଆସାମ ଅଲରାଉଣ୍ଡର ରିୟାନ ପରାଗଙ୍କୁ ତାଙ୍କ ଡେପୁଟି ଭାବେ ମନୋନୀତ କରାଯାଇଛି। ସିଜନ ଆରମ୍ଭ ଦୁଲିପ ଟ୍ରଫି ମ୍ୟାଚଗୁଡ଼ିକ ଅଗଷ୍ଟ ୨୮ରୁ ବେଙ୍ଗାଲୁରୁସ୍ଥିତ ବିସିସିଆଇ ସେଣ୍ଟର ଅଫ୍ ଏକ୍ସଲେନ୍ସ ଗ୍ରାଉଣ୍ଡରେ ଖେଳାଯିବ। ଆକାଶ ଏପର୍ଯ୍ୟନ୍ତ ପିଠି ଇଞ୍ଜୁରିରୁ ମୁକ୍ତ ହୋଇ ନାହାନ୍ତି। ଏହି କାରଣରୁ ସେ ନିକଟରେ ଇଂଲଣ୍ଡ ଟୁର୍ ବେଳେ ଦୁଇଟି ଟେଷ୍ଟ ମ୍ୟାଚ ଖେଳି ନ ଥିଲେ। ଏହି ୨୮ ବର୍ଷୀୟ ଖେଳାଳିଙ୍କ ସ୍ଥାନରେ ପୂର୍ବାଞ୍ଚଳ ଦଳରେ ବିହାରର ମୁକ୍ତାର ହୁସେନଙ୍କୁ ନିଆଯାଇଛି। ବେଙ୍ଗଲ ପେସ୍ ବୋଲର ଆକାଶ ଇଂଲଣ୍ଡ ବିପକ୍ଷ ସିରିଜରେ ପ୍ରଭାବୀ ପ୍ରଦର୍ଶନ କରି ୧୩ ଉଇକେଟ ନେଇଥିଲେ। ତନ୍ମଧ୍ୟରେ ବର୍ମିଂହାମ୍‌ରେ ତାଙ୍କ ୧୦ ଉଇକେଟ ସଫଳତା ଅନ୍ୟତମ। ଓଭାଲଠାରେ ସେ ଆହୁରି ମଧ୍ୟ ତାଙ୍କ ପ୍ରଥମ ଟେଷ୍ଟ ଅର୍ଦ୍ଧଶତକ ହାସଲ କରିଛନ୍ତି। ଡାକ୍ତରୀ ପରାମର୍ଶ ଯୋଗୁ ସେ ଉପଲବ୍ଧ ହେବେ ନାହିଁ।



ଅଭିମନ୍ୟୁ ଈଶ୍ୱରନ

## ସାଫ୍ ଚାମ୍ପିୟନଶିପ୍

# ଭାରତୀୟ ଦଳରେ ଓଡ଼ିଶାର ରିତୁ ବଡେକ

**ଭୁବନେଶ୍ୱର, ୧୮।୮ (ତପନ ସ୍ୱାଇଁ):** ଭୁଟାନରେ ଚଳିତ ମାସ ୨୦ ତାରିଖରୁ ୧୭ ବର୍ଷରୁ କମ୍ ମହିଳା ସାଫ୍ ଫୁଟବଲ ଚାମ୍ପିୟନଶିପ୍ ଆରମ୍ଭ ହେବ। ଏଥିପାଇଁ ଘୋଷିତ ୨୩ ଜଣିଆ ଭାରତୀୟ ଦଳରେ ଓଡ଼ିଶାର ରିତୁ ବଡେକ ସ୍ଥାନ ପାଇଛନ୍ତି। ଭାରତ ୨୦ରେ ନେପାଳ, ୨୨ରେ ବାଂଲାଦେଶ, ୨୪ରେ ଭୁଟାନ, ୨୭ରେ ଭୁଟାନ, ୨୯ରେ ନେପାଳ ଓ ୩୧ରେ ବାଂଲାଦେଶକୁ ଭେଟିବ। ରିତୁଙ୍କୁ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସଭାପତି ଟଙ୍କଧର ତ୍ରିପାଠୀ, ସମ୍ପାଦକ ଆଶୀର୍ବାଦ ବେହେରା ଓ ଅନ୍ୟ କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି।

# ଓଡ଼ିଶା ଖେଳାଳିଙ୍କୁ ୧ ସ୍ୱର୍ଣ୍ଣ, ୨ ବ୍ରୋଞ୍ଜ

## ପେରୁ ପାରା ବ୍ୟାଡ୍‌ମିଣ୍ଟନ



ପଦକ ସହ ଦୀପ ରଞ୍ଜନ ବିଷୋୟୀ ଓ ଶୁଭ୍ରଜିତ ମହାରଣା।

**ଭୁବନେଶ୍ୱର, ୧୮।୮ (ତପନ ସ୍ୱାଇଁ)**

ପେରୁର ଲିମାଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ (ଲେଭଲ-୨) ପାରା ବାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ପ୍ରତିଯୋଗୀଙ୍କୁ ୧ ସ୍ୱର୍ଣ୍ଣ ଓ ୨ ବ୍ରୋଞ୍ଜ ପଦକ ମିଳିଛି। ମନୋଜ ସରକାରଙ୍କୁ ସାଥିକରି ଦୀପ ରଞ୍ଜନ ବିଷୋୟୀ ପୁରୁଷ ଡବଲ୍ସ ଏସଏଲ୍‌୩-ଏସୟୁ୪ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଫାଇନାଲରେ ଏହି ଯୋଡ଼ି ପର୍ତ୍ତୁଗାଲର ଡିଓଗୋ ଡାନିଏଲ ଓ ଫ୍ରାନ୍ସର ମାଥ୍ୟୁ ଥୋମାସଙ୍କୁ ୨୨-୨୦, ୨୧-୧୧ରେ ପରାସ୍ତ କରିଛନ୍ତି। ପୁରୁଷ ସିଙ୍ଗଲ୍ସ ଏସଏଲ୪ରେ ଦୀପ୍ ରଞ୍ଜନ ବ୍ରୋଞ୍ଜ ପଦକ ଜିତିଛନ୍ତି। ସେମିଫାଇନାଲରେ ସେ ବ୍ରାଜିଲର ଆର. ଓଲିଭିଆଙ୍କଠାରୁ ୪-୨୧, ୨୩-୨୧ ଓ ୧୫-୨୧ରେ ପରାସ୍ତ ହୋଇଛନ୍ତି। ସେହିପରି ଶୁଭ୍ରଜିତ ମହାରଣା ଅନ୍ୟତମ ଭାରତୀୟ ଖେଳାଳି ଅରଓ୍ୱାଜ ଅନସାରିଙ୍କୁ ପାର୍ଟନର କରି ପୁରୁଷ ଡବଲ୍ସ ଏସଏଲ୩-ଏସଏଲ୪ରେ ବ୍ରୋଞ୍ଜ ପଦକ ପାଇଛନ୍ତି। ଏହି ଯୋଡ଼ି ସେମିଫାଇନାଲରେ ପର୍ତ୍ତୁଗାଲର ଡିଓଗୋ ଡାନିଏଲ ଓ ଫ୍ରାନ୍ସର ମାଥ୍ୟୁ ଥୋମାସଙ୍କଠାରୁ ୧୪-୨୧, ୧୩-୨୧ରେ ହାରି ଯାଇଛନ୍ତି।

# ଡୋପ୍ ଜାଲରେ ଟ୍ରିପଲ ଜମ୍ପର ଶିନା ଭାର୍କେ

**ନୂଆଦିଲ୍ଲୀ, ୧୮।୮ (ପି.ଟି.)**

ଡୋପ୍ ଟେଷ୍ଟରେ ଧରାପଡ଼ିବା ପରେ ନ୍ୟାଶନାଲ ଆଣ୍ଟି-ଡୋପିଂ ଏଜେନ୍ସି(ନାଡା) ଟ୍ରିପଲ ଜମ୍ପର ଶିନା ଭାର୍କେଙ୍କୁ ସସ୍‌ପେଣ୍ଡ କରିଛି। ଶିନା ଜାତୀୟସ୍ତରରେ ଅନେକ ପଦକ ଜିତିଛନ୍ତି। ଅନ୍ତର୍ଜାତୀୟସ୍ତରରେ ମଧ୍ୟ ସେ ଦେଶ ତରଫରୁ ପ୍ରତିନିଧିତ୍ୱ କରିଛନ୍ତି। ୩୨ବର୍ଷୀୟା ଆଥ୍‌ଲେଟ ୨୦୨୩ ହାଙ୍ଗ୍‌ଝୋ ଏସିଆନ ଗେମ୍ସରେ ମଧ୍ୟ ଭାଗ ନେଇଛନ୍ତି। କେରଳର ଭାର୍କେ ଚଳିତବର୍ଷ ଉତ୍ତରାଖଣ୍ଡ ନ୍ୟାଶନାଲ ଗେମ୍ସରେ ଏକ ରୌପ୍ୟ ପଦକ ଏବଂ ଏହାପରେ ଫେଡେରେଶନ କପ୍‌ରେ ଏକ ବ୍ରୋଞ୍ଜ ପଦକ ପାଇଥିଲେ। ୨୦୧୮ରେ ସେ ଏସିଆନ ଇନ୍‌ଡୋର ଚାମ୍ପିୟନଶିପ୍‌ରେ ଏକ ରୌପ୍ୟ ଜିତିଥିଲେ। ଏଥିରୁ ସୂଚିତ ହେଉଛି ଯେ, ଆଥଲେଟିକ୍ସରେ ଡୋପିଙ୍ଗ ବ୍ୟାଧିକୁ ନିୟନ୍ତ୍ରଣ କରାଯାଇପାରି ନାହିଁ। ଅଗଷ୍ଟ ୧୧ରେ ବିଭିନ୍ନ କ୍ରୀଡ଼ାର କେତେଜଣ ଆଥ୍‌ଲେଟଙ୍କୁ ନାଡା ୩ବର୍ଷ ଲେଖାଏଁ ବାସନ୍ଦ ଦଣ୍ଡରେ ଦଣ୍ଡିତ କରିଛି। ସେମାନଙ୍କ ମଧ୍ୟରେ ଜାତୀୟ କ୍ରୀଡ଼ା ଡିସ୍‌କସ୍ ଥ୍ରୋୟର ଗଗନଦୀପ ସିଂ ଅନ୍ୟତମ ଥିଲେ। ଏମାନେ ସମସ୍ତେ ସେମାନଙ୍କ ବିରୋଧରେ ଆଗତ ଅଭିଯୋଗକୁ ୨୦ଦିନ ମଧ୍ୟରେ ମାନି ନେଇଥିଲେ। ସର୍ଭିସେସ୍‌ରୁ ପ୍ରତିନିଧିତ୍ୱ କରିଥିବା ଗଗନଦୀପ ଫେବ୍ରୁଆରୀ ୧୨ରେ ଉତ୍ତରାଖଣ୍ଡ ନ୍ୟାଶନାଲ ଗେମ୍ସରେ ଏକ ଶ୍ରେଷ୍ଠ ଥ୍ରୋ ୫୫.୦୧ ମିଟର ସହ ପୁରୁଷ ଡିସ୍‌କସ୍ ଥ୍ରୋରେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ପରେ ଅନୁଷ୍ଠିତ ଡୋପ୍ ଟେଷ୍ଟରେ ଟେଷ୍ଟୋଷ୍ଟେରନ ମେଟାବଲିଟିଜ ପାଇଁ ତାଙ୍କର ପଜିଟିଭ ଆସିବାରୁ ତାଙ୍କୁ ତୁରନ୍ତ ସାମୟିକ ସସ୍‌ପେଣ୍ଡ କରାଯାଇଥିଲା। ୱାର୍ଲ୍ଡ ଆଣ୍ଟି ଡୋପିଙ୍ଗ ଏଜେନ୍ସି (ୱାଡା) ଦ୍ୱାରା ପ୍ରକାଶିତ ୨୦୨୩ ବର୍ଷର ଟେଷ୍ଟିଂ ଫିଗର ଅନୁସାରେ ନିଷିଦ୍ଧ ପଦାର୍ଥ ପାଇଁ ୫୬୦୬ ସାମ୍ପଲରୁ ପ୍ରତିକୂଳ ବିଶ୍ଲେଷଣାତ୍ମକ ଫଳାଫଳ ସଂଖ୍ୟା ହେଉଛି ୨୧୪। ତନ୍ମଧ୍ୟରେ ଭାରତର ପଜିଟିଭ ହାର ହେଉଛି ୩.୮ ପ୍ରତିଶତ। ଭାରତର ପଜିଟିଭ ହାର ଚାଇନା, ୟୁଏସ୍‌ଏ, ଫ୍ରାନ୍ସ, ଜର୍ମାନୀ ଓ ରୁଷିଆଠାରୁ ଯଥେଷ୍ଟ ଅଧିକ। ଏହି ସବୁ ଦେଶଗୁଡ଼ିକରେ ପଜିଟିଭ ହାର ଏକ ପ୍ରତିଶତ କିମ୍ବା ତା'ଠାରୁ କମ୍। ୱାଡା ପାଖରେ ରହିଥିବା ତଥ୍ୟ ଅନୁସାରେ ଭାରତରେ ୧୨୨୩ ସାମ୍ପଲ ମଧ୍ୟରେ ପଜିଟିଭଙ୍କ ସଂଖ୍ୟା ୬୧ ରହିଛି।



ଶିନା ଭାର୍କେ

# ଅଶୋକ ପଟ୍ଟନାୟକ ସ୍ମାରକୀ ବନ୍ଧୁକଚାଳନା, ବାହୁକୁସ୍ତି

**ଭୁବନେଶ୍ୱର, ୧୮।୮ (ତପନ ସ୍ୱାଇଁ)**

ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ୍ସ ଆସୋସିଏଶନ (ଓସ୍‌ଜା) ଓ ଉତ୍କଳ କରାଟେ ସ୍କୁଲ୍ ମିଳିତ ଆନୁକୂଲ୍ୟରେ ସୋମବାର ଅଶୋକ ପଟ୍ଟନାୟକ ସ୍ମାରକୀ ବନ୍ଧୁକଚାଳନା ଓ ବାହୁକୁସ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଓସ୍‌ଜା ପକ୍ଷରୁ ପ୍ରତିବର୍ଷ ପାଳନ କରାଯାଇ ଆସୁଥିବା କ୍ରୀଡ଼ା ଖବରଦାତା ଅଶୋକ ପଟ୍ଟନାୟକଙ୍କ ୨୭ତମ ଶ୍ରାଦ୍ଧବାର୍ଷିକୀରେ ସଦସ୍ୟମାନେ ଶ୍ରଦ୍ଧାସୁମନ ଜଣାଇବା ସହ ସ୍ମୃତି ଚାରଣ କରିଥିଲେ। ଏହାପରେ କ୍ରୀଡ଼ା ଖବରଦାତାଙ୍କ ମଧ୍ୟରେ ସୌଖୀନ ବନ୍ଧୁକଚାଳନା ଓ ବାହୁକୁସ୍ତି ପ୍ରତିଯୋଗିତା ହୋଇଥିଲା। ବନ୍ଧୁକଚାଳନାର ୪୫ ବର୍ଷରୁ କମ୍ ବର୍ଗରେ ଦେବୀ ପାଣିଗ୍ରାହୀ, ଚକ୍ରଧର ମାଝୀ, ତୁଷାର ସେନାପତି, ୪୫ରୁ ୫୫ ବର୍ଷ ବର୍ଗରେ ସର୍ବେଶ୍ୱର ମହାନ୍ତି, ତପନ ସ୍ୱାଇଁ, ରଞ୍ଜନ ରାୟ ଏବଂ ୫୫ ବର୍ଷରୁ ଊର୍ଦ୍ଧ୍ୱ ବୟସ ବର୍ଗରେ ସୁଜିତ ଦାସ, ସୁରେଶ ସ୍ୱାଇଁ, ରଜନୀକାନ୍ତ ଶତ୍ରୁସଲ୍ୟ କ୍ରମାନ୍ୱୟରେ ସ୍ୱର୍ଣ୍ଣ, ରୌପ୍ୟ, ବ୍ରୋଞ୍ଜ ପଦକ ଜିତିଥିଲେ। ସେହିପରି ବାହୁକୁସ୍ତିର ୭୫ କେଜିରୁ କମ୍ ଓଜନ ବର୍ଗରେ ତୁଷାର ସେନାପତି, ଶକ୍ତି ପ୍ରସାଦ ନନ୍ଦ, ରଞ୍ଜନ ରାୟ ଏବଂ ୭୫ କେଜିରୁ ଊର୍ଦ୍ଧ୍ୱ ଓଜନ ବର୍ଗରେ ସନ୍ଦୀପ ମିଶ୍ର, ଅନାଦି କର, ସଞ୍ଜୀବ ବିଶ୍ୱାଳ ପ୍ରଥମରୁ ତୃତୀୟ ସ୍ଥାନରେ ରହି ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଥିଲେ। ଉଭୟ ପ୍ରତିଯୋଗିତାର ମହିଳା ବର୍ଗରେ ମନ୍ଦାକିନୀ ମିଶ୍ରଙ୍କୁ ସ୍ୱର୍ଣ୍ଣ ପଦକ ଦିଆଯାଇଥିଲା। ପଦକ ବିଜେତାଙ୍କ ବ୍ୟତୀତ ଓସ୍‌ଜା ପକ୍ଷରୁ ସମୀକ୍ଷା ପଟ୍ଟନାୟକ, ବେଣୁଧର ଦାସ, ବିମଳ ରାଉଳ, ମନୋରଞ୍ଜନ ଦାସ, ଅନିରୁଦ୍ଧ ମିଶ୍ର, ପ୍ରଫୁଲ୍ଲ କିଶୋର ସାହୁ, ସନ୍ତୋଷ କୁମାର ମହାନ୍ତି, ସୁଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଉତ୍କଳ କରାଟେ ସ୍କୁଲର ମୁଖ୍ୟ ହରି ପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୀୟୂଷ ମହାନ୍ତି, ବଳଭଦ୍ର ଦାସ, ସାଗର ନାୟକ, କୁନୁ ମୁଖୀ, ହିମାଂଶୁ ଶେଖର ଦାସ, ସତ୍ୟଜିତ ପ୍ରଧାନ, ରାକେଶ ମହାନ୍ତି, ଶ୍ରୀଜିତା ବରାଳ, ଭବିଷ୍ୟା ପତି, ଅନୁପମା ସ୍ୱାଇଁ, ସନ୍ଦୀପ ଦାସ ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ।





ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ ଓସ୍‌ଜା ସଦସ୍ୟବୃନ୍ଦ।

# ଏଆଇଏଫ୍‌ଏଫ୍-ଏଫ୍‌ଏସ୍‌ଡିଏଲ୍ ବିବାଦର ଶୁଣାଣି କରିବେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୧୮।୮(ପି.ଟି.):** ଆସନ୍ତା ୨୨ ତାରିଖରେ ଅଲ୍ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ଓ ଏଫ୍‌ଏସ୍‌ଡିଏଲ୍ ମଧ୍ୟରେ ଚାଲିଥିବା ବିବାଦର ସମ୍ପର୍କୀତ ମାମଲାର ଶୁଣାଣି କରିବା ପାଇଁ ସୁପ୍ରିମକୋର୍ଟ ସୋମବାର ରାଜି ହୋଇଛନ୍ତି। ମାଷ୍ଟର ରାଇଟ୍ସ ଏଗ୍ରିମେଣ୍ଟ (ଏମ୍‌ଆର୍‌ଏ)କୁ ନେଇ ଲାଗି ରହିଥିବା ବିବାଦ କାରଣରୁ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ର ୧୧ କ୍ଲବର ଚୁକ୍ତିର ରିନେୱାଲ କରାଯାଇ ନାହିଁ। ପୂର୍ବରୁ ଉକ୍ତ ୧୧ ଆଇଏସ୍‌ଏଲ୍ କ୍ଲବଗୁଡ଼ିକ ଏଆଇଏଫ୍‌ଏଫ୍‌କୁ ଚେତାବନୀ ଦେଇଥିଲେ ଯେ, ଯଦି ଶୀର୍ଷ ସ୍ତରୀୟ ଘରୋଇ ପ୍ରତିଯୋଗିତାକୁ ନେଇ ଲାଗି ରହିଥିବା ବିବାଦର ଶୀଘ୍ର ସମାଧାନ କରା ନ ଯାଏ, ତେବେ ସେମାନେ ସମ୍ପୂର୍ଣ୍ଣ ଅଚଳ ହୋଇପାରନ୍ତି।





Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ